ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୩/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Friday, March 3/2023 | Page 16 | ₹ 7.00

୪୯ଶ ଭାଗ ୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 99 | ମୂଲ୍ୟ ₹୭/-




**ନାଗାଲାଣ୍ଡର ପ୍ରଥମ ମହିଳା ଏମ୍ଏଲ୍ଏ ଜଖାଲୁ, କ୍ରୁସେ**
ନାଗାଲାଣ୍ଡ ବିଧାନସଭାରେ ୨ ଜଣ ମହିଳା ପ୍ରଥମ ଥର ପାଇଁ ନିର୍ବାଚିତ ହୋଇ ଇତିହାସ ରଚିଛନ୍ତି। ସେମାନେ ହେଲେ ଜଖାଲୁ ଏବଂ କ୍ରୁସେ।
୦୨

୦୪
**ଲିଙ୍ଗଗତ ଅସମାନତା ଉପରେ ଶ୍ୱେତରୂପାଙ୍କ ଅଧ୍ୟୟନ**
ପାରାଦୀପରେ ରହୁଥିବା ମେଧାବୀ ଛାତ୍ରୀ ଶ୍ୱେତରୂପା ମିଶ୍ର ଏବେ ଲଣ୍ଡନର ସୋଆସ ବିଶ୍ୱବିଦ୍ୟାଳୟରେ ପିଜି କରୁଛନ୍ତି। ସେ ଭାରତରୁ ଏକମାତ୍ର ଛାତ୍ରୀ।



# ତ୍ରିପୁରା, ନାଗାଲାଣ୍ଡରେ ଭାଜପା

## ମେଘାଳୟରେ ଏନ୍‌ପିପି

**ଅଗରତାଲା/ଶିଲଂ/କୋହିମା/ନୂଆଦିଲ୍ଲୀ,୨।୩**

ଉତ୍ତର-ପୂର୍ବାଞ୍ଚଳର ୩ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ତ୍ରିପୁରା, ନାଗାଲାଣ୍ଡ ଓ ମେଘାଳୟ ବିଧାନସଭାରେ ପୁନର୍ବାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଭାରତୀୟ ଜନତା ପାର୍ଟି (ଭାଜପା)ର ଦଖଲ ରହିବ। କାରଣ ତ୍ରିପୁରାରେ ଭାଜପା ଏବଂ ଏହାର ସହଯୋଗୀ ଇଣ୍ଡିଜେନସ୍ ପିପୁଲ୍ସ ଫ୍ରଣ୍ଟ ଅଫ୍ ତ୍ରିପୁରା (ଆଇପିଏଫ୍‌ଟି)କୁ ସ୍ପଷ୍ଟ ବହୁମତ ମିଳିଛି। ଏଠାରେ ଭାଜପା ୩୨ ଆସନ ଦଖଲ କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଛି। ସେହିପରି ନାଗାଲାଣ୍ଡରେ ଭାଜପା ଏବଂ ମୁଖ୍ୟମନ୍ତ୍ରୀ ନେଫିଉ ରିଓଙ୍କ ନ୍ୟାଶନାଲିଷ୍ଟ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି (ଏନ୍‌ଡିପିପି) ମିଳିତ ଭାବେ ୩୭ ଆସନ ଦଖଲ କରିଛନ୍ତି। ମେଘାଳୟ ଭୋଟର ଖଣ୍ଡିତ ଜନାଦେଶ ଦେଇ ଝୁଲା ବିଧାନସଭା ସ୍ଥିତି ଉପୁଜାଇଥିବାବେଳେ ୨୬ ଆସନ ପାଇଥିବା ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗମାଙ୍କ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ଭାଜପା ସମେତ ଅନ୍ୟ ଦଳ ସହ ମେଣ୍ଟ ସରକାର ଗଢ଼ିବା ଏକପ୍ରକାର ନିଶ୍ଚିତ ହୋଇଛି। ଅର୍ଥାତ୍ ଏହି ୩ ରାଜ୍ୟରେ କ୍ଷମତା ପରିବର୍ତ୍ତନ ହୋଇନାହିଁ। ଶାସକ ମେଣ୍ଟ ପୂର୍ବବତ୍ ସ୍ଥିତାବସ୍ଥା ବଜାୟ ରଖିଛନ୍ତି। ତ୍ରିପୁରା, ନାଗାଲାଣ୍ଡ ଓ ମେଘାଳୟ ବିଧାନସଭାରେ ୬୦ଟି ☞ପୃଷ୍ଠା-୪

**ଉତ୍ତର-ପୂର୍ବ ଜନାଦେଶ ୨୦୨୩**

| ତ୍ରିପୁରା (୬୦) | |
|---|---|
| ଭାଜପା | ୩୨ |
| ସିପିଆଇ (ଏମ୍) | ୧୧ |
| କଂଗ୍ରେସ | ୩ |
| ଆଇପିଏଫ୍‌ଟି | ୧ |
| ଟିଏମ୍‌ପି | ୧୩ |

| ନାଗାଲାଣ୍ଡ (୬୦) | |
|---|---|
| ଭାଜପା | ୧୨ |
| ସ୍ୱାଧୀନ | ୪ |
| ଜେଡିୟୁ | ୧ |
| ଏଲ୍‌ଜେପି | ୨ |
| ଏନ୍‌ପିଏଫ୍ | ୨ |
| ଏନ୍‌ପିପି | ୫ |
| ଏନ୍‌ସିପି | ୭ |
| ଏନ୍‌ଡିପିପି | ୨୫ |
| ଆର୍‌ପିଆଇ | ୨ |

| ମେଘାଳୟ (୫୯/୬୦) | |
|---|---|
| ଟିଏମ୍‌ସି | ୫ |
| ଭାଜପା | ୨ |
| ଏଚ୍ଏସ୍‌ପିଡିପି | ୨ |
| ସ୍ୱାଧୀନ | ୨ |
| କଂଗ୍ରେସ | ୫ |
| ଏନ୍‌ପିପି | ୨୬ |
| ପିଡିଏଫ୍ | ୨ |
| ୟୁଡିପି | ୧୧ |
| ଭିପିପି | ୪ |


ମାଣିକ ଶାହ


ନେଫିଉ ରିଓ


କନରାଡ୍ ସାଙ୍ଗମା

# ସିଇସିଙ୍କୁ ନିଯୁକ୍ତ କରିବେ ରାଷ୍ଟ୍ରପତି

## ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା, ସିଜେଆଇଙ୍କୁ ନେଇ ଗଠିତ କମିଟି ସୁପାରିସ କରିବେ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨।୩ (ପି.ଟି.)**

ଭାରତର ରାଷ୍ଟ୍ରପତି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନର(ଇସି)ଙ୍କୁ ନିଯୁକ୍ତି ଦେବେ। ଏଥିପାଇଁ ପ୍ରଧାନମନ୍ତ୍ରୀ, ଲୋକ ସଭାର ବିରୋଧୀ ଦଳ ନେତା ଏବଂ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ନେଇ ଗଠିତ କମିଟି ସୁପାରିସ୍ କରିବେ ବୋଲି ଗୁରୁବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଗଣତନ୍ତ୍ର ପାଇଁ ନିର୍ବାଚନରେ ପବିତ୍ରତା ଜରୁରୀ ବୋଲି ୫ ଜଣିଆ ସାମ୍ବିଧାନିକ ପୀଠ ମତ ଦେଇଛନ୍ତି। ଜଷ୍ଟିସ୍ କେ.ଏମ୍. ଯୋଶେଫଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ସର୍ବସମ୍ମତ ରାୟରେ କହିଥିଲେ, ଦୀର୍ଘଦିନ ହେଲା ନିର୍ବାଚନ ପ୍ରକ୍ରିୟାକୁ ଯେଉଁଭଳି ଅସାଧୁ ଉପାୟରେ ବ୍ୟବହାର କରାଯାଉଛି, ତାହା ଗଣତନ୍ତ୍ରକୁ କବର ଦେବା ପାଇଁ ସୁନିଶ୍ଚିତ ମାର୍ଗ। ନିର୍ବାଚନରେ ପବିତ୍ରତା ରହିବା ଜରୁରୀ, ନଚେତ୍ ଏହାର ପରିଣତି ଭୟଙ୍କର ହେବ ବୋଲି ଅଦାଲତ କହିଥିଲେ।

ନିର୍ବାଚନ କମିଶନ ନିଯୁକ୍ତି ନେଇ ପାର୍ଲାମେଣ୍ଟରେ ଆଇନ ପ୍ରଣୟନ ହେବା ପର୍ଯ୍ୟନ୍ତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଯୁକ୍ତି ପ୍ରଦାନ କରାଯିବ ବୋଲି ସାମ୍ବିଧାନିକ ପୀଠ କହିଛନ୍ତି। ସୂଚନାଯୋଗ୍ୟ, ସମ୍ବିଧାନର ଅନୁଚ୍ଛେଦ ୩୨୪ ଅନୁଯାୟୀ କେନ୍ଦ୍ର ସରକାରଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ସିଇସି ଏବଂ ଇସିମାନଙ୍କୁ ନିଯୁକ୍ତି ଦେଇ ଆସୁଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ଯଦି ଲୋକ ସଭାରେ ବିରୋଧୀ ଦଳ ନେତା ନ ଥା'ନ୍ତି, ତେବେ ସିଇସି ଏବଂ ଇସି ନିଯୁକ୍ତି ପାଇଁ ଗଠିତ କମିଟିରେ ଏକକ ସର୍ବବୃହତ୍ ବିରୋଧୀ ଦଳର ନେତାଙ୍କୁ ନିଆଯିବ। ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନର ନିଯୁକ୍ତି ଲାଗି ଏକ କଲେଜିୟମ ବ୍ୟବସ୍ଥା ରଖାଯିବାକୁ ନିବେଦନ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ରାୟ ପ୍ରଦାନ କରିଥିବା ସାମ୍ବିଧାନିକ ପୀଠରେ ଜଷ୍ଟିସ୍ କେ.ଏମ୍. ଯୋଶେଫଙ୍କ ସମେତ ଜଷ୍ଟିସ ଅଜୟ ରାସ୍ତୋଗୀ, ଅନିରୁଦ୍ଧ ବୋଷ, ହୃଷୀକେଶ ରାୟ ଏବଂ ସି.ଟି. ରବିକୁମାର ରହିଛନ୍ତି।



**ମୁକ୍ତ ଅବାଧ ନିର୍ବାଚନ ଲାଗି ଐତିହାସିକ ରାୟ: ବିରୋଧୀ**

ସିଇସି ଏବଂ ଇସି ନିଯୁକ୍ତି ନେଇ ସୁପ୍ରିମକୋର୍ଟଙ୍କ ରାୟକୁ ବିରୋଧୀ ଦଳଗୁଡ଼ିକ ସ୍ୱାଗତ କରିଛନ୍ତି। ଦେଶରେ ମୁକ୍ତ ଓ ଅବାଧ ନିର୍ବାଚନ କରାଇବାରେ ଏହା ଐତିହାସିକ ରାୟ ବୋଲି ସେମାନେ ମତ ଦେଇଛନ୍ତି। ସରକାରଙ୍କ ପ୍ରଭାବ ଏବଂ ନିର୍ଭରଶୀଳତାରୁ ନିର୍ବାଚନ କମିଶନକୁ ☞ପୃଷ୍ଠା-୪

**ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ପାଇବେ ସାହିତ୍ୟ ଭାରତୀ ସମ୍ମାନ**
ପୃଷ୍ଠା-୩

**ଆଜିର ମନ୍ତବ୍ୟ**

"ଭାଜପା-ଏନ୍‌ଡିପିପି ମେଣ୍ଟକୁ ନାଗାଲାଣ୍ଡବାସୀ ବିପୁଳ ସମର୍ଥନ ଦେଇଥିବାରୁ ବିଜୟ ସମ୍ଭବ ହୋଇପାରିଛି।
– କେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

**ଆଜିର ସମ୍ପାଦକୀୟ**

ନୂଆ ବିଚାର ଓ ନୈତିକ ବିପ୍ଳବ






# ଫେବୃୟାରୀରେ ଓଡ଼ିଶାର ଜିଏସ୍‌ଟି ସଂଗ୍ରହରେ ୪୦% ବୃଦ୍ଧି

**ଭୁବନେଶ୍ୱର,୨।୩(ବ୍ୟୁରୋ):** ଚଳିତ ଆର୍ଥିକ ବର୍ଷର ଫେବୃୟାରୀରେ ରାଜ୍ୟ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଓ ସମନ୍ୱିତ ଜିଏସ୍‌ଟି ଫଇସଲା ବାବଦକୁ ଓଡ଼ିଶା ପାଇଥିବା ଜିଏସ୍‌ଟି ରାଜସ୍ୱରେ ୪୦ ପ୍ରତିଶତ ବୃଦ୍ଧି ଘଟିଛି। ଗତବର୍ଷ ଫେବୃୟାରୀରେ ୧୨୨୩.୨୨ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିବା ବେଳେ ଚଳିତବର୍ଷ ଫେବୃୟାରୀରେ ୧୭୧୨.୪୮ କୋଟି ଟଙ୍କା ସଂଗୃହୀତ ହୋଇଛି। ସେହିପରି ଚଳିତ ଆର୍ଥିକ ବର୍ଷର ଫେବୃୟାରୀ ସୁଦ୍ଧା ୧୨୬୭୯ କୋଟି ଟଙ୍କା ମୋଟ ରାଜ୍ୟ ଜିଏସ୍‌ଟି ସଂଗୃହୀତ ହୋଇଥିବା ବେଳେ ଗତବର୍ଷ ଏହି ସମୟ ମଧ୍ୟରେ ମୋଟ ରାଜ୍ୟ ଜିଏସ୍‌ଟି ସଂଗ୍ରହ ପରିମାଣ ଥିଲା ୧୧୩୯୧.୭୬ କୋଟି ଟଙ୍କା। ଏ କ୍ଷେତ୍ରରେ ୧୨.୮ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଫେବୃୟାରୀ ମାସର ସାମଗ୍ରିକ ଜିଏସ୍‌ଟି ସଂଗ୍ରହ କ୍ଷେତ୍ରରେ ମଧ୍ୟ ୧୦.୧୯ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଚଳିତ ବର୍ଷ ୪୫୧୯.୩୫ କୋଟି ଟଙ୍କାର ସାମଗ୍ରିକ ଜିଏସ୍‌ଟି ସଂଗୃହୀତ ହୋଇଥିବାବେଳେ ଗତବର୍ଷ ଫେବୃୟାରୀରେ ଏହି ପରିମାଣ ଥିଲା ୪୧୦୧୪.୪୯ କୋଟି ଟଙ୍କା। ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷ ଫେବୃୟାରୀରେ ହୋଇଥିବା ଜିଏସ୍‌ଟି ସଂଗ୍ରହ ହେଉଛି ଦ୍ୱିତୀୟ ସର୍ବାଧିକ ସର୍ବକାଳୀନ ସଂଗ୍ରହ। ପେଟ୍ରୋଲ ଓ ମଦରୁ ସଂଗ୍ରହ କରାଯାଉଥିବା ☞ପୃଷ୍ଠା-୪

# ଛାତ୍ରୀଙ୍କ ଗଳା କାଟିଦେଲେ ଯୁବକ

## ଯୁକ୍ତ ୨ ପରୀକ୍ଷା ଦେଇ ଫେରୁଥିଲେ, ଏମ୍‌କେସିଜିରେ ଭର୍ତ୍ତି


ଅଭିଯୁକ୍ତ କେ. ତିରୁମାଲା

**ରାମନାଗୁଡ଼ା/ପଦ୍ମପୁର/ବିଷମକଟକ,୨।୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଡ଼ାରୀ ଥାନା ଅନ୍ତର୍ଗତ ରାମନାଗୁଡା ବ୍ଲକ ଗୁମୁଡ଼ା ମୁଖ୍ୟ ବଜାରରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ଛୁରିରେ ଜଣେ କଲେଜ ଛାତ୍ରୀଙ୍କ ଗଳା କାଟି ଦେଇଛନ୍ତି। ଛାତ୍ରୀ ଜଣକ ଯୁକ୍ତ ୨ ପରୀକ୍ଷା ଦେଇ ଘରକୁ ଫେରିବା ବେଳେ ଆକ୍ରମଣର ଶିକାର ହୋଇଛନ୍ତି। ଛାତ୍ରୀଙ୍କ ଅବସ୍ଥା ଗୁରୁତର ଥିବାବେଳେ ଅଭିଯୁକ୍ତ ବିଷମକଟକ ଅଞ୍ଚଳର କେ. ତିରୁମାଲା(୨୮)ଙ୍କୁ ସ୍ଥାନୀୟ ଲୋକେ କାବୁ କରି ଗୁମୁଡ଼ା ଫାଣ୍ଡି ଜିମା ଦେଇଥିଲେ। ପ୍ରେମଜନିତ କାରଣରୁ ସେ ଏପରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

ପ୍ରକାଶ ଯେ, ଗୁମୁଡା ଦ୍ରୌପଦୀ ଜୁନିୟର କଲେଜରେ ଛାତ୍ରୀ ଜଣକ ଯୁକ୍ତ ୨ଦ୍ୱିତୀୟ ବର୍ଷର ପରୀକ୍ଷା ଦେଇ ଘରକୁ ଫେରିବା ଲାଗି ଗୁମୁଡ଼ା ମୁଖ୍ୟ ବଜାରରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ତିରୁମାଲା ହଠାତ୍ ସାମ୍ନାକୁ ଚାଲିଆସି ଛୁରିରେ ଛାତ୍ରୀଙ୍କ ବେକ କାଟି ଦେଇଥିଲେ। ପ୍ରବଳ ରକ୍ତସ୍ରାବ ହେଉଥିବା ଦେଖି ସ୍ଥାନୀୟ ଲୋକେ ଛାତ୍ରୀଙ୍କୁ ଉଦ୍ଧାର କରି ପଦ୍ମପୁର ମେଡିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ତିରୁମାଲାଙ୍କୁ ଗୁଡାରି ଥାନାକୁ ନିଆଯାଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଦୀନବନ୍ଧୁ ଶବର କହିଛନ୍ତି। ଏ ନେଇ ନଂ.୧୬/୨୩ ରେ ମାମଲା ରୁଜୁ ହୋଇଛି।

# ରୁବୀ ହେଲେ ରୁବୀ

**ପାଟନା, ୨।୩**

ପ୍ରେମ ଅନ୍ଧ। ପ୍ରେମ କରିବା ପୂର୍ବରୁ ବର୍ଣ୍ଣ, ଜାତି କିମ୍ବା ଗୁଣକୁ ଦେଖାଯାଏ ନାହିଁ। ଅଜବ ପ୍ରେମ ଘଟଣାକୁ ନେଇ ଅନେକ ସମୟରେ ଘଟଣାମାନ ଖବରକାଗଜ ଓ ନ୍ୟୁଜ୍ ଚ୍ୟାନେଲରେ ଦେଖିବାକୁ ମିଳୁଛି। ତେବେ ସେମିତି ଏକ ଅଜବ ପ୍ରେମ କାହାଣୀ ବିହାରରୁ ସାମ୍ନାକୁ ଆସିଛି। ବିହାର ଖଗରିଆ ଜିଲାର ରୁବୀ ଦେବୀ ୨୦୦୯ ରେ ନୀରଜ କୁମାର ସିଂଙ୍କୁ ବୈଦିକ ରୀତିନୀତିରେ ବାହାହୋଇଥିଲେ। ନୀରଜଙ୍କ ଔରସରୁ ରୁବୀଙ୍କର ୪ଟି ସନ୍ତାନ ଥିଲେ। ପରବର୍ତ୍ତୀ ସମୟରେ ରୁବୀ ପାଖ ପସ୍ରାହାଗ୍ରାମର ମୁକେଶ ନାମକ ଅନ୍ୟ ଜଣେ ବିବାହିତ ବ୍ୟକ୍ତିଙ୍କ ପ୍ରେମରେ ପଡ଼ିଗଲେ। ସେମାନଙ୍କ ମଧ୍ୟରେ ଗଢ଼ିଉଠିଥିବା ପ୍ରେମ ସମୟକ୍ରମେ ଏତେ ମଜଭୁତ ହୋଇଯାଇଥିଲା ଯେ, ଦୁହେଁ ପରସ୍ପରକୁ ଛାଡ଼ି ରହିପାରୁ ନ ଥିଲେ। ଫଳରେ ଗୋଟିଏ ଦିନ ସେମାନେ ଘରଛାଡ଼ି ଚାଲିଯିବାକୁ ନିଷ୍ପତ୍ତି ନେଲେ। ରୁବୀ ପ୍ରେମିକଙ୍କ ସହ ଗତବର୍ଷ ଫେବୃୟାରୀ ୬ରେ ଫେରାର୍ ହୋଇଥିଲେ। ସେ ନିଜ ସହ ତାଙ୍କ ୩ ପିଲାଙ୍କୁ ନେଇ ଯାଇଥିବାବେଳେ ସେପଟେ ଘରେ ନୀରଜଙ୍କ ପାଖରେ ଛାଡ଼ିଚାଲିଯାଇଥିଲେ ତାଙ୍କ ଗୋଟିଏ ଝିଅକୁ। ବିବାହିତ ମୁକେଶଙ୍କ ସ୍ତ୍ରୀଙ୍କ ନାଁ ମଧ୍ୟ ରୁବୀ ଦେବୀ ଓ ତାଙ୍କର ୨ ପିଲା ଥିଲେ।

ନୀରଜଙ୍କ ସ୍ତ୍ରୀ ରୁବୀଙ୍କୁ ମୁକେଶ ଅପହରଣ କରି ନେଇଥିବା ଅଭିଯୋଗ କରିବା ପରେ ଗାଁରେ ପଞ୍ଚାୟତ ବସିଥିଲା। ଗାଁ ପଞ୍ଚାୟତ ପକ୍ଷରୁ ଯେଉଁ ନିଷ୍ପତ୍ତି ନିଆଗଲା ସେଥିରେ ମୁକେଶ ରାଜି ହେଲେ ନାହିଁ। ଘଟଣାକୁ କିଛିଦିନ ବିତିଯିବା ପରେ ମୁକେଶଙ୍କ ସ୍ତ୍ରୀ ରୁବୀ ଦେବୀଙ୍କ ନମ୍ବର ନୀରଜଙ୍କୁ କୌଣସି ସୂତ୍ରରୁ ମିଳିଯାଇଥିଲା। ଏହାପରେ ଦୁହେଁ ଫୋନ୍‌ରେ କଥା ହେବା ଆରମ୍ଭ କଲେ। ଘଣ୍ଟା ଘଣ୍ଟା ଫୋନ୍ ଯୋଗେ କଥା ହେଉ ହେଉ ଦୁହେଁ ପରସ୍ପର ପ୍ରେମରେ ପଡ଼ିଯାଇଥିଲେ। ପରବର୍ତ୍ତୀ ସମୟରେ ଉଭୟଙ୍କ ପରିବାରର ସମ୍ମତିକ୍ରମେ ସେମାନଙ୍କର ବାହାଘର ହୋଇଥିଲା। ନୀରଜ ମୁକେଶଙ୍କ ୨ ପିଲାଙ୍କୁ ଗ୍ରହଣ କରିବାକୁ ମଧ୍ୟ ରାଜି ହୋଇଥିଲେ। ତେବେ ପ୍ରତିଶୋଧପରାୟଣ ହୋଇ ମୁକେଶଙ୍କ ସ୍ତ୍ରୀ ରୁବୀଙ୍କ ସହିତ ନୀରଜ ପ୍ରେମ ସମ୍ପର୍କ ଗଢ଼ିଥିବା ଆଲୋଚନା ହେଉଛି। ସୂଚନାଯୋଗ୍ୟ ଦୁଇ ଦମ୍ପତି ମଧ୍ୟପ୍ରଦେଶରେ ରହୁଛନ୍ତି। ନୀରଜ ଟାଟା କମ୍ପାନୀରେ କାମ କରୁଥିବାବେଳେ ମୁକେଶ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।


ନୀରଜଙ୍କ ସହ ମୁକେଶଙ୍କ ପୂର୍ବତନ ସ୍ତ୍ରୀ ରୁବୀ।





ତ୍ରିପୁରା ବିଧାନସଭା ନିର୍ବାଚନରେ ଭାଜପାର ବିଜୟ ପରେ ଧର୍ମନଗରରେ ଉତ୍ସବ ମନାଉଛନ୍ତି ଦଳୀୟ କର୍ମୀ।

# ତ୍ରିପୁରାରେ ଭାଜପାର ଚ୍ୟାଲେଞ୍ଜର ପ୍ରଦ୍ୟୋତ

## ଟିଏମ୍‌ପି ୨ ବର୍ଷରେ ଦ୍ୱିତୀୟ ବଡ଼ ଦଳ

**ଅଗରତାଳା,୨।୩:** ତ୍ରିପୁରା ରାଜପରିବାର ମୁଖ୍ୟ କିରୀଟ ପ୍ରଦ୍ୟୋତ ମାଣିକ୍ୟ ଦେବବର୍ମନ ବାହାଦୁରଙ୍କ ନେତୃତ୍ୱାଧୀନ ତିପ୍ରା ମୋଥା ପାର୍ଟି (ଟିଏମ୍‌ପି) ପ୍ରଥମ ଥର ନିର୍ବାଚନ ଲଢ଼ି ୧୩ ଆସନ ହାତେଇଛି। ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରି ନ ଥିଲେ ପ୍ରଦ୍ୟୋତ କିଙ୍ଗ୍‌ମେକର ଭୂମିକାରେ ଅବତୀର୍ଣ୍ଣ ହେବେ ବୋଲି କୁହାଯାଉଥିଲା। ଟିଏମ୍‌ପି ପ୍ରଥମ ଥର ବିଧାନସଭା ନିର୍ବାଚନ ଲଢ଼ି ଏତେ ଆସନ ଦଖଲ କରିବା ଭାଜପା ପାଇଁ ଚିନ୍ତାର କାରଣ ହୋଇପାରେ। ତିପ୍ରାଲ୍ୟାଣ୍ଡ ଗଠନ ଦାବି କରୁଥିବା ଏହି ଦଳ ଭାଜପା ସହଯୋଗୀ ଇଣ୍ଡିଜେନସ୍ ପିପୁଲ୍ସ ଫ୍ରଣ୍ଟ ଅଫ୍ ତ୍ରିପୁରା (ଆଇପିଏଫ୍‌ଟି)ର ଆଦିବାସୀ ଭୋଟବ୍ୟାଙ୍କକୁ ଛଡ଼ାଇନେଇଛନ୍ତି।



ଏଥର ପ୍ରଦ୍ୟୋତ ନିଜେ ନିର୍ବାଚନ ଲଢ଼ି ନ ଥିଲେ। କିନ୍ତୁ ତାଙ୍କ ଅଭ୍ୟୁଦୟ ଶାସକ ଭାଜପା ସମେତ କଂଗ୍ରେସ-ବାମଦଳ ମେଣ୍ଟକୁ ବିଶେଷ କ୍ଷତି ପହଞ୍ଚାଇଥିବା କୁହାଯାଉଛି। ଟିଏମ୍‌ପି ମାତ୍ର ୨ ବର୍ଷ ମଧ୍ୟରେ ଦ୍ୱିତୀୟ ବଡ଼ ଦଳ ଭାବେ ଉଭା ହୋଇଥିବାରୁ ତିପୁରାବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି ପ୍ରଦ୍ୟୋତ।

# ଇତିହାସ ରଚିଲେ ଜଖାଲୁ, କ୍ରୁସେ

## ନାଗାଲାଣ୍ଡ ବିଧାନସଭାରେ ପ୍ରଥମ ମହିଳା ଏମ୍‌ଏଲ୍‌ଏ

**କୋହିମା,୨।୩**

୧୯୬୩ରେ ରାଜ୍ୟ ମାନ୍ୟତା ପାଇଥିବା ନାଗାଲାଣ୍ଡରେ ୧୯୬୪ ଫେବୃୟାରୀ ୧୧ରେ ବିଧାନସଭା ପ୍ରତିଷ୍ଠା କରାଯାଇଥିଲା। ସେବେଠୁ କୌଣସି ମହିଳା ବିଧାନସଭାରେ ପ୍ରତିନିଧିତ୍ୱ ସୁଯୋଗ ପାଇ ନ ଥିଲେ। ନିକଟରେ ଅନୁଷ୍ଠିତ ୬୦ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନ ମଇଦାନରେ ମୋଟ ୧୮୩ ପ୍ରାର୍ଥୀଙ୍କ ମଧ୍ୟରୁ ମାତ୍ର ୪ ଜଣ ମହିଳା ଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ବିଜୟୀ ହୋଇ ଇତିହାସ ରଚିଛନ୍ତି। ଆମେରିକାରେ ପାଠ ପଢ଼ିଥିବା ଆଇନଜୀବୀ ହେକାନି ଜଖାଲୁ ଏବଂ ସାମାଜିକ କର୍ମୀ ସଲହୋଉଟୁଓନୁଓ କ୍ରୁସେ ଶାସକ ଏନ୍‌ଡିପିପିରୁ ପ୍ରାର୍ଥୀ ହୋଇଥିଲେ। ଜଖାଲୁ ଦିମାପୁର ତୃତୀୟ ଆସନରେ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ପ୍ରାର୍ଥୀ ଅଝେଟୋ ଝିମୋମିଙ୍କୁ ୧,୫୩୫


ହେକାନି ଜଖାଲୁ ସଲହୋଉଟୁଓନୁଓ କ୍ରୁସେ

ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। କ୍ରୁସେ କୋହିମା ଜିଲାର ୱେଷ୍ଟର୍ନ ଅଙ୍ଗାମି ଆସନରେ ସ୍ୱାଧୀନ ପ୍ରାର୍ଥୀ କେନେଇଝାଖୋ ନଖ୍‌ରୋଙ୍କଠାରୁ ମାତ୍ର ୭ ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି। ଏହି ଖ୍ରୀଷ୍ଟିଆନ ବହୁଳ ରାଜ୍ୟରୁ ୧୯୭୭ରେ ୟୁନାଇଟେଡ୍ ଡେମୋକ୍ରାଟିକ୍ ପାର୍ଟିର ରାନୋ ଏମ୍. ଶାଇଜା ପ୍ରଥମ ମହିଳା ଭାବେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ଏହାର ୪୫ ବର୍ଷ ପରେ ଭାଜପାର ଫାଙ୍ଗନୋନ୍ କୋନ୍ୟକ୍ ରାଜ୍ୟ ସଭାରେ ପ୍ରତିନିଧିତ୍ୱ କରିଥିଲେ।

# ଶାହାଙ୍କୁ ଫୋନ୍ କଲେ ସାଙ୍ଗ୍‌ମା


ମେଘାଳୟ ମୁଖ୍ୟମନ୍ତ୍ରୀ ତଥା ଏନ୍‌ପିପି ଅଧ୍ୟକ୍ଷ କନ୍‌ରାଡ୍ ସାଙ୍ଗ୍‌ମା ସାଉଥ୍ ତୁରା ଆସନରୁ ବିଜୟୀ ହେବା ପରେ ନିଜ ସମର୍ଥକମାନଙ୍କୁ ଅଭିବାଦନ ଜଣାଉଛନ୍ତି।

**ଶିଲଂ,୨।୩**

୬୦ ଆସନ ବିଶିଷ୍ଟ ମେଘାଳୟ ବିଧାନସଭାରେ ମ୍ୟାଜିକ୍ ନମ୍ବର ହେଉଛି ୩୧। ନିକଟରେ ଅନୁଷ୍ଠିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ କନ୍‌ରାଡ୍ ସାଙ୍ଗ୍‌ମାଙ୍କ ଦଳ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି)କୁ ୨୭ ଆସନରେ ସଫଳତା ମିଳିଛି। ତେଣୁ ଲୋକ ସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ପି.ଏ. ସାଙ୍ଗ୍‌ମାଙ୍କ ପୁଅ କନ୍‌ରାଡ୍ ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଫୋନ୍ କରି ସହଯୋଗ ଲୋଡ଼ିଛନ୍ତି। ଏହି ଉତ୍ତର-ପୂର୍ବ ରାଜ୍ୟରେ ଭାଜପା ମାତ୍ର ୨ ଆସନ ପାଇଛି। ତେବେ

**ଏନ୍‌ପିପିକୁ ଆଉ ୭ ବିଧାୟକଙ୍କ ସମର୍ଥନ ଲୋଡ଼ା**

ସାଙ୍ଗ୍‌ମା ଫୋନ୍ କରି ସହାୟତା ମାଗିବା ମାତ୍ରେ ଶାହା ଅବିଳମ୍ବେ ତାଙ୍କ ଅନୁରୋଧ ରକ୍ଷା କରିଛନ୍ତି। ଏନ୍‌ପିପିକୁ ଭାଜପା ସମର୍ଥନ କରିବ ବୋଲି ଆସାମ ମୁଖ୍ୟମନ୍ତ୍ରୀ ତଥା ଉତ୍ତର-ପୂର୍ବାଞ୍ଚଳରେ ଏନ୍‌ଡିଏ ମ୍ୟାନେଜର ହିମନ୍ତ ବିଶ୍ୱଶର୍ମା ଘୋଷଣା କରିଛନ୍ତି। ମେଘାଳୟରେ ଝୁଲା ବିଧାନସଭା ଗଠନ ହୋଇପାରେ ବୋଲି ଏକ୍‌ଜିଟ୍ ପୋଲ୍‌ରୁ ଜଣାପଡ଼ିବା ପରେ ସାଙ୍ଗ୍‌ମା ଓ ବିଶ୍ୱଶର୍ମା ଗୁଆହାଟୀରେ ମନ୍ତ୍ରଣା କରିଥିଲେ।


ଏଆଇଏମ୍‌ଆଇଏମ୍‌ର ୬୫ତମ ପ୍ରତିଷ୍ଠା ଦିବସରେ ହାଇଦ୍ରାବାଦ ମୁଖ୍ୟାଳୟରେ ଦଳୀୟ ପତାକା ଉତ୍ତୋଳନ କରୁଛନ୍ତି ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି।

# ଉତ୍ତରପୂର୍ବରେ ବିକାଶର ଧାରା ଜାରି ରହିବ: ମୋଦି

**ନୂଆଦିଲ୍ଲୀ,୨।୩**

ଉତ୍ତର-ପୂର୍ବର ୩ ପ୍ରମୁଖ ରାଜ୍ୟରେ ଭାଜପାର ପ୍ରଦର୍ଶନକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ତ୍ରିପୁରା, ମେଘାଳୟ ଏବଂ ନାଗାଲାଣ୍ଡ ଭୋଟରମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କଂଗ୍ରେସ କେବଳ ସଂଖ୍ୟାଲଘୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ରାଜନୀତି କରୁଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏହି ୩ ରାଜ୍ୟକୁ ନ୍ୟୂନ ମନେକରିଥିବାରୁ ନିର୍ବାଚନରେ ତାଙ୍କ ଦଳର ନିକୃଷ୍ଟ ପ୍ରଦର୍ଶନ ଦେଖିବାକୁ ମିଳିଛି। ଏହା ହେଉଛି, ଉତ୍ତରପୂର୍ବାଞ୍ଚଳ ପ୍ରତି କଂଗ୍ରେସର ଅପମାନ। ଏଭଳି



ମାନସିକତା ସର୍ବପୁରାତନ ଦଳକୁ ବୁଡାଇବାରେ ଲାଗିଛି। ବର୍ତ୍ତମାନ ଉତ୍ତରପୂର୍ବାଞ୍ଚଳରେ ଶାନ୍ତି, ସମୃଦ୍ଧି, ସ୍ଥିରତା ଓ ବିକାଶର ନୂଆ ଇତିହାସ ସୃଷ୍ଟିର ସମୟ ଉପନିତ। ଏହି ଅଞ୍ଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# ବିରୋଧୀଙ୍କ ସ୍ୱର ଚପାଇଦେବା ଲାଗି ଷଡ଼ଯନ୍ତ୍ର: ଭାଜପା

- ଆଜି ସବୁ ଥାନାରେ ଡିଜି, ପୋଲିସ କମିଶନ, ଡିସିପିଙ୍କ ବିରୋଧରେ ଏତଲା ଦେବ ଦଳ
- ୪ରେ ଏସ୍‌ପି ଅଫିସ୍ ଆଗରେ ବିକ୍ଷୋଭ
- ଏତଲା ନ ରଖିଲେ ନ୍ୟାୟାଳୟ ଦ୍ୱାରସ୍ଥ
- ଜେଲରେ ଗିରଫ କର୍ମୀଙ୍କୁ ଭେଟିଲେ ବିରୋଧୀ ଦଳ ନେତା, ବିଧାୟକ

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ଭାଜପା ଯୁବମୋର୍ଚ୍ଚା କର୍ମୀ ଏବଂ ପୋଲିସ ହାତାହାତି ହେବା ଘଟଣାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଉଠିଛି। ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ପୁଣି ରାସ୍ତାକୁ ଓହ୍ଲାଇବା ସହିତ ଆନ୍ଦୋଳନ ତୀବ୍ରତର କରିବାକୁ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଘଟଣାର ପ୍ରତିବାଦରେ ଶୁକ୍ରବାର ଭାଜପା ପକ୍ଷରୁ ରାଜ୍ୟର ସବୁ ଥାନାରେ ପୋଲିସ ଡିଜି, ଭୁବନେଶ୍ୱର-କଟକ ପୋଲିସ କମିଶନର ଏବଂ ଡିସିପିଙ୍କ ବିରୋଧରେ ଏତଲା ଦିଆଯିବ। ସେହିପରି ଆସନ୍ତା ୪ରେ ରାଜ୍ୟର ପ୍ରତ୍ୟେକ ଏସ୍‌ପି ଅଫିସ ଆଗରେ ଭାଜପା ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିବେ । ଏହାସତ୍ତ୍ୱେ ଏତଲା ଗ୍ରହଣ ନ କଲେ ଏଥିନେଇ ପୋଲିସକୁ ଅଦାଲତି ନିର୍ଦ୍ଦେଶ ପାଇଁ ଫଟୋ, ଭିଡିଓ ଓ ଅନ୍ୟାନ୍ୟ ପ୍ରମାଣ ସହ ଭାଜପା ନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି, ରାଜ୍ୟ ସରକାର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ହତ୍ୟା ଲାଗି ଅପଚେଷ୍ଟା କରୁଛନ୍ତି। ଓଡ଼ିଶା ସରକାର ଅହଂକାରର ଚରମସୀମାରେ ପହଞ୍ଚିଛନ୍ତି। ବିରୋଧୀ ଦଳ କାର୍ଯ୍ୟକର୍ତ୍ତାଙ୍କ ଉପରେ ବିଜେଡି ସରକାରର ହିଂସାତ୍ମକ ଆଭିମୁଖ୍ୟ ଓ ଆଚରଣ ଗଣତନ୍ତ୍ର ପ୍ରତି ବିପଦ। ଗତ ୨୮ ତାରିଖରେ ଯୁବମୋର୍ଚ୍ଚା ଆନ୍ଦୋଳନକୁ ରାଜ୍ୟ ସରକାର ଯେଉଁଭଳି ଷଡ଼ଯନ୍ତ୍ର କରି ଆକ୍ରୋଶମୂଳକ ଭାବେ ଦମନ କରିବା ପାଇଁ ପ୍ରୟାସ କରିଛନ୍ତି ତାହା ଓଡ଼ିଶା ଇତିହାସରେ ପ୍ରଥମ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କେତେଜଣ ନିର୍ଦ୍ଦିଷ୍ଟ ପୋଲିସ ଅଧିକାରୀ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଗୋଇଠା, ବିଧା ମାରି ଗୁରୁତର ଆହତ କରିବା ସହ ତାଙ୍କ ନାଁରେ ୩୦୭ ଭଳି ସଙ୍ଗିନ ଦଫା ଲଗାଇ ଜେଲରେ ଭର୍ତ୍ତି କରିଛନ୍ତି। ଏଭଳି ଅମାନୁଷିକ ଆକ୍ରମଣରେ ସମ୍ପୃକ୍ତ ଥିବା ସମସ୍ତ ପୋଲିସ ଅଧିକାରୀ, ସାଦା ପୋଷାକରେ ଥିବା ବିଜେଡି ଗୁଣ୍ଡାଙ୍କ ବିରୋଧରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କ୍ୟାପିଟାଲ ଥାନାରେ ଦିଆଯାଇଥିବା ଏତଲାକୁ ପଞ୍ଜୀକୃତ କରା ନ ଯିବା ଦୁର୍ଭାଗ୍ୟଜନକ ଏବଂ ସୁସ୍ଥ ଗଣତନ୍ତ୍ର ପ୍ରତି ବିପଦ ବୋଲି ସେ କହିଛନ୍ତି। ଅନ୍ୟପଟେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଭାଜପା ବିଧାୟକମାନେ ଗୁରୁବାର ଝାରପଡ଼ା ଜେଲକୁ ଯାଇ ଗିରଫ ଯୁବମୋର୍ଚ୍ଚା କର୍ମୀ ଓ ନେତାଙ୍କୁ ଭେଟିଛନ୍ତି। ସେଠାରୁ ଫେରିବା ପରେ ଜୟନାରାୟଣ କହିଛନ୍ତି, ଯୁବମୋର୍ଚ୍ଚା କର୍ମୀଙ୍କ ବିରୋଧରେ ମିଛ ମାମଲା କରି ସେମାନଙ୍କୁ ଜେଲକୁ ପଠାଯାଇଛି। ପୋଲିସ ଓ ସରକାର ଷଡ଼ଯନ୍ତ୍ର କରି ବିରୋଧୀଙ୍କ ସ୍ୱରକୁ ଚପାଇବାର ଅପଚେଷ୍ଟା କରିଛନ୍ତି। ପୋଲିସ ଯେଉଁମାନଙ୍କୁ ଗିରଫ କରିଛି ସେମାନେ ଆନ୍ଦୋଳନରେ ନ ଥିଲେ। ରାଜ୍ୟର ଦେଢ଼ କୋଟି ଯୁବକ ଏବେ ଯୁବମୋର୍ଚ୍ଚାର ଏହି ଆନ୍ଦୋଳନ ପଛରେ ଅଛନ୍ତି। ସେମାନଙ୍କ ସ୍ୱରକୁ ସରକାର ଚପାଇପାରିବେ ନାହିଁ। ପୋଲିସ ବିଜେଡିର କର୍ମୀ ଭଳି କାମ କରୁଛି। ଶେଷ ସମୟ ଆସିଲେ ଦୀପ ହୁତୁହୁତୁ ହୋଇ ଜଳେ ବୋଲି ଜୟନାରାୟଣ କହିଛନ୍ତି।

# ନୀରବତା ଭାଙ୍ଗୁ ଓଡ଼ିଶା ଭାଜପା: ବିଜେଡି

## ‘୯ ବର୍ଷରେ ରନ୍ଧନ ଗ୍ୟାସ୍ ଦର ୩ ଗୁଣା ବଢ଼ିଛି’

## ସୌମ୍ୟବାବୁ ଆଉ ତାଙ୍କ ପାଖରେ ନାହାନ୍ତି: ମୋହନ

**ଭୁବନେଶ୍ୱର,୨।୩(ବ୍ୟୁରୋ)**

ଦରଦାମ ବୃଦ୍ଧିକୁ ନେଇ ବିଜେଡି ଭାଜପାକୁ ଟାର୍ଗେଟ କରିଛି। ମା’ ଭଉଣୀଙ୍କ ଆଖିରେ ଚୁଲି ଧୂଆଁ ବାଜି ଯେଭଳି ଲୁହ ନ ବାହାରିବ ସେଥିପାଇଁ କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନାରେ ରିହାତି ଦରରେ ରନ୍ଧନଗ୍ୟାସ୍ ସିଲିଣ୍ଡର ଯୋଗାଣ ଯୋଜନା କରିଥିଲେ। ହେଲେ ଏଲ୍‌ପିଜି ରନ୍ଧନ ଗ୍ୟାସ୍‌ର ଦର ଦ୍ରୁତ ଗତିରେ ବୃଦ୍ଧି କେବଳ ଓଡ଼ିଶାର ମା’ ଓ ଭଉଣୀଙ୍କ ଆଖିରେ ଲୁହ ଆଣିଦେଇ ନାହିଁ ବରଂ ସବୁ ପରିବାର ଆଖିରେ ଲୁହ ଆଣିଦେଇଛି। ଗୁରୁବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ବିଜେଡି ପ୍ରବକ୍ତା ଶ୍ରୀମୟୀ ମିଶ୍ର କହିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ସହିତ ଇନ୍ଧନ ଏବଂ ମୁଦ୍ରାସ୍ଫୀତି ବୃଦ୍ଧି ଓଡ଼ିଶାର ୪.୫ କୋଟି ଲୋକଙ୍କୁ ଯନ୍ତ୍ରଣା ଦେଉଥିବା ବେଳେ ଏଲ୍‌ପିଜି ରନ୍ଧନ ଗ୍ୟାସ୍‌ର ମୂଲ୍ୟ ହ୍ରାସ କରିବାକୁ କେନ୍ଦ୍ର ଗୁରୁତ୍ୱ ଦେଉଥିବା ମନେହେଉନାହିଁ। ମାର୍ଚ୍ଚ ୨୦୧୪ ରେ


ଖବରଦାତା ସମ୍ମିଳନୀରେ ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଦଳର ମୁଖପାତ୍ର ଶ୍ରୀମୟୀ ମିଶ୍ର।

ଗୋଟିଏ ଘରୋଇ ଏଲ୍‌ପିଜି ସିଲିଣ୍ଡର (୧୪.୨ କିଲୋଗ୍ରାମ ସିଲିଣ୍ଡର)ର ମୂଲ୍ୟ ୪୧୦ ଟଙ୍କା ଥିଲାବେଳେ ତାହା ୨୦୨୩ ମାର୍ଚ୍ଚ ପହିଲାରୁ ୧୧୦୩ ଟଙ୍କା ହୋଇଛି। ଗତ ୯ ବର୍ଷ ମଧ୍ୟରେ ସିଲିଣ୍ଡରର ମୂଲ୍ୟ ପ୍ରାୟ ୩ ଗୁଣ ବୃଦ୍ଧି କରାଯାଇଛି। ରନ୍ଧନ ଗ୍ୟାସ୍‌ର ଏପରି ଆକାଶଛୁଆଁ ଦରବୃଦ୍ଧି ଯୋଗୁ ଲକ୍ଷ ଲକ୍ଷ ମା’ ଓ ଭଉଣୀମାନେ ଏହି ଗ୍ୟାସ୍ ସିଲିଣ୍ଡର ଭରି ନ ପାରି ପୁନର୍ବାର ଜାଳେଣି କାଠ ବ୍ୟବହାର କରିବାକୁ ବାଧ ହେଉଛନ୍ତି। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ରେ ପ୍ରତି ବ୍ୟକ୍ତିଙ୍କ ପାଇଁ ଦେଉଥିବା ମାସିକ ୫ କିଲୋଗ୍ରାମ ମାଗଣା ଚାଉଳକୁ ବନ୍ଦ କରିଦେଲେ। କେନ୍ଦ୍ର ସରକାର ରନ୍ଧନ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି କରି ସାଧାରଣ ଲୋକଙ୍କ ଉପରେ ୨ ଗୁଣା ବୋଝ ଲଦି ଦେଇଛନ୍ତି। ଓଡ଼ିଶା ଭାଜପା କାହିଁକି ଚୁପ୍ ଅଛି ବୋଲି ଏମାନେ ପ୍ରଶ୍ନ କରିଛନ୍ତି। ତୁରନ୍ତ ଗ୍ୟାସ୍ ମୂଲ୍ୟ ହ୍ରାସ କରିବା ପାଇଁ ଭାରତ ସରକାର ପଦକ୍ଷେପ ନେବାକୁ ଏହି ବିଜେଡି ନେତା ଦାବି କରିଛନ୍ତି।

ଅପରପକ୍ଷେ ଏହାର ଜବାବରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ଦରଦାମ ନିୟନ୍ତ୍ରଣ ଲାଗି କେନ୍ଦ୍ର ସରକାର ଚିନ୍ତାପ୍ରକଟ କରନ୍ତି ଏବଂ ଯୋଜନା କରନ୍ତି। ଗ୍ୟାସ୍ କିମ୍ବା ପେଟ୍ରୋଲ ଦରବୃଦ୍ଧି ଅନ୍ତର୍ଜାତୀୟ ଦର ପ୍ରଭାବରୁ ହୋଇଥାଏ। ନିକଟରେ ହୋଇଥିବା ଗ୍ୟାସ୍ ଦର ବୃଦ୍ଧି ତା’ର ପ୍ରତିଫଳନ। ସୌମ୍ୟବାବୁ ଆଉ ତାଙ୍କ ପାଖରେ ନାହାନ୍ତି। ସେ ଧୀରେ ଧୀରେ ବିଜେଡି ଏବଂ ରାଜ୍ୟ ସରକାରଙ୍କଠାରୁ ଦୂରେଇ ଯାଉଛନ୍ତି। ସେଥିପାଇଁ ତାଙ୍କ ମୁହଁରେ କୁହାଉଛନ୍ତି ଦଳ ସାଙ୍ଗରେ ସେ ଅଛନ୍ତି। କିନ୍ତୁ ବାସ୍ତବରେ ସେ ତାଙ୍କ ସାଙ୍ଗରେ ନାହାନ୍ତି, ଆଉ କିଛି ଦିନ ଭିତରେ ଜଣାପଡ଼ିଯିବ ସୌମ୍ୟବାବୁ ବାସ୍ତବରେ କାହାର ବୋଲି ମୋହନ କହିଛନ୍ତି।

# ସରୋଜ କନ୍ଧମାଳ, ଜଗବନ୍ଧୁ ଗଜପତି ଜିଲା ସଭାପତି

## ବିଜେଡି ଜିଲା କମିଟି ଗଠିତ

- ଗଜପତି ପାଇଁ ୧୩ ଉପସଭାପତି, ୧୨ ସାଧାରଣ ସମ୍ପାଦକ ,୧୩ ସମ୍ପାଦକ, ୧୫ ଯୁଗ୍ମ ସମ୍ପାଦକ
- କନ୍ଧମାଳ ପାଇଁ ୭ ଉପସଭାପତି, ୧୭ ସାଧାରଣ ସମ୍ପାଦକ, ୧୯ ସମ୍ପାଦକ, ୧୫ ଯୁଗ୍ମ ସମ୍ପାଦକ ନିଯୁକ୍ତ

**ଭୁବନେଶ୍ୱର,୨।୩(ବ୍ୟୁରୋ)**

ବିଜେଡି କନ୍ଧମାଳ ଓ ଗଜପତି ଜିଲା କମିଟିର ପୁନର୍ଗଠନ ହୋଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ ପରେ ଗୁରୁବାର ଏ ନେଇ ଦଳ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ କରାଯାଇଛି। ଗଜପତି ଜିଲାର ୨ ନେତା ପ୍ରଦୀପ ନାୟକ ଓ ବସନ୍ତ ଦାସଙ୍କୁ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି । ଜଗବନ୍ଧୁ ଦାସଙ୍କୁ ଗଜପତି ବିଜେଡି ଜିଲା ସଭାପତି ଭାବେ ନିଯୁକ୍ତି ମିଳିଛି । ଏହାଛଡା ୧୩ ଜଣଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଲକ୍ଷ୍ମୀକାନ୍ତ ପରିଚ୍ଛା, ଏସ୍. ଗଜପତି ରାଓ, ବୋରା ଲକ୍ଷ୍ମୀନାରାୟଣ, ନିର ଭୂୟାଁ, ରଘୁରାମ ସାହୁ, ୱାଇ. ରାମଚନ୍ଦ୍ର ରାୟ, ରୋକମ ସତିଶ, ଆର. ବିଜୟ କୁମାର, ଦଣ୍ଡସି ସାହୁ, ଲଜାର ମାଝି, ସୁଦାମ ଶବର ଏବଂ ଜେମ୍ସ ରାଇକା। ସେହିପରି ଜିଲା କମିଟିରେ ୧୨ ସାଧାରଣ ସମ୍ପାଦକ ,୧୩ ସମ୍ପାଦକ ଓ ୧୫ ଯୁଗ୍ମ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷଙ୍କୁ ଦାୟିତ୍ୱ ମିଳିଛି। ଜିଲାରେ ଥିବା ପାରଳାଖେମୁଣ୍ଡି ମ୍ୟୁନିସିପାଲିଟି ସହ କାଶୀନଗର ଏନ୍‌ଏସି ଏବଂ ୭ ବ୍ଲକର ନୂଆ ସଭାପତି ନିଯୁକ୍ତି ଦିଆଯାଇଛି। ସେହିପରି କନ୍ଧମାଳ ଜିଲା ସଭାପତି ଭାବେ ସରୋଜ କର୍ଣ୍ଣଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲା କମିଟିରେ କ୍ଲେଶ ପ୍ରଧାନ, ଲାଲାନନ୍ଦ ପ୍ରଧାନ, ଭୂଷଣ ପ୍ରଧାନ, କୃଷ୍ଣ ମୋହନ ପଣ୍ଡା, ହୃଷୀକେଶ ପାଢ଼ୀ, ବୈନେତ୍ରୀ କଅଁର ଏବଂ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହି ଜିଲା କମିଟିରେ ୧୭ ସାଧାରଣ ସମ୍ପାଦକ, ୧୯ ସମ୍ପାଦକ ଓ ୧୫ ଯୁଗ୍ମ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷଙ୍କ ସହ ଡିଜିଟାଲ ଓ ମିଡିଆ ପାଇଁ ସାଧାରଣ ସମ୍ପାଦକ ଓ ସମ୍ପାଦକ ନିଯୁକ୍ତ ହୋଇଛନ୍ତି। ଜିଲାର ମ୍ୟୁନିସିପାଲିଟି, ବ୍ଲକ ଓ ଏନ୍‌ଏସି ପାଇଁ ମଧ୍ୟ ନୂତନ ସଭାପତିଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି।

**ପରିତ୍ୟକ୍ତ ଖଣିରେ ବୁଡ଼ି ମହିଳା ମୃତ**

ଯୋଡ଼ା,୨।୩(ଡି.ଏନ୍.ଏ): କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଧା ଫାଣ୍ଡି ଅଧୀନ ଇଙ୍ଗାଣିଝରଣଠାରେ ଥିବା ଏକ ପରିତ୍ୟକ୍ତ ଖଣି ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସ୍ଥାନୀୟ ବସ୍ତିର ବାସନ୍ତୀ ପାତ୍ର(୫୦)।




# ସରିଲା ବ୍ରାଇଡାଲ ମେକ୍ଅପ୍ ପାଠ୍ୟକ୍ରମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**୪୦ କୃତୀ ମହିଳାଙ୍କୁ 'ବ୍ରାଇଡ୍ ଅଫ୍ ଓଡ଼ିଶା' ପ୍ରମାଣପତ୍ର**

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ଦ୍ୱାରା ଆୟୋଜିତ ବ୍ରାଇଡାଲ ମେକ୍ଅପ୍ ପାଠ୍ୟକ୍ରମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ମିଶନ ଶକ୍ତି ବିଭାଗର ଶାସନ ସଚିବ ସୁଜାତା ଆର୍. କାର୍ତ୍ତିକେୟନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଜିଲାର ମହିଳା ସ୍ୱୟଂ ସାହାୟକ ଗୋଷ୍ଠୀରୁ ଆସି ପ୍ରଶିକ୍ଷଣ ନେଉଥିବା ୪୦ଜଣ କୃତୀ ମହିଳାଙ୍କୁ 'ବ୍ରାଇଡ୍ ଅଫ୍ ଓଡ଼ିଶା' ଉତ୍ତରଣ ଏବଂ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ର ଦ୍ୱାରା ମହିଳା ସଶକ୍ତୀକରଣ ପାଇଁ ଓଡ଼ିଶା ବ୍ରାଇଡାଲ ମେକ୍ଅପ୍ ପାଠ୍ୟକ୍ରମ ଏକ ନୂତନ ଉଦ୍ୟମ। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନେ ସେମାନଙ୍କ ଅଭିଜ୍ଞତା ଉପସ୍ଥାପନ କରିଥିଲେ। ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଓ ମିଶନ ଶକ୍ତି ସଚିବଙ୍କ ନେତୃତ୍ୱରେ ଏହା ସଫଳ ହୋଇଛି। ଏହି ପ୍ରଶିକ୍ଷଣ ଦ୍ୱାରା ସେମାନେ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ ହୋଇପାରିବେ। ଏଥିସହ ନିଜ ଅଞ୍ଚଳର ଅନ୍ୟ ମହିଳାଙ୍କୁ ତାଲିମ୍ ଦେଇ ସ୍ୱାବଲମ୍ବୀ କରାଇବାରେ ସହାୟକ ହେବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଳକା ମିଶ୍ର, ଅଧକ୍ଷ ସଙ୍ଗରଣ ଗୋପାଳ, ଉପାଧ୍ୟକ୍ଷ ଶୁଭଙ୍ଗ କିଶୋର ଦାସଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

# କଲରାପତରିଆର ମିଳୁନି ପତ୍ତା

**ସୁନ୍ଦରଗଡ଼/ବଡଗାଁ,୨।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଟିମନା ଗାଁ ନିକଟକୁ ବୁଧବାର ପଶି ଆସିଥିବା ଏକ କଲରାପତରିଆ ବାଘକୁ କାବୁ କରିବାରେ ବନ ବିଭାଗ କର୍ମଚାରୀମାନେ ଅଦ୍ୟାବଧି ସଫଳ ହୋଇନାହାନ୍ତି । ଜଙ୍ଗଲ ବିଭାଗର ବନ୍ୟପ୍ରାଣୀ ସୁରକ୍ଷା ଟିମ୍ ଜଙ୍ଗଲରେ ଜାଲ ବିଛାଇ ଜଗି ରହିଛନ୍ତି । ବାଘଟି ନିକଟସ୍ଥ ଟିମନା ଭାଲୁମୁଣ୍ଡା ସଂରକ୍ଷିତ ଜଙ୍ଗଲ ଦେଇ ୭ କିଲୋମିଟର ଦୂର ଝାଡ଼ଖଣ୍ଡ ଜଙ୍ଗଲକୁ ପଳାଇ ଯାଇଥିବା ଅନୁମାନ କରାଯାଉଛି। ବୁଧବାର ପୂର୍ବାହ୍ନରେ ଗାଁ ନିକଟ ବିଲରେ ବାଘ ବୁଲୁଥିବାର କେତେଜଣ ଗ୍ରାମବାସୀ ଦେଖି ଫରେଷ୍ଟ ରେଞ୍ଜରଙ୍କୁ ସୂଚନା ଦେଇଥିଲେ। ପରେ ବନ କର୍ମଚାରୀମାନେ ପହଞ୍ଚି ବାଘର ଗତିବିଧି ଉପରେ ନଜର ରଖିଥିଲେ । ଲୋକେ ଘେରି ଯାଇ ପାଟି କରିବାରୁ ବାଘ ଏକ ବୁଦାମୂଳେ ଲୁଚି ରହିଥିଲା । ଫଳରେ ବୁଦା ନିକଟରେ ଛେଳି ବାନ୍ଧି ଓ ଜାଲ ବିଛାଇ ବନ କର୍ମଚାରୀମାନେ ରାତି ପର୍ଯ୍ୟନ୍ତ ଜଗି ରହିଥିଲେ। ଏହି ସମୟରେ କୌଣସି କାରଣରୁ ଜଙ୍ଗଲରେ ନିଆଁ ଲାଗିଯିବାରୁ ବାଘ ଭୟରେ ଦୌଡି ପଳାଇଯିବା ବେଳେ ଜଣେ ବନ କର୍ମଚାରୀଙ୍କ ଦେହରେ ଘଷି ହୋଇ ଯାଇଥିବା କୁହାଯାଉଛି । ରାଉରକେଲା ବନ ବିଭାଗର ଟ୍ରାଙ୍କୁଲାଇଜ୍ ଟିମ୍ ଏଠାରେ ପହଞ୍ଚି ବାଘକୁ କାବୁ କରିବା ପାଇଁ ତନାଘନା ଚଳାଇଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ ବାଘ ଧରା ପଡ଼ି ନ ଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ସୂଚନାଯୋଗ୍ୟ, ପାହାଡ ପାଦଦେଶରେ ଟିମନା ଗାଁ ଅବସ୍ଥିତ ।

# ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ପାଇବେ ସାହିତ୍ୟ ଭାରତୀ ସମ୍ମାନ

**ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ସମ୍ମାନ, ପୁରସ୍କାର ଘୋଷଣା**

**କଟକ ଅଫିସ,୨।୩**

ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ସର୍ବୋଚ୍ଚ 'ସାହିତ୍ୟ ଭାରତୀ ସମ୍ମାନ : ୨୦୨୩' ସାହିତ୍ୟିକ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତାଙ୍କୁ ପ୍ରଦାନ କରାଯିବ। ଏହି ସମ୍ମାନ ବାବଦକୁ ତାଙ୍କୁ ୧ ଲକ୍ଷ ଟଙ୍କା ଓ କୋଣାର୍କ ସୂର୍ଯ୍ୟ ମନ୍ଦିରର ରୌପ୍ୟ ପ୍ରତିକୃତି ଦିଆଯିବ। ସେ ଜଣେ କବି ଭାବେ ଖ୍ୟାତି ଅର୍ଜନ କରିଥିଲେ ବି ଅଦ୍ୟାବଧି ୩୨୩ ଖଣ୍ଡ ପୁସ୍ତକ ରଚନା ସହିତ ଅନେକ ଅନୁବାଦ କାର୍ଯ୍ୟ କରି ସାରସ୍ୱତ ଜଗତରେ ନିଜର ସ୍ୱତନ୍ତ୍ରତାକୁ ପ୍ରତିପାଦିତ କରିଛନ୍ତି। ତାଙ୍କର ସାରସ୍ୱତ କର୍ମ ପାଇଁ ଓଡ଼ିଆ ସାହିତ୍ୟ ବିଶେଷ ଭାବରେ ଋଦ୍ଧିମନ୍ତ ହୋଇଛି। ଏତଦ୍ ବ୍ୟତୀତ ଚିତ୍ରକଳା କ୍ଷେତ୍ରରେ ମଧ୍ୟ ତାଙ୍କର ବେଶ୍ ସୁନାମ ରହିଛି। କଟକ ଦରଘା ବଜାରସ୍ଥିତ ଗଙ୍ଗାଧର ରଥଙ୍କ ବାସଭବନରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଫାଉଣ୍ଡେଶନ ପକ୍ଷରୁ ଚଳିତ ବର୍ଷର ଅନ୍ୟାନ୍ୟ ସମ୍ମାନ ଓ ପୁରସ୍କାର ସମ୍ପର୍କରେ ସମ୍ପାଦିକା ସୁସ୍ମିତା ରଥ ଘୋଷଣା କରିଛନ୍ତି।


ଶ୍ରୀନିବାସ ଉଦ୍‌ଗାତା

ଫାଉଣ୍ଡେଶନର ପ୍ରତିଷ୍ଠାତାଙ୍କ ନାମରେ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀଙ୍କୁ ପ୍ରଦାନ କରାଯିବ। ଏହି ସମ୍ମାନ ସହ ତାଙ୍କୁ ଏକ ରୌପ୍ୟ ଫଳକ ଓ ମାନପତ୍ର ପ୍ରଦାନ କରାଯିବ। କାବ୍ୟ ସାହିତ୍ୟରେ ବିଶେଷ ପରାକାଷ୍ଠା ପାଇଁ କବି ଭଗବାନ ଜୟସିଂହଙ୍କୁ ଭାନୁଜୀ ରାଓ ସ୍ମାରକୀ ପୁରସ୍କାର ଏବଂ କଥାସାହିତ୍ୟରେ ବିଶେଷ କୃତିତ୍ୱ ନିମନ୍ତେ କଥାକାର ମାନସୀ ଦାସଙ୍କୁ ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବ। ଉଭୟଙ୍କୁ ୨୫ହଜାର ଲେଖାଏ ଟଙ୍କା ଓ ଉପଢୌକନ ଦିଆଯିବ। ସେହିପରି ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଡ. ମୌସୁମୀ ପରିଡ଼ା ଓ ରବିନାରାୟଣ ଦାଶଙ୍କୁ ସୁବ୍ରତ ରଥ ସ୍ମାରକୀ ପୁରସ୍କାରରେ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଓ ରୌପ୍ୟ ଉପଢୌକନ ପ୍ରଦାନ କରାଯିବ। ଆଗାମୀ ୧୯ ତାରିଖରେ କଳାବିକାଶ କେନ୍ଦ୍ରଠାରେ ଆୟୋଜିତ ସାରସ୍ୱତ ସମାରୋହରେ ଏହି ସମ୍ମାନ ଓ ପୁରସ୍କାର ପ୍ରଦାନ କରାଯିବ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏଥିରେ ମୁଖ୍ୟବକ୍ତା ଭାବେ କବି ଅପର୍ଣ୍ଣା ମହାନ୍ତି ଯୋଗଦେବେ। ଫାଉଣ୍ଡେଶନର ଟ୍ରଷ୍ଟି ଡା. ଜୟନ୍ତ ରଥ, ଡ. ବିଜୟାନନ୍ଦ ସିଂହ ଓ ଆଇନଜୀବୀ ସଞ୍ଜୟ ରଥ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୧୯୯୬ରୁ ଏହି ସମ୍ମାନରେ ବହୁ ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଆସୁଛି।









DSPL - 469



ଓଡ଼ିଶା ସରକାର

## ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

**ଧାନ ସଂଗ୍ରହ ବର୍ଷ ୨୦୨୨- ୨୦୨୩**

ଚଳିତ ରବି ଋତୁ (ଧାନ ସଂଗ୍ରହ ବର୍ଷ 2022-23) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ସେମାନଙ୍କର ବଳକା ଧାନ କ୍ରୟ କରିବେ । ଏଥିପାଇଁ ଚାଷୀମାନେ ସେମାନଙ୍କ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି ବା ପେକ୍ସ/ଲ୍ୟାମ୍ପସ୍/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ ପାଣି ପଞ୍ଚାୟତ (ସଂକ୍ଷେପରେ, ସମିତି) ରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ | ରବି ଧାନ ସଂଗ୍ରହ ତା.1.5.2023 ରୁ ତା.30.6.2023 ମଧ୍ୟରେ ହେବ |

### ପୂର୍ବରୁ ପଞ୍ଜିକୃତ ଚାଷୀଙ୍କ ନବୀକରଣ

- ଗତ ରବିଋତୁରେ ପଞ୍ଜିକୃତ ଚାଷୀମାନେ ନବୀକରଣ କରି ଚଳିତ ରବିଋତୁ ପାଇଁ ପୁନଃ ପଞ୍ଜିକୃତ ହେବେ |
- ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତିରୁ ନବୀକରଣ ଫର୍ମ ତା. 1.3.2023 ରୁ ତା. 15.3.2023 ମଧ୍ୟରେ ଉପଲବ୍ଧ ହେବ | ସମିତି ସମ୍ପାଦକ www.foododisha.in ପୋର୍ଟାଲରେ login କରି Farmer registration link ରେ ଥିବା renewal form tab ରୁ download କରି ଏହା print କରିବେ |
- ଗତ ରବିଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ତଥ୍ୟ ଉକ୍ତ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟୱାରୀ ଉଲ୍ଲିଖିତ ଥିବ।
- ଯଦି ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ମର୍ମରେ ଘୋଷଣାନାମା ପ୍ରଦାନ କରିବେ ।
- ଯଦି ଚାଷୀ ଜମି ବାବଦରେ ପରିବର୍ତ୍ତିତ ତଥ୍ୟ ଦେବାକୁ ଚାହୁଁଆନ୍ତି, ତାହା ଉକ୍ତ ନବୀକରଣ ଫର୍ମର ଚତୁର୍ଥ ଭାଗରେ ଦର୍ଶାଇବେ |

### ନୂତନ ଚାଷୀଙ୍କ ପଞ୍ଜିକରଣ

- ଯେଉଁ ଚାଷୀମାନେ ଗତ ରବିଋତୁରେ ପଞ୍ଜିକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ନେଇ ପୂରଣ କରିବେ । ଏହା ବିଭାଗର website www.foododisha.in ରେ ମଧ୍ୟ ଉପଲବ୍ଧ | ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଜଳସେଚିତ ଜମି ସଂକ୍ରାନ୍ତୀୟ ଖାତା ଓ ପ୍ଲଟର ବିଶଦ ବିବରଣୀ ଦେବାକୁ ହେବ |

### ଚାଷୀମାନଙ୍କର ଦାୟିତ୍ୱ

- ସମସ୍ତ ଚାଷୀଙ୍କୁ ପଞ୍ଜିକରଣ/ ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ
- ଚାଷୀମାନଙ୍କୁ ଅନୁରୋଧ ସେମାନେ ସେମାନଙ୍କ ନୂତନ ପଞ୍ଜିକରଣ ଫର୍ମ ସହିତ ଆଧାର କାର୍ଡର ନକଲ, ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ, ଦାଖଲ ହୋଇଥିବା ନୂତନ ଜମି ବିବରଣୀର RoR ନକଲ ଏବଂ ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସଂପୃକ୍ତ ଜମି ମାଲିକଙ୍କ ସହମତି ପତ୍ର/ ଆଧାର/ ମୋବାଇଲ ନମ୍ବର ପ୍ରଦାନ କରିବେ । ଜମି ମାଲିକଙ୍କ ଆଧାର କାର୍ଡର ନକଲ ମଧ୍ୟ ପ୍ରଦାନ କରିବେ। ଜମି ମାଲିକଙ୍କ ସହମତି ପତ୍ର ହସ୍ତଗତ ନ'ହେଲେ ଭାଗଚାଷୀ ପଞ୍ଜିକରଣ ଗ୍ରହଣ ଯୋଗ୍ୟ ହେବ ନାହିଁ |
- ପଞ୍ଜିକରଣ/ନବୀକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା. 1.3.2023 ରୁ 20.3.2023 ମଧ୍ୟରେ ଦାଖଲ କରିବେ |
- ରବି ଚାଷ କରାଯାଇଥିବା ପ୍ଲଟ ୱାରୀ ଜମି ବିବରଣୀ ବାବଦରେ ସତ୍ୟ ଏବଂ ବାସ୍ତବ ତଥ୍ୟ ପ୍ରଦାନ କରିବେ। ଚାଷ ହେଉଥିବା ଜମିର ପରିମାଣ ସମ୍ବନ୍ଧରେ ମିଥ୍ୟା ତଥ୍ୟ ପ୍ରଦାନ କଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ ନିୟମ ମତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ।
- ନିର୍ଦ୍ଧାରିତ ସମୟକୁ ଅପେକ୍ଷା ନକରି ଯଥେଷ୍ଟ ପୂର୍ବରୁ ଚାଷୀମାନେ ପୂରଣ କରାଯାଇଥିବା ଫର୍ମ ସମିତିରେ ଦାଖଲ କରିବାକୁ ଅନୁରୋଧ |

### ସମିତି କର୍ମକର୍ତ୍ତାଙ୍କ ଦାୟିତ୍ୱ

- ନବୀକରଣ ଫର୍ମ ପ୍ରିଣ୍ଟ୍ କରି ( ପୂର୍ବରୁ ପଞ୍ଜିକୃତ) ଚାଷୀମାନଙ୍କୁ ତୁରନ୍ତ ପ୍ରଦାନ କରିବେ ।
- ପୂର୍ବରୁ ପଞ୍ଜିକୃତ ନହୋଇଥିବା ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ | ଯେଉଁ ଦିନ ଫର୍ମ ହସ୍ତଗତ ହେବ,ସନ୍ନିବେଶିତ ତଥ୍ୟ ସେହି ଦିନ ବା ଅତି ବେଶୀରେ ତା' ପର ଦିନ digitize କରିବେ |
- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ | ଏଥି ନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ ।
- ଚାଷ ଅଯୋଗ୍ୟ ଜମି କିସମକୁ ପଞ୍ଜିକରଣ କରିବେ ନାହିଁ । କେବଳ ଜଳସେଚିତ ଜମିର ପଞ୍ଜିକରଣ କରିବେ। ମିଥ୍ୟା ତଥ୍ୟ ପଞ୍ଜିକରଣରେ ସହାୟତା କଲେ ତାହା ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଯୋଗ୍ୟ ହେବ |
- ଅଯୋଗ୍ୟ / ଅନୁଚିତ ବ୍ୟକ୍ତି ବିଶେଷଙ୍କୁ ପଞ୍ଜିକରଣ କରିବେ ନାହିଁ ।
- ସମିତି କର୍ମକର୍ତ୍ତା ଉଭୟ ନବୀକରଣ ଫର୍ମ ଏବଂ ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ତା.1.3. 2023 ରୁ ତା.26.3.2023 ମଧ୍ୟରେ ତାଙ୍କ LOGIN ରେ ଡିଜିଟାଇଜ କରିବେ । ଡିଜିଟାଇଜେସନ କାର୍ଯ୍ୟ ନିର୍ଭୁଲ ହେବା ଆବଶ୍ୟକ |
- ପଞ୍ଜିକରଣ ଯଥା ଶୀଘ୍ର ହୋଇ ନିର୍ଭୁଲ ଚାଷୀ ତାଲିକା 30.4.2023 ମଧ୍ୟରେ ନିଶ୍ଚିତ ଭାବରେ ପ୍ରସ୍ତୁତ ହେବା ଆବଶ୍ୟକ | ଏହା ବିଳମ୍ବିତ ହେଲେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ |

### ଅଭିଯୋଗ / ପରାମର୍ଶ

- ଯଦି କୋଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ହେଲ୍ପଲାଇନ ନମ୍ବର 1967 ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଯୋଗାଯୋଗ କରିବା ପାଇଁ ଅନୁରୋଧ |

OIPR-07001/13/0014/2223

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

FoodOdisha @Food_Odisha www.foododisha.in

**୬ ଲେନ୍ ହେବ ୬୦ ନମ୍ବର ଜାତୀୟ ରାଜପଥ**

ବାଲେଶ୍ୱର ଅଫିସ,୨।୩: ବାଲେଶ୍ୱରରୁ ଖଡ଼ଗପୁର ଲମ୍ବିଥିବା ୬୦ନମ୍ବର ଜାତୀୟ ରାଜପଥ ୬ଲେନ୍ ବିଶିଷ୍ଟ ହେବ। କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀ ଏହାକୁ ମଞ୍ଜୁର କରିଛନ୍ତି। ଏନେଇ ସଡ଼କ ଓ ପରିବହନ ମନ୍ତ୍ରାଳୟ ଡିପିଆର୍ ପ୍ରସ୍ତୁତି କାମ ଆରମ୍ଭ କରିଥିବା ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗୁରୁବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଏନେଇ ବାଲେଶ୍ୱରବାସୀଙ୍କ ତରଫରୁ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏମ୍ପି ଷଡ଼ଙ୍ଗୀ ଧନ୍ୟବାଦ ଜଣାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଉଳ ପତର ବଉଳ ବାଆ**
**କୋଳି ଗଣ୍ଡାକର ଘର**
**ଷାଠିଏ ଟଙ୍କାର ବଳଦ ବାନ୍ଧି**
**ନାଥେ ହେଲେ ହରବର।**

ଅଭାବରୁ ହୀନସ୍ଥା। ବହୁ ମୂଲ୍ୟ ବିନିମୟରେ ବଳଦ ଆଣି ତା'ର ଉପଯୁକ୍ତ ଭାବେ ପାଳନ କରି ନ ପାରି ହରଡ଼ଘଣାରେ ପଡ଼ିଯାଇଥିବା ବ୍ୟକ୍ତିର ଦୁରବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅନଳ ନଳା**
**ଧଳା ବଳଦକୁ କରୁଛି କଳା।**

ଆମ ସମାଜରେ ଏଭଳି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ କଳାକୁ ଧଳା ଓ ଧଳାକୁ କଳା କରିବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସତକୁ ମିଛ ଓ ମିଛକୁ ସତ କହି ଲୋକଙ୍କୁ ଭ୍ରମିତ କରୁଥିବା ଧୂର୍ତ୍ତ ବ୍ୟକ୍ତିଙ୍କ ପ୍ରତି ଏପରି କଟୁକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୭ କୋଟିର ନକଲି ଔଷଧ ଜବତ

## ନକଲି ଔଷଧର ଉତ୍ତରପ୍ରଦେଶ ଲିଙ୍କ୍

ଭୁବନେଶ୍ୱର,୨।୩(ବ୍ୟୁରୋ)

ରାଜ୍ୟର ବିଭିନ୍ନ ସ୍ଥାନରୁ ନକଲି ଔଷଧ ଜବତ ହେଉଛି। ଏହା କେଉଁଠୁ ଆସୁଛି ତାହା ଜାଣିବା ପାଇଁ ଓଡ଼ିଶା ସରକାର ଉତ୍ତରପ୍ରଦେଶ ସରକାରଙ୍କ ସହାୟତା ଲୋଡ଼ିଥିଲେ। ଓଡ଼ିଶା ସରକାରଙ୍କ ସୂଚନା ଓ ତଥ୍ୟ ଭିତ୍ତିରେ ଉତ୍ତର ପ୍ରଦେଶ ଷ୍ଟେଟ ଟାସ୍କ ଫୋର୍ସ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୭କୋଟି ଟଙ୍କାର ନକଲି ଔଷଧ ଜବତ କରିଥିବା ଜଣାପଡ଼ିଛି। ଓଡ଼ିଶାର ବରଗଡ଼ ଓ ଝାରସୁଗୁଡ଼ା ଜିଲାରୁ ମିଳିଥିବା ସମସ୍ତ ନକଲି ଔଷଧ ଉତ୍ତର ପ୍ରଦେଶରୁ ଆସିଥିବା ଜଣାପଡ଼ିଛି।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନାନୁସାରେ, ଉତ୍ତର ପ୍ରଦେଶ ଷ୍ଟେଟ ଟାସ୍କ ଫୋର୍ସ ବୁଲନ୍ଦସହରର ସିକନ୍ଦରାବାଦ ପୋଲିସ ଷ୍ଟେଶନ ଅନ୍ତର୍ଗତ ଅଶୋକ କୁମାରଙ୍କ ଘର ଉପରେ ଚଢ଼ାଉ କରିଥିଲା। ସେଠାରୁ ବିପୁଳ ପରିମାଣର ନକଲି ଔଷଧ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା। ପରେ ଅଶୋକଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ଲହତାରା ଥାନା ଅନ୍ତର୍ଗତ ଅନ୍ୟ ଏକ ଗୋଦାମ ଉପରେ ମଧ ଚଢ଼ାଉ କରାଯାଇଥିଲା। ସେଠାରୁ ବହୁ ପରିମାଣର ନକଲି ଔଷଧ ଓ ନଗଦ ଟଙ୍କା ମଧ ଜବତ ହୋଇଥିଲା। ଜବତ ହୋଇଥିବା ଔଷଧର ମୂଲ୍ୟ ପ୍ରାୟ ୭.୩୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ନଗଦ ଆକାରରେ ୪ ଲକ୍ଷ ଟଙ୍କା ଜବତ କରାଯାଇଛି। ଏହି ଚଢ଼ାଉ ପରେ ଏକ ବଡ଼ଧରଣର ନକଲି ଔଷଧ ରାକେଟର ପର୍ଦ୍ଦାଫାଶ କରିଛି। ସୂଚନାଯୋଗ୍ୟ, ଚଳିତବର୍ଷ ଫେବୃୟାରୀ ମଧଭାଗରେ ଆନ୍ତଃରାଜ୍ୟ ନକଲି ଔଷଧ ଅନୁସନ୍ଧାନ ପାଇଁ ଓଡ଼ିଶା ସରକାର ସ୍ୱତନ୍ତ୍ର ଟିମ୍ ଗଠନ କରି ଉତ୍ତରପ୍ରଦେଶ ପଠାଇଥିଲେ। ଏହି ତଦନ୍ତରେ ସହାୟତା ନିମନ୍ତେ ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶାଳିନୀ ପଣ୍ଡିତ ଉତ୍ତରପ୍ରଦେଶ ସରକାରଙ୍କ ସମ୍ପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଚିଠି ମାଧମରେ ଅନୁରୋଧ କରିଥିଲେ। ଓଡ଼ିଶା ଟିମ୍‌ଠାରୁ ପ୍ରାପ୍ତ ସୂଚନା ଭିତ୍ତିରେ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ଚଢ଼ାଉ, ଗିରଫ ଓ ପଚରାଉଚୁରା ଜାରି ରହିଛି। ରାଜ୍ୟ ସରକାର ପଠାଇଥିବା ସ୍ୱତନ୍ତ୍ର ଟିମ୍ ତାଙ୍କର ଅନୁସନ୍ଧାନ କାର୍ଯ୍ୟ ଚଳାଇ ରଖିଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଲିଙ୍ଗଗତ ଅସମାନତା ଉପରେ ଲଣ୍ଡନରେ ପିଜି କରୁଛନ୍ତି ଶ୍ୱେତରୂପା

## ଭାରତରୁ ଏକମାତ୍ର ଛାତ୍ରୀ ଭାବେ ସୁଯୋଗ ପାଇଛନ୍ତି




**ପାରାଦୀପ,୨।୩(ସ୍ୱ.ପ୍ର.):** ପାରାଦୀପ ପିପିଏଲ ଟାଉନଶିପରେ ରହୁଥିବା ମେଧାବୀ ଛାତ୍ରୀ ଶ୍ୱେତରୂପା ମିଶ୍ର ଏବେ ଲଣ୍ଡନର ସୋଆସ(ସ୍କୁଲ ଅଫ୍ ଓରିଏଣ୍ଟାଲ ଆଣ୍ଡ ଆଫ୍ରିକାନ୍ ଷ୍ଟଡିଜ) ବିଶ୍ୱବିଦ୍ୟାଳୟରେ ପିଜି କରୁଛନ୍ତି। ଲିଙ୍ଗଗତ ଅସମାନତା ଉପରେ ସେ ଭାରତର ଏକମାତ୍ର ଛାତ୍ରୀ ଭାବେ ଲଣ୍ଡନର ଏହି ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ସୁଯୋଗ ପାଇଛନ୍ତି ବୋଲି ବାପା ସତ୍ୟନାରାୟଣ ମିଶ୍ର କହିଛନ୍ତି। ଶ୍ୱେତରୂପାଙ୍କ ଏହି ସଫଳତା ସମ୍ପର୍କରେ ଇଫ୍‌କୋ କମ୍ପାନୀ ତା'ର ବାର୍ଷିକ ପତ୍ରିକାରେ ପ୍ରମୁଖ ଭାବେ ଖବର ପ୍ରକାଶ କରିଛି।

ସୂଚନାଯୋଗ୍ୟ, ଶ୍ୱେତରୂପା ପିପିଏଲ ଡିଏଭି ସ୍କୁଲରୁ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ ଦିଲ୍ଲୀର ଇନ୍ଦ୍ରପ୍ରସ୍ଥ ବିଶ୍ୱ ବିଦ୍ୟାଳୟରୁ ସ୍ନାତକ କରିଥିଲେ। ଦିଲ୍ଲୀରେ ଥିବାବେଳେ ସେ ଦୁଃଖୀ ଓ ଗରିବ ଲୋକଙ୍କ ସେବାରେ ନିୟୋଜିତ ଥିଲେ। ଏଥିସହ ତୃତୀୟ ଲିଙ୍ଗ (କିନ୍ନର)ସମ୍ପର୍କରେ ସଚେତନତା ସୃଷ୍ଟି କରୁଥିଲେ। ଆମେରିକା ମେକ୍ସିକୋର ଗ୍ଲୋବାଲ ସଂସ୍ଥା ଫେଡେରିକୋ ସାଲାସ ପ୍ରତିଯୋଗିତା ୨୦୨୧ରେ ସେ ଦ୍ୱିତୀୟ ସ୍ଥାନ ପାଇଥିଲେ। ଏମିତି ଅନେକ କୃତିତ୍ୱ ହାସଲ କରିବା ପରେ ଲଣ୍ଡନର ସୋଆସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶ୍ୱେତରୂପାଙ୍କୁ ପଢ଼ିବା ପାଇଁ ସୁଯୋଗ ମିଳିଛି। ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ତାଙ୍କୁ ଚୟନ କରାଯାଇଥିବା ବେଳେ ଏଥିପାଇଁ କୌଣସି ଫି' ଦେବାକୁ ପଡୁନାହିଁ ବୋଲି ବାପା ସତ୍ୟନାରାୟଣ କୁହନ୍ତି। ବାପା ଇଫ୍‌କୋ କମ୍ପାନୀର ପ୍ରଶାସନିକ ଅଧିକାରୀ ଥିବାବେଳେ ମା' ରୀନା ମହାପାତ୍ର ପିପିଏଲ୍ ଡିଏଭି ସ୍କୁଲର ବିଜ୍ଞାନ ବିଭାଗର ଅଧ୍ୟାପିକା। ତାଙ୍କ ପୈତୃକ ଗ୍ରାମ ଅନୁଗୋଳର ସଟରାଙ୍ଗ। ଆଗକୁ ଶ୍ୱେତରୂପା ମୂକ, ବଧିର ଭଳି ଭିନ୍ନକ୍ଷମ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ କରିବେ ବୋଲି କହିଛନ୍ତି।

# ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ୧୧ ଏମ୍‌ଓୟୁ ସ୍ୱାକ୍ଷରିତ

## ଶିକ୍ଷା କ୍ଷେତ୍ରକୁ ସଦୃଢ଼ କରିବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨।୩(ବ୍ୟୁରୋ)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ତାଙ୍କର ଅଷ୍ଟ୍ରେଲିଆ ପ୍ରତିପକ୍ଷ ଜେସନ କ୍ଲେର୍‌ଙ୍କ ମଧ୍ୟରେ ଗୁରୁବାର ନୂଆଦିଲ୍ଲୀଠାରେ ୧୧ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଉଭୟ ଦେଶ ମଧ୍ୟରେ ଗବେଷଣାକୁ ପ୍ରୋତ୍ସାହନ ଦେବା, ଶିକ୍ଷାନୁଷ୍ଠାନରେ ସହଯୋଗୀ ହେବା, ଶିକ୍ଷାକ୍ଷେତ୍ରରେ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିବା ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦେଶର କୃଷି କ୍ଷେତ୍ରରେ ଲୋକଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ଆଗାମୀ ଦେଢ଼ ବର୍ଷରେ ଅଷ୍ଟ୍ରେଲିଆ ସରକାର ୧.୮୯ ମିଲିୟନ ଡଲାର ଖର୍ଚ୍ଚ କରିବେ। ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ ସହ ଭାରତର ଶିକ୍ଷାନୁଷ୍ଠାନ ମିଳିତ ଭାବେ ନୂଆ ପାଠ୍ୟକ୍ରମ ତିଆରି କରିବା, ପ୍ରଶିକ୍ଷକ ସୃଷ୍ଟି କରିବା ଏବଂ ସେମାନଙ୍କ କ୍ଷମତା ବୃଦ୍ଧି କରିବା ଉପରେ ଯୋଜନା ପ୍ରସ୍ତୁତ ହେବ। ଅଷ୍ଟ୍ରେଲିଆ ଏବଂ ଭାରତରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଯୋଗ୍ୟତାକୁ ମାନ୍ୟତା ଦେବା ସହ କ୍ରିଟିକାଲ ସ୍କିଲ ପ୍ରୋଜେକ୍ଟ ଘୋଷଣା କରାଯାଇଛି। ଏହି ଦ୍ୱିପାକ୍ଷିକ ବୈଠକ ଉଭୟ ଦେଶର ପିଲାଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ନୂଆ ସୁଯୋଗ ଆଣିବ। ଉଭୟ ଦେଶର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଟାସ୍କଫୋର୍ସ ଗଠନ କରାଯାଇଛି। ଏହା ଦୁଇ ଦେଶରେ ଶିକ୍ଷା ଏବଂ ଦକ୍ଷତାର ଯୋଗ୍ୟତାକୁ ନେଇ ପାରସ୍ପରିକ ସ୍ୱୀକୃତି ପାଇଁ ଏକ ବିସ୍ତୃତ ଢାଞ୍ଚା ପ୍ରସ୍ତୁତ କରିଛନ୍ତି। ଏହି ଚୁକ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିବଦ୍ଧତାର ଅଂଶବିଶେଷ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଜୁନରେ ହେବାକୁ ଥିବା ଜି-୨୦ ଶିକ୍ଷା ବୈଠକ ଏବଂ ସେପ୍ଟେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ସପ୍ତମ ଏଆଇଇଏସଇସି ବୈଠକରେ ଯୋଗଦେବା ପାଇଁ ଅଷ୍ଟ୍ରେଲିଆ ଶିକ୍ଷାମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ନିମନ୍ତ୍ରଣ କରିଛନ୍ତି।



କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଜେସନ କ୍ଲେର୍‌ଙ୍କ ମଧ୍ୟରେ ଗୁରୁବାର ନୂଆଦିଲ୍ଲୀଠାରେ ୧୧ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି।

# ରାଞ୍ଚିରେ ଆର୍‌ଆଇଆଇଜି କନ୍‌ଫରେନ୍ସ ଉଦ୍‌ଘାଟିତ

ରାଞ୍ଚି,୨।୩

ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିରେ ଗୁରୁବାର 'ସ୍ଥାୟୀ ଉର୍ଜା ପାଇଁ ସାମଗ୍ରୀ' ବିଷୟବସ୍ତୁକୁ ନେଇ ରିସର୍ଚ୍ଚ ଆଣ୍ଡ ଇନୋଭେଶନ୍ ଇନିସିଏଟିଭ୍ ଗ୍ୟାଦରିଂ (ଆର୍‌ଆଇଆଇଜି) କନ୍‌ଫରେନ୍ସ ଉଦ୍‌ଘାଟିତ ହୋଇଯାଇଛି। ନୂଆଦିଲ୍ଲୀର କାଉନ୍‌ସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍‌ଆଇଆର୍) ପକ୍ଷରୁ ଏହି କନ୍‌ଫରେନ୍ସର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ୪୦ ଭାରତୀୟ ବିଶେଷଜ୍ଞଙ୍କ ସମେତ ଜି-୨୦ର ୧୬ ସଦସ୍ୟ ଦେଶ ଏବଂ ଅନ୍ତର୍ଜାତୀୟ ସଙ୍ଗଠନର ୨୧ ବିଦେଶୀ ପ୍ରତିନିଧି ଏଥିରେ ଭାଗ ନେଇଥିଲେ। ଭାରତ ସମେତ ଜି-୨୦ ସଦସ୍ୟ ଦେଶଗୁଡ଼ିକ ନିକଟରେ ବହୁ ଖଣିଜ ସମ୍ପଦ ଗଚ୍ଛିତ ହୋଇ ରହିଛି, ଯାହାର ବ୍ୟବହାର ଦ୍ୱାରା ଶକ୍ତି ଉତ୍ପାଦନ କରାଯାଇପାରିବ ବୋଲି ବିଜ୍ଞାନ ଓ ପ୍ରଦ୍ୟୋଗିକ ବିଭାଗ ସଚିବ ତଥା ଆର୍‌ଆଇଆଇଜି ଅଧକ୍ଷ ଡା. ଶ୍ରୀଭରି ଚନ୍ଦ୍ରଶେଖର କହିଛନ୍ତି। କନ୍‌ଫରେନ୍ସରେ ଇଣ୍ଡୋନେସିଆ ଓ ବ୍ରାଜିଲ ମଧ ଆର୍‌ଆଇଆଇଜି ବାବଦରେ ନିଜ ମତ ରଖିଥିଲେ। ଏହି ଅବସରରେ ଡିଏସ୍‌ଆଇଆର୍‌ର ସଚିବ ଏବଂ ସିଏସ୍‌ଆଇଆର୍‌ର ମହାସଚିବ ଡା. କଲଇସେଲ୍‌ଭି କହିଛନ୍ତି, ଭାରତ ଅଧକ୍ଷତାରେ ଚଳିତ ବର୍ଷ ଜି-୨୦ ସମ୍ମିଳନୀର ଥିମ୍ 'ବସୁଧୈବ କୁଟୁମ୍ବକମ୍' ଅଥାତ୍ 'ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ' ରହିଛି। ସ୍ଥାୟୀ ଶକ୍ତି ଉତ୍ପାଦନ କ୍ଷେତ୍ରରେ ସବୁ ଦେଶ ଏକାଠି କାର୍ଯ୍ୟ କରିବା ଆବଶ୍ୟକ। ଏହି ସମ୍ମିଳନୀ ପରେ ଆର୍‌ଆଇଆଇଜିକୁ ନେଇ ଆହୁରି ୩ଟି କାର୍ଯ୍ୟକ୍ରମ ଆସାମର ଡିବ୍ରୁଗଡ, ହିମାଚଳପ୍ରଦେଶର ଧର୍ମଶାଳା ଏବଂ ଡିଉ'ରେ ଅନୁଷ୍ଠିତ ହେବ।



ରିସର୍ଚ୍ଚ ଆଣ୍ଡ ଇନୋଭେଶନ୍ ଇନିସିଏଟିଭ୍ ଗ୍ୟାଦରିଂ କନ୍‌ଫରେନ୍ସରେ ଭାଗ ନେଇଥିବା ବିଦେଶୀ ପ୍ରତିନିଧି।

# ଆଇଟିଆଇ ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

ଉମରକୋଟ, ୨।୩(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର(ଆଇଟିଆଇ) ହଷ୍ଟେଲରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ରାଇଘର ବ୍ଲକ ସାଲେଭଟା ଗ୍ରାମର ନାଗେଶ୍ୱରୀ ଗଣ୍ଡ(୨୦)। ସେ ଆର୍ ଆଣ୍ଡ ସି ଟ୍ରେଡ୍‌ର ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ପୋଲିସ ସୂଚନାନୁଯାୟୀ, ସରକାରୀ ଆଇଟିଆଇ କଲେଜ ଭିତରେ ଥିବା ୨ ନମ୍ବର ରୁମ୍‌ରେ ନାଗେଶ୍ୱରୀ ଅନ୍ୟ ୨ ଛାତ୍ରୀଙ୍କ ସହ ରହୁନ୍ତି। ବୁଧବାର ରାତିରେ ୩ ଜଣ ଖାଇବାକୁ ମେସ୍‌କୁ ଆସିଥିଲେ। ତେବେ ନାଗେଶ୍ୱରୀ ପ୍ରଥମେ ଖାଇ ସାରି ହଷ୍ଟେଲ ରୁମ୍‌କୁ ଆସି ଭିତରୁ କବାଟ ଦେଇ ଦେଇଥିଲେ। ସାଙ୍ଗ ୨ଜଣ ଆସି କବାଟ ବାଡ଼େଇବା ପରେ ମଧ ସେ ନ ଖୋଲିବାରୁ ନାଗେଶ୍ୱରୀ ଶୋଇ ପଡ଼ିଥିବେ ଭାବି ସେମାନେ ଅନ୍ୟ ରୁମ୍‌ରେ ଯାଇ ଶୋଇପଡ଼ିଥିଲେ। ଖବରପାଇ ସକାଳୁ ହଷ୍ଟେଲ ମାଟ୍ରନ ଧନେଶ୍ୱରୀ ହାଲବା ଓ ହଷ୍ଟେଲ ଇନ୍‌ଚାର୍ଜ ଦୀପ୍ତିମୟୀ ସିହ୍ନାରୀ ଆସି କବାଟ ବାଡ଼େଇବା ପରେ ନାଗେଶ୍ୱରୀ ଖୋଲି ନ ଥିଲେ। ସେମାନେ ଝରକାରୁ ରୁମ୍ ଭିତରକୁ ଅନେଇବାରୁ ଫ୍ୟାନ୍‌ରେ ନାଗେଶ୍ୱରୀଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ।

## ତ୍ରିପୁରା, ନାଗାଲାଣ୍ଡରେ...

ପ୍ରଥମ ପୃଷ୍ଠାରୁ...

ଲେଖାଏ ଆସନ ରହିଛି। ଏହି ୩ ରାଜ୍ୟରେ ଫେବୃୟାରୀ ୧୬ରୁ ୨୭ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନାଗାଲାଣ୍ଡ ବିଧାନସଭାର ଅକୁଲୁଟୋ ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ଜିତିଥିବାରୁ ଅନ୍ୟ ୫୯ ଆସନରେ ଭୋଟ ଗ୍ରହଣ କରାଯାଇଥିଲା। ମେଘାଳୟରେ ମଧ ଗୋଟିଏ ଆସନରେ ନିର୍ବାଚନ ହୋଇନାହିଁ। ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ନିର୍ଦ୍ଦେଶନାମା ଅନୁସାରେ ସକାଳ ୮ଟାରେ ମୋଟ ୧୭୮ ଆସନରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ତ୍ରିପୁରାରେ ଶାସକ ଭାଜପାକୁ ୩୨ ଏବଂ ସହଯୋଗୀ ଆଇପିଏଫ୍‌ଟିକୁ ଗୋଟିଏ ଆସନରେ ସଫଳତା ମିଳିଛି। କଂଗ୍ରେସ ୩ ଆସନରେ ସୀମିତ ରହିଥିବାବେଳେ ଏହାର ମେଣ୍ଟ ସହଯୋଗୀ ଭାରତର ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ୧୧ ଆସନ ଦଖଲ କରିଛି। ରାଜପରିବାରର ସଦସ୍ୟ ପ୍ରଦ୍ୟୋତ ମାଣିକ୍ୟ ଦେବବର୍ମନଙ୍କ ନେତୃତ୍ୱାଧୀନ ଟିପ୍ରା ମୋଥା ପାର୍ଟି (ଟିଏମ୍‌ପି) ପ୍ରଥମ ଥର ନିର୍ବାଚନ ଲଢ଼ି ୧୩ ଆସନ ହାତେଇଛି। ଫଳରେ ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହ ପୁନର୍ବାର ମୁଖ୍ୟମନ୍ତ୍ରୀ ହେବା ପଥ ସୁଗମ ହୋଇଛି।

ନାଗାଲାଣ୍ଡରେ ଭାଜପା ଏବଂ ଏନ୍‌ଡିପିପି ମେଣ୍ଟ ପୁନର୍ବାର କ୍ଷମତାକୁ ଫେରିଛି। ଏନ୍‌ଡିପିପି ୨୫ ଆସନ ଦଖଲ କରିଥିବାବେଳେ ଭାଜପାକୁ ୧୨ ଆସନରେ ସଫଳତା ମିଳିଛି। ଶରଦ ପାଓ୍ୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ୭, ନ୍ୟାଶନାଲ ପିପୁଲ୍ସ ପାର୍ଟି ୫, ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆ (ଆଠୱଲେ) ୨, ନାଗା ପିପୁଲ୍ସ ଫ୍ରଣ୍ଟ ୨, ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ୨, ସଂଯୁକ୍ତ ଜନତା ଦଳ ୧ ଆସନରେ ବିଜୟୀ ହୋଇଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ୪ ଆସନ ହାତେଇଛନ୍ତି। ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ସହ ଶାସକ ମେଣ୍ଟ ପୁଣି ଥରେ ସରକାର ଗଠନ ପାଇଁ ସଜବାଜ ହେଲାଣି। ନାଗାଲାଣ୍ଡ ଷ୍ଟାଲ୍‌ୱାର୍ଟ ତଥା ରାଜ୍ୟରେ ସର୍ବାଧିକ ସମୟ ଶାସନ କରିଥିବା ନେଫିଉ ରିଓ ଲଗାତର ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ନାଗାଲାଣ୍ଡରେ ପୂର୍ବରୁ ୩ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ଏସ୍.ସି. ଜମିରଙ୍କ ରେକର୍ଡକୁ ନେଫିଉ ଭାଙ୍ଗିଛନ୍ତି। ସେ ନର୍ଦ୍ଦର୍ନ ଅଙ୍ଗାମି ୨ୟ ଆସନରେ କଂଗ୍ରେସର ସେୟିଏଭେଲିଏ ସଚୁଙ୍କୁ ହରାଇଛନ୍ତି। ନାଗାଲାଣ୍ଡ ବିଧାନସଭା ନିର୍ବାଚନ ମଇଦାନରେ ମୋଟ ୧୮୩ ପ୍ରାର୍ଥୀଙ୍କ ମଧ୍ୟରେ ୪ ଜଣ ମହିଳା ଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ବିଜୟୀ ହୋଇ ଇତିହାସ ରଚିଛନ୍ତି। ଆମେରିକାରେ ପାଠ ପଢ଼ିଥିବା ଆଇନଜୀବୀ ହେକାନି ଜଖାଲୁ ଏବଂ ସାମାଜିକ ସଲହୋଉତୁଓନୁଓ କ୍ରୁସେ ଏନ୍‌ଡିପିପିରୁ ପ୍ରାର୍ଥୀ ହୋଇଥିଲେ। ଦୀର୍ଘ ୬ ଦଶନ୍ଧି ପରେ ଦୁହେଁ ବିଧାୟିକା ନିର୍ବାଚିତ ହୋଇଥିବାରୁ ଉଭୟଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

ତେବେ ମେଘାଳୟରେ ତ୍ରିପୁରା ଓ ନାଗାଲାଣ୍ଡ ଭଳି କୌଣସି ଦଳ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନାହିଁ। ତେଣୁ ଏଠାରେ ଝୁଲା ସ୍ଥିତି ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗମାଙ୍କ ଏନ୍‌ପିପି ୨୪ ଆସନ ଜିତି ସବୁଠୁ ବଡ଼ ଦଳ ଭାବେ ଉଭା ହୋଇଛି। ୟୁନାଇଟେଡ୍ ଡେମୋକ୍ରାଟିକ୍ ପାର୍ଟି ୧୧, କଂଗ୍ରେସ ୫, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ୫, ଭଏସ୍ ଅଫ୍ ଦି ପିପୁଲ ପାର୍ଟି ୪, ଭାଜପା ୨, ହିଲ୍ ଷ୍ଟେଟ୍ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି ୨, ପିପୁଲ୍ସ ଡେମୋକ୍ରାଟିକ୍ ଫ୍ରଣ୍ଟ ୨ ଆସନରେ ସଫଳତା ପାଇଛି। ୨ ଜଣ ସ୍ୱାଧୀନ ପ୍ରାର୍ଥୀ ମଧ ଜିତିଛନ୍ତି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ସାଙ୍ଗମା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଫୋନ୍ କରି ଭାଜପାର ସମର୍ଥନ ଲୋଡ଼ିଛନ୍ତି। ସରକାର ଗଠନ ପାଇଁ ସେ ଅନ୍ୟ ଦଳଗୁଡ଼ିକ ସହ ମଧ ଆଲୋଚନା ଜାରି ରଖିଥିବା ସୂଚନା ଦେଇଛନ୍ତି।

## ସିଇସିଙ୍କୁ ନିଯୁକ୍ତି...

ସୁରକ୍ଷିତ କରିବା ଦ୍ୱାରା ନିର୍ବାଚନ ପ୍ରକ୍ରିୟାରେ ସାଧୁତା ସୁନିଶ୍ଚିତ ହୋଇପାରିବ। ବାସ୍ତବରେ ଏକ ନିରପେକ୍ଷ ନିର୍ବାଚନ କମିଶନ ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନାର ସାମ୍ବିଧାନିକ ଦାୟିତ୍ୱକୁ ପୂରଣ କରିପାରିବ ବୋଲି କଂଗ୍ରେସ ନେତା ଆନନ୍ଦ ଶର୍ମା ଟୁଇଟ୍ କରିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଗଣତନ୍ତ୍ରର ବିଜୟ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ରାୟ ସାଲିସଯୁକ୍ତ ନିର୍ବାଚନ କମିଶନକୁ ଅତ୍ୟନ୍ତ ସକ୍ଷମ ନିର୍ବାଚନ କମିଶନରେ ପରିଣତ କରିବ ବୋଲି ଟିଏମ୍‌ସି ଏମ୍ପି ଡେରେକ୍ ଓ'ବ୍ରିଏନ ମତ ଦେଇଛନ୍ତି। କିଏ ନିର୍ବାଚନ କମିଶନରେ ରହିବେ, ତାହା ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ ସିଜେଆଇ ନିଷ୍ପତ୍ତି ନେବେ। ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ରାଲି, ଯୋଜନା ଘୋଷଣା ଉପରେ ଧ୍ୟାନ ଦେଇ ଇସି ନିର୍ବାଚନ ତାରିଖ ଧାର୍ଯ୍ୟ କରୁଥିବାରୁ ଏହାର ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠିଥିଲା। ସୁପ୍ରିମକୋର୍ଟଙ୍କ ରାୟ ଗଣତନ୍ତ୍ରକୁ ସୁଦୃଢ଼ କରିବ ବୋଲି ଏଏପି ନେତା ସଞ୍ଜୟ ସିଂ କହିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ଶିବସେନା ନେତା ପ୍ରିୟଙ୍କା ଚତୁର୍ବେଦୀ ଐତିହାସିକ ବୋଲି କହିଛନ୍ତି।

ତେବେ ରାୟକୁ ନେଇ ବିଶେଷଜ୍ଞଙ୍କ ମଧ୍ୟରେ ଭିନ୍ନ ମତ ପ୍ରକାଶ ପାଇଛି। କେତେଜଣ ରାୟକୁ ସ୍ୱାଗତ କରିଥିବାବେଳେ କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା କାର୍ଯ୍ୟ ପରିସରରେ ସର୍ବୋଚ୍ଚ ଅଦାଲତ ପ୍ରବେଶ କରିବା ଉଚିତ ନୁହେଁ ବୋଲି ଅନ୍ୟମାନେ ମତ ଦେଇଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଫେବୃୟାରୀ ୧୪ରେ ନିର୍ବାଚନ କମିଶନ ଅନୁପ ଚନ୍ଦ୍ର ପାଣ୍ଡେ ଅବସର ନେବାକୁ ଥିବାରୁ ଗୋଟିଏ ପଦବୀ ଖାଲି ପଡ଼ିବ। ପୂର୍ବ ଦୁଇଟି ଲୋକ ସଭା ନିର୍ବାଚନ ପାଇଁ ମାର୍ଚ୍ଚରେ ତାରିଖ ଘୋଷଣା ହୋଇଥିଲା। ସିଇସି ଏବଂ ଇସି ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟଙ୍କ ରାୟକୁ ପୂର୍ବତନ ସିଇସି ଏସ୍.ୱାଇ. କୁରେଶୀ ଉତ୍କୃଷ୍ଟ ରାୟ ବୋଲି କହିଛନ୍ତି। ୨୦ ବର୍ଷ ହେଲା ନିର୍ବାଚନ କମିଶନ ଏଥିପାଇଁ ଦାବି କରିଆସୁଥିଲେ। କଲେଜିୟମ ବ୍ୟବସ୍ଥାରେ ସିଇସି ଏବଂ ଇସି ନିଯୁକ୍ତି ଲାଗି ବିଦାୟୀ ସିଇସିମାନେ ଏକାଧିକ ଥର ଲେଖିଥିଲେ ବୋଲି କୁରେଶୀ କହିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ କେନ୍ଦ୍ର ଆଇନ ସଚିବ ପି.କେ. ମାଲହୋତ୍ରା କହିଛନ୍ତି, ଏହି ରାୟ ଜରିଆରେ ସର୍ବୋଚ୍ଚ ଅଦାଲତ ଆଇନ ପ୍ରଣୟନ କଲା ଭଳି ଅନୁଭବ ହେଉଛି। ଆଇନ ପ୍ରଣୟନ କରିବା ପାର୍ଲାମେଣ୍ଟର କାମ ବୋଲି ସେ କହିଛନ୍ତି। ଲୋକ ସଭାର ପୂର୍ବତନ ମହାସଚିବ ତଥା ସମ୍ବିଧାନ ବିଶାରଦ ପି.ଡି.ଟି. ଆଚାରୀ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି। ଏପର୍ଯ୍ୟନ୍ତ ଅନ୍ୟମାନଙ୍କ ବିନା ପରାମର୍ଶରେ କେନ୍ଦ୍ର ସରକାର ନିର୍ବାଚନ କମିଶନ ସଦସ୍ୟମାନଙ୍କୁ ନିଯୁକ୍ତି ଦେଇ ଆସୁଥିଲେ। ଏବେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ବ୍ୟବସ୍ଥାପିକା ଏବଂ ନ୍ୟାୟପାଳିକା ସାମିଲ ହୋଇପାରିବେ, ଯାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

## ଫେବୃୟାରୀରେ ଓଡ଼ିଶାର...

ଭାଟ୍ ରାଜସ୍ୱ କ୍ଷେତ୍ରରେ ମଧ ୨୬.୩୦ ପ୍ରତିଶତ ଅଭିବୃଦ୍ଧି ଘଟିଛି। ୨୦୨୨ ଫେବୃୟାରୀରେ ପେଟ୍ରୋଲ ଓ ମଦରୁ ୮୩୫.୫୨ କୋଟି ଟଙ୍କା ଭାଟ୍ ରାଜସ୍ୱ ଆଦାୟ ହୋଇଥିବାବେଳେ ଚଳିତ ବର୍ଷ ଫେବୃୟାରୀରେ ୧୦୫୫.୨୭ କୋଟି ଟଙ୍କା ମିଳିଛି। ଅଧିକରୁ ଅଧିକ ଟିକସଦାତାଙ୍କୁ ଜିଏସ୍‌ଟି ପରିସରଭୁକ୍ତ କରିବା ପାଇଁ ଜିଏସ୍‌ଟି କମିଶନରେଟ୍ ତରଫରୁ ପ୍ରୟାସ ଜାରି ରହିଛି। ଚଳିତ ଆର୍ଥିକ ବର୍ଷ ଫେବୃୟାରୀ ସୁଦ୍ଧା ୪୬୦୯୦ ଜଣ ଟିକସଦାତା ଜିଏସ୍‌ଟି ପରିସରଭୁକ୍ତ ହୋଇଛନ୍ତି। ଏହି ସମୟ ମଧ୍ୟରେ ଇ-ୱେବିଲ୍ ନିର୍ଗମନ କ୍ଷେତ୍ରରେ ମଧ ୨୦.୭୨ ପ୍ରତିଶତ ଅଭିବୃଦ୍ଧି ଘଟିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅନ୍ୟ କାହାର କଥା ଶୁଣି ଅଯଥା ବ୍ୟସ୍ତବିବ୍ରତ ହୁଅନ୍ତୁ ନାହିଁ। ବନ୍ଧୁଙ୍କ ଦୁଃଖଦ ପରିସ୍ଥିତି ପାଇଁ ମନ ଛଟପଟ ହୋଇପାରେ। ସତର୍କତା ଅଭାବରୁ ହାତମୁଠାରୁ ସୁଯୋଗ ଖସିଯିବାର ଆଶଙ୍କା ରହିଛି। କେତେକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡିପାରେ।

**ବୃଷ** ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ଚେଷ୍ଟା କରୁଥିବା କାର୍ଯ୍ୟହାନି କାରଣରୁ ମନରେ ସରସତା ରହିବ ନାହିଁ। ସ୍ନାୟବିକ ଦୁର୍ବଳତା ଅନୁଭବ କାରଣରୁ ଅନ୍ୟମାନଙ୍କ ଦ୍ୱାରା କାର୍ଯ୍ୟ ହାସଲ କରିବେ।

**ମିଥୁନ** କାର୍ଯ୍ୟ ହାସଲ ସକାଶେ ପର ଉପରେ ନିର୍ଭର କରି ଚିନ୍ତାଶୀଳ ହେବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। କାର୍ଯ୍ୟବ୍ୟସ୍ତତା କାରଣରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିପାରନ୍ତି।

**କର୍କଟ** ଆଶା ଅପୂରଣ ରହିବା କାରଣରୁ ଭାବପ୍ରବଣତା ବୃଦ୍ଧି ପାଇବ। ଭୁଲ୍ ବୁଝାମଣାବଶତଃ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରନ୍ତି। ବନ୍ଧୁମାନଙ୍କ ଉପରେ ଭରସାକରି ଆଜି କୌଣସି କାମ କରିପାରିବେ ନାହିଁ।

**ସିଂହ** ଅଯଥା ଚିନ୍ତା ନ କରି ଏହି ସମୟର ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କରିବା ଭଲ ହେବ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। କଠିନଶ୍ରମ ଓ ବିଶେଷ ଭ୍ରମଣଜନିତ ସାମାନ୍ୟ ଶାରୀରିକ କଷ୍ଟ ଅନୁଭବ କରିପାରନ୍ତି। ସାମାଜିକ ସ୍ତରରେ କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**କନ୍ୟା** ଆଜି ବନ୍ଧୁମାନଙ୍କ ସହ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମତାନ୍ତର କାରଣରୁ ପାରିବାରିକ ସ୍ତରରେ ଦୁର୍ଭାବନା ବଢି ବଢି ଚାଲିବ। ଏଣେ ବାରମ୍ବାର ଧୋକା ଖାଇ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ।

**ତୁଳା** ଯୁକ୍ତିତର୍କଜନିତ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଅପରାହ୍ନରେ ମୁଖଦନ୍ତ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ। ଆବଶ୍ୟକତା ଭରଣା କରିବା ସକାଶେ ଧାର ସୂତ୍ରରେ ଅର୍ଥ ପାଇବେ।

**ବିଛା** କଠିନ ଶ୍ରମ ପରିପ୍ରେକ୍ଷୀରେ ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ। ସ୍ୱାର୍ଥସାଧନ ନୈରାଶ୍ୟରେ ଆତ୍ମୀୟମାନେ କ୍ରମଶଃ ଦୂରେଇ ଯିବେ। ପାରିବାରିକ ଅସ୍ଥିରତା କାରଣରୁ ସାୟାହ୍ନେ ମନ ଭଲ ରହିବ ନାହିଁ। ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ଧନୁ** ବନ୍ଧୁମିଳନରେ ଅପ୍ରିୟ ସତ୍ୟ ଭାଷଣଜନିତ ଅନ୍ୟମାନଙ୍କର ଚକ୍ଷୁଶୂଳ ହେବେ। କୌଣସି ଆଗନ୍ତୁକଙ୍କ ସହ ତର୍କଜନିତ ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ। ପାରିବାରିକ ସ୍ତରରେ ସ୍ତ୍ରୀଙ୍କ ଚିଡା ସ୍ୱଭାବ ପାଇଁ କ୍ଷୁବ୍ଧ ହେବେ। ସହକର୍ମୀ ଲଘୁକ୍ରୋଧ ପ୍ରକାଶ କଲେ ମଧ ପରିଶେଷରେ ମଧ କାମଟି କରିଦେବେ।

**ମକର** ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ବ୍ୟସ୍ତତା ମଧ୍ୟରେ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଜନହିତକର କାର୍ଯ୍ୟରେ ସହଯୋଗ କରିପାରନ୍ତି।

**କୁମ୍ଭ** ଅତୀତକୁ ଧରିବସିଲେ ଏହି ସମୟର ସୁବିଧା, ସୁଯୋଗକୁ ହରାଇବାକୁ ପଡିବ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଖୁସି ଅନୁଭବ କରିପାରନ୍ତି।

**ମୀନ** ଦେହ ଭଲ ରହିଲେ ମଧ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ଆଜିର ପରିବାରର ଖର୍ଚ୍ଚ ପରିମାଣ ଦୁଇଗୁଣା ହୋଇପାରେ।

ଆଜି ଫାଲଗୁନ ଶୁକ୍ଳପକ୍ଷର ସର୍ବସମ୍ମତ ଆମଳକୀ ଏକାଦଶୀ, ଶୁକ୍ରବାର, ମାର୍ଚ୍ଚ-୩ ତାରିଖ, ରାଷ୍ଟ୍ରୀୟ ପ୍ରତିରକ୍ଷା ଦିବସ, ବିଶ୍ୱ ବନ୍ୟପ୍ରାଣୀ ଦିବସ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ, ଗୃହପ୍ରବେଶ, ବିଦ୍ୟାରମ୍ଭ ଦେବତାଗଠନ ପାଇଁ ଶୁଭଦିନ। ରାଶି ନକ୍ଷତ୍ର-ଦିବା ଘ.୦୮।୫୮ମି. ଗତେ, ପୁନର୍ବସୁ /କର୍କଟ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୮ମି ଗତେ ଘ.୦୬।୫୫ମି. ମଧ୍ୟେ, ଘ.୦୭।୪୨ମି. ଗତେ ଘ.୦୯।୦୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୩୮ମି. ଗତେ, ଘ.୧୧।୫୫ମି. ମଧ୍ୟେ ରାହୁ କାଳ।

**ଦମ୍ପତିଙ୍କ ଗଳାକାଟି ହତ୍ୟା ଘଟଣା, ୩ ଅଟକ**

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସବିରା ପଞ୍ଚାୟତର ମୁନିସବିରା ଗ୍ରାମରେ ରଘୁନାଥ ବେହେରା (୩୫) ଓ ତାଙ୍କ ସ୍ତ୍ରୀ ପ୍ରଭାତୀ ବେହେରା (୩୦)ଙ୍କ ଗଳାକାଟି ହତ୍ୟା ଘଟଣାରେ ପୋଲିସ ସନ୍ଦେହରେ ୩ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଏନେଇ ସୋର ଥାନାରେ ଏକ ମାମଲା (ନଂ. ୧୩୧/୨୩) ରୁଜୁ କରାଯାଇଛି। ଗୁରୁବାର ସୋର ଥାନା ଅଧିକାରିଣୀ ସୁଜାତା ଖମାର ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ରଘୁନାଥ ଓ ସ୍ତ୍ରୀ କୁକୁଡ଼ା ଫାର୍ମ କରି ଜୀବିକା ନିର୍ବାହ କରନ୍ତି। ପ୍ରତିଦିନ ରାତିରେ ଫାର୍ମରେ ଶୋଇଥାନ୍ତି। ବୁଧବାର ରାତିରେ ସେମାନଙ୍କୁ ହତ୍ୟା କରାଯିବା ଘଟଣାକୁ ସ୍ଥାନୀୟ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି।



# ‘ଗୁଣାତ୍ମକ ସେବାକୁ ଗୁରୁତ୍ୱାରୋପ’

ମନୀଷ ଅଗ୍ରୱାଲ



**ମ୍ୟାନେଜ୍‌ମେଣ୍ଟ ପାଠପଢ଼ା ସାରି ବାପା ସୁରେଶ ଚନ୍ଦ୍ର ଅଗ୍ରୱାଲଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ୟବସାୟକୁ ସମ୍ଭାଳିବା ସହ ଉକ୍ତ ବ୍ୟବସାୟକୁ ଠିକ୍‌ଭାବେ ଚଳାଇ ଅନେକ ସଫଳତା ହାସଲ କରିଛନ୍ତି। ବିଶେଷକରି ରାଜ୍ୟର ପ୍ରମୁଖ ଆଉଟ୍‌ଡୋର ବିଜ୍ଞାପନ ସଂସ୍ଥା ‘ଅଜନ୍ତା ଆଡ୍‌ଭର୍ଟାଇଜର୍ସ’କୁ ଲୋକାଭିମୁଖୀ କରିବାରେ ତାଙ୍କର ଭୂମିକା ଅତୁଳନୀୟ। ଏପରିକି ବହୁ ଘାତ ପ୍ରତିଘାତ ପରେ ମଧ୍ୟ ସେ ବ୍ୟବସାୟକୁ ଏକ ଶିଖରରେ ପହଞ୍ଚାଇ ପାରିଛନ୍ତି। ସେହି ସଫଳ ବ୍ୟବସାୟୀ ତଥା ଅଜନ୍ତା ଆଡ୍‌ଭର୍ଟାଇଜର୍ସର ମନୀଷ ଅଗ୍ରୱାଲଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା...**

**ପ୍ର-୧: ଅଜନ୍ତା ଆଡ୍‌ଭର୍ଟାଇଜର୍ସର ଯାତ୍ରା କିଭଳି ରହିଛି?**

ଉ- ଅଜନ୍ତା ଆଡ୍‌ଭର୍ଟାଇଜର୍ସର ଯାତ୍ରାରେ ଅନେକ ସ୍ମୃତି ଅବିସ୍ମରଣୀୟ। କାରଣ ମୋ ବାପା ସ୍ୱର୍ଗତ ସୁରେଶ ଚନ୍ଦ୍ର ଅଗ୍ରୱାଲଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରତିଷ୍ଠାନ ଦୀର୍ଘ ୪୦ବର୍ଷରୁ ଅଧିକ ସମୟ ହେବ ସାରା ରାଜ୍ୟରେ ଗୁଣାତ୍ମକ ସେବା ଯୋଗାଇ ଆସୁଛି। ସମୟକ୍ରମେ ବିଂଶ ଶତାବ୍ଦୀରେ ମୁଁ ମୋ ବାପାଙ୍କ କାନ୍ଧରେ କାନ୍ଧ ମିଳାଇ ସଂସ୍ଥାର ଉନ୍ନତି ପାଇଁ କଠିନ ପରିଶ୍ରମ ଓ ଉତ୍ତମ ସେବା ଦେଇଆସୁଛି। ଫଳରେ ସଂସ୍ଥା ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ସହ ଲୋକପ୍ରିୟତା ହାସଲ କରିପାରିଛି।

**ପ୍ର-୨ : ବର୍ତ୍ତମାନ ସମୟରେ ଆଉଟ୍‌ଡୋର ବିଜ୍ଞାପନର ଚାହିଦା କିଭଳି ରହିଛି ?**

ଉ- ଆଉଟ୍‌ଡୋର ବିଜ୍ଞାପନର ଚାହିଦା ସବୁବେଳେ ଭଲ ରହିଛି। ସଂସ୍ଥାର କାର୍ଯ୍ୟଶୈଳୀ ଓ ସେବାକୁ ନେଇ ଗ୍ରାହକଙ୍କ ଚାହିଦା ମଧ୍ୟ ସେହି ଅନୁସାରେ ବଢ଼ିଛି। ଏପରିକି ଆଉଟ୍‌ଡୋର ବିଜ୍ଞାପନ ସେବା ବେଶ୍ ଆଖିଦୃଶିଆ ଓ ପ୍ରଭାବୀ ହୋଇପାରିଛି। ସେଥିପାଇଁ ସବୁ ବର୍ଗର ଗ୍ରାହକ ଆଉଟ୍‌ଡୋର ବିଜ୍ଞାପନକୁ ଅଧିକ ପସନ୍ଦ କରିଥାଆନ୍ତି।

**ପ୍ର-୩: ପ୍ରତିଯୋଗିତାମୂଳକ ବ୍ୟବସାୟରେ ପ୍ରତିପକ୍ଷଙ୍କୁ କିଭଳି ସାମ୍ନା କରିଥାଆନ୍ତି?**

ଉ- ପ୍ରତିଟି ବ୍ୟବସାୟରେ ପ୍ରତିଯୋଗିତା ଥାଏ, ସେହିଭଳି ଆମ ବ୍ୟବସାୟରେ ମଧ୍ୟ ରହିଛି। ବିଶେଷକରି ଆମେ ଗ୍ରାହକଙ୍କୁ ନୂତନ ପ୍ରକାର ଆଡ୍‌ଭର୍ଟାଇଜିଂ ବୋର୍ଡ ସହ ଉତ୍ତମ ସେବା ଯୋଗାଇ ଦେଇଥାଉ। ସେହିଭଳି ଗ୍ରାହକଙ୍କୁ ଗୁଣାତ୍ମକ ସେବା ଯୋଗାଇବା ସହ ସ୍ୱଚ୍ଛତା ଏବଂ ସମୟାନୁବର୍ତ୍ତିତାକୁ ବେଶ୍ ଗୁରୁତ୍ୱ ଦେଇ କାର୍ଯ୍ୟ କରିଥାଉ। ଫଳରେ ଗ୍ରାହକକୈନ୍ଦ୍ରିକ ସେବା ପାଇଁ ସଂସ୍ଥା ସବୁସ୍ତରରେ ସୁନାମ ଅର୍ଜନ କରିପାରୁଛି।

**ପ୍ର-୪: ବ୍ୟବସାୟ ସମ୍ପ୍ରସାରଣର ଯୋଜନା ରହିଛି କି ?**

ଉ- ଚଳିତବର୍ଷ ବ୍ୟବସାୟ ସମ୍ପ୍ରସାରଣର ଯୋଜନା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ନ ଥିଲେ ମଧ୍ୟ ଆମେ ଆଉଟ୍‌ଡୋର ବ୍ୟବସାୟ ସହ ଡିଜିଟାଲ ପ୍ଲାଟ୍‌ଫର୍ମରେ ମଧ୍ୟ ପାଦଦେବକୁ ଯାଉଛୁ।

**ପ୍ର-୫: ଆଉଟ୍‌ଡୋର ବିଜ୍ଞାପନ ଗ୍ରାହକଙ୍କୁ କିଭଳି ଆକୃଷ୍ଟ କରିଥାଏ?**

ଉ- ବିଜ୍ଞାପନ ବିଶେଷକରି ବ୍ୟବସାୟ କିମ୍ବା ସୂଚନାର ପ୍ରଚାରପ୍ରସାର କରିବାକୁ ବିଭିନ୍ନ ବିଜ୍ଞାପନଭିତ୍ତିକ ସଂସ୍ଥାକୁ ଦିଆଯାଇଥାଏ। ଆଉଟ୍‌ଡୋର ବିଜ୍ଞାପନ ଗ୍ରାହକଙ୍କର ଆବଶ୍ୟକତା ଅଧିକ ମାତ୍ରାରେ ପୂରଣ କରିଥାଏ। କାରଣ ଆଉଟ୍‌ଡୋର ବିଜ୍ଞାପନ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ମଧ୍ୟରେ ସୀମିତ ଥାଇ ଅଧିକ ଗ୍ରାହକଙ୍କୁ ଆକୃଷ୍ଟ କରିପାରେ। କାରଣ ବିଜ୍ଞାପନଦାତାଙ୍କ କ୍ଷେତ୍ର ମଧ୍ୟରେ ଉକ୍ତ ବିଜ୍ଞାପନ ପ୍ରଚାର ପ୍ରସାର ସହ ଗ୍ରାହକଙ୍କ ନଜରରେ ଅନେକଥର ପଡ଼ିଥାଏ। ଫଳରେ ଆଗ୍ରହୀ ଗ୍ରାହକ ଉକ୍ତ ବ୍ୟବସାୟ ସହ ଜଡ଼ିତ ହୋଇପାରିଥା’ନ୍ତି।

**ପ୍ର-୬: ଜଣେ ସଫଳ ବ୍ୟବସାୟୀ ଭାବେ ଯୁବବର୍ଗଙ୍କ ପାଇଁ କ’ଣ କହିବେ?**

ଉ- ବ୍ୟବସାୟ ପାଇଁ ଶିକ୍ଷା ଯେତିକି ଆବଶ୍ୟକ, ସେହି ପରିମାଣର ସାଧୁତା, ପ୍ରତିଶ୍ରୁତିବଦ୍ଧତା, ଧୈର୍ଯ୍ୟ ଏବଂ ପରିଶ୍ରମର ଆବଶ୍ୟକତା ରହିଛି। ଏପରିକି ପରିଶ୍ରମ କଲେ ସଫଳତା ସାଙ୍ଗକୁ ପରିଚୟ ମିଳିଥାଏ। ସେଥିପାଇଁ ବର୍ତ୍ତମାନର ଯୁବସମାଜ ନିଜ ଦକ୍ଷତାର ବିକାଶ ପାଇଁ ଠିକ୍ ଦିଗ ନିର୍ଣ୍ଣୟକରି ଶିଖିବା ଆବଶ୍ୟକ। ବିଶେଷକରି ଦିଗ ନିର୍ଣ୍ଣୟ କରିପାରିଲେ କ୍ଷେତ୍ର ମଧ୍ୟ ଆପେ ଆପେ ପ୍ରସ୍ତୁତ ହୋଇଯିବ। କାରଣ ବ୍ୟବସାୟ ପାଇଁ ସରକାର, ଅର୍ଥ ଯୋଗାଣକାରୀ ସଂସ୍ଥା ଏବଂ ବ୍ୟାଙ୍କ ସହଯୋଗ କରିବାକୁ ପ୍ରସ୍ତୁତ ଅଛନ୍ତି।

**ପ୍ର-୭ : ଅବସର ସମୟରେ କ’ଣ କରିବାକୁ ଭଲପାଆନ୍ତି?**

ଉ- ବ୍ୟବସାୟ ସାଙ୍ଗକୁ ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଅବସର ପାଇଁ ସମୟ ମିଳି ନ ଥାଏ। ହେଲେ ତାହାରି ମଧ୍ୟରୁ ଯେଉଁ କିଛି ସମୟ ମିଳେ, ସେହି ସମୟ ପରିବାର ସହ କାଟିବା ଏବଂ ବନ୍ଧୁ ପରିଜନଙ୍କ ସହ ବିଭିନ୍ନ ବିଷୟରେ ଚର୍ଚ୍ଚା ଓ ଆଲୋଚନାରେ ବିତିଯାଇଥାଏ। ବିଶେଷ ସମୟରେ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଭଲ ଲାଗେ

**ପ୍ର-୮ : ବ୍ୟବସାୟରେ ଆଦର୍ଶ ବୋଲି କାହାକୁ ମାନିଥାନ୍ତି?**

ଉ- ମୁଁ ମୋ ବାପା ମାଆଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମ ପାରିବାରିକ ବ୍ୟବସାୟରେ ପ୍ରବେଶ କରିଥିଲି। ବାପାଙ୍କ ନୀତିନିୟମ ଓ ବ୍ୟବସାୟର କଳାକୌଶଳ ଗ୍ରହଣକରି ଆଗକୁ ବଢୁଛି। ବିଶେଷକରି ଭଗବାନଙ୍କ ଆଶୀର୍ବାଦ ବାପାମାଆଙ୍କ ଆଦର୍ଶ ଓ ପ୍ରେରଣା ଏବଂ ପରିବାର ସଦସ୍ୟଙ୍କ ସହଯୋଗରୁ ଆଜି ମୁଁ ଜଣେ ଜଣାଶୁଣା ବ୍ୟବସାୟୀ ଭାବେ ପରିଚିତ ହୋଇପାରିଛି।




# ଓଡ଼ିଶା କୋହିନୁର ପ୍ରେସ୍ ପଞ୍ଜିକାର ସ୍ୱତନ୍ତ୍ର ସଂସ୍କରଣ ଲୋକାର୍ପିତ



**ଭୁବନେଶ୍ୱର, ୨।୩(ବ୍ୟୁରୋ):** ଓଡ଼ିଶା କୋହିନୁର ପ୍ରେସ୍ ପଞ୍ଜିକାର ସ୍ୱତନ୍ତ୍ର ୮୮ତମ ସଂସ୍କରଣର ଲୋକାର୍ପଣ ତଥା ପ୍ରାକ୍ ଦଶନ୍ଧି ଶତାବ୍ଦୀ ମହୋତ୍ସବର ଉଦ୍‌ଘାଟନ ଗୁରୁବାର ରାଜ୍ୟପାଳଙ୍କ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ରାଜଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଲେ, ବିଶ୍ୱ ବ୍ରହ୍ମାଣ୍ଡ ମଧ୍ୟରେ ପୃଥିବୀ ଏକ କଣିକା ସଦୃଶ। ଏଥିରେ ବସବାସ କରୁଥିବା ସମସ୍ତ ସୃଷ୍ଟି ଯଥା ଜୀବଜଗତଠାରୁ ଆରମ୍ଭ କରି ଜଡ଼ଜଗତ ଓ ଭୌଗୋଳିକ ସୃଷ୍ଟି ସବୁକୁ ମାନବ ଦ୍ରୁତ ଗତିରେ ଧ୍ୱଂସ ଆଡ଼କୁ ନେଇ ଯାଉଛି। ଏହାକୁ ରକ୍ଷା କରିବାର ଗୁରୁଦାୟିତ୍ୱ ବର୍ତ୍ତମାନର ମାନବସମାଜ ଉପରେ ରହିଥିବାବେଳେ ପଞ୍ଜିକା ଏ ଦିଗରେ ସେମାନଙ୍କୁ ସଚେତନ କରାଇଥାଏ ବୋଲି ରାଜ୍ୟପାଳ କହିଥିଲେ। ଚିନ୍ତା ଓ ଚେତନାର ରାଷ୍ଟ୍ରୀୟ ମହାସଚିବ ତଥା ଅଭ୍ୟର୍ଥନା କମିଟିର ସମ୍ପାଦକ ସୁରେନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପଞ୍ଜିକାର ସମ୍ପାଦକ ଡ. ଶେଖ ଜହରୁଲ ଇସଲାମ, ଶଶିଭୂଷଣ ବେହେରା, ସହଦେବ ସାହୁ, ପଣ୍ଡିତ କୃଷ୍ଣପ୍ରସାଦ ମହାପାତ୍ର ଖଡିରତ୍ନ, କୀର୍ତ୍ତି ପ୍ରସାଦ ଖଡିରତ୍ନ ଶ୍ରୀ ସତ୍ୟବ୍ରତ ମହାନ୍ତି, ପଣ୍ଡିତ ହିମାଂଶୁ ଶେଖର ଆଚାର୍ଯ୍ୟ, ଡ. ପ୍ରଦୀପ କୁମାର ଚୌଧୁରୀ, କବି ରକ୍ଷକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍ତର-ପୂର୍ବରେ ଭାଜପା ସୂର୍ଯ୍ୟୋଦୟ

## ଡିଲ୍ ମେକର ହିମନ୍ତ ବିଶ୍ୱଶର୍ମା

**କୋଲକାତା/ଅଗରତାଲା, ୨।୩(ପି.ଟି.)**

ଯେଉଁ ବ୍ୟକ୍ତି ଅନେକ ମେଣ୍ଟକୁ ଏକାଠି ଯୋଡ଼ିଥିଲେ ସିଏ ଆଜି ଉତ୍ତର-ପୂର୍ବାଞ୍ଚଳରେ ଭାଜପାର ସୂର୍ଯ୍ୟୋଦୟ ପାଇଁ ସମାନ ଗୋଟି ଚଳାଇଛନ୍ତି। ନର୍ଥ-ଇଷ୍ଟରେ ଭାଜପାର ପୋଷ୍ଟର ବୟ ତଥା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବେ ନିଜ ପାର୍ଟିର ଡିଲ୍ ମେକର ଭାବେ ଉଭା ହୋଇଛନ୍ତି। ସେ ନିର୍ବାଚନ ପାଇଁ ଫେବୃୟାରୀରେ ପ୍ରାୟ ପ୍ରତିଦିନ ତ୍ରିପୁରା, ନାଗାଲାଣ୍ଡ ଓ ମେଘାଳୟକୁ ହେଲିକପ୍ଟରରେ ଯାଇ ସବୁ କଥା ବୁଝୁଥିଲେ। ପୂର୍ବରୁ ଏନ୍‌ଡିପିପି ଅଧ୍ୟକ୍ଷ ନେଫିଉ ରିଓଙ୍କୁ ମାଓବାଦ ପ୍ରଭାବିତ ନାଗାଲାଣ୍ଡରେ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ କରାଇବା ହେଉ କି ତ୍ରିପୁରାରେ ମାନିକ ଶାହଙ୍କୁ କ୍ଷମତାର ଚାବିକାଠି ଧରାଇବା ସବୁଥିରେ ମୁଖ୍ୟ କାର୍ପଟଦାର ଥିଲେ ହିମନ୍ତ ବିଶ୍ୱଶର୍ମା। ମେଘାଳୟରେ ସଦ୍ୟ ଅନୁଷ୍ଠିତ ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗମାଙ୍କ ନେତୃତ୍ୱାଧୀନ ଏନ୍‌ପିପି ଭାଜପା ସହ ମେଣ୍ଟରୁ ଓହରିଯାଇଥିଲା। ତାଙ୍କୁ ପୁଣି ବୁଝାଶୁଝା କରି ଟେବୁଲକୁ ଫେରାଇ ଆଣିବା ବିଶ୍ୱଶର୍ମାଙ୍କ ବିଚକ୍ଷଣତାର ପରିଚୟ ଦେଇଛି।






# ୨ ଦଶନ୍ଧି ମଧ୍ୟରେ ସ୍ୱାସ୍ଥ୍ୟସେବାରେ ମିଳିଛି ଅଭୂତପୂର୍ବ ସଫଳତା

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

## ସ୍ୱାସ୍ଥ୍ୟ ବଜେଟ ସମ୍ପର୍କିତ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୁରୁବାର ୨୦୨୩-୨୪ ବର୍ଷର ସ୍ୱାସ୍ଥ୍ୟ ବଜେଟ ସମ୍ପର୍କରେ ସୂଚନା ଦେଇଛନ୍ତି। ଗତ ୨ଦଶନ୍ଧି ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ମାର୍ଗଦର୍ଶନରେ ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଭୂତପୂର୍ବ ସଫଳତା ପରିଲକ୍ଷିତ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି। ୨୦୦୦ ମସିହାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟର ବିଭିନ୍ନ ସୂଚକାଙ୍କ ବହୁ ନିମ୍ନରେ ଥିବା ସ୍ଥଳେ ସମ୍ପ୍ରତି ଦେଶରେ ସଫଳ ରାଜ୍ୟ ଭାବେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ସର୍ଭେ ରିପୋର୍ଟ ଅନୁସାରେ ୨୦୦୫ରୁ ୨୦୨୦ ମଧ୍ୟରେ ଓଡ଼ିଶାର ଶିଶୁ ମୃତ୍ୟୁହାର ଅନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ ହ୍ରାସ ଘଟିଥିବାବେଳେ ୨୦୧୫-୧୭ ଠାରୁ ୨୦୧୮-୨୦ ମଧ୍ୟରେ ମାତୃ ମୃତ୍ୟୁହାର କମାଇବାରେ ଓଡ଼ିଶା ୨ୟ ସ୍ଥାନରେ ଅଛି। ସେହିପରି ୫ମ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଦେଶରେ ସର୍ବକାଳୀନ ଟିକାଦାନ କାର୍ଯ୍ୟକ୍ରମ ୯୦.୫% ଲକ୍ଷ୍ୟ ହାସଲ କରି ଓଡ଼ିଶା ସର୍ବୋଚ୍ଚ ସ୍ଥାନରେ ରହିଛି। ମ୍ୟାଲେରିଆ ନିୟନ୍ତ୍ରଣ କ୍ଷେତ୍ରରେ ରୋଗୀ ସଂଖ୍ୟା ୯୪% କମାଇ ଆମେ ଦେଶରେ ୧ମ ସ୍ଥାନରେ ଥିବାବେଳେ ଯକ୍ଷ୍ମା ନିୟନ୍ତ୍ରଣରେ ୨ୟ ସ୍ଥାନ ହାସଲ କରିଛୁ। ୯୨.୨% ଗର୍ଭବତୀ ମହିଳାଙ୍କ ପ୍ରସବ ଡାକ୍ତରଖାନାରେ କରାଯାଇପାରିଛି। କୋଭିଡ୍ ନିୟନ୍ତ୍ରଣ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ମୂଳମନ୍ତ୍ର ‘ପ୍ରତିଟି ଜୀବନ ମୂଲ୍ୟବାନ’କୁ କାର୍ଯ୍ୟ କ୍ଷେତ୍ରରେ ରୂପାୟିତ କରି ଓଡ଼ିଶା ସମଗ୍ର ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଶ୍ରୀରାମ ଚନ୍ଦ୍ର ମେଡିକାଲ କଲେଜକୁ ଏମ୍‌ସ ପ୍ଲସ୍‌ରେ ରୂପାନ୍ତରିତ କରିବାଠାରୁ ଆରମ୍ଭ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ପ୍ରଦାନ ଓ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଆଦି ବିଭିନ୍ନ ଅଭିନବ ଜନହିତକାରୀ ଯୋଜନା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ସ୍ୱାସ୍ଥ୍ୟସେବା ନିମନ୍ତେ ରଖାଯାଇଥିବା ୧୬ ହଜାର କୋଟି ଟଙ୍କାର ପ୍ରସ୍ତାବିତ ବଜେଟ ଗତବର୍ଷ ତୁଳନାରେ ୨୭% ଅଧିକ ଏବଂ ୨୦୧୭-୧୮ ଆର୍ଥିକ ବର୍ଷରେ ଥିବା ଅର୍ଥର ପ୍ରାୟ ୩ ଗୁଣ । ରାଜ୍ୟର ସାମଗ୍ରିକ ବଜେଟର ଏହା ହେଉଛି ୭ ପ୍ରତିଶତ। ଗତ ୬ ବର୍ଷରେ ବାଲେଶ୍ୱର, ବାରିପଦା, ବଲାଙ୍ଗିର, କୋରାପୁଟ, ପୁରୀ, କେନ୍ଦୁଝର ଏବଂ ସୁନ୍ଦରଗଡ଼ରେ ୭ଟି ନୂଆ ମେଡିକାଲ କଲେଜ ଏବଂ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲ ଓ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟରୋଗ ପ୍ରତିଷ୍ଠାନଠାରେ ୨ଟି ପୋଷ୍ଟ ଗ୍ରାଜୁଏଟ୍ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯାଇଛି।

# ରହସ୍ୟରେ ଭିସୁଟ୍ ପୁରାତନ ଛାତ୍ରୀ ମୃତ୍ୟୁ ଘଟଣା

**ସମ୍ବଲପୁର, ୨।୩(ବ୍ୟୁରୋ)**

- ବାପାଙ୍କ ଜିମାରେ ପ୍ରତିମାନ, ଅଧିକ ତଦନ୍ତ ଜାରି
- ଭୁବନେଶ୍ୱର ଯିବ ପୋଲିସ ଟିମ୍

ସମ୍ବଲପୁର ବୁର୍ଲା ଥାନା ପିସି ବ୍ରିଜ୍ ପାୱାର ଚ୍ୟାନେଲରୁ ଉଦ୍ଧାର ହୋଇଥିବା ଭିସୁଟ୍ ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁଙ୍କ ମୃତ୍ୟୁ ଘଟଣା ଏବେ ରହସ୍ୟଘେରକୁ ଠେଲି ହୋଇଯାଇଛି। ଗୁରୁବାର ବ୍ୟବଚ୍ଛେଦ ରିପୋର୍ଟ ପୋଲିସର ହସ୍ତଗତ ହୋଇଛି। ତଦନ୍ତ ପାଇଁ ଦୁଇଟି ଟିମ୍ ଗଠନ କରାଯାଇଛି। ଗୋଟିଏ ଟିମ୍ ଭୁବନେଶ୍ୱର ଯାଇ ତଦନ୍ତ କରିବେ ବୋଲି ପୋଲିସ ପକ୍ଷରୁ ଜଣାପଡ଼ିଛି। ଅନ୍ୟପଟେ ପାଣିରେ ବୁଡ଼ିଯିବାରୁ ଚିନ୍ମୟୀଙ୍କ ମୃତ୍ୟୁ ହୋଇଥିବା ପୋଲିସ କହୁଛି। ଏହା ଯଦି ସତ୍ୟ, ତା’ହେଲେ ଚିନ୍ମୟୀ ରାତି ପ୍ରାୟ ସାଢେ ୯ଟାରେ ପିସି ବ୍ରିଜ୍‌କୁ କାହା ସାଥିରେ ଓ କ’ଣ ପାଇଁ ଯାଇଥିଲେ। ତାଙ୍କ ସହିତ ଝିଅ ସାଙ୍ଗ ରହିଥିଲେ ନା କେବଳ ପୁରୁଷବନ୍ଧୁ ପ୍ରତିମାନ ଦେ ଥିଲେ। ଚିନ୍ମୟୀ ପାୱାର ଚ୍ୟାନେଲକୁ ନିଜ ଇଚ୍ଛାରେ ଡେଇଁଥିଲେ ନା ଅଚେତ ଅବସ୍ଥାରେ କିଏ ପାଣିକୁ ଫିଙ୍ଗି ଦେଇଥିଲା। ଏଭଳି ଅନେକ ପ୍ରଶ୍ନ ଏବେ ଜନସାଧାରଣଙ୍କ ମନରେ ଉଙ୍କି ମାରୁଛି।

ଚିନ୍ମୟୀଙ୍କ ମାଆ ଲବଙ୍ଗ ସାହୁ ପୁଣି ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି ଯେ, ଚିନ୍ମୟୀର ଦୃଢ ମନୋବଳ ଥିଲା। ସେ ଆତ୍ମହତ୍ୟା କରିନାହିଁ। ପୋଲିସ ତଦନ୍ତ ଉପରେ ସନ୍ଦେହ ହେଉଛି। କାରଣ ପ୍ରତିମାନଙ୍କ ବାପା ପ୍ରଣବ ଦେ ଗୃହ ବିଭାଗର ଯୁଗ୍ମ ସଚିବ ଅଛନ୍ତି। ସେ ବ୍ୟବଚ୍ଛେଦ କେନ୍ଦ୍ରକୁ ମଧ୍ୟ ଯାଇଥିଲେ। ତେଣୁ ବ୍ୟବଚ୍ଛେଦ ରିପୋର୍ଟରେ ବ୍ୟତିକ୍ରମ ଦେଖାଦେବା ସମ୍ଭାବନା ରହିଛି। ଚିନ୍ମୟୀଙ୍କ ବାପା ଜଣେ ଡାକ୍ତର। ବ୍ୟବଚ୍ଛେଦ ଉପରେ ତାଙ୍କର ଅଭିଜ୍ଞତା ରହିଛି। ମୋ ଝିଅ ବଲାଙ୍ଗୀର ଘରକୁ ଆସିବାକୁ କହିଥିଲା। ହେଲେ ସନ୍ଧ୍ୟା ୬ଟାରେ ତା’ ସହ କ’ଣ ଘଟିଲା ଯେ ସେ ଘରକୁ ଆସିବାକୁ ମନା କରିଦେଇଥିଲା। ମୋ ଝିଅକୁ ଷଡଯନ୍ତ୍ର କରି ହତ୍ୟା କରିଦେଲେ। ଆମ ପରିବାରକୁ ନ୍ୟାୟ ଦରକାର ବୋଲି ସେ କହିଛନ୍ତି। ଅନ୍ୟପଟେ ଘଟଣା ସମ୍ପର୍କରେ ପୋଲିସ ସୂଚନା ଦେଇ କହିଛି, ତଦନ୍ତ ଚାଲିଛି। ଅଟକ ଥିବା ପୁରୁଷବନ୍ଧୁ ପ୍ରତିମାନଙ୍କୁ ତାଙ୍କ ବାପାଙ୍କ ଜିମା ଦିଆଯାଇଛି। ସବୁ ତଥ୍ୟ ପ୍ରମାଣ ସଂଗ୍ରହ କରିବାକୁ ପୋଲିସ ଟିମ୍ ଲାଗିପଡ଼ିଛନ୍ତି। ତଦନ୍ତ ସରିବା ପରେ ଘଟଣାର ପର୍ଦ୍ଦାଫାଶ ହେବ ବୋଲି ପୋଲିସ କହିଛି। ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର କହିଛନ୍ତି, ଏହି ଘଟଣାର ତଦନ୍ତ କରାଯାଉଛି। ସମସ୍ତ ତଥ୍ୟ ପ୍ରମାଣକୁ ଆଧାର କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ବୁର୍ଲା ଥାନା ପିସି ବ୍ରିଜ ଉପରୁ ଡେଇଁ ନିଖୋଜ ଥିବା ଭିସୁଟ୍ ଆଇଟି ବିଭାଗ ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀଙ୍କ ମୃତଦେହ ଅଗ୍ନିଶମ ବିଭାଗ ବୁଧବାର ସକାଳେ ପାୱାର ଚ୍ୟାନେଲ ଭିତରୁ ଉଦ୍ଧାର କରିଥିଲା। ଚିନ୍ମୟୀଙ୍କ ମାଆ ଲବଙ୍ଗଙ୍କ ଅଭିଯୋଗ କ୍ରମେ ପୋଲିସ ଆଇପିସି ଦଫା ୩୦୨, ୨୦୧, ୩୪ରେ ହତ୍ୟା ମାମଲା (ନଂ. ୯୬/୨୩) ରୁଜୁ କରିଛି। ଘଟଣାରେ ପୁରୁଷବନ୍ଧୁ ପ୍ରତିମାନ ଓ ଅନ୍ୟ ଜଣେ ସହଯୋଗୀଙ୍କୁ ପୋଲିସ ଥାନାରେ ଅଟକ ରଖିଥିଲା।


ଚିନ୍ମୟୀ ପ୍ରିୟଦର୍ଶିନୀଙ୍କ ଫାଇଲ ଫଟୋ




ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। -ଶ୍ରୀମା





# ନୂଆ ବିଚାର ଓ ନୈତିକ ବିପ୍ଳବ

କୋରିନ୍ ପିଲୁଚୋନ୍

ବୈଜ୍ଞାନିକ ତର୍କବାଦ ଏବଂ ପ୍ରଯୁକ୍ତିଗତ ପ୍ରାଧାନ୍ୟର ବିଚାର ବା ସିଦ୍ଧାନ୍ତଗୁଡ଼ିକ ଆମକୁ ରସାତଳଗାମୀ କରିଦେଇଛି। ତେବେ ମାନବୀୟ ଖୁସି ପାଇଁ ପରିସଂସ୍ଥାକୁ ମୁଖ୍ୟ ଭାବେ ଗ୍ରହଣ କରୁଥିବା ଏବକାର ନୂଆ ବିଚାରକୁ ଆମେ ଯଦି ଗ୍ରହଣ ନ କରୁ, ସେହି ଅତଳଗର୍ଭରୁ ଆଉ ଫେରିବାର ବାଟ ପାଇବା ନାହିଁ। ଅଷ୍ଟାଦଶ ଶତାବ୍ଦୀର ୟୁରୋପରେ ଯେଉଁ ବିଚାର ପ୍ରତିଷ୍ଠିତ ହୋଇଥିଲା ତାହା ପୁରୁଣା ନୀତିକୁ ରଦ୍ଦ କରିବା ସହ ଏକ ଅସୀମ ଭବିଷ୍ୟତର ପ୍ରତିଶ୍ରୁତି ଉପରେ ତିଷ୍ଠି ରହିଥିଲା। ଲୋକେ ବିଶ୍ୱାସ କରିବାକୁ ଲାଗିଲେ ଯେ, ସେମାନଙ୍କ ଭାଗ୍ୟର ଦାୟିତ୍ୱ ନେବାକୁ ସେମାନେ ପୂରା ସ୍ୱାଧୀନ ଏବଂ ଧର୍ମ, ପରମ୍ପରା ଓ ପ୍ରକୃତିର ବନ୍ଧନରୁ ମୁକ୍ତ। ଧର୍ମୀୟ ବିଶ୍ୱାସ ବଦଳରେ ତର୍କବାଦର ଜ୍ଞାନ ସେମାନଙ୍କୁ କ୍ଷତି ଓ ଅଭାବରୁ ମୁକ୍ତ କରିପାରିବ। ଏହା ବ୍ୟତୀତ ପର୍ଯ୍ୟାପ୍ତ ଶାନ୍ତି, ସମାନତା ଏବଂ ବୈଶ୍ୱିକ ମାନବ ଅଧିକାର ପରିପୂର୍ଣ୍ଣ ଏକ ନୂଆ ପୃଥିବୀରେ ପହଞ୍ଚାଇଦେବ। ତେବେ ଅଷ୍ଟାଦଶ ଶତାବ୍ଦୀର ସେହି ବିଚାରକୁ ଦେଖିଲେ ବିଂଶ ଶତାବ୍ଦୀର ଅଭିଜ୍ଞତା କିଛି ଭିନ୍ନ ପ୍ରକାଶ କରେ। ସେହି ଦୃଷ୍ଟିକୋଣ ଅନେକ କ୍ଷେତ୍ରରେ ପ୍ରଶଂସାଯୋଗ୍ୟ ହେଲେ ବି ତ୍ରୁଟିପୂର୍ଣ୍ଣ ଥିଲା । ଏହା ମଧ୍ୟ ପରିବେଶଗତ କ୍ଷତି ଓ ନାଜି ଗଣହତ୍ୟା ଘଟଣା ପାଇଁ ଦାୟୀ । ମଣିଷ ଏବଂ ପ୍ରକୃତିର ତ୍ରୁଟିପୂର୍ଣ୍ଣ ଦ୍ୱନ୍ଦ୍ୱର ଧ୍ୱଂସକାରୀ ତର୍କ ଲଗାତର ଭାବେ ଆମ ସଭ୍ୟତା ପ୍ରତି ବିପଦ ସୃଷ୍ଟି କରିଆସୁଛି। ତେବେ ନୂଆ ବିଚାରଗତ ସିଦ୍ଧାନ୍ତ ଏହି ଦ୍ୱନ୍ଦ୍ୱାତ୍ମକ ଦୃଷ୍ଟିକୋଣକୁ ନିୟନ୍ତ୍ରଣ କରିପାରିବ। ପ୍ରାଣୀ ଓ ଭବିଷ୍ୟତ ପିଢ଼ି ପ୍ରତି ଆମ ନୈତିକ କର୍ତ୍ତବ୍ୟ ସମ୍ପର୍କରେ ଏବଂ ପୃଥିବୀକୁ ବାସୋପଯୋଗୀ କରି କିଭଳି ଆମେ ବଞ୍ଚିବା ସେ ସମ୍ପର୍କରେ ଗଭୀର ପୁନର୍ବିଚାର କରିବା ଦ୍ୱାରା ଏହା ହୋଇପାରିବ। ଆମେ ପ୍ରକୃତିରୁ ଅଲଗା ବୋଲି ନ ଭାବି ସ୍ୱୀକାର କରିବାକୁ ହେବ ଯେ, ଆମେ ତା' ଭିତରେ ହିଁ ରହିଛୁ। ଏପରି କି ଆମର ଅଧିକାଂଶ ସାଂସାରିକ କାର୍ଯ୍ୟକଳାପର ଦୀର୍ଘମିଆଦୀ ପରିଣାମ ଅଛି ବୋଲି ଗ୍ରହଣ କରିବାକୁ ପଡ଼ିବ।

ଆମେ ଯାହା ଖାଉଛୁ, ଆମେ ଯେଉଁଠି ରହୁଛୁ ଓ ଯାହା କିଛି କରୁଛୁ ସେସବୁ ପରିସଂସ୍ଥା ଓ ଅନ୍ୟ ଜୀବଙ୍କ ଉପରେ ନିର୍ଭର କରେ। ଏକ ନୂଆ ବିଚାର ତଥା ନୂଆ ବୁଝାମଣା ନୂଆ ସାମାଜିକ ସମ୍ପର୍କ ସୃଷ୍ଟି କରିବ। ଏହା ପ୍ରକୃତି ଉପରେ ଆମ ନିର୍ଭରଶୀଳତାକୁ ପ୍ରକାଶ କରିବ। ଜୈବମଣ୍ଡଳର ସୁରକ୍ଷାକୁ ଗୁରୁତ୍ୱ ଦେବା ସହ ସବୁ ଲୋକ ଓ ପ୍ରାଣୀଙ୍କୁ ପରିବେଶଗତ ନ୍ୟାୟ ଯୋଗାଇଦେଲେ ସାମାଜିକ ସମ୍ପର୍କ ସୃଷ୍ଟି କରାଯାଇପାରିବ। ତେବେ ଅନ୍ୟ ଜୀବ ଓ ପ୍ରକୃତି ସହ ନିବିଡ଼ ଭାବେ ବାନ୍ଧି ହୋଇ ରହିବାରେ ଆମ ସାଂସାରିକ ସ୍ଥିତି ଦୁର୍ବଳତା ପ୍ରକାଶ କରିଆସିଛି, ଯାହାକୁ ନୂଆ ବିଚାରରେ ଗୁରୁତ୍ୱର ସହ ନିଆଯିବା ଉଚିତ। କେବଳ ମାନବୀୟ ସ୍ୱାଧୀନତାକୁ ଦୋଷ ଦେବା ଉଚିତ ନୁହେଁ। ବରଂ ଏହା ବଦଳରେ ଆମେ ମାନବ ସ୍ଥିତି ନିରୂପଣ କରିବାରେ ଭୂମିକା ନେଉଥିବା ଭୌତିକତା, ସହନଶୀଳତା ଏବଂ ପରସ୍ପର ନିର୍ଭରଶୀଳତାକୁ ସ୍ୱୀକାର କରିବା ଉଚିତ। ଏଣୁ ଆମ ନୂଆ ବିଚାର ପରିସଂସ୍ଥା ଆଧାରିତ ହେବା ଦରକାର। ଗ୍ରୀକ୍ ଇତିହାସ ଅନୁଯାୟୀ, ପରିସଂସ୍ଥା ଆମ ପାର୍ଥିବ ଜୀବଙ୍କ ବିବେକ ବା ଚେତନତ୍ୱକୁ ଧାରଣ କରିଛି ; ଯାହା ସବୁବେଳେ ଅନ୍ୟମାନଙ୍କ ସହ ଏକ ସହାବସ୍ଥାନ ଭାବେ ରହି ଆସିଛି। ସେଥିପାଇଁ ପରିସଂସ୍ଥାକୁ କେବେହେଲେ ନ୍ୟୂନ କରାଯାଇ ପରିବେଶଗତ ବିଚାର ଯଥା ଜଳବାୟୁ ପରିବର୍ତ୍ତନ, ଜୈବବିବିଧତା କିମ୍ବା ପ୍ରଦୂଷଣ ମଧ୍ୟରେ ସୀମିତ କରାଯାଇପାରିବ ନାହିଁ। ଏହାର ବି ଏକ ସାମାଜିକ ଦିଗ ରହିଛି, ଯାହା ସଂସାଧନ ଯୋଗାଣରେ ସ୍ୱଚ୍ଛତା ଏବଂ ଉତ୍ପାଦନ ଧାରାରେ କିଛି ପରିବର୍ତ୍ତନ ଦାବି କରେ। ଏହାର ମଧ୍ୟ ଏକ ଅସ୍ତିତ୍ୱ ଦିଗ ଅଛି, ଯାହା ଆମ ନିଜର ଓ ପ୍ରକୃତିରେ ଆମର ସ୍ଥାନ ସମ୍ପର୍କରେ ଏକ ଗଭୀର ବୁଝାମଣା ଚାହେଁ।



ପ୍ରାକୃତିକ ପୃଥିବୀ ପ୍ରତି ଆମର ଅନିୟନ୍ତ୍ରିତ ଶୋଷଣ ଏବଂ ଦୁର୍ବଳତା ଓ ସୀମିତତାକୁ ସ୍ୱୀକାର କରିବାରେ ଆମେ ବିଫଳ। ଏହାଯୋଗୁ ପରିସଂସ୍ଥା ତିଷ୍ଠି ପାରୁନାହିଁ। ତର୍କସଙ୍ଗତର ପ୍ରଭାବ, ମରଣଶୀଳତା ଓ ବିପଜ୍ଜନକ ସ୍ଥିତିକୁ ଅସ୍ୱୀକାର ସହ ପ୍ରକୃତିକୁ ନିୟନ୍ତ୍ରଣ କରିବା ମାନସିକତା ଆମ ସାଧାରଣ କାର୍ଯ୍ୟଶୈଳୀ, ବଂଶବୃଦ୍ଧି ଓ ଶାସକୀୟ କାର୍ଯ୍ୟକଳାପକୁ ବଦଳାଇଦେଇ ପ୍ରକୃତି ସହ ଯୁଦ୍ଧ କରିବା ମନୋଭାବ ସୃଷ୍ଟି କରୁଛି। ଆମେ ସୀମିତତାକୁ ଜାଣି ନ ପାରିଲେ ଆମ ଅଧିକାରକୁ ରୋକିବା ଅସମ୍ଭବ ହୋଇଯିବ। ମନେରଖିବାକୁ ହେବ ଯେ, ସେହିସବୁ ଅଧିକାର ଆମକୁ ଖୁସି କରିବାକୁ ଯାହା ନାହିଁ ତାହା କରିବା ଲାଗି ଏକ ଲାଇସେନ୍ସ ନୁହେଁ। ବସ୍ତୁତଃ,ପରିବେଶଗତ ନୂଆ ବିଚାର ବା ସିଦ୍ଧାନ୍ତ ଆମକୁ କୃଷି ଏବଂ ଏକ ଅଧିକ ଯତ୍ନଶୀଳ ସମାଜ ସୃଷ୍ଟି କରିବାରେ କାର୍ଯ୍ୟକରୁଥିବା ସାଧାରଣ ଶ୍ରମିକମାନଙ୍କ ଭୂମିକା ଉପରେ ପୁନର୍ବିଚାର କରିବା ଲାଗି ବାଟ କଢ଼ାଇନେବା ଦରକାର। କିନ୍ତୁ ନୂଆ ବିଚାର ପ୍ରକାଶ ପାଇବା ପରଠାରୁ ପ୍ରଯୁକ୍ତିଗତ ନୂତନତ୍ୱ ଏବଂ ସହରୀକରଣ ଯୋଗୁ ମାନବୀୟ ପ୍ରଗତି କମି ଚାଲିଛି। ପୁରାତନ ଗ୍ରୀକ୍ ଦାର୍ଶନିକମାନେ ବିଶ୍ୱାସ କରୁଥିଲେ ଯେ, ରାଜନୈତିକ ବ୍ୟବସ୍ଥା ସହରରୁ ଆରମ୍ଭ ହୋଇଥିଲା। କାର୍ଲ ମାକ୍ସ ତାଙ୍କ କମ୍ୟୁନିଷ୍ଟ ମାନିଫେଷ୍ଟୋରେ ଗ୍ରାମୀଣ ଜୀବନକୁ ଉପେକ୍ଷାକରି ତାଙ୍କ ଅଜ୍ଞତାର ପରିଚୟ ଦେଇଥିଲେ। ଏହିଭଳି ଅନ୍ୟ ଜ୍ଞାନଦୀପ୍ତ ଦାର୍ଶନିକମାନଙ୍କ ପାଇଁ ମଧ୍ୟ କୃଷି ଶ୍ରମିକମାନେ ପଛୁଆ ବର୍ଗ ହୋଇ ରହିଯାଇଥିଲେ।

ସମ୍ପ୍ରତି ଆମକୁ ଶେଷରେ ଗାଁ ଓ କ୍ଷେତରେ ନୈତିକ ବିପ୍ଳବ ଆରମ୍ଭ କରିବାକୁ ହେବ। ଅନେକ ଆଧୁନିକ କୃଷକ ଋଣ, ଅଧିକ ସମୟ କାମକରିବା ବୋଝ ଏବଂ ପରିବେଶ ଅନୁପଯୋଗୀ କାର୍ଯ୍ୟକଳାପର ପ୍ରଭାବରେ ଥିବାବେଳେ, ଅନ୍ୟମାନେ ଏହି ସ୍ଥିତକୁ ଅଣଦେଖା କରି ନୂଆ ପରମ୍ପରା ଆପଣାଉଛନ୍ତି। ଉଦାହରଣ ସ୍ୱରୂପ, ଏକକ ଫସଲ ଉତ୍ପାଦନ ବଦଳରେ ବିବିଧ କୃଷି କରାଯାଉଛି ଏବଂ ସଘନ ପଶୁଧନ ଉତ୍ପାଦନରୁ ମୁହଁ ଫେରାଇ ଫାର୍ମ ମଡେଲ ମୁହାଁ ହେଉଛନ୍ତି। ସେମାନେ ଆଞ୍ଚଳିକ ସ୍ତରରେ ନିଜକୁ ସଂଗଠିତ କରୁଛନ୍ତି, ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ବିକ୍ରି କରୁଛନ୍ତି ଏବଂ ମାର୍କେଟରେ ସହଯୋଗଭିତ୍ତିକ ବିଚାରଗୁଡ଼ିକ ଆଣୁଛନ୍ତି। ସେମାନଙ୍କ ପ୍ରୟାସ ଅବହେଳିତ ତଥା ପଛୁଆ ଅଞ୍ଚଳଗୁଡ଼ିକୁ ସଶକ୍ତ କରିବାରେ ସାହାଯ୍ୟ କରୁଛି। ହେଲେ ପ୍ରକୃତ ସମସ୍ୟାକୁ ଏଡାଇ ଯାଉଛନ୍ତି।

ପ୍ରକୃତିର ଯତ୍ନ କହିଲେ ବିଶ୍ୱକୁ ଉତ୍ପାଦନକ୍ଷମ କରିବା ସହ ପ୍ରତ୍ୟେକଟି କାର୍ଯ୍ୟର ସୁସଞ୍ଚାଳନକୁ ବୁଝାଏ। ଏହା ସହ ଗ୍ରାମାଞ୍ଚଳ ଓ ତା' ପାଖାପାଖି ଅଞ୍ଚଳକୁ ପରିବର୍ତ୍ତନ କରିବା ସମସ୍ତ କାର୍ଯ୍ୟକଳାପ ମଧ୍ୟ ଏହାର ଅନ୍ତର୍ଭୁକ୍ତ। ଏଣୁ ଆମେ ଏଥିରେ ଉନ୍ନତି ଆଣିପାରିବା। ପ୍ରକୃତି ଓ ଅନ୍ୟମାନଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ଯତ୍ନ ପ୍ରଦର୍ଶନ ପୂର୍ବକ ଯେଉଁମାନେ ପରିବେଶ ଉପଯୋଗୀ କୃଷି କରି ମୂଲ୍ୟବୋଧତାର ପରିଚୟ ଦେଉଛନ୍ତି ତାହାକୁ ଆମ ନୂଆ ବିଚାରରେ ଗୁରୁତ୍ୱ ଦେବା ଉଚିତ। ସବୁ ଦେଶର ସରକାର ଏବଂ ୟୁରୋପୀୟ ସଂଘ ଇଣ୍ଡଷ୍ଟ୍ରିଆଲ ଫାର୍ମଗୁଡ଼ିକୁ ଅତ୍ୟଧିକ ସବ୍‌ସିଡ଼ି ଦେବା ବଦଳରେ ସେମାନଙ୍କୁ ସହଯୋଗ କରିବା ଆବଶ୍ୟକ। ଏହି କୃଷକମାନେ ଏବଂ ଯେଉଁମାନେ ଏକ ଯତ୍ନଶୀଳ ପୃଥିବୀ ପାଇଁ ଆଶା ରଖିଛନ୍ତି ସେମାନେ ଶାନ୍ତ ଶ୍ରମିକ ଏବଂ ନୂଆ ବିଚାରରେ ଅଣଦେଖା ଗୋଷ୍ଠୀ ହୋଇ ରହିଛନ୍ତି। ଜଳବାୟୁ ପରିବର୍ତ୍ତନ, ଯୁଦ୍ଧ, ଋଣ ଖିଲାପ ଏବଂ ଅନ୍ୟାନ୍ୟ ସଙ୍କଟରୁ ବଞ୍ଚିବାକୁ ହେଲେ ଆମକୁ ସେମାନଙ୍କ ସୃଜନଶୀଳତା ଆବଶ୍ୟକତା। ଊନବିଂଶ ଶତାବ୍ଦୀରେ ଭଲରେ ବଞ୍ଚିବାକୁ ହେଲେ ଆମକୁ ସେମାନଙ୍କଠାରୁ ବହୁତ କିଛି ଶିଖିବାର ଅଛି।

**ପ୍ରାଧ୍ୟାପକ, ଦର୍ଶନଶାସ୍ତ୍ର,**
**ଗୁସ୍ତାଭେ ଇଫେଲ ବିଶ୍ୱବିଦ୍ୟାଳୟ**

## ଏଇ ଭାରତରେ

ବୟସ ୯୨, କିନ୍ତୁ ଏବେ ବି ଚଳଚଞ୍ଚଳ ମୁମ୍ବାଇର ନବୀନ ଚନ୍ଦ୍ରା। ସେ ତାଙ୍କ ହାଉସିଂ ସୋସାଇଟିରୁ ଜଳ ଓ ଶକ୍ତି ସଙ୍କଟ ଟାଳିବାରେ ସଫଳ ହୋଇଛନ୍ତି। ନୂତନତ୍ୱ ଓ ପରିବେଶ ଉପଯୋଗୀ ପଦ୍ଧତିରେ ସେ ଏହି କାର୍ଯ୍ୟ କରି ୨ ଲକ୍ଷ ଲିଟର ପାଣି ବଞ୍ଚାଇବା ସହ ବିଦ୍ୟୁତ୍ ବିଲ୍ ଅଧାକୁ କମାଇ ପାରିଛନ୍ତି। ମୁମ୍ବାଇରେ ପ୍ରାୟ ସମସ୍ତ ହାଉସିଂ ସୋସାଇଟି ଜଳ ଓ ବିଦ୍ୟୁତ୍ ସଙ୍କଟର ସାମ୍ନା କରୁଥିବା ବେଳେ ନବୀନ ତାଙ୍କ ସୋସାଇଟିକୁ ଏଥିରୁ ମୁକ୍ତ କରି ଅନ୍ୟମାନଙ୍କୁ ବାଟ ଦେଖାଇଛନ୍ତି। ନବୀନ ରହୁଥିବା ସିଲାଇନ ହାଉସିଂ ସୋସାଇଟିର ଅଧ୍ୟକ୍ଷ ଅଛନ୍ତି। ସୋସାଇଟିର ଲୋକେ ୱାଟର ଟ୍ୟାଙ୍କର କିଣିବା ଦେଖିବା ପରେ ଏହାର ସମାଧାନ କରିବା ଲାଗି ସେ ନିଷ୍ପତ୍ତି ନେଇଥିଲେ। ପରେ ବର୍ଷାଜଳ ସଂରକ୍ଷଣ କରିବା ପାଇଁ ସେ ଲୋକମାନଙ୍କୁ ପ୍ରେରିତ କରିବା ସହ ସୋଲାର ପ୍ୟାନେଲ ଲଗାଇବା ବ୍ୟବସ୍ଥା କରିଥିଲେ। ଏହି କାର୍ଯ୍ୟ ସେ ୨୦୧୨ରେ ଆରମ୍ଭ କରିଥିଲେ। କେବଳ ଏତିକି ନୁହେଁ, ବର୍ଜ୍ୟରୁ ଖତ ପ୍ରସ୍ତୁତ କରିବାରେ ବି ନବୀନ ପ୍ରମୁଖ ଭୂମିକା ନେଉଛନ୍ତି। ତାଙ୍କ ସୋସାଇଟିର ଅନ୍ୟ ସଦସ୍ୟମାନଙ୍କ ସହ ବୃକ୍ଷରୋପଣ ବି କରୁଛନ୍ତି।

## ୨୫ ବର୍ଷ ତଳେର ଧରିତ୍ରୀ

DHARITRI

୩ ମାର୍ଚ୍ଚ ୧୯୯୮

- ୟୁରୋପିଆନ ଇନ୍‌ଡୋର ଚାମ୍ପିୟନଶିପ୍‌ରେ ୟୁକ୍ରେନର ୨୫ ବର୍ଷ ବୟସ୍କା ପୋଲଭଲ୍ଟର ଆଞ୍ଜେଲା ବାଲକୋନୋଭାଙ୍କ ବିଶ୍ୱ ରେକର୍ଡ।
- ଭିଏତନାମାରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ଏକ ହ୍ରଦ ଭିତରେ ଖସିପଡ଼ିବା ଫଳରେ ୫୦ ଯାତ୍ରୀ ମୃତ।
- ଜୈନ ହାୱାଲା ମାମଲାରେ ବିଜେପି ସଭାପତି ଲାଲକୃଷ୍ଣ ଆଡଭାନୀ ଓ କଂଗ୍ରେ ନେତା ବିଦ୍ୟାଚରଣ ଶୁକ୍ଳାଙ୍କୁ ଦୋଷମୁକ୍ତ କରି ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟ ସୁପ୍ରିମ୍‌କୋର୍ଟରେ କାଏମ।

## su|do|ku

Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 4 | | 1 | 5 | | | 8 |
| | | | | | | | | 6 |
| 6 | | | 8 | | 3 | 1 | | 7 |
| | | | | | | | | |
| | 9 | 1 | 7 | 2 | | | | |
| | | 6 | | | 8 | | 3 | |
| 5 | | | | | | | | |
| | 2 | 3 | 9 | | 4 | | | |
| | | | 1 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 5 | 4 | 2 | 3 | 9 | 7 | 8 |
| 4 | 8 | 7 | 5 | 1 | 9 | 6 | 2 | 3 |
| 2 | 3 | 9 | 6 | 7 | 8 | 5 | 4 | 1 |
| 8 | 7 | 6 | 2 | 4 | 5 | 3 | 1 | 9 |
| 3 | 5 | 4 | 9 | 6 | 1 | 2 | 8 | 7 |
| 1 | 9 | 2 | 3 | 8 | 7 | 4 | 6 | 5 |
| 9 | 2 | 8 | 1 | 5 | 4 | 7 | 3 | 6 |
| 7 | 6 | 3 | 8 | 9 | 2 | 1 | 5 | 4 |
| 5 | 4 | 1 | 7 | 3 | 6 | 8 | 9 | 2 |

ଗତକାଲିର ଉତ୍ତର



# ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଜଙ୍ଗଲ ନିଆଁ

ଅଲେଖ ଚନ୍ଦ୍ର ସାମଲ

ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ। ବନ୍ୟ ଜୀବମାନଙ୍କର ଶରୀରର ବିଭିନ୍ନ ଅଂଶକୁ ବେଆଇନ ଭାବେ ଚାଲାଣ କରିବା ଏବେ ବିଶ୍ୱର ଅନ୍ୟତମ ଲାଭଦାୟକ ବ୍ୟାପାର ପାଲଟିଛି। ସେ ହାତୀଦାନ୍ତ ହେଉ ବା ଗଣ୍ଡା ଶିଙ୍ଘ କିମ୍ବା ବାଘ ଶରୀରର ବିଭିନ୍ନ ଅଂଶ। ଚୋରା ଚାଲାଣକାରୀମାନେ ଏହାକୁ ବିକ୍ରି କରି ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି। ବିଶେଷ କରି ଏସିଆ ଏବଂ ଆଫ୍ରିକାରେ ଏହି ବ୍ୟବସାୟର ବଜାର ଖୁବ୍ ବ୍ୟାପକ। ଏପରିସ୍ଥଳେ ବିପଦରେ ଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୧୩ ଡିସେମ୍ବର ୨୦ରେ ଜାତିସଂଘର ସାଧାରଣ ସଭାରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା। ଏହି ଦିନ ବିଲୁପ୍ତ ହୋଇଆସୁଥିବା ବନ୍ୟପ୍ରାଣୀଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼ିବାକୁ ଲୋକମାନଙ୍କୁ ପ୍ରେରିତ କରାଯାଏ। ଏହି ଅବସରରେ ଜାତିସଂଘ, ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତ୍ତିକା କ୍ଷୟ ସାଙ୍ଗକୁ ଏହାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ। ଫରେଷ୍ଟ ସର୍ଭେ ଇଣ୍ଡିଆର ରାଜ୍ୟୱାରି ଜଙ୍ଗଲ ନିଆଁ ସମ୍ବନ୍ଧରେ ପ୍ରଦତ୍ତ ତଥ୍ୟ ଏଠାରେ ଉଲ୍ଲେଖ କରାଯିବା ପ୍ରାସଙ୍ଗିକ ମନେହୁଏ। ୨୦୨୦ର ତଥ୍ୟ ଅନୁଯାୟୀ ଓଡ଼ିଶାରେ ୪୭,୧୪୫ ବର୍ଗ କିଲୋମିଟର ଜଙ୍ଗଲ ରହିଛି। ଯାହାକି ସମଗ୍ର ଦେଶର ଜଙ୍ଗଲ ଅଞ୍ଚଳର ୭.୩୪ପ୍ରତିଶତ। ତନ୍ମଧ୍ୟରୁ ୨୫୯୦ବର୍ଗକିଲୋମିଟର ଜଙ୍ଗଲ ବନାଗ୍ନିପ୍ରବଣ। ସେହିପରି ଆନ୍ଧ୍ରପ୍ରଦେଶରେ ୪୭,୨୫୬ବର୍ଗକିଲୋମିଟର ଜଙ୍ଗଲ ମଧ୍ୟରୁ ୧୨୯ ବର୍ଗକିଲୋମିଟର, ଅରୁଣାଚଳ ପ୍ରଦେଶରେ ୬୮, ୬୬୧ବର୍ଗକିଲୋମିଟରରୁ ୧୦୧ବର୍ଗକିଲୋମିଟର, ଛତିଶଗଡ଼ରେ ୫୭,୪୮୪ ବର୍ଗକିଲୋମିଟର ମଧ୍ୟରୁ ୧୨୧ ବର୍ଗକିଲୋମିଟର, ଝାଡ଼ଖଣ୍ଡରେ ୨୧,୭୪୩ ବର୍ଗକିଲୋମିଟରରୁ ୪୨୭ ବର୍ଗକିଲୋମିଟର, କର୍ଣ୍ଣାଟକରେ ୩୨,୩୪୩ ବର୍ଗକିଲୋମିଟରରୁ ୧୦୭ ବର୍ଗକିଲୋମିଟର, ମଧ୍ୟପ୍ରଦେଶରେ ୭୭,୯୧୨ ବର୍ଗକିଲୋମିଟରରୁ ୩୦୯୬ ବର୍ଗକିଲୋମିଟର, ମହାରାଷ୍ଟ୍ରରେ ୫୩,୮୫୯ ବର୍ଗକିଲୋମିଟରରୁ ୫୮୪ ବର୍ଗକିଲୋମିଟର ଓ ଉତ୍ତରାଞ୍ଚଳରେ ୨୩,୨୫୪ ବର୍ଗକିଲୋମିଟରରୁ ୪୪୯୨ ବର୍ଗକିଲୋମିଟର ଜଙ୍ଗଲ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଥାଏ।

ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ। ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ। ଏହା ସତ୍ୟ ଯେ, ଜଙ୍ଗଲ ମୁଲକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ। ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି। ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇଥାଆନ୍ତି। ଦରପୋଡ଼ା ଗଛରୁ ସେମାନେ ଅଙ୍ଗାର ସଂଗ୍ରହ କରି ବଜାରରେ ବିକ୍ରି କରିଥାଆନ୍ତି। ପୁଣି ଜଙ୍ଗଲଜାତ ସାମଗ୍ରୀ ଯଥା ମହୁଲ, ଶାଳମଞ୍ଜି ଟୋଲ ଆଦି ସଂଗ୍ରହ ସକାଶେ ଏସବୁ ଗଛର ମୂଳ ସଫା ରଖିବା ପାଇଁ ଆଦିବାସୀମାନେ ତଳେ ଝଡ଼ିପଡୁଥିବା ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଇଥାଆନ୍ତି। ଏହାଦ୍ୱାରା ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ। ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ। ଅନେକ ଜୀବଜନ୍ତୁଙ୍କର ପ୍ରାଣହାନି କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ। ଜଙ୍ଗଲ ସମ୍ପଦ ହ୍ରାସଯୋଗୁ ବର୍ଷାର ପରିମାଣ କମି ଯାଏ। ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ-ମଣିଷ ବିବାଦ ବୃଦ୍ଧି ପାଏ।



ଓଡ଼ିଶାରେ ୧୯୮୮ପ୍ରଣୀତ ଜାତୀୟ ଜଙ୍ଗଲ ନୀତିରେ ଜଙ୍ଗଲ ନିଆଁକୁ ରୋକିବା ସହ ଏହାକୁ ପରିଚାଳନା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସବିଶେଷ ମାର୍ଗଦର୍ଶିକା ରହିଛି। ସାମ୍ପ୍ରତିକ ସୂଚନା ପ୍ରଯୁକ୍ତିର ଜ୍ଞାନକୌଶଳ ଦ୍ୱାରା ଜଙ୍ଗଲ ନିଆଁ ଉପରେ ରୋକ ଲଗାଇବା ସହ କେନ୍ଦ୍ର ସରକାର ୨୦୦୦ରେ ଏ ନେଇ କିଛି ନିୟମ ଜାରି କରିଛନ୍ତି। ସେହିପରି ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଭାବେ କଡ଼ାକଡ଼ି ଉଲ୍ଲେଖ ରହିଛି। ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି। ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ବିଶେଷ ଭାବେ ପ୍ରସ୍ତୁତ ହୋଇଛି। ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ୍ୟ ରହିଛି। ଜଙ୍ଗଲରେ କୌଣସି କାରଣବଶତଃ ଅଗ୍ନି ଦେଖାଯିବା ମାତ୍ରେ ନିକଟସ୍ଥ ଗ୍ରାମଗୋଷ୍ଠୀକୁ ସୂଚିତ କରାଇବା ଦ୍ୱାରା ସେମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଛି। ଜଣାଯାଇଛି , ଓଡ଼ିଶାରେ ୨୦୦୫ରେ ଯେଉଁ ପରିମାଣରେ ଜଙ୍ଗଲ ପୋଡ଼ି ହୋଇଥିଲା ତାହା ସମଗ୍ର ଦେଶରେ ତୃତୀୟ ଏବଂ ଏହାର ପରିମାଣ ୫.୪୯ ପ୍ରତିଶତ।

ବନ୍ୟପ୍ରାଣୀମାନଙ୍କ ସୁରକ୍ଷା ପାଇଁ ସରକାର କଡ଼ାକଡ଼ି ଆଇନ କରିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଅନେକ ସାମାଜିକ ଅନୁଷ୍ଠାନ ନିୟମିତ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମଞ୍ଚ ପ୍ରସ୍ତୁତ କରାଯାଇ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି। ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସ୍‌ର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି। ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ।

**ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍), ପଲାଇ,**
**ବାଲିଚନ୍ଦ୍ରପୁର, ଯାଜପୁର**
**ମୋ: ୯୪୩୭୨୫୭୧୨୩**



# ଠକଙ୍କୁ ଆଣିବା ବାଟକୁ

ଶୁଭନାରାୟଣ ଶତପଥୀ

ସରକାରୀ ହେଉ ବା ବେସରକାରୀ ସଂସ୍ଥା, ସବୁଠି ନିଯୁକ୍ତ କର୍ମଚାରୀମାନଙ୍କ ମଧ୍ୟରେ ବଡ଼ରୁ ସାନ କ୍ରମରେ ପଦବୀ ଥାଏ। ଏହି ପଦବୀ ଅନ୍ତର୍ଗତ ଦାୟିତ୍ୱ ଓ ସର୍ତ୍ତାବଳୀକୁ ନେଇ କାମ କରିବାକୁ ପଡ଼େ। ତେବେ ଏକଥା ନିଶ୍ଚିତ ଯେ ଜଣେ ସ୍ୱେଚ୍ଛାସେବୀ, କର୍ମଚାରୀ ବା କର୍ମକର୍ତ୍ତା ଗୋଟିଏ କାର୍ଯ୍ୟ ସମ୍ପାଦନ କରିବାକୁ ହେଲେ ନିଜର ଦକ୍ଷତା, କାର୍ଯ୍ୟ କରିବାର ଆଗ୍ରହ ଓ ସକାରାତ୍ମକ ମନୋଭାବ, ସେବାପ୍ରଦାନରେ ତ୍ୟାଗ, ଜ୍ଞାନ ଓ ଅଭିଜ୍ଞତା, ଶିକ୍ଷାଲାଭ କରିବାର ଉତ୍କଣ୍ଠା, ସମନ୍ୱୟ, ସହଯୋଗ, ଭିତ୍ତିରେ କାର୍ଯ୍ୟଶୈଳୀକୁ ଆପଣାଇଥାଏ। ଉତ୍ତମ ସଂଯୋଜନା, ଦଳଗତ କାର୍ଯ୍ୟ, ସମୟ ଅବଧି ମଧ୍ୟରେ ଗୁଣାତ୍ମକ ସେବା ଯୋଗାଣ ହିଁ ଜଣେ ଉତ୍ତମ କର୍ମଚାରୀଙ୍କ ସୁଲକ୍ଷଣ। ତେବେ ମନଭିତରେ ଈର୍ଷା, ଦ୍ୱେଷ, ଅହଂକାର, ଗର୍ବରଖି ନିଜ ହାତରେ କ୍ଷମତା କେନ୍ଦ୍ରୀଭୂତ କରି ଗୋଟିଏ ଶିଙ୍ଗରେ ମାଟି ତାଡିଲା ଭଳି କାର୍ଯ୍ୟ କରିବାକୁ ଉକ୍ତ କର୍ମଚାରୀଙ୍କ ସଫଳତା ବୋଲି ଧରାଯାଏ ନାହିଁ। ଏସବୁ ବଦଗୁଣ ଧାରଣ କରୁଥିବା ଜଣେ କର୍ମଚାରୀ, ଅଧିକାରୀ ସେ କାର୍ଯ୍ୟ କ୍ଷେତ୍ରରେ ବିଶୃଙ୍ଖଳା ସୃଷ୍ଟି କରିବା ସହ ପ୍ରତ୍ୟେକ କାର୍ଯ୍ୟର ସୁଗମ ପ୍ରଗତି ପାଇଁ ବାଧକ। ବାସ୍ତବରେ ଏପରି ମନୋଭାବ ରଖୁଥିବା ବ୍ୟକ୍ତି ସେବା ବା କର୍ମକ୍ଷେତ୍ର ପାଇଁ ପ୍ରତିବନ୍ଧକ ବା ବିପଦ। ଏପ୍ରକାର କର୍ମଚାରୀ ସଂଯୋଜନା, ସହମତି, ଦଳଗତ କାର୍ଯ୍ୟଠାରୁ ବେଶ୍ ଦୂରରେ ରହିଥାନ୍ତି। ତେବେ ଅଧିକାଂଶ କାର୍ଯ୍ୟ କ୍ଷେତ୍ରରେ ଏପରି ବ୍ୟକ୍ତି ନାହାନ୍ତି ବୋଲି କହିହେବ ନାହିଁ। ତେବେ ଏସବୁ ବ୍ୟକ୍ତିମାନଙ୍କୁ ସହ୍ୟକରି ବା ତାଙ୍କ ସହ ଖାପଖୁଆଇ ବା ନିଜର ଦକ୍ଷତା ବଳରେ ସେମାନଙ୍କ ସହଯୋଗ ଓ ଉତ୍ତମ ବୁଝାମଣାଭିତ୍ତିରେ ଜନସାଧାରଣଙ୍କୁ ସେବା ପ୍ରଦାନ କରୁଥିବା ଓ କର୍ମକ୍ଷେତ୍ର ନିମନ୍ତେ ସଫଳତା ସୃଷ୍ଟିକରୁଥିବା ବ୍ୟକ୍ତିବିଶେଷ ହିଁ ପ୍ରକୃତ ସଫଳ କର୍ମଚାରୀ। ବାସ୍ତବରେ କର୍ମକ୍ଷେତ୍ରରେ ଏପରି ବ୍ୟକ୍ତି ଖୁବ୍ କମ୍ ସଂଖ୍ୟାରେ ଦେଖିବାକୁ ମିଳନ୍ତି। ଏମାନଙ୍କ ସଂଖ୍ୟା କମ୍ ହେବାର ଅନେକ କାରଣ ରହିଛି। ସେଥିମଧ୍ୟରୁ ସେମାନଙ୍କୁ ଉତ୍ସାହ, ପ୍ରୋତ୍ସାହନର ଅଭାବ ଅନ୍ୟତମ। କୌଶଳସହ କାମକୁ ଠକି ଖସିଯିବାର ବ୍ୟକ୍ତି ଅନେକ ଥିଲେ ହେଁ ଆଜିକାଲି ଏମାନେ ନିଜକୁ ବୁଦ୍ଧିମାନ ବୋଲି ଭାବିଥାନ୍ତି। ତେବେ ସରଳ, ନିଷ୍କପଟ, ଜନସାଧାରଣଙ୍କ ସ୍ୱାର୍ଥ ସାଧନରେ ବ୍ରତୀଥିବା କର୍ମଚାରୀଙ୍କୁ ନିର୍ବୋଧ ଭାବିବା ମଧ୍ୟ ଏକ ନିର୍ବୋଧତା। ତେବେ ଏ ପ୍ରକାର ପ୍ରବୃତ୍ତି ସମ୍ପ୍ରତି ଦୃଷ୍ଟିଗୋଚର ହେଉଛି। ଏହା ସେହି କର୍ମଯୋଗୀମାନଙ୍କ ନିମନ୍ତେ ନିରୁତ୍ସାହଜନକ କାର୍ଯ୍ୟ। ଏପରି ଅବିରତ ଧାରା ହିଁ ବିଫଳତା ଓ କର୍ମକ୍ଷେତ୍ରରେ ଠକଙ୍କୁ ଜନ୍ମ ଦିଏ। ଲାଞ୍ଚ, ଅର୍ଥ ଆତ୍ମସାତ, ତୋଷାମଦ, ସୁପାରିସର ପାରିବାପଣିଆରେ ଛନ୍ଦି ହେବାରେ ଲାଗିଛି କର୍ମଜଗତ ଓ କର୍ମଚାରୀଙ୍କ ଦକ୍ଷତା। ବାସ୍ତବରେ ଏହି ବ୍ୟକ୍ତିତ୍ୱମାନେ ସଫଳତା, ଉତ୍କର୍ଷତା ବଦଳରେ ନିଜର ରୋଜଗାର, କର୍ମ, ଚାକିରି ବଞ୍ଚାଇବାରେ ଲାଗିପଡ଼ନ୍ତି। ଫଳରେ ନିଜ ଜୀବିକା ସିନା ସୁରକ୍ଷିତ ରୁହେ କିନ୍ତୁ ଯେଉଁ କାମ ପାଇଁ ସେମାନେ ନିୟୋଜିତ ହୋଇଥାନ୍ତି ତାହା ଫଳବତୀ ହୁଏନାହିଁ।

ଏକ ତଥ୍ୟରୁ ଜଣାଯାଏ ସାରା ବିଶ୍ୱରେ ପ୍ରାୟ ୩.୩୨ବିଲିୟନ ବ୍ୟକ୍ତି ବିଭିନ୍ନ କାର୍ଯ୍ୟାଳୟ, ଅନୁଷ୍ଠାନ, ସଂସ୍ଥାରେ ନିୟୋଜିତ। ଆମେ ଜାଣୁ ଯେ ଜଣେ ଚାରିତ୍ରିକ ଭାବରେ ଖରାପ ବା ଦୁର୍ନୀତିଗ୍ରସ୍ତ କର୍ମଚାରୀ ପୂରା ବ୍ୟବସ୍ଥାକୁ କଳଙ୍କିତ କରିଦେଇପାରେ। ତେବେ ୧୮୦ଟି ଦେଶକୁ ନେଇ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ଦ୍ୱାରା ୨୦୧୨ରେ ହୋଇଥିବା ଭ୍ରଷ୍ଟାଚାର ଧାରଣ ସୂଚକାଙ୍କ ବିଶ୍ଳେଷଣ ଅନୁସାର ଡେନମାର୍କ, ନ୍ୟୁଜିଲାଣ୍ଡ, ଫିନ୍‌ଲାଣ୍ଡ ଦେଶସମୂହ ସବୁଠାରୁ କମ୍ ଭ୍ରଷ୍ଟାଚାରପ୍ରବଣ ଅର୍ଥାତ୍ ୧ନମ୍ବର ସ୍ଥାନରେ ରହିଥିବାବେଳେ ଭାରତ ୮୫ ତମ ସ୍ଥାନରେ ରହିଛି। ଆଜିକାଲି ସଫଳ, ଦକ୍ଷ, ପାରଦର୍ଶୀ କର୍ମଚାରୀ ବା କର୍ମୀଟିଏ ମିଳିବା ଯେତିକି କଷ୍ଟକର ସେମାନେ ବର୍ତ୍ତମାନର କର୍ମକ୍ଷେତ୍ରରେ ଖାପଖୁଆଇ ଉପଯୁକ୍ତ ମାର୍ଗରେ ସେବା ପ୍ରଦାନ ସେତିକି ଦୁରୂହ ବ୍ୟାପାର। ସେମାନଙ୍କ ନିମନ୍ତେ ପ୍ରେରଣାସ୍ୱରୂପ ଜନ୍ମଦିନ ପାଳନ, ବିସ୍ମୟକର ଉପହାର ପ୍ରଦାନ, ପଦୋନ୍ନତି, ପ୍ରଶଂସାପତ୍ର, ସମ୍ମାନ, ଉତ୍ସବରେ ସମ୍ବର୍ଦ୍ଧନା, ସାମାଜିକ ଗଣମାଧ୍ୟମରେ ସ୍ୱୀକୃତି ପ୍ରଦାନ, ସ୍ଥାୟୀ ପଦବୀ ଅର୍ପଣ, ଭ୍ରମଣ ବା ମନୋରଞ୍ଜନ ପାଇଁ ଛୁଟି ପ୍ରଦାନ ସହିତ କର୍ମଚାରୀ ପ୍ରଶଂସା ଦିବସ ପାଳନ କଲେ କେବଳ ଏହି କର୍ମଠ, ସଚ୍ଚୋଟ କର୍ମକର୍ତ୍ତା ଉତ୍ସାହିତ ହେବେ ତାହା ନୁହେଁ ବରଂ ସେମାନଙ୍କୁ ହତୋତ୍ସାହିତ କରୁଥିବା କର୍ମୀ ନିରୁତ୍ସାହିତ ହେବେ ଓ ଅନୁକରଣ କରୁଥିବା କର୍ମକର୍ତ୍ତା ଉତ୍ସାହିତ ହେବେ। ତା'ଛଡା ଠକଙ୍କୁ ବାଟକୁ ଆଣିବାର ପ୍ରୟାସ ହେବ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ-୯୪୩୮୪୩୨୦୨୩**

## ଚିରନ୍ତନୀ

ପଲକହୀନ ନୟନ ତା'ର
ଅବଶ ହେଲା ପରାଣ-ଦ୍ୱାର
ସେ କେଉଁ ଦେଶେ ରହିଲା ଚାହିଁ
ସେ କେଉଁ ପରପାରେ !
ମୁଗ୍ଧ କବି ମୁରୁଛି ନାହିଁ ପାରେ।

-(କ୍ଷୁଦ୍ର ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନକଲିବାବାଙ୍କୁ ଉଚିତ ଶିକ୍ଷା ଦିଆଯାଉ

ମହାଶୟ,

ସହର କିମ୍ବା ଗ୍ରାମାଞ୍ଚଳ, ଏକାଧିକ ସ୍ଥାନ ରେ ଆଜି ନୂଆ ନୂଆ ଭଣ୍ଡ ପ୍ରତାରକ ବାବାମାନେ ରାତାରାତି ବିରାଟ ସପ୍ତରଙ୍ଗରେ ଉଭା ହୋଇପଡୁଛନ୍ତି। ନିରୀହ ସରଳ ବିଶ୍ୱାସୀ ଜନସାଧାରଣ ସେମାନଙ୍କ ଛଦ୍ମବେଶ ସ୍ୱାର୍ଥ ଲିପ୍ସା, ଅର୍ଥପିପାସୁ ଗୁଣ ବିଷୟରେ ଅବଗତ ହେବା ପୂର୍ବରୁ ଭକ୍ତ ପାଲଟିଯାଉଛନ୍ତି। ଅତୀତରେ ଏମିତି ବହୁ ଭଣ୍ଡବାବା ଧରାପଡ଼ିଛନ୍ତି, ଯେଉଁମାନେ ସମାଜରେ ବିଶୃଙ୍ଖଳା, କୁସଂସ୍କାର ତଥା ଦେଶ ବିରୋଧରେ ଲିପ୍ତ ରହିଥିଲେ। ସମୟ ଆସିଛି ଜନସାଧାରଣଙ୍କ ଭ୍ରାନ୍ତଧାରଣା ଦୂର ପାଇଁ ପ୍ରଶାସନ ଓ ଗୋଇନ୍ଦା ବିଭାଗ, ପୋଲିସ ଏ ଦିଗରେ ସତର୍କତାର ସହ ଆଗେଇ ଚାଲନ୍ତୁ। ନଚେତ୍ ଏ ଭଣ୍ଡବାବାମାନେ ଦେଶକୁ ଚଳୁ କରିଦେବେ।

**-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ: ଦିନକ ପରେ ପୁଣିଥରେ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସ(ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଫଳରେ ଗୁରୁବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୦୨(୫୦୧.୭୩) ପଏଣ୍ଟ ଖସି ୫୮,୯୦୯(୫୮,୯୦୯.୩୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୨୯ (୧୨୯.୦୦) ପଏଣ୍ଟ ହ୍ରାସ ଘଟି ୧୭,୩୨୨ (୧୭,୩୨୧.୯୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ................................



ଜୟରାମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# 'ହୋଣ୍ଡା ଅଲ୍ ନ୍ୟୁ ସିଟି'ର ବଜାର ପ୍ରବେଶ

**ଭୁବନେଶ୍ୱର,୨।୩**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ହୋଣ୍ଡା କାରସ ଇଣ୍ଡିଆ ଲିମିଟେଡ (ଏଚସିଆଇଏଲ)ର ବହୁ ପ୍ରତିକ୍ଷୀତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ହୋଣ୍ଡା ଅଲ ନ୍ୟୁ ସିଟି'ର ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଏଚସିଆଇଏଲର ସ୍ୱୀକୃତିପ୍ରାପ୍ତ ଡିଲର ହାଇୱେ ହୋଣ୍ଡା ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ହାଇୱେ ହୋଣ୍ଡାର ଏମଡି ଆଦିତ୍ୟ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ହୋଣ୍ଡା ଅଲ ନ୍ୟୁ ସିଟିର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାଇୱେ ହୋଣ୍ଡାର ଜିଏମ ରାଜୀବ ପଣ୍ଡାଙ୍କ ସମେତ ଶୋରୁମର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷ କରି ହୋଣ୍ଡାର ଏହି ୫ଜି (୫ମ ପିଢୀ)ର ଯାନରେ ଅତ୍ୟାଧୁନିକ ବୈଶିଷ୍ଟ ସାଙ୍ଗକୁ ଅନେକଗୁଡିଏ ଫିଚର ଉପଲବ୍ଧ। ସେହିଭଳି ହୋଣ୍ଡାର ଏହି ମଡେଲ ପେଟ୍ରୋଲ ଚାଳିତ ହୋଇଥିବା ବେଳେ ବିଭିନ୍ନ ଡିଜାଇନ (ମୋଡ)ର ଉପଲବ୍ଧ ରହିଛି। ଏହାର ବଜାର ମୂଲ୍ୟ (ଏକ୍ସ ଶୋରୁମ ମୂଲ୍ୟ ନୂଆଦିଲ୍ଲୀ) ୧୧.୪୯ ଲକ୍ଷରୁ ଆରମ୍ଭ ହେଉଛି। ସେହିପରି ଅନେକ ସୁବିଧା ଓ ଆରାମଦାୟକ ବୈଶିଷ୍ଟ ସହ ୬ଟି ରଙ୍ଗରେ ଏହା ଉପଲବ୍ଧ।




ଭୁବନେଶ୍ୱର ନିକଟସ୍ଥ ରୁଦ୍ରପୁରଠାରେ ଅବସ୍ଥିତ ହାଇୱେ ହୋଣ୍ଡା ପରିସରରେ ଗୁରୁବାର ଅଲ୍ ନ୍ୟୁ ସିଟିର ଅନାବରଣ ଉତ୍ସବରେ ହାଇୱେ ହୋଣ୍ଡାର ଏମ୍‌ଡି ଆଦିତ୍ୟ ପାତ୍ର, ଜିଏମ୍ ରାଜୀବ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ନୁଭୋକୋର ନୂଆ ମାର୍କେଟିଂ କ୍ୟାମ୍ପେନ୍ ଉନ୍ମୋଚିତ

**ନୂଆଦିଲ୍ଲୀ,୨।୩**

ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିଃର ନୂଆ ମାର୍କେଟିଂ କ୍ୟାମ୍ପେନ୍ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷକରି କମ୍ପାନୀ ଉତ୍ତର ଭାରତ ବଜାର ଉପରେ ଏକ ସ୍ୱତନ୍ତ୍ର ଧ୍ୟାନ କେନ୍ଦ୍ରିତ ସହ ଦେଶବ୍ୟାପୀ ଏହାର ନୂଆ ଇଣ୍ଟିଗ୍ରେଟେଡ୍ ମାର୍କେଟିଂ କ୍ୟାମ୍ପେନ୍ ଆରମ୍ଭ କରିଛି। ଉକ୍ତ କ୍ୟାମ୍ପେନ୍ ଦ୍ୱାରାଗାର୍ଡ ଫ୍ରାଞ୍ଚାଇଜି ସହ ଉପଭୋକ୍ତା ସଂଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି। ଉକ୍ତ ଫ୍ରାଞ୍ଚାଇଜିରେ ଭାରତର ପ୍ରଥମ ଓ ଏକମାତ୍ର ମାଇକ୍ରୋଫାଇବର ସିମେଣ୍ଟ, ଭଏଡ୍ ରିଡକ୍ସନ ଟେକ୍ନୋଲୋଜି ସିମେଣ୍ଟ, ସୁପରସେଟ୍ ଟେକ୍ନୋଲୋଜି ସିମେଣ୍ଟ ଓ ଫାଉଣ୍ଡେଶନ ଟୁ ଫିନିଶ୍ ସିମେଣ୍ଟ ସାମିଲ ରହିଛି। ଏ ସମ୍ପର୍କରେ ନୁଭୋକୋର ଷ୍ଟ୍ରାଟେଜି ଆଣ୍ଡ ମାର୍କେଟିଂ ବିଭାଗର ମୁଖ୍ୟ ଅଧିକାରୀ ମଧୁମିତା ବାସୁ କହିଛନ୍ତି, ଆମର ପ୍ରତିବଦ୍ଧତା ସବୁବେଳେ ଉନ୍ନତ ଅନୁସନ୍ଧାନ ଓ ଉଦ୍ଭାବନ ଦ୍ୱାରା ସମର୍ଥିତ ରହିଛି। ଏପରିକି ନୂତନ ଓ ସ୍ଥାୟୀ ଉତ୍ପାଦଗୁଡ଼ିକର ପୋର୍ଟଫୋଲିଓ ନିର୍ମାଣ ଦିଗରେ ମଧ୍ୟ କମ୍ପାନୀ କାର୍ଯ୍ୟ କରି ଆସିଛି।

# ଖୁବ୍‌ଶୀଘ୍ର ସରିବ 'ଡିଏନ୍ ଫେରିଟେଲ'

**ଭୁବନେଶ୍ୱର,୨।୩**




ରାଜ୍ୟର ପ୍ରମୁଖ ରିଅଲ ଇଷ୍ଟେଟ ସଂସ୍ଥା 'ଡିଏନ୍ ହୋମସ'ର ବହୁ ଚର୍ଚ୍ଚିତ ବାସଗୃହ ପ୍ରକଳ୍ପ 'ଡିଏନ ଫେରିଟେଲ'ର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଡିଏନ୍ ହୋମସ ପକ୍ଷରୁ ଗୁରୁବାର ସ୍ଥାନୀୟ ପାତ୍ରପଡାଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରିଥିଲା। ଏହି ଅବସରରେ ଡିଏନ୍ ହୋମ୍‌ସର କାର୍ଯ୍ୟନିର୍ବାହୀ ଭାଇସ ପ୍ରେସିଡେଣ୍ଟ ଶ୍ୟାମସୁନ୍ଦର ପାଢ଼ୀ ଉକ୍ତ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଆଲୋକପାତ କରି କହିଥିଲେ, ୨୦୧୯ରେ ଉକ୍ତ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା। ଏପରିକି ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆମେ ସମ୍ପୂର୍ଣ୍ଣ କରିବାକୁ ଯାଉଛୁ ବୋଲି ପାଢ଼ୀ ମତବ୍ୟକ୍ତ କରିଛନ୍ତି। ସେହିଭଳି ଡିଏନ୍ ହୋମ୍‌ସ ସବୁବେଳେ ଗ୍ରାହକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇଥାଏ। ଏପରିକି ଗ୍ରାହକଙ୍କର ବିଶ୍ୱାସ ଓ ଭରସାକୁ ପୁଞ୍ଜିକରି ସଂସ୍ଥା ଆଗକୁ ବଢ଼ିଥାଏ ବୋଲି ସେ କହିଛନ୍ତି। ସେହିପରି କମ୍ପାନୀର ଭାଇସ୍ ପ୍ରେସିଡେଣ୍ଟ ସେଲ୍‌ସ ନିଖିଲ ବାଜପେୟୀ କହିଥିଲେ, ଉକ୍ତ ପ୍ରକଳ୍ପ ଉଭୟ ଶିଶୁ ଓ ବୟସ୍କମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରକଳ୍ପର ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଛି। ଅପରପକ୍ଷରେ ୭୦୮ ଫ୍ଲାଟବିଶିଷ୍ଟ ଉକ୍ତ ପ୍ରକଳ୍ପର କାମ ଖୁବଶୀଘ୍ର ସମ୍ପୂର୍ଣ୍ଣ ହେବାକୁ ଯାଉଛି ବୋଲି ବାଜପେୟୀ କହିଛନ୍ତି। ଏହା ଯୋଗୁ ମଦନପୁର ଓ ଦୁର୍ଗାପୁର ଅଞ୍ଚଳର ସାମାଜିକ ଭିତ୍ତିଭୂମିର ବିକାଶ ସହ ସ୍ଥାନୀୟ ବାସିନ୍ଦାମାନଙ୍କର ଆର୍ଥିକ ମାନଦଣ୍ଡର ଅଭିବୃଦ୍ଧି ଘଟିବ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଛି।


**CLASSIFIED DISPLAY** — ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 9178722970, 8018240892, 7894447167, 9338226625

SSI 10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA | MBA | BCA | MCA | BA | B.Sc. | B.Com. | MA | M.Sc. | M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ଫାଇନାନ୍ସ**
ପର୍ସନାଲ, ବ୍ୟବସାୟ, କୃଷି, ଶିକ୍ଷା, ଗୃହ, ପ୍ରପର୍ଟି, ମାଛଚାଷ, କୁକୁଡ଼ା ପାଳନ, ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ମିଳିବ, ସୁଧ=4% ଅନ୍‌ଲାଇନ୍ ସୁବିଧା
Mob:7653803952
WP-7656825035

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ପତଞ୍ଜଳି ଗବେଷଣା କେନ୍ଦ୍ର ହରିଦ୍ୱାର ପକ୍ଷରୁ ଆୟୋଜିତ ୩ ଦିନିଆ ଅନ୍ତର୍ଜାତୀୟ କର୍ମଶାଳା 'ପ୍ଲାଣ୍ଟସ୍ ଟୁ ପେସେଣ୍ଟ, ରିଥିଙ୍କିଂ ଏଥନୋଫାର୍ମାକୋଲୋଜି' ଶୀର୍ଷକ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ହୁ)ର ଫିଲିପାଇନ୍ସ ୟୁନିଟ୍‌ର ସଦସ୍ୟ ରାଧା ସଇନୀଙ୍କୁ ପତଞ୍ଜଳି ଯୋଗପୀଠର ପ୍ରମୁଖ ସ୍ୱାମୀ ରାମଦେବ ସମ୍ମାନିତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ପତଞ୍ଜଳିର ଅନ୍ୟତମ ପ୍ରମୁଖ ସଦସ୍ୟ ଆଚାର୍ଯ୍ୟ ବାଲକ୍ରିଷ୍ଣା ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# 'ଅଧିଗ୍ରହଣ ବ୍ୟବସାୟର ଅଭିବୃଦ୍ଧି ଘଟାଇବ'

**ନୂଆଦିଲ୍ଲୀ,୨।୩**

ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ସିଟିବ୍ୟାଙ୍କ ଇଣ୍ଡିଆର କଞ୍ଜ୍ୟୁମର ବ୍ୟବସାୟର ଅଧିଗ୍ରହଣ ପ୍ରକ୍ରିୟା ସମାପନ କରାଯାଇଛି। ବିଶେଷକରି ସିସିଆଇ ଅନୁମୋଦନ ମିଳିବାର ୭ ମାସ ମଧ୍ୟରେ ଉକ୍ତ ବୁଝାମଣାକୁ କାର୍ଯ୍ୟକାରୀ କରି ଆକ୍ସିସ୍ ବ୍ୟାଙ୍କ ତା'ର କାର୍ଯ୍ୟକାରିତା ଦୃଢ଼ତାକୁ ପ୍ରଦର୍ଶନ କରିଛି। ଏପରିକି ସିଟିବ୍ୟାଙ୍କ ଇଣ୍ଡିଆର କଞ୍ଜ୍ୟୁମର ବ୍ୟବସାୟକୁ ଆକ୍ସିସ୍ ବ୍ୟାଙ୍କ ପ୍ରାୟ ୧୧,୬୦୩ କୋଟି ଟଙ୍କାରେ କିଣିଥିଲା। ଫଳରେ ସିଟିବ୍ୟାଙ୍କ ଇଣ୍ଡିଆର ଋଣ, କ୍ରେଡିଟ୍ କାର୍ଡ, ସମ୍ପତ୍ତି ପରିଚାଳନା ଓ ରିଟେଲ୍ ବ୍ୟାଙ୍କିଙ୍ଗ୍ ବ୍ୟବସାୟକୁ ଆକ୍ସିସ୍ ବ୍ୟାଙ୍କ ଅଧିଗ୍ରହଣ କରିଛି। ଏଥିରେ ସିଟି ବ୍ୟାଙ୍କର ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ ସିଟିକର୍ପ ଫାଇନାନ୍ସ ଇଣ୍ଡିଆ ଲିମିଟେଡ୍‌ର ବ୍ୟବସାୟ ମଧ୍ୟ ସାମିଲ ରହିଛି। ଉକ୍ତ ସଂସ୍ଥା କମର୍ସିଆଲ ଯାନ, ନିର୍ମାଣ ଉପକରଣ ଋଣ ଏବଂ ବ୍ୟକ୍ତିଗତ ଋଣ ଆଦି ପ୍ରଦାନ କରୁଛି।

ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଅମିତାଭ ଚୌଧୁରୀ କହିଛନ୍ତି, ଏହି ଅଧିଗ୍ରହଣ ଆମ ବ୍ୟବସାୟର ଅଭିବୃଦ୍ଧି ଘଟାଇବ। ଏପରିକି ପ୍ରଥମ ପର୍ଯ୍ୟାୟ ସମନ୍ୱୟ ଶେଷ ହେବା ସହ ଆମେ ସିଟିବ୍ୟାଙ୍କର ୨.୪ ନିୟୁତରୁ ଅଧିକ ଗ୍ରାହକ ଏବଂ ୩୨୦୦ କର୍ମଚାରୀଙ୍କୁ ଆମ ଆକ୍ସିସ୍ ପରିବାର ଦିଲ୍‌ସେକୁ ସ୍ୱାଗତ କରୁଛୁ। ବିଶେଷକରି ବ୍ୟାଙ୍କିଙ୍ଗ୍ ଶିଳ୍ପରେ ଅଭିବୃଦ୍ଧି ଓ ଅଗ୍ରଣୀ ସ୍ଥାନକୁ ଆକ୍ସିସ୍‌ର ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ। ଏପରିକି ଏହା ସହ ଜଡ଼ିତ ଥିବା ସମସ୍ତ ଅଂଶୀଦାରଙ୍କୁ ମଧ୍ୟ ଶ୍ରେଷ୍ଠ ମୂଲ୍ୟ ପ୍ରଦାନ କରିବ।


# Classified Everyday 0674-2580101, 2549949




**SALE**

Mega Duplex at project Retang Medical, Station, near CV Raman Tamando, Bhubaneswar. 7008459987. D-74825

Bhubaneswar-Khurda ମଧ୍ୟରେ Pitapali Chhakaରେ sthitiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

**Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195.** D-74814

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821

**New Cancer Hospital ନାଇକର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753.** D-73691

Gharabari boundary wall plot sale for Ragabazar (Tankapani road). 7008492511. D-2900

FOR SALE– 2 Nos. of 1 BHK Residential Flats, owned by Utkal Charitable Trust, each measuring 500 Sq.Ft. in Block-th A/2 on the 4 Floor at Nirupama Apartments near Kalinga Stadium, Nayapalli, Bhubaneswar. Interested persons may contact Mr. Sumit Sahoo, Mob. No.- 6371734757 or Mr. A. Srinivas, Mob. No. 9438176552. D-2908

Gharabari plot for sale 2km. from Sai Temple Tankapani Road Bridge. Contact: 9861616986. D-71368

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପାଖରୁ 7K.M. ଦୂର ରଙ୍ଗବଜାର ପାଖରେ finance ସହିତ ପ୍ଲଟ୍ ମିଳୁଛି। 8093465134, 9668194157. D-74827

ପିପିଲି ଟୋଲ୍‌ଗେଟ୍ ପୂର୍ବରୁ NH ନିକଟରୁ ୫୦୦ମି. ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ 30ft. Road, boundary ସହିତ sqft.-1250/-ରେ ଉପଲବ୍ଧ। 7749800648. D-2901

Gharabari plot near Madanpur High School, infront DN Heritage Bhubaneswar. 9937175132, 8917236183. D-71050

**ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434.** D-74824




Construct your Dream Home/Building with compititive rate contact Besco Developers, Satyanagar, Bhubaneswar. 7735330028, 9778855101. D-2706




**Three Rooms, Kitchen, Drawing, Dining, Two Toilets, Two Balcony, Covered Car and Two Wheeler Garage under CCTV Coverage in 2nd Floor of 3 Storey Building in Unit-8 area BBSR Bank PSU IT Executives Preferred Rs.19500 PM. Contact: 6372039533.** D-2899




Newly open SPA positively health benefit with expert. Contact: 8984068198. D-74517

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Asribadada Panchakarma herbal SPA Kesharimall, Bhubaneswar. Contact: 8926173473. D-74652

Newly open full body massage ladies and gents. 9861883292. D-74650

**All type of body massage by expert lady therapist. 7008773793.** D-73690

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2851

Newly open SPA positively health benefits with expert therapist. 7849011931. D-73684

Newly open health benefits SPA special Offer @ 999 Nayapalli. 7846814019. D-73687

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




କାରଖାନାରୁ ସିମେଣ୍ଟ ପରିବହନ ନିମନ୍ତେ ୧୦, ୧୨, ୧୪+ ଚକିଆ ଗାଡ଼ି/ ଟ୍ରକ୍ ଆବଶ୍ୟକ। ଯଥାଶୀଘ୍ର ଯୋଗାଯୋଗ କରନ୍ତୁ। 9338375318, 9692679472, 8763436231. D-60975

**LOST**

I Rabindranath Moharana would like to infornt the General Public place that I have misplaced my Original ROR of Rabindra Nath Moharana doc. bearing Khata No.-182/62, Plot No.-483 registered at (SRO) Jagatpur. If any one finds it, kindly contact me at 9337784052 within 15days from the date of issue of this ad. D-2909

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Sri Saswat Swain, S/o Sri Laxmidhar Swain of Nandanvihar, Bhubaneswar, have lost my original B.Tech certificate vide SN-BMHJ06013638, Regn :0601291065 (27.12.2011). If found please contact: 9437663088. D-2907

**AFFIDAVIT**

I, JEETENDRA NAYAK, S/O Late Laxminarayan Nayak R/o Rajendranagar, Madhupatna, Cuttack:- 753010 declare by this affidavit No 78 dated 02/03/2023 that now onward I shall be known as JITENDRA NAYAK for all future purposes. D-2905

ଧରିତ୍ରୀ DHARITRI Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ଗେଲ୍ (ଇଣ୍ଡିଆ) ସହ ଟିଏସ୍‌ଏମ୍‌ଏଲ୍‌ର ବୁଝାମଣା ସ୍ୱାକ୍ଷରିତ

**ନୂଆଦିଲ୍ଲୀ,୨।୩**

ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍) ଏବଂ ଗେଲ୍ (ଇଣ୍ଡିଆ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ଟିଏସ୍‌ଏମ୍‌ଏଲ୍ ପରିଚାଳନା କ୍ଷେତ୍ରରେ କାର୍ବନ ଫୁଟ୍‌ପ୍ରିଣ୍ଟ ହ୍ରାସ କରିବାର ପ୍ରତିବଦ୍ଧତାକୁ ଦୋହରାଇ କଟକର ଆଠଗଡ଼ ସ୍ଥିତ ଫେରୋ ଆଲଏଜ୍ କାରଖାନାକୁ ନାଚୁରାଲ୍ ଗ୍ୟାସ୍ ଯୋଗାଣ କରିବା ଲାଗି ଏହି ଏମ୍‌ଓୟୁ କରାଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି,ଏକ ଦାୟିତ୍ୱବାନ୍ ଖଣି କମ୍ପାନୀ ଭାବେ ସ୍ୱଚ୍ଛ ଇନ୍ଧନ ବ୍ୟବହାରକରି ପରିବେଶର ସୁରକ୍ଷା ପାଇଁ ଆମେ ପ୍ରତିବଦ୍ଧ ରହିଛୁ। ଏପରିକି ଗେଲ୍ (ଇଣ୍ଡିଆ) ସହ ଉକ୍ତ ବୁଝାମଣା ଆମକୁ ଏ ଦିଗରେ ଆହୁରି ସହାୟକ ହୋଇପାରିବ। ବିଶେଷକରିଆଠଗଡ଼ କାରଖାନାରେ ଫର୍ନେସ୍ ଅଏଲ୍ ବଦଳରେ ସ୍ୱଚ୍ଛ ଇନ୍ଧନ ବ୍ୟବହାର କରିବା ଲାଗି ପାଇପ୍‌ଲାଇନ ଜରିଆରେ ନାଚୁରାଲ୍ ଗ୍ୟାସ୍ ଯୋଗାଇବା ପାଇଁ ପୂର୍ବରୁ ଟାଟା ଷ୍ଟିଲ୍ ମାଇନିଂ ପକ୍ଷରୁ ଗେଲ୍ ସହ ଯୋଗାଯୋଗ କରାଯାଇଥିଲା। ଉକ୍ତ ପଦକ୍ଷେପ ଫଳରେ କାର୍ବନ୍ ଫୁଟ୍‌ପ୍ରିଣ୍ଟକୁ ହ୍ରାସ କରିବା ଏବଂ ଏକ ଚିରସ୍ଥାୟୀ ଭବିଷ୍ୟତ ଦିଗରେ କମ୍ପାନୀର ଉଦ୍ୟମକୁ ଆହୁରି ସୁଦୃଢ଼ କରିବ। ସେହିଭଳି ନାଚୁରାଲ୍ ଗ୍ୟାସ୍ ତୁଳନାରେ ଫର୍ନେସ୍ ଅଏଲ୍ ଅଧିକ ସିଓ୨, ନାଇଟ୍ରୋଜେନ୍ ଅକ୍ସାଇଡ୍ ଓ ସଲ୍‌ଫର ଅକ୍ସାଇଡ୍ ନିର୍ଗମନ କରିଥାଏ। ନାଚୁରାଲ୍ ଗ୍ୟାସ୍ ୨୭% କମ୍ ସିଓ୨ ନିର୍ଗମନ କରିଥାଏ ଏବଂ ଏହାର ପ୍ରଦୂଷଣ ସ୍ତର ମଧ୍ୟ କମ୍। ଏହି ପ୍ରକଳ୍ପ ଦ୍ୱାରା ବର୍ଷକୁ ୯୬୮ ଟନ୍ ସିଓ୨ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକୁ ହ୍ରାସ କରିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୩/୨୦୨୩ Bhubaneswar, Friday, March 3/ 2023

# ମନେ ରହିବେ ଗଉରା..



ପିଣ୍ଟୁ ନନ୍ଦ
୧୯୭୭ - ୨୦୨୩

ଏ ଗଉରା ଆଜିକାଲି କ'ଣ ଖାଉଛୁ...। ୨୦୦୩ର ଏହି ଲୋକପ୍ରିୟ ଗୀତ ଶୁଣିଲେ ଆଖି ଆଗକୁ ଆସିଯାଏ ଅଭିନେତା ପିଣ୍ଟୁ ନନ୍ଦଙ୍କ ଚେହେରା। ତାଙ୍କ ସହ ଅଭିନେତ୍ରୀ ମିଠି ଏହି ଭିଡିଓରେ ଅଭିନୟ କରିଥିଲେ। ଗୀତଟି ପିଣ୍ଟୁଙ୍କୁ ବେଶ୍ ଲୋକପ୍ରିୟତା ଆଣି ଦେଇଥିଲା। ଗଉରା ଚରିତ୍ରରେ ସେ ଘରେ ଘରେ ପରିଚିତ ହୋଇଯାଇଥିଲେ। ଏହାପରେ ବିଭିନ୍ନ ଧାରାବାହିକ ଓ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିଲେ। କେତେବେଳେ ସେ ମଜାଳିଆ ଢଙ୍ଗରେ ଦର୍ଶକଙ୍କୁ ମନୋରଞ୍ଜନ ଦେବା ସହ ବେଦମ୍ ହସାଉଥିଲେ ତ ପୁଣି କେତେବେଳେ ଛାତିଥରା ସଂଳାପରେ ଖଳନାୟକ ଭୂମିକାକୁ ଜୀବନ୍ତ କରୁଥିଲେ। କେବଳ ଅଭିନୟ ନୁହେଁ, ବ୍ୟକ୍ତିଗତ ଜୀବନରେ ଲୋକଙ୍କ ନିକଟତର ହେବାର କଳା ତାଙ୍କୁ ବେଶ୍ ଜଣାଥିଲା। ଯେଉଁ ଚରିତ୍ର ଦେଲେ ବି ତାକୁ ଚମତ୍କାର ଢଙ୍ଗରେ ଦର୍ଶକଙ୍କୁ ପରଷୁଥିଲେ ପିଣ୍ଟୁ। ହାସ୍ୟ ଅଭିନେତା ଭାବେ କଳାକାର ଜୀବନ ଆରମ୍ଭ କରିଥିବା ପିଣ୍ଟୁ ପରେ ପରେ ସହ କଳାକାର, ଅଭିନେତା, ଖଳ ନାୟକ ଚରିତ୍ରକୁ ବି ନିଆରା ଭାବେ ନିଭାଇଥିଲେ। ହେଲେ ଆଜି ପିଣ୍ଟୁଙ୍କ ପରଲୋକ ସମସ୍ତଙ୍କୁ ଦୁଃଖ ଦେଇଥିଲେ ମଧ୍ୟ 'ଗଉରା' ଭାବେ ସେ ସବୁବେଳେ ମନେ ରହିବେ। କଳାକାର, ଦର୍ଶକ, ଶୁଭେଚ୍ଛୁ - ସବୁରି ମୁହଁରେ ଆଜି ସେହି ଗୋଟିଏ କଥା ହସାଉଥିବା ଲୋକଟା ଆଜି ଆମ ଆଖିରେ ଲୁହ ଦେଇ ଛାଡ଼ି ଚାଲିଗଲା...।

## ଅନ୍ତୁ କୁଆଡ଼େ ଗଲୁ ରେ....

ଦୂରଦର୍ଶନରେ ପ୍ରସାରିତ ଫକୀର ମୋହନ ସେନାପତିଙ୍କ ଗଳ୍ପ 'ରାଣ୍ଡି ପୁଅ ଅନନ୍ତା'ରେ ଅନନ୍ତ ଚରିତ୍ରରେ ସେ ଏକ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଯିଏ ନିଜ ମା' କଥା କେବେ ନ ଶୁଣି ଗାଁ ଲୋକଙ୍କ କଥାରେ ମାତିଯାଏ, ସେହି ଚରିତ୍ରକୁ ସେ ଏମିତି ଭାବରେ ଉପସ୍ଥାପନ କରିଥିଲେ ଯେ ହଜାର ହଜାର ଦର୍ଶକଙ୍କ ଭଲପାଇବାରେ ବାନ୍ଧି ହୋଇଯାଇଥିଲେ। ତାଙ୍କର ସେ ମଜାଳିଆ ପ୍ରତିଟି ସିନ୍‌କୁ ଦର୍ଶକ ଖୁବ୍ ଉପଭୋଗ କରିଥିଲେ। ଶେଷ ଭାଗକୁ ଗାଁର ବନ୍ୟାଜଳ ରୋକିବାକୁ ଉଦ୍ୟମ ସମୟରେ ମାଟି ଭିତରେ ପୋତି ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ଛବି ଥିଲା ଅତ୍ୟନ୍ତ ହୃଦୟ ବିଦାରକ। ବର୍ଷା ଘଡ଼ଘଡ଼ିରେ ଅନନ୍ତାର ମା' 'ଅନ୍ତୁ କୁଆଡ଼େ ଗଲୁ ରେ...' ବୋଲି ଚିତ୍କାର କରି ତାଙ୍କୁ ଖୋଜଥିଲେ ମଧ୍ୟ ସେ କିନ୍ତୁ ସବୁଦିନ ପାଇଁ ସମସ୍ତଙ୍କୁ ଛାଡ଼ି ଚାଲି ଯାଇଥିଲେ। ଆଜି ଠିକ୍ ସେମିତି ସମସ୍ତଙ୍କୁ ହସର ଖୋରାକ ଯୋଗାଉଥିବା ପିଣ୍ଟୁ ସମସ୍ତଙ୍କୁ ଦୁଃଖର ସୁଅରେ ଭସାଇ ଚାଲିଯାଇଛନ୍ତି।



## ମୋତେ ଆଶୀର୍ବାଦ ଦିଅ, ମୁଁ ନିଶ୍ଚୟ ଫେରିବି

'ସମସ୍ତଙ୍କ ଅଜସ୍ର ପ୍ରାର୍ଥନା, ଦାନ ମୋତେ ସାହସ ଦେଲା ଦିଲ୍ଲୀ ଯିବା ପାଇଁ। ବୁନ୍ଦା ବୁନ୍ଦା ଜଳରେ ସମୁଦ୍ର ଯେମିତି ବନେ, ସେମିତି ମୋ ଚିକିତ୍ସା ପାଇଁ ଟଙ୍କା ଯୋଗାଡ଼ ମଧ୍ୟ ଚାଲିଛି। ସମସ୍ତ ଦର୍ଶକଙ୍କ ଭଲ ପାଇବାକୁ ସାଉଣ୍ଟି ମୁଁ ଦିଲ୍ଲୀ ଯାଉଛି। ମୋତେ ଆଶୀର୍ବାଦ ଦିଅ ମୁଁ ନିଶ୍ଚେ ଫେରିବି...। ଏଭଳି କିଛି ଶେଷ କଥା ଦର୍ଶକଙ୍କୁ ଭେଟି ଦେଇଥିଲେ ପିଣ୍ଟୁ। ଯକୃତ ପ୍ରତିରୋପଣ ପାଇଁ ଦିଲ୍ଲୀ ଯିବା ପୂର୍ବରୁ ପିଣ୍ଟୁ ନନ୍ଦ ମନରେ ଦମ୍ଭ ରଖି ପୁଣି ଫେରିବି ବୋଲି କହି ଯାଇଥିଲେ। କିନ୍ତୁ ... !

## ୧୯୯୬ରେ ଚଳଚ୍ଚିତ୍ରରେ ପ୍ରବେଶ

୧୯୯୬ରେ 'କୋଇଲି' ଚଳଚ୍ଚିତ୍ରରୁ ଆରମ୍ଭ ହୋଇଥିଲା ପିଣ୍ଟୁଙ୍କ ସିନେମା ଯାତ୍ରା। ଏଥିସହ ଦୂରଦର୍ଶନ ଜରିଆରେ ସେ ଅଭିନୟ ଆରମ୍ଭ କରିଥିଲେ। ଗୋଟିଏ ପରେ ଗୋଟିଏ ଫିଲ୍ମ, ଆଲବମ୍‌ରେ ସେ ଦମ୍‌ଦାର ଅଭିନୟ କରି ଦର୍ଶକଙ୍କ ପାଖରୁ ପ୍ରଶଂସା ସାଉଁଟି ଚାଲିଥିଲେ। ଦୂରଦର୍ଶନରେ ପ୍ରସାରିତ 'ରାଣ୍ଡି ପୁଅ ଅନନ୍ତା'ରେ ସେ ଦର୍ଶକଙ୍କୁ ବେଶ୍ ହସାଇଥିଲେ। ପରେ ରଙ୍ଗ ନମ୍ବର, ବାହୁଡ଼ିବେ ମୋ ଜଗାବଳିଆ, ପ୍ରେମ ରୋଗୀ, ତୋ ଆଖି ମୋ ଆଇନା, ରାମ ଲକ୍ଷ୍ମଣ, ନନ୍ଦିନୀ ଆଇ ଲଭ୍ ୟୁ, ପ୍ରେମରତୁ ଆସିଲାରେ, ଦୋସ୍ତି, ହାତ ଧରି ଚାଲୁଥା, ରୁମ୍‌କୁ ଝୁମାନା, କଥା ଦେଲି ମଥା ଛୁଇଁ, ମେଣ୍ଟାଲ ଟୋକା ଭଳି ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ସେ ଅଭିନୟ କରିଛନ୍ତି। ତାଙ୍କ ଅଭିନୀତ ବହୁଭାଷା ଚଳଚ୍ଚିତ୍ର 'ଜୟ ଜଗନ୍ନାଥ'ରେ ତାଙ୍କ ଚରିତ୍ର ବେଶ୍ ମନଛୁଆଁ ଥିଲା। 'ଏ ଗଉରା ଆଜିକାଲି କ'ଣ ଖାଉଛୁ' ଆଲବମ୍ ତାଙ୍କୁ ଲୋକପ୍ରିୟ କରିଥିବାବେଳେ ଚଳଚ୍ଚିତ୍ର 'ରଙ୍ଗ ନମ୍ବର' ପାଇଁ ସେ ଶ୍ରେଷ୍ଠ ହାସ୍ୟାଭିନେତା ଭାବେ ରାଜ୍ୟ ପୁରସ୍କାର ମଧ୍ୟ ହାସଲ କରିଛନ୍ତି।

### 'ସରକାର ଚାହିଁଥିଲେ ସେ ବଞ୍ଚି ଯାଇଥାନ୍ତେ'

ଏତେ ଶୀଘ୍ର ଛାଡ଼ି ଚାଲିଯିବ କେବେ ଭାବି ନ ଥିଲି। ବହୁ ସିନେମାରେ ସାଙ୍ଗ ହୋଇ ଅଭିନୟ କରିଛୁ। ପାଖାପାଖି ୨୫ବର୍ଷ ଧରି ତା' ସହ ମୋର ସମ୍ପର୍କ। ସେ ସୁଟିଂ ସେଟ୍‌ରେ ଥିବେ ମାନେ ଏକ ଅଲଗା ପରିବେଶ। ମଜାମସ୍ତି ହୋହାଲ୍ଲା ଭିତରେ ସମସ୍ତେ ମାତି ଯାଆନ୍ତି। ଚିକିତ୍ସା ପାଇଁ ଅର୍ଥ ବାଧକ ଥିଲା। ରାଜ୍ୟ ସରକାରଙ୍କ ନଜରରେ କଳାକାର ନାହାନ୍ତି। ବାହାରୁ କଳାକାର ଡାକି ହକି ସମୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଗଲା। କିନ୍ତୁ ପିଣ୍ଟୁଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ସହଯୋଗର ହାତ ବଢ଼ାଇଲେ ନାହିଁ। ସରକାର କାମ ବେଳେ କଳାକାରଙ୍କୁ ନେଇ କାମରେ ନିୟୋଜିତ କରାଉଛନ୍ତି, ଅସୁବିଧା ସମୟରେ ଛିଡ଼ା ହେଉ ନାହାନ୍ତି। ସରକାର ଚାହିଁଥିଲେ ସେ ଭଲ ହୋଇ ପାରିଥାନ୍ତା, ବଞ୍ଚିଯାଇଥାନ୍ତା।

- ଶ୍ରୀତମ୍ ଦାସ, ଅଭିନେତା ତଥା ସିନେ କଳାକାର ଆସୋସିଏଶନ ସମ୍ପାଦକ

# ପିଣ୍ଟୁଙ୍କୁ ଝୁରୁଛି ସାରା ଓଡ଼ିଶା

## ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଶୋକ

### ଆଜି ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ

ଭୁବନେଶ୍ୱର,୨।୩(ବ୍ୟୁରୋ)

ଲୋକପ୍ରିୟ ଅଭିନେତା ପିଣ୍ଟୁ ନନ୍ଦଙ୍କୁ ଏବେ ଝୁରୁଛି ସାରା ଓଡ଼ିଶା। ଓଡ଼ିଶା ସିନେ କଳାକାର ଆସୋସିଏଶନ ଓ ଶୁଭେଚ୍ଛୁଙ୍କ ବହୁ ଉଦ୍ୟମ ସତ୍ତ୍ୱେ ତାଙ୍କୁ ବଞ୍ଚାଇବା ସମ୍ଭବ ହେଲା ନାହିଁ। ଲିଭର ସିରୋସିସ୍ ରୋଗରେ ପୀଡିତ ଥିବା ପିଣ୍ଟୁ ଶେଷରେ ଲିଭର ପ୍ରତିରୋପଣ ପୂର୍ବରୁ ବୁଧବାର ରାତି ୧୧ଟା ୨୫ରେ ହାଇଦ୍ରାବାଦର ଯଶୋଦା ହସ୍ପିଟାଲରେ ମାତ୍ର ୪୭ବର୍ଷ ବୟସରେ ଆଖି ବୁଜିଛନ୍ତି। ତାଙ୍କ ବିୟୋଗରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଦୁଃଖ ପ୍ରକାଶ କରିବା ସହ ନିଖୁଣ ଅଭିନୟ ଦ୍ୱାରା ଘରେ ଘରେ ପରିଚିତ ପିଣ୍ଟୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମଧ୍ୟ ଏହି ଖବର ଶୁଣି ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି କହିଛନ୍ତି, ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତା ପିଣ୍ଟୁ ନନ୍ଦଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଚଳଚ୍ଚିତ୍ର ଓ ଧାରାବାହିକରେ ଛାଡ଼ିଯାଇଥିବା ଛାପ ତାଙ୍କୁ ଦର୍ଶକଙ୍କ ହୃଦୟରେ ସର୍ବଦା ସ୍ମରଣୀୟ କରି ରଖିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି। କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରି କହିଛନ୍ତି, ଓଡ଼ିଶା ସିନେ ଜଗତର ଲୋକପ୍ରିୟ ଅଭିନେତା ପିଣ୍ଟୁ ନନ୍ଦଙ୍କ ଅକାଳ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ବିଶେଷ ଭାବରେ ଓଡ଼ିଆ ଚଳଚ୍ଚିତ୍ରରେ ତାଙ୍କର ଅଭିନୟ ଥିଲା ଅନନ୍ୟ ଓ ନିଖୁଣ। ତାଙ୍କର ଅକାଳ ବିୟୋଗରେ ଓଡ଼ିଶା ଜଣେ ଭଲ କଳାକାରଙ୍କୁ ହରାଇଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ କେନ୍ଦ୍ରମନ୍ତ୍ରୀ ସମବେଦନା ଜଣାଇଛନ୍ତି।

ଗୁରୁବାର ରାତି ପ୍ରାୟ ୮ଟା ୫୦ରେ ପିଣ୍ଟୁଙ୍କ ମରଶରୀରକୁ ହାଇଦ୍ରାବାଦରୁ ବିମାନରେ ଭୁବନେଶ୍ୱର ଅଣାଯାଇଥିଲା। ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କ ପାର୍ଥିବ ଶରୀରକୁ କିମ୍ସ ହସ୍ପିଟାଲରେ ରଖାଯାଇଛି। ଶୁକ୍ରବାର କଳାରାହାଙ୍ଗସ୍ଥିତ ତାଙ୍କ ବାସଭବନକୁ ନିଆଯିବ। ସେଠାରେ ଶେଷ ଦର୍ଶନ ପରେ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ତାଙ୍କ ପରିବାର ପକ୍ଷରୁ ସୂଚନା ମିଳିଛି। ତେବେ ଭୁବନେଶ୍ୱର ବିମାନ ବନ୍ଦରରେ ବହୁ ଅଭିନେତା, ସାଙ୍ଗସାଥୀ ଓ ଶୁଭେଚ୍ଛୁ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା।

ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ପିଣ୍ଟୁଙ୍କୁ ଯକୃତ ପ୍ରତିରୋପଣ ଲାଗି ପ୍ରଥମେ ଦିଲ୍ଲୀର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲିଭର ଆଣ୍ଡ ବିଲିୟାରି ସାଇନ୍ସ (ଆଇଏଲ୍‌ବିଏସ୍) ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଯକୃତ ଦେବାକୁ ଥିବା ପରିବାର ସଦସ୍ୟଙ୍କ ନମୁନା ମ୍ୟାଚ୍ କରି ନ ଥିଲା। ଏପରିକି ଉକ୍ତ ହସ୍ପିଟାଲରେ ବାହାର ଲୋକଙ୍କ ଯକୃତ ପ୍ରତିରୋପଣର ଚିକିତ୍ସା ସୁବିଧା ନ ଥିବାରୁ ପିଣ୍ଟୁଙ୍କୁ ଫେବୃୟାରୀ ୨୫ରେ ହାଇଦ୍ରାବାଦର ଯଶୋଦା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ବଡ଼ ସମସ୍ୟା ଥିଲା ଡୋନର ଓ ଅର୍ଥ ସଂଗ୍ରହ। ଏହା ଭିତରେ ବହୁ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଥିବାବେଳେ ପ୍ରତିରୋପଣ ପାଇଁ ଏବେ ଆଉ ୩୫ ଲକ୍ଷ ଟଙ୍କା ଦରକାର ଥିବା ନେଇ ପରିବାର ସଦସ୍ୟ, କଳାକାର ଓ ଶୁଭେଚ୍ଛୁମାନେ ସମସ୍ତଙ୍କ ସହାୟତା ଲୋଡ଼ିଥିଲେ।

### ଦାଦା ଦାଦା ଡାକି ମୋ ପାଖେ ପହଞ୍ଚିଯାଏ

'ରାଣ୍ଡି ପୁଅ ଅନନ୍ତା'ରେ ତା' ଅଭିନୟ ବେଶ୍ ଚମତ୍କାର। ତା'ଭଳି ଅଭିନୟ ଓଡ଼ିଶାରେ କେହି କରିପାରିବେ ନାହିଁ। ଜଣେ ଭଲ କଳାକାର ଥିଲା ପିଣ୍ଟୁ। ସେ ଆହୁରି ୨୦ବର୍ଷ ବଞ୍ଚିକି ରହିଥାନ୍ତା। କେତେ ଚରିତ୍ରରେ ନଜରକୁ ଆସିଥାନ୍ତା। ଯେଉଁ ଚରିତ୍ର ଦେଲେ ସେ ତାକୁ ଅତି ସୁନ୍ଦର ଭାବେ ଦର୍ଶକଙ୍କ ପାଖେ ଉପସ୍ଥାପନ କରୁଥିଲା। ମୁଁ ବଞ୍ଚି ଥାଉ ଥାଉ ସେ ଚାଲିଗଲା ମୋତେ ଭାରି କଷ୍ଟ ଲାଗୁଛି। ପୁଣି ଏତେ କମ୍ ବୟସରେ। ଦାଦା ଦାଦା କହି ମୋ ପାଖକୁ ଆସି ସ୍ନେହ ଅଜାଡ଼ିଦିଏ। ତା'ସହ ମୋର ଶେଷ ଚଳଚ୍ଚିତ୍ର 'ରୁଦ୍ରାଣୀ' ଥିଲା। ଆଜିଠୁ ତା' କଥା ମନେ ପଡ଼ିବା ଆରମ୍ଭ ହେଲା।

- ଇଲୁ ବାନାର୍ଜୀ, ଅଭିନେତା

### ଭାଇ ତମେ ଠକିଦେଲ...

କୌଣସି ଅସୁବିଧାରେ ପଡ଼ିଲେ ଭାଇ ଆସି ଆଗ ପହଞ୍ଚି ଯାଆନ୍ତି। ଥରେ ରାତିରେ କିଛି ପିଲା ଫଲୋ କରିବା ସମୟରେ ରାତି ଅଧରେ ତାଙ୍କୁ ଫୋନ୍ କଲି, ସେ ଆସି ସାଙ୍ଗେ ସାଙ୍ଗେ ପହଞ୍ଚିଥିଲେ। ତାଙ୍କୁ ଦେଖି ସେମାନେ ପଳେଇଲେ। ଭଲ ହୋଇ ଫେରିବେ ବୋଲି କହିଥିଲେ, କିନ୍ତୁ ସେ ମୋତେ ଠକି ଦେଇ ଚାଲିଗଲେ।

- ରାଣୀ ପ୍ରିୟଦର୍ଶନୀ, ଅଭିନେତ୍ରୀ

### ଆଖି ସାମ୍ନାରେ ଚାଲିଯିବାଟା ବେଶ୍ କଷ୍ଟଦାୟକ

ଯେଉଁ ପ୍ରକ୍ରିୟା ଦେଇ ତା'ର ଚିକିତ୍ସା ଚାଲିଥିଲା ତାହା ବହୁତ କଷ୍ଟଦାୟକ ଥିଲା। ପିଣ୍ଟୁ ସାନ ଭାଇଟା ମୋର। ସେ ଆଖି ସାମ୍ନାରେ ଚାଲିଯିବାଟା ବେଶ୍ କଷ୍ଟ ଦାୟକ। ଦୁଷ୍ଟାମି କରେ, ଚଗଲାମି କରେ, ସେଟ୍‌ରେ ସମସ୍ତଙ୍କୁ ମନୋରଞ୍ଜନ କରାଏ। ଲାଗୁଛି ସେ ଏଇ ଆଖି ସାମ୍ନାରେ ଥିଲା, ଆଉ ଚାଲିଗଲା। ତା'ର ଅଭିନୟ ଶୈଳୀ ଅଦ୍ଭୁତ ଥିଲା। ସେଥିପାଇଁ ସେ ଦର୍ଶକଙ୍କ ପାଖେ ଲୋକପ୍ରିୟ ହୋଇପାରିଥିଲା।

- କୁନା ତ୍ରିପାଠୀ, ଅଭିନେତା ତଥା ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ

### ଖୁବ୍ ଜୀବନ୍ତ ଅଭିନୟ କରୁଥିଲା

ଓଡ଼ିଆ ଦର୍ଶକ, କଳାକାର ସମସ୍ତେ ପିଣ୍ଟୁର ଆରୋଗ୍ୟ କାମନା କରୁଥିଲେ। ସେ ଜଣେ ଭଲ କଳାକାର ଥିଲା। ସେ ମୋ ସହ ପ୍ରାୟ ୬୦ରୁ ଅଧିକ ଚଳଚ୍ଚିତ୍ର ଓ ଧାରାବାହିକରେ ଅଭିନୟ କରିଛି। ତା' ଅଭିନୟ ଖୁବ୍ ଜୀବନ୍ତ ଥିଲା। ସେ ଯେଉଁ ମାହୋଲରେ ରୁହେ, ତାହାକୁ ହସ ଖୁସିରେ ଭରିଦିଏ। ସବୁ ପ୍ରଯୋଜକ, ନିର୍ଦ୍ଦେଶକଙ୍କର ପ୍ରଥମ ପସନ୍ଦ ଥିଲା ପିଣ୍ଟୁ। ହାସ୍ୟ ଅଭିନେତାଠୁ ନେଇ ଖଳନାୟକ ଯାଏ, ସବୁ ଚରିତ୍ରରେ ସେ ନିଜର ଏକ ଛାପ ଛାଡ଼ିଯାଇଛି।

- ପ୍ରଦ୍ୟୁମ୍ନ ଲେଙ୍କା, ଅଭିନେତା




# ବନ୍ୟପ୍ରାଣୀଙ୍କ ଗତିବିଧି ନେଇ ଦିଆଯିବ ଆଗୁଆ ସୂଚନା



ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ବୈଠକରେ ମୁଖ୍ୟ ଶାସନ ସଚିବ ଓ ଅନ୍ୟମାନେ।

ଭୁବନେଶ୍ୱର, ୨।୩(ବ୍ୟୁରୋ)

ଜନବସତି ମଧ୍ୟରେ ବନ୍ୟପ୍ରାଣୀଙ୍କ ଉପଦ୍ରବ ରୋକିବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟଭେଦୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଜନଜୀବନ ରକ୍ଷା ସହ ଜୀବଜନ୍ତୁଙ୍କ ସୁରକ୍ଷା ଉପରେ ବ୍ୟାପକ ପଦକ୍ଷେପ ନିଆଯିବ। ଏ ନେଇ ଗୁରୁବାର ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜଙ୍ଗଲ, ଶକ୍ତି ଏବଂ ସମ୍ପୃକ୍ତ ଅନ୍ୟାନ୍ୟ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସଚେତନତା ବୃଦ୍ଧି, ସୁରକ୍ଷା କରିଡର ସୁଦୃଢ଼ କରିବା ରେଡିଓ କଲାର ମାଧ୍ୟମରେ ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖିବା, ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି, କ୍ଷୟକ୍ଷତିର ତୁରନ୍ତ ଆକଳନ, ଉପଦ୍ରବ ଅଞ୍ଚଳରେ ବିଦ୍ୟୁତ ଚୋରାଚାଲାଣ ରୋକିବାକୁ ପାଟ୍ରୋଲିଂ କଡାକଡି ଏବଂ ସମ୍ପୃକ୍ତ ଅପରାଧୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଲୋଚନା ହୋଇଥିଲା। ସେହିପରି ବନ୍ୟପ୍ରାଣୀଙ୍କ ଗତିବିଧି ନେଇ ସ୍ଥାନୀୟ ଅଞ୍ଚଳରେ ସେହି ସମୟରେ ଉପଲବ୍ଧ ମୋବାଇଲ ନମ୍ବରକୁ ଆଗୁଆ ଏସ୍.ଏମ୍.ଏସ୍. ପ୍ରଦାନ ଉପରେ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ। ଆବଶ୍ୟକ ସ୍ଥଳେ ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ ହାନୀ ଏବଂ ଧନଜୀବନ କ୍ଷତିଗ୍ରସ୍ତ ହେବା ନେଇ ତୁରନ୍ତ ଠିକ ଆକଳନ ସହ ସହାୟତା ରାଶି ବୃଦ୍ଧି ଉପରେ ମିଳିତ ଭାବେ ବିଚାର ବିମର୍ଶ କରି ପଦକ୍ଷେପ ନେବାକୁ ସେ ସମ୍ପୃକ୍ତ ବିଭାଗୀୟ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ଶାସନ ସଚିବ ମୋନା ଶର୍ମା, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଟିପିସିଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. ସେନବାଗନ, ସ୍ନେହା ବେସରକାରୀ ସଂସ୍ଥାର ରାମାସ୍ୱାମୀ କ୍ରିଷ୍ଣନ ପ୍ରମୁଖ ଉପସ୍ଥିତ ଥିଲେ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୩/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Friday, March 3/2023 | Page 16 | ₹ 7.00



## ଗୁକେଶ ପ୍ଲେୟର ଅଫ୍ ଦି ଇୟର

ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ଏସିଆନ ଚେସ୍ ଫେଡେରେଶନ ଦ୍ୱାରା ପ୍ଲେୟର ଅଫ୍ ଦି ଇୟର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

୦୮

୦୫

## ପୋଲିସ ହେବେ ରାକ୍ଷୀ

ବି-ଟାଉନର ଡ୍ରାମାକୁଇନ ରାକ୍ଷୀ ସାୱନ୍ତ ତାଙ୍କ ଜୀବନକୁ ନେଇ ଏକ ଚଳଚ୍ଚିତ୍ର କରିବାକୁ ଯାଉଛନ୍ତି। ସେଥିରେ ସେ ପୋଲିସ ଭୂମିକାରେ ନଜର ଆସିବେ।



# ମିଶନ ଶକ୍ତି ସହଭାଗୀଙ୍କୁ ସାଇକେଲ

## କମ୍ୟୁନିଟି ପାର୍ଟନରଙ୍କ ଭାଗୀଦାରି ମିଶନ ଶକ୍ତିକୁ ୧ ନମ୍ବର କରିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୩(ବ୍ୟୁରୋ)

ସହରାଞ୍ଚଳରେ କାମ କରୁଥିବା ୮ ହଜାର ମିଶନଶକ୍ତି ଗୋଷ୍ଠୀ ସହଭାଗୀ (କମ୍ୟୁନିଟି ପାର୍ଟନର)ଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଇକେଲ ବଣ୍ଟନ କରିଛନ୍ତି। ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ଆହାର କର୍ମୀ, ଜଳସାଥୀ ଏବଂ ସୁପରଭାଇଜର ଭଳି ଗୋଷ୍ଠୀ ସହାୟକମାନେ ସାଇକେଲ ପାଇଛନ୍ତି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ମିଶନଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ଗୁରୁବାର ଲୋକସେବା ଭବନସ୍ଥିତ କନ୍‌ଭେନଶନ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, କମ୍ୟୁନିଟି ପାର୍ଟନରଙ୍କ ଭାଗୀଦାରି ମିଶନ ଶକ୍ତିକୁ ସଫଳ କାର୍ଯ୍ୟକ୍ରମରେ ପରିଣତ କରିଛି । ମା'ମାନଙ୍କର ସଫଳତା, ଆତ୍ମବିଶ୍ୱାସ, ଉତ୍ସାହ ମିଶନଶକ୍ତିକୁ ଏକ ନମ୍ବର ସଫଳ କାର୍ଯ୍ୟକ୍ରମରେ ପରିଣତ କରିଛି। ବିଭିନ୍ନ ସହରରେ ମିଶନଶକ୍ତି ସଦସ୍ୟମାନେ ଗୋଷ୍ଠୀ ଭାଗୀଦାରି (କମ୍ୟୁନିଟି ପାର୍ଟିସିପେଶନ) କାର୍ଯ୍ୟକ୍ରମରେ ଅନେକ ଦାୟିତ୍ୱ ହାତକୁ ନେଇଛନ୍ତି। ଆହାର, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଦି ଅନେକ କାମ ଜଳସାଥୀ, ସ୍ୱଚ୍ଛସାଥୀ କରୁଛନ୍ତି। ଆପଣମାନଙ୍କ କାମରେ ସମସ୍ତେ ଖୁସି। ଆପଣମାନେ ଯେପରି ସୁବିଧାରେ ନିଜ ନିଜର ଦାୟିତ୍ୱ ପାଳନ କରିପାରିବେ, ସେଥିପାଇଁ ରାଜ୍ୟ ସରକାର ଏହି ସାଇକେଲ ଦେଉଛନ୍ତି। ଏଥିଲାଗି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମିଶନଶକ୍ତି ଗୋଷ୍ଠୀକୁ ୧୦୦ କୋଟି ଟଙ୍କାର ପ୍ରୋତ୍ସାହନ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରିଛନ୍ତି। ଓଡ଼ିଶାର ମିଶନ ଶକ୍ତି ☞ପୃଷ୍ଠା-୫



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି ଗୋଷ୍ଠୀ ସହଭାଗୀଙ୍କୁ ସାଇକେଲ ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

# ବିମାନର ଜରୁରୀ ଅବତରଣ, ପକ୍ଷୀ ମାଡ଼ ସନ୍ଦେହ

ଭୁବନେଶ୍ୱର, ୨।୩(ବ୍ୟୁରୋ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ପୁଣେ ଉଡ଼ାଣ କରିବାର କିଛି ସମୟ ପରେ ଏୟାର ଏସିଆର ଏକ ବିମାନ ପୁଣି ଅବତରଣ କରିଥିଲା। ଏଥିରେ ପକ୍ଷୀ ମାଡ଼ ହୋଇଥିବା ସନ୍ଦେହରେ ବିମାନକୁ ଅବତରଣ କରାଯାଇଥିଲା। ସୂଚନାନୁସାରେ, ଅପରାହ୍ନ ୩ଟାରେ ବିମାନଟି ଭୁବନେଶ୍ୱରରୁ ଉଡାଣ ଭରିଥିଲା। ୩ଟା ୭ରେ ପକ୍ଷୀ ମାଡ଼ ହୋଇଥିବା ସନ୍ଦେହ କରାଯାଇଥିଲା। କାରଣ ପାଇଲଟ୍ ସେଭଳି କିଛି ସୂଚନା ପାଇବା ପରେ ତୁରନ୍ତ କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ କରିଥିଲେ। ତେଣୁ ବିମାନଟିକୁ ୩ଟା ୨୪ରେ ଅବତରଣ କରାଯିବା ପରେ ସଙ୍ଗେ ସଙ୍ଗେ ଯାଞ୍ଚ କରାଯାଇଥିଲା। ହେଲେ ପକ୍ଷୀ ମାଡ଼ର କୌଣସି ସୁରାକ ମିଳି ନ ଥିଲା। ତେଣୁ କିଛି ସମୟ ପରେ ବିମାନଟି ପୁଣେ ଅଭିମୁଖେ ପୁଣି ଉଡାଣ କରିଥିଲା। ଏ ନେଇ ବିମାନବନ୍ଦର ନିର୍ଦ୍ଦେଶକ କହିଛନ୍ତି, ସେମିତି କିଛି ଘଟଣା ଘଟିନାହିଁ। ପକ୍ଷୀ ମାଡ଼ ହୋଇଥିବା ଆମେ ସନ୍ଦେହ କରିଥିଲୁ। ସେପଟେ ବିମାନ ଚଳାଚଳ ବିଳମ୍ବ ହେବାରୁ ଯାତ୍ରୀଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଯଥାଶୀଘ୍ର ବିମାନ ଚଳାଚଳ କରିବାକୁ ଯାତ୍ରୀମାନେ ଦାବି କରିଥିଲେ।

# କଟକରେ ଏନ୍‌କାଉଣ୍ଟର

## ଶଙ୍କର ଆହତ: ବନ୍ଧୁକ, ଗୁଳି ଜବତ

କଟକ ଅଫିସ,୨।୩

କଟକ ଜିଲା ବିଡ଼ାନାସୀ ଥାନା ଅଧୀନ ଭୁଆସୁଣି ପଡ଼ିଆରେ ଗୁରୁବାର ରାତି ପ୍ରାୟ ସାଢେ ୮ଟାରେ ପୋଲିସ-ଅପରାଧୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ପୋଲିସ ଏନ୍‌କାଉଣ୍ଟରରେ ରାଣୀହାଟ ଗୋପାଳସାହିର ଶଙ୍କର ଓରଫ ଦୀପକ ନାୟକ ଆହତ ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କଠାରୁ ଗୋଟିଏ ବନ୍ଧୁକ ଓ ଗୁଳି ଜବତ କରାଯାଇଛି। ସେ ଜଣେ ପେଶାଦାର ଅପରାଧୀ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଶଙ୍କରଙ୍କ ଦ୍ୱାରା ବେଆଇନ ବନ୍ଧୁକ, ଗୁଳି ଚାଲାଣ ☞ପୃଷ୍ଠା-୫

# ହସ୍ପିଟାଲରେ ଲାଗିବ ବାୟୋମେଟ୍ରିକ ମେଶିନ



ଭୁବନେଶ୍ୱର, ୨।୩(ବ୍ୟୁରୋ)

ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଏବେ ହସ୍ପିଟାଲରେ ବାୟୋମେଟ୍ରିକ ଆଟେଣ୍ଡାନ୍ସ ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରୁ ଏହା ଲାଗୁ ହୋଇଯିବ ବୋଲି ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରମୁଖ ଶାସନ ସଚିବ ଡା. ଶାଳିନୀ ପଣ୍ଡିତ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଡାକ୍ତର, ନର୍ସ ଏବଂ ଅନ୍ୟ କର୍ମଚାରୀଙ୍କ ଦୈନନ୍ଦିନ ଉପସ୍ଥିତି(ଆଟେଣ୍ଡାନ୍ସ) ଜାଣିବା ପାଇଁ ବାୟୋମେଟ୍ରିକ ସିଷ୍ଟମ ଲାଗୁ କରାଯିବ। ପ୍ରଥମ ପର୍ଯ୍ୟାୟରେ ଏହା ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ମେଡିକାଲ କଲେଜରେ ସ୍ଥାପନ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ସ୍ଥାପନ କରାଯିବ ବୋଲି ଶାଳିନୀ ପଣ୍ଡିତ କହିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩ ମାର୍ଚ୍ଚ, ୨୦୨୩

**ଅଜୟ ବଙ୍ଗାଙ୍କ ନିଯୁକ୍ତିକୁ ଭାରତର ସମର୍ଥନ**

ଭାରତୀୟ ବଂଶୋଦ୍ଭବ ଅଜୟ ବଙ୍ଗାଙ୍କ ନାମକୁ ୱାର୍ଲ୍ଡ ବ୍ୟାଙ୍କ ସଭାପତି ଭାବେ ମନୋନିତ କରାଯିବା ପରେ ଭାରତ ଏହାକୁ ସମର୍ଥନ କରିଛି। ଏ ନେଇ କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଏକ ଟୁଇଟ୍ ପୋଷ୍ଟ କରାଯାଇଛି, ଯେଉଁଥିରେ ଭାରତ ପକ୍ଷରୁ ଅଜୟଙ୍କୁ ଶୁଭେଚ୍ଛା ଜଣାଯାଇଛି। ଗତମାସରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବିଶ୍ୱ ବ୍ୟାଙ୍କ ସଭାପତି ପଦ ପାଇଁ ଅଜୟଙ୍କ ନାମ ଚୟନ କରିଥିଲେ।



## ସଂକ୍ଷେପରେ

### ହାଥରସ୍ ଗଣବଳାତ୍କାର, ହତ୍ୟା ମାମଲା: ଜଣେ ଦୋଷୀ, ୩ ଖଲାସ

**ଲକ୍ଷ୍ନୌ, ୨।୩:** ଉତ୍ତର ପ୍ରଦେଶ ହାଥରସ୍‌ରେ ଦଳିତ ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ମାମଲାର ଶୁଣାଣି ଗୁରୁବାର ୟୁପିର ଜିଲା ଏସ୍‌ସି/ଏସ୍‌ଟି କୋର୍ଟରେ ହୋଇଥିଲା। ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଅଭିଯୁକ୍ତ ରବି, ଲବ କୁଶ ଏବଂ ରାମଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ସନ୍ଦୀପଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟଙ୍କ ରାୟରେ ପୀଡ଼ିତାଙ୍କ ପରିବାର ଲୋକ ସନ୍ତୁଷ୍ଟ ନାହାନ୍ତି। ନ୍ୟାୟ ପାଇଁ ସେମାନେ ହାଇକୋର୍ଟରେ ଅପିଲ୍ କରିବେ ବୋଲି କହିଛନ୍ତି। ୨୦୨୦ ସେପ୍ଟେମ୍ବର ୧୪ରେ ହାଥରସ୍‌ର ଦଳିତ ନାବାଳିକଙ୍କୁ କେତେଜଣ ଉଚ୍ଚଜାତିର ଯୁବକ ଗଣବଳାତ୍କାର କରିଥିଲେ। ପରେ ସଫଦରଗଞ୍ଜ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିଲା।

### ପୂର୍ବତନ ସିଜେଆଇ ଏ.ଏମ୍. ଅହମଦିଙ୍କ ପରଲୋକ

**ନୂଆଦିଲ୍ଲୀ, ୨।୩ (ପି.ଟି.):** ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଅଜିଜ୍ ମୁଶାବର ଅହମଦିଙ୍କର ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୯୦ ବର୍ଷ ହୋଇଥିଲା।



ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଦକ୍ଷିଣ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଦେହାନ୍ତ ହୋଇଥିବା ଆଇନଜୀବୀ ମେହମୁଦ୍ ପ୍ରାଚା କହିଛନ୍ତି। ୧୯୮୮ ଡିସେମ୍ବରରେ ଅହମଦି ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିଲେ। ସେ ୧୯୯୪ ଅକ୍ଟୋବର ୨୫ରେ ପ୍ରଧାନ ବିଚାରପତି ହୋଇ ୧୯୯୭ ମାର୍ଚ୍ଚ ୨୪ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ସେ ସୁପ୍ରିମକୋର୍ଟ ଆଇନ ସହାୟତା କମିଟିର ଅଧ୍ୟକ୍ଷ ଏବଂ ଭାରତରେ ଆଇନ ସହାୟତା ଯୋଜନା କାର୍ଯ୍ୟକାରୀ ପାଇଁ ଗଠିତ କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ରହିଥିଲେ। ଏହା ବ୍ୟତୀତ ସେ ଦୁଇଥର ଆଲିଗଡ ମୁସ୍‌ଲିମ ୟୁନିଭର୍ସିଟିର କୁଳାଧିପତି ହୋଇଥିଲେ।

### ଆତିକଙ୍କ ଆଉ ଜଣେ ସହଯୋଗୀଙ୍କ ଘର ଭଙ୍ଗାଗଲା

**ଉମେଶ ପାଲ୍ ହତ୍ୟା ମାମଲା**

**ପ୍ରୟାଗରାଜ, ୨।୩ (ପି.ଟି.):** ବିଏସ୍‌ପି ବିଧାୟକ ହତ୍ୟା ମାମଲାର ମୁଖ୍ୟ ସାକ୍ଷୀ ଉମେଶ ପାଲ୍ ହତ୍ୟା ଘଟଣାରେ ସମ୍ପୃକ୍ତ ଆତିକ ଅହମଦଙ୍କର ଅନ୍ୟ ଜଣେ ସହଯୋଗୀ ସଫଦର ଅଲିଙ୍କ ଘରକୁ ଗୁରୁବାର ପ୍ରଶାସନ ଭାଙ୍ଗିଦେଇଛି। ଦୁଇ ଦିନ ମଧ୍ୟରେ ପ୍ରଶାସନର ଏହା ଦ୍ୱିତୀୟ କାର୍ଯ୍ୟାନୁଷ୍ଠାନ। ଅସ୍ତ୍ର ବ୍ୟବସାୟୀ ସଫଦରଙ୍କ ଦୁଇ ମହଲା ବିଲ୍ଡିଂକୁ ଭାଙ୍ଗିବା ପାଇଁ ୩ଟି ବୁଲ୍‌ଡୋଜରକୁ ନିୟୋଜିତ କରାଯାଇଥିଲା। ଧୁମାନଗଞ୍ଜ ଥାନା ଅଞ୍ଚଳରେ ଉକ୍ତ ବିଲ୍ଡିଂ ବେଆଇନ ଭାବେ ନିର୍ମାଣ କରାଯାଇଥିଲା ବୋଲି ପ୍ରୟାଗରାଜ ଉନ୍ନୟନ କର୍ତ୍ତୃପକ୍ଷ ଅଧିକାରୀ କହିଛନ୍ତି। ବୁଧବାର ଆତିକଙ୍କ ଅନ୍ୟତମ ସହଯୋଗୀ ଜାଫର ଅହମଦଙ୍କ ଘରକୁ ପ୍ରଶାସନ ଭାଙ୍ଗିଥିଲା। ଏହି ସମୟରେ ଜାଫରଙ୍କ ଘରୁ ଏୟାରଗନ୍ ମିଳିଥିଲା।

### ଅଲ୍ ଉମର ମୁଜାହିଦ୍ଦିନ ମୁଖ୍ୟଙ୍କ ସମ୍ପତ୍ତି ବାଜ୍ୟାପ୍ତ କଲା ଏନ୍‌ଆଇଏ

**ଶ୍ରୀନଗର, ୨।୩ (ପି.ଟି.):** ଅଲ୍ ଉମର ମୁଜାହିଦ୍ଦିନ୍ ମୁଖ୍ୟ ମୁସ୍ତାକ୍ ଜର୍ଗାରଙ୍କ ସମ୍ପତ୍ତିକୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ବାଜ୍ୟାପ୍ତ କରିଛି। ୧୯୯୯ରେ ଇଣ୍ଡିଆନ୍ ଏୟାରଲାଇନ୍ସ ବିମାନ ଅପହରଣ ଘଟଣାରେ ଯାତ୍ରୀମାନଙ୍କ ମୁକ୍ତି ଜାମିନ ବଦଳରେ ଜର୍ଗାର ଏବଂ ଅନ୍ୟ ଦୁଇଜଣ ଆତଙ୍କବାଦୀଙ୍କୁ ମୁକୁଳାଇ ଦିଆଯାଇଥିଲା। ଜର୍ଗାର ଓରଫ ଲତରାମ ୧୯୮୯ରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ମୁଫ୍ତି ମହମ୍ମଦ ସୟିଦଙ୍କ ଝିଅ ଅପହରଣ ସମେତ ବହୁ ଆତଙ୍କବାଦ ମାମଲାରେ ସମ୍ପୃକ୍ତ। ବିମାନ ଅପହରଣ ମାମଲା ପାକିସ୍ତାନ ମାଟିରୁ ଆତଙ୍କବାଦୀଙ୍କ ସବୁଠୁ ବଡ଼ ଅପରାଧ ବୋଲି ଏନ୍‌ଆଇଏ ମୁଖପାତ୍ର କହିବା ସହ ୟୁଏପିଏ ବଳରେ ଜର୍ଗାରଙ୍କର ଶ୍ରୀନଗର ଗନାଇ ମୋହଲ୍ଲାରେ ୫୪୪ ବର୍ଗଫୁଟ ଜମିରେ ଥିବା ଘରକୁ ବାଜ୍ୟାପ୍ତ କରାଯାଇଛି। ଏନ୍‌ଆଇଏ ଟିମ୍ ସହ ଜିଲା ପ୍ରଶାସନ ଏବଂ ସ୍ଥାନୀୟ ପୋଲିସ ପକ୍ଷରୁ ଗୁରୁବାର ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେ ମୁକ୍ତ ହେବା ପରଠାରୁ ପାକିସ୍ତାନରେ ଥାଇ ଭାରତ ବିରୋଧରେ ଆତଙ୍କବାଦୀ କାର୍ଯ୍ୟ ପରିଚାଳନା କରିବା ସହ କଶ୍ମୀର ଉପତ୍ୟକାରେ ଏହି କାର୍ଯ୍ୟ ପାଇଁ ପାଣ୍ଠି ଯୋଗାଇ ଆସୁଥିଲେ।



# ଜି-୨୦ ବହିର୍ବ୍ୟାପାର ମନ୍ତ୍ରୀ ସମ୍ମିଳନୀରେ ମତଭେଦ

**ନୂଆଦିଲ୍ଲୀ, ୨।୩(ପି.ଟି.)**

**ମିଳିତ ବିବୃତି ଆସିପାରିଲା ନାହିଁ**

ଜି-୨୦ ରାଷ୍ଟ୍ରସମୂହର ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସହମତି ହାସଲ ଲାଗି ଆୟୋଜକ ଭାରତର ଜୋର୍‌ଦାର ଉଦ୍ୟମ ସତ୍ତ୍ୱେ ୟୁକ୍ରେନ୍ ବିବାଦ ଉପରେ ତୀବ୍ର ମତଭେଦ ପ୍ରକାଶ ପାଇଥିଲା। ତେଣୁ ସମ୍ମିଳନୀର ନିଷ୍କର୍ଷ ସମ୍ପର୍କରେ ମିଳିତ ବିବୃତି ଆସିପାରିଲା ନାହିଁ। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗଣମାଧ୍ୟମକୁ କହିଛନ୍ତି, ବୈଠକରେ ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗ ସ୍ଥାନ ପାଇଥିଲା। ତେବେ ଆମେରିକା ନେତୃତ୍ୱାଧୀନ ପାଶ୍ଚାତ୍ୟ ରାଷ୍ଟ୍ର ଏବଂ ରୁଷିଆ-ଚାଇନା ମଧ୍ୟରେ ମତଭେଦ ଦେଖାଦେଇଥିଲା। ଜି-୨୦ ପ୍ରସ୍ତାବରେ ବିଶ୍ୱ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ନେଇ ଅଧ୍ୟକ୍ଷ ରାଷ୍ଟ୍ରର ସାରାଂଶ ଓ ପରିଣାମ ଦସ୍ତାବିଜ୍ ପ୍ରତିଫଳିତ ହୋଇଥିଲା। ବହିର୍ବ୍ୟାପାର ମନ୍ତ୍ରୀମାନେ ଆତଙ୍କବାଦର ନିନ୍ଦା କରିଥିଲେ। ମିଳିତ ବିବୃତିକୁ ରୁଷିଆ ଏବଂ ଚାଇନା ସମର୍ଥନ କଲେ ନାହିଁ ବୋଲି ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି। ୟୁକ୍ରେନ୍ ଯୁଦ୍ଧ ପରେ ବ୍ଲିଙ୍କେନ ଏବଂ ତାଙ୍କ ରୁଷିଆ ପ୍ରତିପକ୍ଷ ସର୍ଗେଇ ଲାଭରୋଭ ପ୍ରଥମ ଥର ପାଇଁ ସାମ୍ନାସାମ୍ନି ହୋଇଥିଲେ। ବୈଠକ ଆରମ୍ଭରୁ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱ ଚ୍ୟାଲେଞ୍ଜ ମୁକାବିଲା କ୍ଷେତ୍ରରେ ସହମତି ହାସଲ ପାଇଁ ଆହ୍ୱାନ ଦେଇଥିଲେ।

**ଆଦାନୀ-ହିଣ୍ଡେନ୍‌ବର୍ଗ ବିବାଦ**

# ଜାଲିଆତିର ତଦନ୍ତ କରିବ ସେବି

**ନୂଆଦିଲ୍ଲୀ, ୨।୩ (ପି.ଟି.)**

**ନିବେଶକଙ୍କ ସୁରକ୍ଷା ଅନୁଧ୍ୟାନ ପାଇଁ କମିଟି ଗଠନ କଲେ ସୁପ୍ରିମକୋର୍ଟ**



ଆଦାନୀ ଗ୍ରୁପ୍ ଦ୍ୱାରା କରାଯାଇଥିବା ଷ୍ଟକ୍ ମୂଲ୍ୟ ଜାଲିଆତି ଏବଂ ଷ୍ଟକ୍ ଏକ୍ସଚେଞ୍ଜ ଭିତିରି ତଥ୍ୟ ପ୍ରକାଶ ପାଇବା ଜନିତ ତ୍ରୁଟି ଅଭିଯୋଗର ତଦନ୍ତ ଦୁଇ ମାସ ମଧ୍ୟରେ ଶେଷ କରିବାକୁ ସୁପ୍ରିମକୋର୍ଟ ଗୁରୁବାର ସେବି (ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ)କୁ ନିର୍ଦ୍ଦେଶ ଦେଇଛନ୍ତି। ଆମେରିକାର ଶର୍ଟ ସେଲର ସଂସ୍ଥା ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟ ପ୍ରକାଶ ପାଇବା ପରେ ଗୌତମ ଆଦାନୀଙ୍କ ଗ୍ରୁପ୍ ଅଫ୍ କମ୍ପାନୀର ବଜାର ମୂଲ୍ୟ ୧୪୦ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ହ୍ରାସ ପାଇଥିଲା। ଏହା ପ୍ରଭାବରୁ ଭାରତୀୟ ନିବେଶକମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଭବିଷ୍ୟତରେ ଏଭଳି ପ୍ରଭାବରୁ ଭାରତୀୟ ନିବେଶକମାନଙ୍କୁ କିପରି ସୁରକ୍ଷା ଦିଆଯାଇପାରିବ, ତାହା ଜଣାଇବା ଲାଗି କମିଟି ଗଠନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଏ.ଏମ୍. ସାପ୍ରେଙ୍କ ଅଧ୍ୟକ୍ଷତାରେ ଗଠିତ ୬ ଜଣିଆ ବିଶେଷଜ୍ଞ କମିଟି ଗଢ଼ାଯିବ। ଉକ୍ତ କମିଟି ବର୍ତ୍ତମାନର ନିୟାମକ ଢାଞ୍ଚାକୁ ଅନୁଧ୍ୟାନ କରିବା ସହ ପ୍ରକ୍ରିୟା କିପରି ସୁଦୃଢ଼ ହୋଇପାରିବ, ସେନେଇ ସୁପାରିସ କରିବ। ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ନିଯୁକ୍ତ ସାପ୍ରେ କମିଟିକୁ କେନ୍ଦ୍ର ସରକାରଙ୍କ ସମେତ ସେବି ଅଧ୍ୟକ୍ଷ ଏବଂ ଅନ୍ୟାନ୍ୟ ବୈଧାନିକ ସଂସ୍ଥାଗୁଡ଼ିକ ଆବଶ୍ୟକ ସହାୟତା ଯୋଗାଇଦେବେ। କମିଟି ଦୁଇମାସ ମଧ୍ୟରେ ଏହାର ରିପୋର୍ଟ ଜଉମୁଦା ଲଫାପାରେ ଦାଖଲ କରିବ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଡିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ରିପୋର୍ଟ ପ୍ରଦାନ କରିବା ସହ କମିଟି ସୁପ୍ରିମକୋର୍ଟଙ୍କୁ କେତେକ ସୁପାରିସ କରିବାକୁ କୁହାଯାଇଛି। ନିବେଶକମାନଙ୍କୁ ଅଧିକ ସଚେତନ କରାଇବା ଦିଗରେ କ’ଣ ପଦକ୍ଷେପ ନିଆଯାଇପାରିବ ସେନେଇ କମିଟି ପ୍ରସ୍ତାବ ଦେବ। ଏହା ବ୍ୟତୀତ ଆଦାନୀ ଗ୍ରୁପ୍ କିମ୍ବା ଅନ୍ୟ କମ୍ପାନୀଗୁଡ଼ିକର ଷ୍ଟକ୍ ମାର୍କେଟ ଡିଲ୍‌ରେ ଆଇନ ଉଲ୍ଲଂଘନ ହୋଇଛି କି ନାହିଁ ଏବଂ ଏଥିରେ ନିୟାମକର ବିଫଳତା ସମ୍ପର୍କରେ ମଧ୍ୟ କମିଟି ତଦନ୍ତ କରିବ। ସେହିପରି ସେବି ତଦନ୍ତ ସମ୍ପର୍କରେ ଖଣ୍ଡପୀଠ କହିଛନ୍ତି, ସିକ୍ୟୁରିଟିଜ୍ କଣ୍ଟ୍ରାକ୍ଟସ୍ (ରେଗୁଲେଶନ) ରୁଲ୍‌ସ ୧୯୫୭ରେ ଉଲ୍ଲଂଘନ ହୋଇଛି କି ନାହିଁ ଏବଂ ଅନ୍ୟାନ୍ୟ ଅଭିଯୋଗକୁ ତଦନ୍ତରେ ସାମିଲ କରାଯାଇପାରିବ। ସମ୍ପୃକ୍ତ ପାର୍ଟିଙ୍କ କାରବାର ସମ୍ପର୍କିତ ସୂଚନା ଏବଂ ଅନ୍ୟ ଆନୁଷଙ୍ଗିକ ତଥ୍ୟ ପ୍ରଘଟ ହୋଇଛି କି ନାହିଁ, ଆଇନର ଉଲ୍ଲଂଘନ କରାଯାଇ ଷ୍ଟକ୍ ମୂଲ୍ୟରେ ଜାଲିଆତି କରାଯାଇଛି କି ନାହିଁ, ସେବି ତଦନ୍ତ କରିବ ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ ସ୍ୱାଗତ କରିଛନ୍ତି। ଏହା ଧାର୍ଯ୍ୟ ସମୟ ମଧ୍ୟରେ ଚୂଡ଼ାନ୍ତ ତଥ୍ୟ ଆଣିପାରିବ। ଖୁବ୍‌ଶୀଘ୍ର ସତ୍ୟ ପଦାକୁ ଆସିବ ବୋଲି ଆଦାନୀ କହିଛନ୍ତି।

### ଜେପିସି ତଦନ୍ତ ହିଁ ସତ୍ୟ ପଦାକୁ ଆଣିବ: କଂଗ୍ରେସ

ଆଦାନୀ ବିବାଦ ଏବଂ ଶିଳ୍ପପତି ଗୌତମ ଆଦାନୀଙ୍କର ପ୍ରଧାନମନ୍ତ୍ରୀଙ୍କ ସହ ସମ୍ପର୍କକୁ ନେଇ ସତ୍ୟତା କେବଳ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ପଦାକୁ ଆଣିପାରିବ ବୋଲି ଗୁରୁବାର କଂଗ୍ରେସ କହିଛି। ମାର୍ଚ୍ଚ ୧୩ରୁ ପାର୍ଲାମେଣ୍ଟ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଥିବାବେଳେ କଂଗ୍ରେସ ଜେପିସି ତଦନ୍ତ ଦାବି ଉଠାଇବ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ କମିଟି କେବଳ ସେବି ନିୟମ ଉଲ୍ଲଂଘନର ତଦନ୍ତ କରିବ। କିନ୍ତୁ ଆଦାନୀ ପ୍ରସଙ୍ଗରେ ସତ୍ୟ ପଦାକୁ ଆଣିବାରେ ଏହା ସମର୍ଥ ହେବ ନାହିଁ ବୋଲି ଜୟରାମ ପୂର୍ବରୁ କହିଥିଲେ। ଯଦି ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସରକାରଙ୍କୁ ଉତ୍ତରଦାୟୀ କରା ନ ଯାଏ, ତେବେ ଜେପିସି ଭିନ୍ନ ଅନ୍ୟ କୌଣସି କମିଟି ଗଠନ କେବଳ ବୈଧ କରାଇବା ଏବଂ ଦୋଷାରୋପରୁ ମୁକ୍ତ କରିବା ଉଦ୍ୟମ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ଜୟରାମ ଖବରଦାତାମାନଙ୍କୁ କହିଛନ୍ତି। ସୁପ୍ରିମକୋର୍ଟ ନିଯୁକ୍ତ କମିଟି କେବଳ ସେବି ଆଇନ ଓ ନିୟମାବଳୀ ଉଲ୍ଲଂଘନର ତଦନ୍ତ କରିବ। ଏହା ଦ୍ୱାରା ଆଦାନୀ ଏବଂ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ରହିଥିବା ସମ୍ପର୍କର ସତ୍ୟତା ପଦାକୁ ଆସିବ ନାହିଁ ବୋଲି ସେ କହିଛନ୍ତି।

## ଏସ୍‌ସିବିଏ ଅଧ୍ୟକ୍ଷଙ୍କୁ କୋର୍ଟରୁ ବାହାରିଯିବାକୁ କହିଲେ ସିଜେଆଇ

**ନୂଆଦିଲ୍ଲୀ, ୨।୩ (ପି.ଟି.)**



ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼

ଆଇନଜୀବୀଙ୍କ ନିମନ୍ତେ ଚାମ୍ବର ନିର୍ମାଣ ପାଇଁ ଜମି ମଞ୍ଜୁର କରିବାକୁ ନେଇ ଗୁରୁବାର ସୁପ୍ରିମକୋର୍ଟରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ (ଏସ୍‌ସିବିଏ) ଅଧ୍ୟକ୍ଷ ବିକାଶ ସିଂଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ହୋହଲ୍ଲା ନ କରି କୋର୍ଟରୁମ୍ ଛାଡ଼ି ଚାଲିଯିବାକୁ ସିଜେଆଇ ଏସ୍‌ସିବିଏ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆପ୍ପୁ ଘର ଜମି ପିଟିଶନ ଶୁଣାଣି ପାଇଁ ଗତ ୬ ମାସ ହେଲା ଉଦ୍ୟମ ଚଳାଇ ଆସୁଥିବାବେଳେ ତାଙ୍କୁ ଜଣେ ସାଧାରଣ ବାଦୀ ଭଳି ବ୍ୟବହାର କରାଯାଉଥିବା ଏସ୍‌ସିବିଏ ଅଧ୍ୟକ୍ଷ ସିଜେଆଇଙ୍କ ଅଧ୍ୟକ୍ଷତାରେ ଖଣ୍ଡପୀଠକୁ କହିଥିଲେ। ବାର୍‌କୁ ଏଥିପାଇଁ ମାତ୍ର ଗୋଟିଏ ବ୍ଲକ୍ ମିଳିଛି। ପୂର୍ବତନ ସିଜେଆଇ ଏନ୍.ଭି. ରମନାଙ୍କ ସମୟରେ ଉକ୍ତ ଜମିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଏଭଳି ଭାବେ ଜମି ପାଇଁ ଆପଣ ଦାବି କରିପାରିବେ ନାହିଁ ବୋଲି ସିଜେଆଇ କହିଥିଲେ। ଯଦି ପିଟିଶନକୁ ଶୁଣାଣି ପାଇଁ ଗ୍ରହଣ କରା ନ ଯାଏ, ତେବେ ସେ ସିଜେଆଇଙ୍କ ବାସଭବନରେ ଏହା ଉଠାଇବେ ବୋଲି ବିକାଶ ସିଂ କହିବାରୁ ଜଷ୍ଟିସ୍ ଚନ୍ଦ୍ରଚୂଡ଼ କ୍ଷୁବ୍ଧ ହୋଇଥିଲେ। ପ୍ରଧାନ ବିଚାରପତିଙ୍କୁ ଧମକ ଦିଅନ୍ତୁ ନାହିଁ। ଏଭଳି ଭାବେ ପିଟିଶନକୁ ତାଲିକାଭୁକ୍ତ କରାଯିବନି। ଆପଣ ମୋ କୋର୍ଟରୁ ବାହାରିଯାଆନ୍ତୁ ବୋଲି ସିଜେଆଇ ବିକାଶଙ୍କୁ କହିଥିଲେ।

## ଗୌରୀ ଖାନ୍‌ଙ୍କ ନାଁରେ ଏତଲା



**ଲକ୍ଷ୍ନୌ, ୨।୩:** ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ସ୍ତ୍ରୀ ଗୌରୀ ଖାନ୍‌ଙ୍କ ନାଁରେ ଉତ୍ତର ପ୍ରଦେଶ ଲକ୍ଷ୍ନୌର ତୁଲସୀଆନି ଗୋଲ୍ଫ ଥାନାରେ ଅଭିଯୋଗ ହୋଇଛି। ମୁମ୍ବାଇ କିରତ ଜସ୍‌ୱାଲ ଶାହ ଏହି ଅଭିଯୋଗ କରିଥିବା ଜଣାପଡ଼ିଛି। ତୁଲସିୟାନି କନ୍‌ଷ୍ଟ୍ରକ୍ସନ୍ ଡେଭଲପମେଣ୍ଟ ଲିମିଟେଡ୍‌ରୁ କିରତ ଫ୍ଲାଟ କିଣିବା ବାବଦକୁ ୮୬ ଲକ୍ଷ ଟଙ୍କା ଦେଇସାରିଥିଲେ ସୁଦ୍ଧା ତାଙ୍କୁ ଫ୍ଲାଟ ମିଳିନ ଥିବା ସେ ତାଙ୍କ ଏଫ୍‌ଆଇଆର୍‌ରେ ଉଲ୍ଲେଖ କରିଛନ୍ତି। ଗୌରୀ ଖାନ୍ ଉକ୍ତ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଥିବାବେଳେ କମ୍ପାନୀର ନିର୍ଦ୍ଦେଶକ ଅନୀଲ କୁମାର ତୁଲସିୟାନି ଏବଂ ମହେଶ ତୁଲସିୟାନିଙ୍କ ନାମ ମଧ୍ୟ ଏଫ୍‌ଆଇରେ ରହିଛି।



## ସୁସ୍ମିତାଙ୍କୁ ହୃଦ୍‌ଘାତ

**ମୁମ୍ବାଇ, ୨।୩:** ବଲିଉଡ୍ ଅଭିନେତ୍ରୀ ସୁସ୍ମିତା ସେନ୍ ହୃଦ୍‌ଘାତରେ ଆକ୍ରାନ୍ତ ହୋଇଥିବା ଗୁରୁବାର ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି। ଦୁଇଦିନ ପୂର୍ବରୁ ସୁସ୍ମିତାଙ୍କୁ ହୃଦ୍‌ଘାତ ହୋଇଥିଲା। ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କର ଏନ୍‌ଜିଓପ୍ଲାଷ୍ଟି କରାଯାଇଥିବା ସେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିବା ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଏଥିସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଠିକ୍ ଥିବା ସେ କହିଛନ୍ତି। ଇଣ୍ଟରନ୍ୟାଶନାଲ ଏମି ଆୱାର୍ଡ ପାଇଁ ମନୋନିତହୋଥିବା ୱେବ୍ ସିରିଜ୍ ଆର୍ୟାର ତୃତୀୟ ସିଜନ୍ ପାଇଁ ସୁସ୍ମିତା କାମ ଆରମ୍ଭ କରିଛନ୍ତି।

## ଚାଇନା ଲିଙ୍କ୍ ଲୋନ୍ ଆପ୍‌ର ଯାଞ୍ଚ ଆବଶ୍ୟକ: କେରଳ ହାଇକୋର୍ଟ

**ଥିରୁଭନନ୍ତପୁରମ୍, ୨।୩**




ଚାଇନା ଲିଙ୍କ୍ ଲୋନ୍ ଆପ୍‌ର ଯାଞ୍ଚ ହେବା ଜରୁରୀ ବୋଲି କେରଳ ହାଇକୋର୍ଟ ଏକ ମାମଲାର ଶୁଣାଣିବେଳେ କହିଛନ୍ତି। କେରଳର ଲୋନ୍ ଆପ୍ କମ୍ପାନୀ ଇଣ୍ଡିଟ୍ରେଡ୍ ଫିନକର୍ପ ଏଲ୍‌ଟିଡି ଚାଇନା ଲିଙ୍କ୍ ଅଭିଯୋଗ ହେବା ପରେ କମ୍ପାନୀ ବିରୋଧରେ ଜାରି କାରଣ ଦର୍ଶାଅ ନୋଟିସ୍ ଏବଂ ଆକାଉଣ୍ଟ ଅଚଳ କରିବା ଲାଗି ନୋଟିସ ଜାରି ହୋଇଥିଲା। ଏହାକୁ ବିରୋଧ କରି କମ୍ପାନୀ ପକ୍ଷରୁ କୋର୍ଟରେ ପିଟିଶନ୍ ଦାଏର କରାଯାଇଥିଲା। ତେବେ ଜଷ୍ଟିସ୍ ଏମ୍. ନାଗାପ୍ରସନ୍ନ ଉକ୍ତ ପିଟିଶନକୁ ଖାରଜ କରିଛନ୍ତି। ମାମଲାର ଶୁଣାଣି କରି ଜଷ୍ଟିସ୍ ନାଗାପ୍ରସନ୍ନ କହିଛନ୍ତି, ଲୋନ୍ ନେଇଥିବା କେତେଜଣ ଚାଇନା ପ୍ରତିନିଧୀଙ୍କ ଆକ୍ରୋଶର ଶିକାର ହୋଇ ଆତ୍ମହତ୍ୟା କରିଛନ୍ତି, ଯାହାର ଯାଞ୍ଚ ହେବା ଆବଶ୍ୟକ। ଅନ୍ୟପକ୍ଷେ ଲୋନ୍ ଆପ୍‌ଗୁଡ଼ିକ କିଏ ପରିଚାଳନା କରୁଛି ଏବଂ ଟଙ୍କା କାରବାର କିପରି କରାଯାଉଛି ସେ ବିଷୟରେ ଜଣିବା ଆବଶ୍ୟକ ବୋଲି ଜଷ୍ଟିସ୍ ନାଗାପ୍ରସନ୍ନ କହିଛନ୍ତି। ମନିଲଣ୍ଡରିଂ ନିବାରଣ ଆକ୍ଟ ଅଧୀନରେ କମ୍ପାନୀର ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକଙ୍କ ତରଫରୁ ଗତବର୍ଷ ସେପ୍ଟେମ୍ବର ୨ରେ ଅର୍ଡର ପାସ୍ ହୋଇଥିଲା।

# ଉପନିର୍ବାଚନ: ୩ ଆସନରେ କଂଗ୍ରେସ ବିଜୟୀ

**ନୂଆଦିଲ୍ଲୀ, ୨।୩**



ବିରୋନ୍ ବିଶ୍ୱାସ



ଇଭିକେଏସ୍ ଏଲାନଗୋଭାନ



ରବୀନ୍ଦ୍ର ଧଙ୍ଗେକର

ମହାରାଷ୍ଟ୍ରର ୨ ବିଧାନସଭା ଆସନ ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ତାମିଲନାଡୁର ଗୋଟିଏ ଲେଖାଏ ଆସନରେ ହୋଇଥିବା ଉପନିର୍ବାଚନ ଫଳାଫଳ ଗୁରୁବାର ପ୍ରକାଶ ପାଇଛି। କଂଗ୍ରେସକୁ ୩ଟି ଆସନ ମିଳିଥିବାବେଳେ ଗୋଟିଏରେ ଭାଜପା ଏବଂ ଅନ୍ୟ ଆସନରେ ଏଜେଏସ୍‌ୟୁ-ପି ବିଜୟୀ ହୋଇଛି। ସାଗରଦିଘି ଆସନରେ କଂଗ୍ରେସ ବିଜୟୀ ହେବା ସହ ପଶ୍ଚିମବଙ୍ଗ ବିଧାନସଭାରେ ଖାତା ଖୋଲିଛି। ଏହି ଆସନ ଲାଗି ହୋଇଥିବା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ବିରୋନ୍ ବିଶ୍ୱାସ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଟିଏମ୍‌ସି ପ୍ରାର୍ଥୀ ଦେବାଶିଷ ବାନାର୍ଜୀଙ୍କୁ ୨୨,୯୮୬ ଭୋଟରେ ପରାସ୍ତ କରିଛନ୍ତି। ୧୬ ରାଉଣ୍ଡ ଶେଷ ସୁଦ୍ଧା ବିଶ୍ୱାସ ୮୭,୬୬୭ ଖଣ୍ଡ ଭୋଟ ପାଇଥିବାବେଳେ ଦେବାଶିଷଙ୍କୁ ୬୪,୬୮୧ ଭୋଟ ମିଳିଥିଲା। ସେହିପରି ମହାରାଷ୍ଟ୍ରର କସ୍‌ବା ଆସନ କଂଗ୍ରେସକୁ ଯାଇଥିବାବେଳେ ଚିଞ୍ଚୱାଡ୍‌ରେ ଭାଜପା ବିଜୟୀ ହୋଇଛି। ଚିଞ୍ଚୱାଡ୍‌ରେ ଭାଜପା ପ୍ରାର୍ଥୀ ଅଶ୍ୱିନ ଜଗତପ ଏନ୍‌ସିପି ପ୍ରାର୍ଥୀ ନାନା କାଟେଙ୍କୁ ୩୬ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ କରିଛନ୍ତି। କସ୍‌ବା ଆସନରେ କଂଗ୍ରେସ ପ୍ରାର୍ଥୀ ରବୀନ୍ଦ୍ର ଧଙ୍ଗେକର ଭାଜପାର ହେମନ୍ତ ରାସାନେଙ୍କୁ ପରାସ୍ତ କରି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ତାମିଲନାଡୁର ଏରୋଡେ ଇଷ୍ଟ ଆସନ ଶାସକ ଡିଏମ୍‌କେ ନେତୃତ୍ୱାଧୀନ ଧର୍ମନିରପେକ୍ଷ ପ୍ରଗତିଶୀଳ ମେଣ୍ଟ ବଜାୟ ରଖିଛି। ଉକ୍ତ ଆସନରୁ ପ୍ରାର୍ଥୀ ହୋଇଥିବା କଂଗ୍ରେସର ଇଭିକେଏସ୍ ଏଲାନଗୋଭାନ ଏଆଇଏଡିଏମ୍‌କେ ପ୍ରାର୍ଥୀ କେ.ଏସ୍. ଥେନାରାସୁଙ୍କୁ ପ୍ରାୟ ୬୬,୦୦୦ ଭୋଟରେ ପରାସ୍ତ କରିଛନ୍ତି। ଏଲାନଗୋଭାନଙ୍କୁ ୧.୧୦ ଲକ୍ଷରୁ ଅଧିକ ଭୋଟ ମିଳିଛି। ଅନ୍ୟପକ୍ଷରେ ଝାଡ଼ଖଣ୍ଡର ରାମଗଡ ଆସନରେ ହୋଇଥିବା ଉପନିର୍ବାଚନରେ ଏଜେଏସ୍‌ୟୁ-ପି ପ୍ରାର୍ଥୀ ସୁନିତା ଚୌଧରୀ ବିଜୟୀ ହୋଇଛନ୍ତି। ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ବଜରଙ୍ଗ ମାହତୋଙ୍କୁ ୨୧,୬୪୪ ଭୋଟରେ ପରାଜିତ କରିଛନ୍ତି।

## ଭୋ ଭାନ୍ ଥୋଙ୍ଗ ଭିଏତ୍‌ନାମ ରାଷ୍ଟ୍ରପତି



**ହାନୋଇ, ୨।୩**

ଭୋ ଭାନ୍ ଥୋଙ୍ଗ୍ ଗୁରୁବାର ଭିଏତ୍‌ନାମର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। କମ୍ୟୁନିଷ୍ଟ ପାର୍ଟି ଅଫ୍ ଭିଏତନାମ (ସିପିଭି)ର ପୋଲିଟବ୍ୟୁରୋ ସଦସ୍ୟ ଥୋଙ୍ଗଙ୍କୁ ରାଷ୍ଟ୍ରପତି ପଦ ପାଇଁ ୯୮.୩୮% ଭୋଟ ମିଳିଥିଲା। ରାଷ୍ଟ୍ରପତି ଏବଂ ସୋସିଆଲିଷ୍ଟ ରିପବ୍ଲିକ୍ ଅଫ୍ ଭିଏତନାମର ଲୋକମାନଙ୍କ ପାଇଁ କର୍ତ୍ତବ୍ୟନିଷ୍ଠ ହୋଇ କାର୍ଯ୍ୟ କରିବେ ବୋଲି ଥୋଙ୍ଗ ଶପଥ ଗ୍ରହଣ ବେଳେ କହିଛନ୍ତି। ୨୦୨୬ ପର୍ଯ୍ୟନ୍ତ ଥୋଙ୍ଗ ରାଷ୍ଟ୍ରପତି ଦାୟିତ୍ୱରେ ରହିବେ। ୧୯୭୦ ଡିସେମ୍ବରରେ ଜନ୍ମଗ୍ରହଣ କରିଥିବା ଥୋଙ୍ଗ ସିପିଭିରେ ସବୁଠାରୁ କମ୍ ବୟସର ପଲିଟବ୍ୟୁରୋ।

## ମୋଦିଙ୍କୁ ଭେଟିଲେ ଇଟାଲୀ ପ୍ରଧାନମନ୍ତ୍ରୀ



**ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗର ନୂଆ ଅଧ୍ୟାୟ**

**ନୂଆଦିଲ୍ଲୀ, ୨।୩(ପି.ଟି.)**

ଭାରତ ଓ ଇଟାଲୀ ରଣନୀତିକ ସହଯୋଗ ବଢ଼ାଇବା ଲାଗି ନିଷ୍ପତ୍ତି ନେବା ସହ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗର ନୂଆ ଅଧ୍ୟାୟ ଆରମ୍ଭ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। ଭାରତ ଗସ୍ତରେ ଆସିଥିବା ଇଟାଲୀ ପ୍ରଧାନମନ୍ତ୍ରୀ ଜିର୍ଜିଆ ମେଲୋନିଙ୍କ ସହ ବୈଠକ ପରେ ପ୍ରଧାନମନ୍ତ୍ରୀ ମୋଦି ଗଣମାଧ୍ୟମକୁ କହିଛନ୍ତି, ଭାରତରେ ସହଉତ୍ପାଦନ ଓ ସହବିକାଶ କ୍ଷେତ୍ରରେ ନୂଆ ସୁଯୋଗ ଖୋଲିଯାଇଛି, ଯାହା ଉଭୟ ଦେଶ ପାଇଁ ଲାଭଦାୟକ ହୋଇପାରିବ। ଭାରତ ଓ ଇଟାଲୀ ସେମାନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ୭୫ ବର୍ଷ ପୂର୍ତ୍ତିପାଳନ କରୁଛନ୍ତି। ଏହିଅବସରରେ ରଣନୀତିକ ସହଭାଗିତା ବଢ଼ାଇବା ପାଇଁ ନିଷ୍ପତ୍ତି ନିଆଗଲା ବୋଲି ମୋଦି କହିଥିଲେ। ମୋଦି ଏବଂ ମେଲୋନି ଭାରତ ଓ ଇଟାଲୀ ମଧ୍ୟରେ ଷ୍ଟାର୍ଟ-ଅପ୍ ବ୍ରିଜ୍ ନିର୍ମାଣ ସମ୍ପର୍କରେ ଘୋଷଣା କରିଥିଲେ। ନବୀକରଣଯୋଗ୍ୟ ଶକ୍ତି, ଗ୍ରୀନ୍ ହାଇଡ୍ରୋଜେନ୍, ଆଇଟି, ସେମିକଣ୍ଡକ୍ଟର, ଟେଲିକମ୍ ଓ ମହାକାଶ କ୍ଷେତ୍ରରେ ସହଯୋଗ ବଢ଼ାଇବାକୁ ଉଭୟ ନେତା ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେଇଥିଲେ।

## ବିଦେଶିନୀଙ୍କୁ ଦୁର୍ବ୍ୟବହାର: ଆର୍‌ପିଏଫ୍ କନ୍‌ଷ୍ଟେବଲ ଗିରଫ

**କାନପୁର, ୨।୩:** ଦିଲ୍ଲୀରୁ ଲକ୍ଷ୍ନୌ ଯାଉଥିବା ତେଜସ ଏକ୍ସପ୍ରେସ୍‌ରେ ଜଣେ ବିଦେଶିନୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଆର୍‌ପିଏଫ୍ କନ୍‌ଷ୍ଟେବଲ୍ ଜିତେନ୍ଦ୍ର ସିଂଙ୍କୁ ଗିରଫ କରାଯାଇଛି। ଟ୍ରେନ୍‌ରେ ସୁରକ୍ଷା ଡ୍ୟୁଟିରେ ମୁତୟନ ଥିବା ଜିତେନ୍ଦ୍ର କୋଚ୍ ଭିତରେ ମହିଳାଙ୍କ ସହ ଅସଦାଚରଣ କରିଥିବା ସେ ଜିଆର୍‌ପି ନିକଟରେ ଅଭିଯୋଗ କରିଥିଲେ। ଜିତେନ୍ଦ୍ରଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପରେ ତାଙ୍କୁ କୋର୍ଟରେ ହାଜର କରାଯିବ ବୋଲି ଜିଆର୍‌ପି ଷ୍ଟେଶନ୍ ଇନ୍‌ଚାର୍ଜ ଆର୍.କେ. ଦ୍ୱିବେଦୀ କହିଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସର୍ବଭାରତୀୟ ଇପିଏଫ୍ ଇନ୍‌ଡୋର ଏବଂ ଆଥଲେଟିକ୍ ମିଟ୍, କିଟ୍ କ୍ୟାମ୍ପସ୍, ସକାଳ ୮ଟା ୩୦।
- ଓଡ଼ିଶା ୱାଇଲ୍ଡ ଲାଇଫ୍ କନ୍‌କ୍ଲେଭ୍, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ପ୍ରତିଷ୍ଠା ଦିବସ, ଉତ୍କଳ କରାଟେ ସ୍କୁଲ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଜଳସମ୍ପଦ ବିଭାଗ ଅସ୍ଥାୟୀ ଓ ଛଟେଇ କର୍ମଚାରୀ ସଂଘର ଗଣଧାରଣା, ଜଳସମ୍ପଦ ବିଭାଗର ସେଚସଦନ ସମ୍ମୁଖ, ୟୁନିଟ୍-୫, ମଧ୍ୟାହ୍ନ ୧୨ଟା।
- ୭ମ ମେଗା ହ୍ୟାଣ୍ଡଲୁମ୍ ଫେବ୍ ମେଳା, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୫ଟା।
- ଆର୍ଯ୍ୟ ଆୱାର୍ଡ, ହୋଟେଲ ମେ ଫେୟାର କନ୍‌ଭେନଶନ, ଅପରାହ୍ନ ୫ଟା।
- ଆରୋହଣର ୩୧ତମ ନିଖିଳ ଉତ୍କଳ ନାଟ୍ୟୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ନ୍ୟାୟ ମାଗୁଛି ନୂତନ ପେନ୍‌ସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ

ଭୁବନେଶ୍ୱର, ୨।୩(ବ୍ୟୁରୋ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ ନେଇ ୨୦୨୨ ଅକ୍ଟୋବରରେ ଘୋଷଣା କରିଥିଲେ। ଏହି ନିର୍ଦ୍ଦେଶନାମା ୨୦୧୩ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ କ୍ଷେତ୍ରରେ ଲାଗୁ କରାଯାଇନାହିଁ। ଏହାକୁ ନେଇ ବାରମ୍ବାର ପ୍ରତିବାଦ କରାଯାଉଛି। ଏହି ନିର୍ଦ୍ଦେଶନାମା ଶିକ୍ଷକ-ଶିକ୍ଷକ ମଧ୍ୟରେ ଦରମା ଏବଂ ଚାକିରୀର ବରିଷ୍ଠତାକୁ ନେଇ ଅସଙ୍ଗତି ସୃଷ୍ଟି କରିଥିବା ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି। ୨ ଦଫା ଦାବି ପୂରଣ ନେଇ ସରକାର ପ୍ରତିଶ୍ରୁତି ଦେବା ପରେ ଶିକ୍ଷୟତ୍ରୀ ଶିକ୍ଷକମାନେ ଆନ୍ଦୋଳନରୁ ଓହ୍ଲାଇଥିଲେ। ତେବେ ଦାବି ପୂରଣ ପରିବର୍ତ୍ତେ ସରକାର ଷ୍ଟେପ୍-ଅପ୍-ପେ ନିୟମ ଆଧାରରେ ପୁନଃ ମୋଡାଲିଟି କରୁଥିବା ଖବର ମିଳିଥିବା ସଂଘର ସଂପାଦକ ଅମରେନ୍ଦ୍ର ସ୍ୱାଇଁ କହିଛନ୍ତି। ତେଣୁ ବିଜୁବାବୁଙ୍କ ଜୟନ୍ତୀ ଅବସରରେ ସରକାର ୨୦୦୪ ରୁ ୨୦୨୨ ବ୍ୟାଚର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମାନ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ସଂଘର ମହାସଚିବ ବିଶ୍ୱଜିତ ବିଶ୍ୱାଳ, ମିଡିଆ ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା କହିଛନ୍ତି।

# ମାଟିରେ ମିଶିଲା ପୁମାସ ଇଣ୍ଟରନ୍ୟାଶନାଲ ଜୁଡୋ ହଲ୍

## ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ଜବରଦଖଲକାରୀ ମୁହାଁମୁହିଁ

ଭୁବନେଶ୍ୱର, ୨।୩(ବ୍ୟୁରୋ)



ରାଜଧାନୀର ବହୁ ସରକାରୀ ଜମି ଜବରଦଖଲରେ ରହିଛି। ସାଧାରଣ ଲୋକ, ବିଲ୍‌ଡର ଏପରିକି ବିଭିନ୍ନ ଦଳର ନେତାମାନେ ମଧ୍ୟ ସରକାରୀ ଜମିକୁ ମାଡ଼ିବସିଛନ୍ତି। ଫଳରେ ଅନେକ ସମୟରେ ସରକାରଙ୍କ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନାହିଁ। ଗୁରୁବାର ସେହିଭଳି ଏକ ସରକାରୀ ଜମିରେ ହୋଇଥିବା ଜବରଦଖଲକୁ ହଟାଇବା ପାଇଁ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ନାକେଦମ୍ ହେବାକୁ ପଡିଥିଲା। ଏପରିକି ଉଚ୍ଛେଦ ସମୟରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଏବଂ ଜବରଦଖଲକାରୀ ମୁହାଁମୁହିଁ ହୋଇଥିଲେ। ତେବେ ପୋଲିସ୍‌ଙ୍କ ହସ୍ତକ୍ଷେପ ପରେ ଶେଷରେ ଗଙ୍ଗନଗର ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ୍ ନଂ.୪୩୩ (ପିଟି)ରେ 'ପୁମାସ ଇଣ୍ଟରନାଶନାଲ' ଜୁଡୋ ହଲ୍‌କୁ ଉଚ୍ଛେଦ କରାଯାଇଥିଲା। ମିଳିଥିବା ସୂଚନାନୁସାରେ, ଏହାର ବରିଷ୍ଠ କାର୍ଯ୍ୟକର୍ତ୍ତା ଥିବା ଜଣେ କଂଗ୍ରେସ ନେତାଙ୍କ ହସ୍ତକ୍ଷେପ ଯୋଗୁ ଏହାକୁ ଉଚ୍ଛେଦ କରାଯାଇ ପାରୁ ନ ଥିଲା। ପୂର୍ବରୁ ୪ଥର ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ଉଚ୍ଛେଦ କରିବାକୁ ଯାଇ ନିରାଶ ହୋଇ ଫେରିଥିଲା। ହାଉସିଂ ବୋର୍ଡର ଏହି ଜମିରୁ ଜବରଦଖଲ ହଟାଇବା ପାଇଁ ଗୁରୁବାର ପୁଣି ବିଡିଏ ଟିମ୍ ପହଞ୍ଚିଥିଲା। ସେଠାରେ କଂଗ୍ରେସ ନେତା ଶିବାନନ୍ଦ ରାୟ ଜେସିବି ଆଗରେ ଛିଡା ହୋଇ ବିରୋଧ ପ୍ରଦର୍ଶନ କରିଥିଲେ। ଫଳରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ଜବଦଖଲାକାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖାଦେଇଥିଲା। ପ୍ରବଳ ବିରୋଧ ସତ୍ତ୍ୱେ ପୋଲିସ ଓ ଏନଫୋର୍ସମେଣ୍ଟ ଟିମ୍ ଜୁଡୋ ସେଣ୍ଟରକୁ ସମ୍ପୂର୍ଣ୍ଣ ମାଟିରେ ମିଶାଇ ଦେଇଥିଲେ। ଏଥିସହ ପ୍ରାୟ ୭୧୪ ବର୍ଗଫୁଟର ଜମିକୁ ମୁକ୍ତ କରି ହାଉସିଂ ବୋର୍ଡକୁ ହସ୍ତାନ୍ତର କରିଛି ବିଡିଏ। ଏଥିରେ ବିଡିଏ ସ୍କ୍ୱାଡ୍ ନମ୍ବର ୧ ଓ ୩ର ଟିମ୍ ସାମିଲ ହୋଇଥିଲେ। ଏହି ଜମିରେ ହାଉସିଂ ବୋର୍ଡ ପକ୍ଷରୁ ହାଉସିଂ ସ୍କିମ୍‌ରେ ଘର ନିର୍ମାଣ କରାଯିବ ବୋଲି ସୂଚନା ଦିଆଯାଇଛି। ଉଚ୍ଛେଦ ସମୟରେ ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର ଓ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ।



କଂଗ୍ରେସ ନେତା ଶିବାନନ୍ଦ ରାୟ ଜେସିବି ଆଗରେ ଛିଡା ହୋଇ ବିରୋଧ କରୁଛନ୍ତି।



ମାର୍‌ୱାଡ଼ି ସମ୍ପ୍ରଦାୟର ମହିଳାମାନେ ନିଶାନ ଶୋଭାଯାତ୍ରାରେ ଝାରପଡ଼ା ଶ୍ୟାମା ମନ୍ଦିର ଅଭିମୁଖେ ଯାଉଛନ୍ତି। (ଫଟୋ-ମନୋରଞ୍ଜନ)

## ବିଧବାଙ୍କ ଭିଡିଓ ଭାଇରାଲ ଧମକ, ଯୁବକ ଗିରଫ

ଭୁବନେଶ୍ୱର, ୨।୩ (ବ୍ୟୁରୋ)

ସୋସିଆଲ ମିଡିଆରେ ପରିଚିତ ହୋଇ ବିଧବା ମହିଳାଙ୍କ ସହ ବନ୍ଧୁତା ସ୍ଥାପନ କଲେ। ପରେ ବିବାହର ପ୍ରତିଶ୍ରୁତି ଦେଇ ନିଶା ମେଡିସିନ ଖୁଆଇ ଶାରୀରିକ ସମ୍ପର୍କ ରଖିବା ପରେ ଭିଡିଓ ଭାଇରାଲ ଧମକ ସହ ଦୁର୍ବ୍ୟବହାର କଲେ। ଏନେଇ ପୀଡିତାଙ୍କ ଅଭିଯୋଗ ପରେ ମଞ୍ଚେଶ୍ୱର ଥାନା ପୋଲିସ ସଂପୃକ୍ତ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ସଦର ଥାନା ଅଞ୍ଚଳର ଅଭିଷେକ ଛୁଆଳସିଂ(୩୫)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁସାରେ, ବିଧବା ମହିଳା ଜଣକ ସରକାରୀ କର୍ମଚାରୀ ହୋଇଥିବାବେଳେ ତାଙ୍କର ଏକ ୧୦ ବର୍ଷର ଝିଅ ଅଛନ୍ତି। ସୋସିଆଲ ମିଡିଆରୁ ଅଭିଯୁକ୍ତ ଅଭିଷେକଙ୍କ ସହ ପରିଚୟ ହୋଇଥିଲା। ଅଭିଯୁକ୍ତ ଜଣକ ତାଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ପୀଡିତାଙ୍କ ଘରକୁ ଆସି କଥାବାର୍ତ୍ତା ହୋଇ ସମ୍ପର୍କ ବଢାଇଥିଲେ। ବାହାଘରର ୨ ମାସ ପୂର୍ବରୁ ସ୍ତ୍ରୀ ତାଙ୍କୁ ଛାଡି ଆଉ କାହା ସହ ପଳାଇଥିବା କହି ବିଧବାଙ୍କ ମନରେ ତାଙ୍କ ପ୍ରତି ସହାନୁଭୂତି ସୃଷ୍ଟି କରିଥିଲେ। ଏଥିସହ ନାନା ଛଳନା କରି ଉକ୍ତ ମହିଳାଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ। ତେଣୁ ପୀଡିତା ମହିଳା ମା'ବାପାଙ୍କ ସହ ଆଲୋଚନା କରି ନିଷ୍ପତ୍ତି ଜଣାଇବାକୁ ସମୟ ମାଗିଥିଲେ । ଏହା ଭିତରେ ପୀଡିତାଙ୍କ ବାପା ଜାଣିବାକୁ ପାଇଲେ ଯେ, ଅଭିଯୁକ୍ତ ଅଭିଷେକଙ୍କର ୩ଟି ସନ୍ତାନ ଅଛନ୍ତି। ତେଣୁ ପୀଡିତା ବିଧବା ମହିଳା ଜଣକ ବାହା ହେବାକୁ ମନା କରିବା ସହ କଥା ହେବାକୁ ବାରଣ କରିଥିଲେ। ଏଥିରେ ରାଗିଯାଇ ଅଭିଯୁକ୍ତ ଅଭିଷେକ ପୀଡିତାଙ୍କୁ ଜୀବନରୁ ମାରିଦେବାକୁ ଧମକ ସହ ନିଶା ଖୁଆଇ କିଛି ଖରାପ ଭିଡିଓ ଉତ୍ତୋଳନ କରି ଭାଇରାଲ କରିବାକୁ ଧମକ ଦେଇଥିଲେ। ଏନେଇ ମହିଳା ଜଣକ ଥାନାରେ ଦ୍ୱାରସ୍ଥ ହୋଇଥିଲେ।

# ନାରୀ ମଧ୍ୟରେ ଅସାଧାରଣ ଦକ୍ଷତା, ଶକ୍ତି ରହିଛି




## ରାଜ୍ୟ ମହିଳା ଆୟୋଗର ପ୍ରତିଷ୍ଠା ଦିବସ ଓ ଆନ୍ତର୍ଜାତିକ ମହିଳା ଦିବସ ସପ୍ତାହ ଶୁଭାରମ୍ଭ

ଭୁବନେଶ୍ୱର, ୨।୩ (ବ୍ୟୁରୋ)

ନାରୀ ମଧ୍ୟରେ ଅସାଧାରଣ ଦକ୍ଷତା, ଶକ୍ତି ଓ ସାମର୍ଥ୍ୟ ରହିଛି। ପ୍ରତ୍ୟେକ ନାରୀ ଏହି ଅସାଧାରଣ ଧୈର୍ଯ୍ୟ ଓ ଇଚ୍ଛାଶକ୍ତି ବଳରେ ଯେକୌଣସି ଅସାଧ୍ୟ କାମକୁ ସହଜସାଧ୍ୟ କରି ପାରିବେ। ସେ ଏକାଧାରରେ ଜନନୀ, ଭଗିନୀ ଓ ଜାୟା ଭୂମିକାରେ ସଫଳତାର ସହ ଅବତୀର୍ଣ୍ଣ। ରାଜ୍ୟର ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଛନ୍ତି। ଗୁରୁବାର ସୂଚନା ଭବନଠାରେ ରାଜ୍ୟ ମହିଳା ଆୟୋଗର ୩୦ତମ ପ୍ରତିଷ୍ଠା ଦିବସ ଓ 'ଆନ୍ତର୍ଜାତିକ ମହିଳା ଦିବସ' ସପ୍ତାହର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଉଷା ଦେବୀ କହିଲେ, ମହିଳାଙ୍କ ବିକାଶକୁ ମୁଖ୍ୟମନ୍ତ୍ରୀ ସଦା ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି। ରାଜ୍ୟ ମହିଳା ଆୟୋଗ ପ୍ରତିଷ୍ଠା ହେବାର ୩୦ ବର୍ଷ ମଧ୍ୟରେ ମହିଳାଙ୍କ ସମ୍ମାନ ଓ ସ୍ୱାଭିମାନକୁ ବଢ଼ାଇବା ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଅଧିକରୁ ଅଧିକ ମହିଳା ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନ କରିବା ଆରମ୍ଭ କଲେଣି। ମହିଳା ଆୟୋଗର ପ୍ରଭାବୀ କାର୍ଯ୍ୟାବଳୀ ଯୋଗୁ ପରିବାରର ଚାରିକାନ୍ଥରୁ ବାହାରି ଶୋଷଣ ଓ ନିର୍ଯାତନାକୁ ସହ୍ୟ ନ କରି ଆୟୋଗର ଦ୍ୱାରସ୍ଥ ହେଉଛନ୍ତି। ୩୦ ବର୍ଷ ମଧ୍ୟରେ ଆୟୋଗ ବହୁ ପରିବାରକୁ ଯୋଡ଼ି ରଖିବାରେ ସଫଳ ହୋଇଛି ବୋଲି ମନ୍ତ୍ରୀ ମଲ୍ଲିକ କହିଥିଲେ। ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ, ମହିଳାମାନେ ଆଜି ସମାଜର ପ୍ରତ୍ୟେକ କ୍ଷେତ୍ରରେ ସୁନାମ ଅର୍ଜନ କରିବା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ବୋଲି ସେ କହିଥିଲେ। ମହିଳାମାନଙ୍କୁ ସମ୍ମାନ ଦେବା ଆମ ସଂସ୍କୃତିର ଅଭିନ୍ନ ଅଙ୍ଗ ବୋଲି ମେୟର ସୁଲୋଚନା ଦାସ କହିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶୁଭା ଶର୍ମା, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଶାସନ ସଚିବ ରୂପାରୋଶନ ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଡ. ମିନତୀ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଆୟୋଗ ସଫଳ କାହାଣୀକୁ ନେଇ ପୁସ୍ତିକା 'ହସ ଫୁଟିଲା, ପରିବାର ତିଷ୍ଠିଲା' ଉନ୍ମୋଚିତ ହୋଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅନସୂୟା



@ ଦିଲୀପ



@ ବାଦଲ



@ ଦୀପକ



@ ରାକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଫିଲ୍ମ ଫେଷ୍ଟିଭାଲ ବନ୍ଦ ନିଷ୍ପତ୍ତି ବିରୋଧରେ ବିକ୍ଷୋଭ

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟ

କଟକ ଅଫିସ,୨।୩

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଫିଲ୍ମ ସୋସାଇଟି ପକ୍ଷରୁ ବିଶ୍ୱବିଦ୍ୟାଳୟରେ ଗୁରୁବାରଠାରୁ ଫିଲ୍ମ ଫେଷ୍ଟିଭାଲ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିଲା। ହେଲେ ହଠାତ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ବନ୍ଦ କରିବାକୁ କହିଥିଲେ। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସେମାନେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ମାର୍ଚ୍ଚ ୨, ୩ ଓ ୪ ତାରଖରେ ଫିଲ୍ମ ଫେଷ୍ଟିଭାଲ ପାଇଁ ଫିଲ୍ମ ସୋସାଇଟି ପକ୍ଷରୁ ବହୁ ପୂର୍ବରୁ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନିଆଯାଇଥିଲା। ଫିଲ୍ମ ଫେଷ୍ଟିଭାଲ ଉଦ୍‌ଘାଟନ କରିବା ପାଇଁ ସମସ୍ତ ଅତିଥି ମଧ୍ୟ ଆସି ସାରିଥିଲେ। ମାତ୍ର ଫେଷ୍ଟିଭାଲର ଉଦ୍ୟୋକ୍ତାମାନେ ଏହି କାର୍ଯ୍ୟକ୍ରମ ଆରମ୍ଭ ପାଇଁ ହଲ୍ ନିକଟକୁ ଯିବାବେଳେ କୌଣସି କାରଣ ନ ଦର୍ଶାଇ ତାଙ୍କୁ ଏହି ବାରଣ କରାଯାଇଥିଲା। ଫଳରେ ସେମାନେ ନିରାଶ ହୋଇ କୁଳପତିଙ୍କୁ ସାକ୍ଷାତ୍ କରିଥିଲେ। ହେଲେ କୁଳପତି ମଧ୍ୟ କୌଣସି ଉତ୍ତର ଦେଇ ପାରି ନ ଥିଲେ। ଫଳରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ କରିଥିଲେ। ଦୀର୍ଘ ସମୟ ଧରି ଏହି ଆନ୍ଦୋଳନ ଚାଲିବା ପରେ କର୍ତ୍ତୃପକ୍ଷ ବାଧ୍ୟ ହୋଇ ଫିଲ୍ମ ଫେଷ୍ଟିଭାଲ ପାଇଁ ପୁନର୍ବାର ଅନୁମତି ଦେଇଛନ୍ତି। ଏଭଳି କାର୍ଯ୍ୟକଳାପକୁ ଏଆଇଡିଏସ୍‌ଓ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏଆଇଡିଏସ୍‌ଓ କଟକ ଜିଲା କମିଟିର ସଭାପତି ଇଷା ଧର ଓ ସମ୍ପାଦକ ତରୁଣସେନ ନାୟକ ଏକ ପ୍ରେସ୍ ବିବୃତି ମାଧ୍ୟମରେ କହିଛନ୍ତି, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ନେଇ ଗଣତାନ୍ତ୍ରିକ ପରମ୍ପରାର ତଣ୍ଟି ଚିପି ହତ୍ୟା କରୁଛନ୍ତି।



ରେଭେନ୍‌ଶା କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।




ରନ୍ଧନ ଗ୍ୟାସ୍ ଦରବୃଦ୍ଧି ପ୍ରତିବାଦରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଗୁରୁବାର ଭୁବନେଶ୍ୱର ରାଜମହଲ ଛକରେ ବିକ୍ଷୋଭ। (ଫଟୋ-ବିକାଶ)



ଆରୋହଣ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୧ତମ ନିଖିଳ ଉତ୍କଳ ନାଟ୍ୟ ଉତ୍ସବରେ ଗୁରୁବାର ପରିବେଷିତ ନାଟକ 'ଝି ଲେଉଟେନ୍'ର ଏକ ଦୃଶ୍ୟ। (ଫଟୋ-ମୋସମ)

## ସଂକ୍ଷେପରେ

### ବିଦ୍ୟାଳୟର ପାଣିପାଇପ୍ ଭାଙ୍ଗିଦେଲେ

**ନିରାକାରପୁର,୨।୩(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ଶିକ୍ଷା ବିଭାଗ ଅଧୀନ ଡିଆ ପଞ୍ଚାୟତ ଡିଆ ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ବନ୍ଦ ରହିଥିଲା। ହେଲେ ତାହା ମଧ୍ୟରେ କେତେଜଣ ଦୁର୍ବୃତ୍ତ ପଶି ବିଦ୍ୟାଳୟ ବାରଣ୍ଡାରେ ମଳ ତ୍ୟାଗ କରିବା ସହିତ ପିଇବା ପାନୀୟ ଜଳ ପାଇଁ ଲାଗିଥିବା ଟ୍ୟାପ୍ ଓ ପାଇପ୍‌ଗୁଡିକୁ ଭଙ୍ଗାରୁଜା କରିଦେଇଛନ୍ତି। ଏଥିସହିତ ବିଦ୍ୟାଳୟରେ ଲାଗିଥିବା ବିଶୁଦ୍ଧ ଜଳ ମେଶିନଟିକୁ ମଧ ଭାଙ୍ଗିଦେଇଛନ୍ତି। ଗୁରୁବାର ସକାଳେ ଶିକ୍ଷକମାନେ ବିଦ୍ୟାଳୟ ଆସି ଚାବି ଖୋଲି ଭିତରକୁ ଯିବାବେଳେ ଏଭଳି ଅବସ୍ଥା ଦେଖି ପରିଚାଳନା କମିଟିକୁ ଖବର ଦେଇଥିଲେ। ପରେ ଏ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ଥାନୀୟ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ବେହେରାଙ୍କୁ ପଚାରିବାରେ ସ୍କୁଲ ବନ୍ଦ ହେବା ପରେ ପ୍ରାୟ ରାତି ୧୦ରେ କେହି ଦୁର୍ବୃତ୍ତ ପଶି ଏଭଳି କରିଛି। ଏ ନେଇ ପୋଲିସକୁ ଅଭିଯୋଗ କରିଛୁ ବୋଲି କହିଛନ୍ତି।

### ଟ୍ରେନ୍‌ରୁ ଖସି ଯୁକ୍ତ୨ ଛାତ୍ର ମୃତ

**ଡେଲାଙ୍ଗ,୨।୩(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକ ବେରବୋଇ ପଞ୍ଚାୟତର ବ୍ରହ୍ମେଶ୍ୱରପୁର ଗ୍ରାମର ଜଣେ କଲେଜ ଛାତ୍ରଙ୍କ ଟ୍ରେନ୍‌ରୁ ଖସି ମୃତ୍ୟୁ ଘଟିଛି। ସେ ହେଲେ ପ୍ରାଣନାଥ ଉଚ୍ଚ ମାଧମିକ ବିଦ୍ୟାଳୟର ଯୁକ୍ତ୨ ୨ୟ ବର୍ଷର ଛାତ୍ର ସୌଭାଗ୍ୟ ପୂଜାରୀ(୧୭)। ମିଳିଥିବା ସୂଚନା ଅନୁଯାୟୀ, ଶରତ ପୂଜାରୀଙ୍କ ଏକ ମାତ୍ର ପୁଅ ସୌଭାଗ୍ୟ। ସେ ଖୋର୍ଦ୍ଧା ପ୍ରାଣନାଥ ମାଧମିକ ବିଦ୍ୟାଳୟରେ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ସେ ଜଣେ ମେଧାବୀ ଛାତ୍ର ହୋଇଥିବା ବେଳେ ବାଣିଜ୍ୟ ବିଭାଗରେ ପାଠ ପଢୁଥିଲେ। ବିଦ୍ୟାଳୟକୁ ପରୀକ୍ଷା ଦେବା ପାଇଁ ଗୁରୁବାର ସକାଳୁ ଡେଲାଙ୍ଗ ରେଳ ଷ୍ଟେଶନଠାରୁ ପୁରୀ-ବଡବିଲ୍ ଟ୍ରେନ୍‌ରେ ଜଟଣୀ ଅଭିମୁଖେ ଯାଉଥିଲେ । ହରିପୁର ରେଳ ଷ୍ଟେଶନ ପୂର୍ବରୁ ଅରାଗଡ ପାହିଆଠାରେ ଅସାବଧାନତାବଶତଃ ଟ୍ରେନ୍‌ରୁ ଖସିପଡିଥିଲେ। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମୁମୂର୍ଷୁ ଅବସ୍ଥାରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବ୍ୟାଗରୁ ବହିପତ୍ର, ଆଇକାର୍ଡ ଓ ଟ୍ରେନ୍‌ରେ ଯାତ୍ରାର ଟିକେଟ ଜବତ କରାଯାଇଛି। ଖବରପାଇ ସାକ୍ଷୀଗୋପାଳ ଜିଆର୍‌ପି ଫାଣ୍ଡି ଅଧିକାରୀ ରମେଶଚନ୍ଦ୍ର ଦାଶ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ପୋଲିସ ନଂ.୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଶାନ୍ତିଶୃଙ୍ଖଳାରେ ଦେଲେ ଯୁକ୍ତ ୨ କଳା, ବାଣିଜ୍ୟ ପରୀକ୍ଷା

**ଗମ୍ଭାରୀମୁଣ୍ଡା,୨।୩(ଡି.ଏନ୍.ଏ.):** ରାଜ୍ୟରେ ବୁଧବାର ଯୁକ୍ତ ୨ ଶ୍ରେଣୀର ବିଜ୍ଞାନ ବିଭାଗ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର କଳା ଓ ବାଣିଜ୍ୟ ବିଭାଗର ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ପ୍ରଥମ ଭାଷା ସାହିତ୍ୟ ପରୀକ୍ଷା ଦେଇ ଛାତ୍ରୀଛାତ୍ର ଅତ୍ୟନ୍ତ ଉଲ୍ଲସିତ ଥିବା ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଓ ବାଣପୁର ବ୍ଲକ ଅଞ୍ଚଳରେ ଥିବା ଉଚ୍ଚ ମାଧମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ଶାନ୍ତିଶୃଙ୍ଖଳାରେ ପରୀକ୍ଷା ଦେଇଥିବା ସମ୍ପୃକ୍ତ ବିଦ୍ୟାଳୟର ଅଧକ୍ଷ/ଅଧକ୍ଷା ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ବାଣପୁର ବ୍ଲକ ଅନ୍ତର୍ଗତ ଗୋଦାବରୀଶ ମହାବିଦ୍ୟାଳୟରେ ଯୁକ୍ତ୨ କଳା ବିଭାଗରେ ୩୨୦ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୨୮୪ଜଣ ପରୀକ୍ଷା ଦେଇଛନ୍ତି। ବାଣିଜ୍ୟରେ ୨୯ଜଣ ଫର୍ମ ପୂରଣ କରିଥିବା ବେଳେ ୨୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ସେହିପରି ଗମ୍ଭାରୀମୁଣ୍ଡା ପର୍ଶୁରାମ ଉଚ୍ଚ ବିଦ୍ୟାଳୟରେ ୧୯୨ଜଣ, ନାଚୁଣି ମହାବିଦ୍ୟାଳୟରେ ୩୭୩ଜଣ, ଗ୍ରାମୀଣ ମହିଳା ଉଚ୍ଚ ବିଦ୍ୟାଳୟରେ ୧୪୮ଜଣ ଛାତ୍ରୀ ପରୀକ୍ଷା ଦେଇଛନ୍ତି। ଅନୁରୂପ ଭାବେ ଚିଲିକା ବ୍ଲକ ଅନ୍ତର୍ଗତ ବାଲୁଗାଁ ମହାବିଦ୍ୟାଳୟରେ ୨ଟିଯାକ ବିଭାଗରେ ୩୭୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ପଞ୍ଚୁପଲ୍ଲୀ ବଳରାମ ବିଦ୍ୟାପୀଠରେ ୧୫୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସମସ୍ତ ପରୀକ୍ଷା କେନ୍ଦ୍ରରେ ଶୃଙ୍ଖଳାର ସହ ପରୀକ୍ଷା ହୋଇଥିବା ପରୀକ୍ଷା ପରିଚାଳକ କହିଛନ୍ତି।

# ମାଟିଘରେ ଲୁଚିଛି ପାଇକ ବିଦ୍ରୋହର କାହାଣୀ

**ଖୋର୍ଦ୍ଧା ଅଫିସ,୨।୩**



ବକ୍ସି ଜଗବନ୍ଧୁଙ୍କ ସହଯୋଗୀ ଭୂଇଁମୂଳ କାଳିଆଙ୍କ ଘର ଓ କିଛି ସାମଗ୍ରୀ।

- ବକ୍ସି ଜଗବନ୍ଧୁଙ୍କ ଅନ୍ୟତମ ସହଯୋଗୀ ଥିଲେ ଭୂଇଁମୂଳ କାଳିଆ
- ଇଂରେଜଙ୍କ ବିରୋଧରେ ସଂଗ୍ରାମ ପାଇଁ କରୁଥିଲେ ଯୋଜନା ପ୍ରସ୍ତୁତ

ପାଇକ ବିଦ୍ରୋହର କଥା ପଡ଼ିଲେ ମନରେ ଶିହରଣ ଖେଳିଯାଏ। ଏହି ଐତିହାସିକ ସଂଗ୍ରାମକୁ ନେଇ ଖୋର୍ଦ୍ଧା ମାଟି ଜାତୀୟସ୍ତରରେ ଗୌରବାନ୍ୱିତ ହୋଇଛି। ଏହି ସଂଗ୍ରାମ ସହ ଜଡ଼ିତ ବହୁ ପ୍ରସଙ୍ଗ ଏବେ ବି ଅନାଲୋଚିତ ହୋଇରହିଛି। ଇତିହାସର ପୃଷ୍ଠାରେ କିନ୍ତୁ ସେହି ସମୟର ଅନେକ ଘଟଣାବଳୀ ସ୍ମୃତି ପାଲଟିଛି। ପାଇକ ବିଦ୍ରୋହକୁ ନେଇ ସେହି ସମୟର ଏକ ଘଟଣା ଏବେ ସାମନାକୁ ଆସିଛି, ଯାହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଖୋର୍ଦ୍ଧା ଜିଲା ବାଙ୍କେଇ ଗ୍ରାମରେ ରହିଛି ସ୍ୱାଧୀନତା ସଂଗ୍ରାମୀ, ମହାନ ବିପ୍ଳବୀ ବୀର ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ଅନ୍ୟତମ ସହଯୋଗୀ ଭୂଇଁମୂଳ କାଳିଆଙ୍କ ଘର। ତାଙ୍କୁ କାଳିଆ ମଙ୍ଗରାଜ ଓରଫ ପର୍ଶୁରାମ ରାଉତରାୟ ବୋଲି ମଧ କୁହାଯାଏ। ଏହି ଘର ୨ଶହ ବର୍ଷର ତଳର ବୋଲି କୁହାଯାଉଛି। ଦୁଇ ମହଲା ବିଶିଷ୍ଟ ମାଟି ଘରେ ଅତୀତର ବହୁ ସ୍ମୃତି ରହିଛି। ଏହି ଘର ଭିତରେ ଏକ ଗୁପ୍ତ କୋଠରୀ ଅଛି, ଯେଉଁଠାରେ କାଳିଆ ଗୁପ୍ତ ଭାବେ ଇଂରେଜଙ୍କ ବିରୋଧରେ ସଂଗ୍ରାମ ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ। ସେହି ଘର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବେଳେ ଅନ୍ୟ ଘରଗୁଡ଼ିକ ଭାଙ୍ଗିରୁଜିଗଲାଣି। ତାଙ୍କର ଦାୟାଦ କୁହାଯାଉଥିବା ଅମୀୟ ପଟ୍ଟନାୟକ ପରିବାର ସହିତ ବାଙ୍କେଇରେ ରହୁଛନ୍ତି।

ଐତିହାସିକ ରବୀନ୍ଦ୍ର କୁମାର ପରିଡ଼ାଙ୍କ ରଚିତ 'ବୋଲଗଡ଼ରୁ ବକ୍ସିଙ୍କ ଖୋର୍ଦ୍ଧା ଅଭିଯାନ' ଶୀର୍ଷକ ପୁସ୍ତକରୁ ଜଣାଯାଏ ଯେ, ବକ୍ସି ସର୍ବପ୍ରଥମେ ବାଣପୁରରୁ ଖୋର୍ଦ୍ଧାର ଇଂରେଜ ଶାସକଙ୍କ ବିରୋଧରେ ଅଭିଯାନ ଆରମ୍ଭ କରିଥିଲେ। ବକ୍ସିଙ୍କ ବାଣପୁର ଦଖଲ ପରେ ତାଙ୍କ ଅନୁଗତ ପାଇକ ଓ କନ୍ଧମାନଙ୍କୁ ଧରି ୧୮୧୭ ଏପ୍ରିଲ ୧ରେ ବୋଲଗଡ଼ର ବାଙ୍କେଇଗଡ଼ରେ ପହଞ୍ଚିଥିଲେ। ସେହିଦିନ ବୋଲଗଡ଼ର ଆମ୍ବତୋଟାରେ ଭୂଇଁମୂଳ କାଳିଆ ମଙ୍ଗରାଜ ଓରଫ ପର୍ଶୁରାମ ରାଉତରାୟ ତତ୍କାଳୀନ ପାଞ୍ଚଗଡ଼ର ଶାସିକା ସମ୍ବଲପୁର ରାଣୀ ମୁକ୍ତା ଦେଇଙ୍କ ଅତ୍ୟାଚାରୀ ଦେୱାନ୍ ସଦାଶିବ ରାୟ (ବହିଦାର)ଙ୍କ ବିରୋଧରେ ଏକ ପ୍ରଜାମେଳି କରିଥିଲେ। ୧୮୦୩ରେ ଇଂରେଜମାନେ ଖୋର୍ଦ୍ଧା ଦଖଲ ପରେ ନିଜ ଆଧିପତ୍ୟ ବିସ୍ତାର କରିଥିଲେ। ଖୋର୍ଦ୍ଧାରୁ ମରହଟ୍ଟାଙ୍କୁ ହଟାଇବାରେ ଇଂରେଜଙ୍କୁ ସହଯୋଗ ପ୍ରତିଦାନ ସ୍ୱରୂପ ୪ଟି ପ୍ରଗଣା ଫେରାଇବା ପାଇଁ ପ୍ରତିଶ୍ରୁତି ଦେଇ ଖୋର୍ଦ୍ଧା ରାଜାଙ୍କୁ ପରବର୍ତ୍ତୀ ସମୟରେ ଇଂରେଜମାନେ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ଫଳରେ ଜୟୀ ରାଜଗୁରୁ ୧୮୦୪ରେ ଇଂରେଜଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ। ଇଂରେଜମାନେ ଗଡ଼ ଦଖଲ ପରେ ଜୟୀ ରାଜଗୁରୁଙ୍କୁ ମେଦିନାପୁରର ବାଘିତୋଟା ନାଳସ୍ଥିତ ଏକ ବରଗଛର ୨ଟି ଡାଳରେ ଦୁଇଗୋଡ଼କୁ ବାନ୍ଧି ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ଘଟଣା ସମଗ୍ର ଓଡ଼ିଆ ଜାତି ମଧ୍ୟରେ ଅସନ୍ତୋଷର ବହ୍ନିକୁ ପ୍ରଜ୍ୱଳିତ କରିଥିଲା। ୧୮୦୪ରୁ ୧୮୧୭ ମଧ୍ୟରେ ଇଂରେଜଙ୍କ ଅତ୍ୟାଚାର ସୀମା ଟପିଥିଲା, ଯାହାକି ପରବର୍ତ୍ତୀ ସମୟରେ ବକ୍ସିଙ୍କ ନେତୃତ୍ୱରେ ଏକ ବଡ଼ ଗଣବିପ୍ଳବରେ ପରିଣତ ହୋଇଥିଲା। ପାଞ୍ଚଗଡ଼ର ଦେୱାନ ସଦାଶିବଙ୍କୁ ହତ୍ୟା ପରେ କାଳିଆ ଭୂଇଁମୂଳଙ୍କୁ ଫାଶୀ ଦିଆଯାଇଥିବା ଗବେଷକ ପରିଡା ନିଜ ପୁସ୍ତକରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ କାଳିଆ ମଙ୍ଗରାଜ ଓରଫ ପର୍ଶୁରାମ ରାଉତରାୟଙ୍କୁ ନେଇ ଅନ୍ୟ ଗବେଷକଙ୍କ ଭିନ୍ନ ମତ ରହିଛି। ଐତିହ୍ୟ ଗବେଷକ ସତ୍ୟବାଦୀ ବଳିଆରସିଂ ଏବଂ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ମତରେ ଏ ସମ୍ପର୍କରେ ଓଡ଼ିଶା ରେକର୍ଡ ଅଫ ରାଇଟ୍‌ସରେ ସେଭଳି କୌଣସି ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇନାହିଁ। ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରଣୀତ ସ୍ୱାଧୀନତା ସଂଗ୍ରାମୀ ଇତିହାସ ତଥା ସଂଗୃହୀତ ନଥିପତ୍ରରେ ମଧ ସେଭଳି କୌଣସି ତଥ୍ୟ ଲିପିବଦ୍ଧ ନାହିଁ। ଏହା ଉପରେ ଅଧିକ ଗବେଷଣା ହେବା ଜରୁରୀ ବୋଲି ସେ କହିଛନ୍ତି। ପାଇକ ବିଦ୍ରୋହର ବହୁ ଅନାଲୋଚିତ ପ୍ରସଙ୍ଗ ଆଜି ମଧ ଲୋକଲୋଚନକୁ ଆସିପାରିନାହିଁ। ଏ ସମ୍ପର୍କରେ ଅଧିକ ଗବେଷଣା, ଚର୍ଚ୍ଚା, ଆଲୋଚନା କରାଗଲେ ବହୁ ତଥ୍ୟ ପଦାକୁ ଆସିପାରିବ ବୋଲି ଗବେଷକ ଓ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

## ରନ୍ଧନ ଗ୍ୟାସ୍ ଦର ବୃଦ୍ଧିକୁ ଏସ୍‌ୟୁସିଆଇର ବିରୋଧ




**ଖୋର୍ଦ୍ଧା ଅଫିସ,୨।୩**

ଦେଶରେ ଦରଦାମ୍ ବୃଦ୍ଧି ଉଦ୍‌ବେଗଜନକ ରହିଛି। ଖାଦ୍ୟ ସାମଗ୍ରୀଠାରୁ ଅତ୍ୟାବଶ୍ୟକ ସାମଗ୍ରୀ ପର୍ଯ୍ୟନ୍ତ ସବୁର ଦର ବଢିବାରେ ଲାଗିଛି। ଫଳରେ ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି। କରୋନା ମାଡ଼ରୁ ଅଣ୍ଟା ସଳଖି ନଥିବା ବେଳେ ଖାଉଟିଙ୍କୁ ପୁଣି ମହଙ୍ଗା ମାଡ଼। କେନ୍ଦ୍ର ସରକାର ଘରୋଇ ରନ୍ଧନ ଗ୍ୟାସ ଦର ୫୦ଟଙ୍କା ବୃଦ୍ଧି କରିଛନ୍ତି। ରନ୍ଧନ ଗ୍ୟାସ ଦର ସିଲିଣ୍ଡର ପିଛା (୧୪.୨) ୫୦ଟଙ୍କା ବଢିଥିବା ବେଳେ ବାଣିଜ୍ୟିକ ଏଲ୍‌ପିଜି (୧୯ କେଜି) ମୂଲ୍ୟରେ ୩୫୧.୫୦ ପଇସା ବୃଦ୍ଧି କରାଯାଇଛି। ସାଧାରଣ ଖାଉଟି ଅତ୍ୟଧିକ ଦରଦାମ ବୃଦ୍ଧିକୁ ନେଇ ହଇରାଣ ହେଉଥିବା ବେଳେ ଏବେ ସିଲିଣ୍ଡର ଦର ବୃଦ୍ଧି ଲୋକଙ୍କୁ ଝଟ୍‌କା ଦେଇଛି। ଦେଶରେ ତୈଳ ଦର ବୃଦ୍ଧିକୁ ନେଇ ଖାଉଟିଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସାଧାରଣ ଲୋକଙ୍କ ହାଣ୍ଡିଶାଳ ଉପରେ ମାଡ଼ ହୋଇଛି। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଖୋରଧା ଆଞ୍ଚଳିକ କମିଟି ଏହାର ତୀବ୍ର ବିରୋଧ କରିଛି। ଏହାର ପ୍ରତିବାଦରେ କମିଟି ପକ୍ଷରୁ ଗୁରୁବାର ଟାଉନ ହଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦରବୃଦ୍ଧି ଦ୍ୱାରା ନିମ୍ନବର୍ଗର ଲୋକେ ପ୍ରଭାବିତ ହେବେ। ତୁରନ୍ତ ଦରବୃଦ୍ଧି ପ୍ରତ୍ୟାହାର ଦାବି କରିଛି ଏସ୍‌ୟୁସିଆଇ। ତୈଳ ଦର ନିୟନ୍ତ୍ରଣରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ସରକାରଙ୍କ ପୁଞ୍ଜିପତିଙ୍କୁ ଅନୁକମ୍ପା ନୀତି ଯୋଗୁ ସାଧାରଣ ଖାଉଟି ହଇରାଣ ହେଉଛନ୍ତି। ଦର ବୃଦ୍ଧି ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଏସ୍‌ୟୁସିଆଇ ଆଞ୍ଚଳିକ କମିଟି ସଭାପତି ଅଶୋକ ସାହୁ କହିଛନ୍ତି। ବିକ୍ଷୋଭରେ ଛାତ୍ର ନେତା ଜୟନ୍ତ ମହାନ୍ତି, ଅବିନାଶ ପ୍ରଧାନ, ଶ୍ରୀକାନ୍ତ ନାୟକ, ସଂଘମିତ୍ରା ମହାପାତ୍ର, ବିଶ୍ୱରଞ୍ଜନ ଜେନା, ମନ୍ଦାକିନୀ ସାହୁ ଏବଂ ଅନୁପମ ମହାନ୍ତି ପ୍ରମୁଖ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଥିଲେ।

## ଦେବୋତ୍ତର ବିଭାଗର କାରଣ ଦର୍ଶାଅ ନୋଟିସ୍

**ପୁରୁଣା ଭୁବନେଶ୍ୱର,୨।୩(ଡି.ଏନ.ଏ)**

ପ୍ରଶାସନିକ ଅବହେଳା ଓ ସେବାୟତ ବିବାଦ କାରଣରୁ ପ୍ରସିଦ୍ଧ ଶୈବ ପୀଠ କପିଳେଶ୍ୱର ମନ୍ଦିରରେ ଆଜକୁ ୪ଦିନ ହେଲା ବିଭିନ୍ନ ନୀତିକାନ୍ତି ବନ୍ଦ ରହିଛି। ଏ ନେଇ ଦେବୋତ୍ତର ବିଭାଗ ନିର୍ଦ୍ଦିଷ୍ଟ ସେବାୟତ ସମ୍ପ୍ରଦାୟ ଲୋକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏପଟେ ନିଜର ଆରାଧ୍ୟ ଅପୂଜା ରହିଥିବା ନେଇ ମଲ୍ଲିଆ ସେବାୟତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ପ୍ରଶାସନିକ ବିଭାଗ ଓ ସେବାୟତଙ୍କ ବିବାଦ ଯୋଗୁ ଠାକୁରଙ୍କ ନୀତିକାନ୍ତି ହୋଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଦେବୋତ୍ତର ବିଭାଗ କାରଣ ଦର୍ଶାଅ ନୋଟିସ ପାଇଥିବା ସେବାୟତ ସମୟ ମଧ୍ୟରେ କୈଫିୟତ ନ ଦେଇପାରିଲେ ବିଶୃଙ୍ଖଳା ସୃଷ୍ଟି କରିଥିବା ନେଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ମନ୍ଦିରରେ ଆବହମାନ କାଳରୁ ମଲ୍ଲିଆ ସେବାୟତମାନେ କପିଳେଶ୍ୱର ମନ୍ଦିରରେ ନୀତିକାନ୍ତି କରିଆସୁଛନ୍ତି। ହେଲେ କେଉଁ ଆଧାରରେ ଶ୍ରୀଲିଙ୍ଗରାଜ ମନ୍ଦିର ଓ ଏକାମ୍ର କ୍ଷେତ୍ରରେ ବିଭିନ୍ନ ମଠରେ ପୂଜାନୀତି ଅଧିକାରୀ ନ ଥାଇ କେବଳ ସହାୟତା କରୁଥିବା ନିର୍ଦ୍ଦିଷ୍ଟ କେତେକ ପରିବାରକୁ କପିଳେଶ୍ୱର ମନ୍ଦିରରେ ସେବା ନୀତି କରିବାକୁ କେଉଁ ସ୍ୱତ୍ୱଲିପି ବଳରେ ଅନୁମତି ଦିଆଯାଇଛି, ତାହା ସାର୍ବଜନୀନ କରାଯାଉ ବୋଲି ବହୁ ମଲ୍ଲିଆ ସେବାୟତମାନେ ଦାବି କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅନୁସୟା


@ ଦିଲୀପ


@ ବାଦଲ


@ ଦୀପକ


@ ରାକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଯୁକ୍ତ୨ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇଲା ଏବିଭିପି

**ଖୋର୍ଦ୍ଧା ଅଫିସ,୨।୩**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଖୋର୍ଦ୍ଧା ନଗର ତରଫରୁ ମହିଳା ମହାବିଦ୍ୟାଳୟ, ଖୋର୍ଦ୍ଧା ଓ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଯୁକ୍ତ୨ କଳା ଓ ବାଣିଜ୍ୟ ବିଭାଗର ପରୀକ୍ଷାର୍ଥୀ ଛାତ୍ରୀଛାତ୍ରମାନଙ୍କୁ ବୋର୍ଡ ପରୀକ୍ଷାର ସଫଳତା ନିମନ୍ତେ ମୁଣ୍ଡରେ ଚନ୍ଦନ ଟିପା ଲଗାଇ ଶୁଭେଚ୍ଛା ଓ ଶୁଭକାମନା ଜ୍ଞାପନ କରାଯାଇଛି। ବିଦ୍ୟାର୍ଥୀ ପରିଷଦର ଏହି କାର୍ଯ୍ୟ ମଧ ଜିଲାର ବିଭିନ୍ନ ମହାବିଦ୍ୟାଳୟରେ ଆୟୋଜନ ହୋଇଯାଇଛି। ଖୋର୍ଦ୍ଧା ନଗରର ସହ ସମ୍ପାଦିକା ସରଗମ ନାୟକ ପ୍ରାଣନାଥ ମହାବିଦ୍ୟାଳୟରେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ମହିଳା ମହାବିଦ୍ୟାଳୟରେ ଏବିଭିପିର ପୂର୍ବ ରାଜ୍ୟ କାର୍ଯ୍ୟକାରିଣୀ ଲିପ୍ସା ପ୍ରଧାନ ପରିଚାଳନା କରିଥିଲେ। ନଗରର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ପରୀକ୍ଷାର୍ଥୀମାନଙ୍କୁ ଚନ୍ଦନ ଲଗାଇ ଶୁଭେଚ୍ଛା ଜଣାଉଛନ୍ତି।

## ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସଂକଳ୍ପ ନେଲେ କନ୍ଦଳେଇବାସୀ

**ଭୁବନେଶ୍ୱର, ୨।୩(ବ୍ୟୁରୋ):** ବିଶ୍ୱ ବନ୍ୟପ୍ରାଣୀ ଦିବସକୁ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ମଧ୍ୟରେ ଥିବା ଆଦିବାସୀପଲ୍ଲୀ କନ୍ଦଳେଇର ବନବାସୀମାନେ ନିରାଡ଼ମ୍ବର ଭାବେ ପାଳନ କରିଛନ୍ତି। ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ବନବାସୀମାନେ ବିଭିନ୍ନ ମୁଖା ପିନ୍ଧି ନିଆରା ଢ଼ଙ୍ଗରେ ଜନସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଏଥିସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ଜୀବଜନ୍ତୁ ତଥା ବୃକ୍ଷଲତା ପରିବେଶ ସନ୍ତୁଳନ ରକ୍ଷା କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ମାତ୍ର ସମ୍ପ୍ରତି ବନ୍ୟଜୀବଙ୍କୁ ମଣିଷ ଅନବରତ ଶିକାର କରିବା ଦ୍ୱାରା ଜଳବାୟୁର ପରିବର୍ତ୍ତନ ହେଉଛି। ତେଣୁ ଏବେଠାରୁ ଜୀବଜନ୍ତୁ ତଥା ବୃକ୍ଷଲତାଙ୍କ ସୁରକ୍ଷା କରା ନ ଗଲେ ଆଗାମୀ ଦିନରେ ରାଜ୍ୟରୁ ଜୀବଜନ୍ତୁ ସମ୍ପୂର୍ଣ୍ଣ ଲୋପ ପାଇଯିବେ ବୋଲି ସୁଶାନ୍ତ ବନବାସୀଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକକର୍ମୀ ତ୍ରିଲୋଚନ ବେଉରା, ବାପିନା ନାୟକ, ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ସୁବାଷ ଓଝା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଧରପଗଡ ସତ୍ତ୍ୱେ ବଢୁଛି ନିଶା କାରବାର

**ଭୁବନେଶ୍ୱର,୨।୩ (ବ୍ୟୁରୋ)**

- ୨ ମାସରେ ୪ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ, ୧୯୨ ଗ୍ରାମ ବ୍ରାଉନସୁଗାର ଜବତ
- ବର୍ଷ ଆରମ୍ଭରୁ ରାଜଧାନୀରେ ବେଧଡକ ଚାଲିଛି ନିଶା ବେପାର

ରାଜଧାନୀରେ ଦିନକୁ ଦିନ ନିଶାକାରବାର ବଢ଼ି ଚାଲିଛି। କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍, ଅବକାରୀ, ଫ୍ଲାଇଂ ସ୍କ୍ୱାଡ୍ ଏବଂ ପୋଲିସର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି ବେଆଇନ କାରବାର ଥମୁନାହିଁ। କନ୍ଧମାଳ, ବାଲେଶ୍ୱର ଓ ଜଳେଶ୍ୱରରୁ ବିଭିନ୍ନ ଗଳାବାଟ ଦେଇ ଭୁବନେଶ୍ୱରରେ ନିଶାଦ୍ରବ୍ୟ ପହଞ୍ଚିବା ପରେ ଏଠାରୁ ଗ୍ରାମାଞ୍ଚଳ ସମେତ ପଡ଼ୋଶୀ ଜିଲାକୁ ପଠାଯାଉଛି। ଏହି କାରବାରରେ ମହିଳା, ଯୁବପିଢ଼ି ଓ ଛାତ୍ରଙ୍କ ସମ୍ପୃକ୍ତି ରହିଥିବା ନଜିର ମଧ ରହିଛି। ସ୍ୱଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର ଲାଳସାରେ ନିଶା ବେପାରୀମାନେ ଖୁଲମଖୁଲା ଏହି ବେପାର କରୁଛନ୍ତି। ପାନ ଦୋକାନ, ମୋବାଇଲ ଦୋକାନ, ଗ୍ରୋସେରି, ପରିବା ଦୋକାନରେ ନିଶା ବେପାର ଚାଲିଛି। ନିୟମିତ ବ୍ୟବଧାନରେ ସହରର ବିଭିନ୍ନ ସ୍ଥାନ ଓ ବସ୍ତିରୁ ନିଶାଦ୍ରବ୍ୟ ଜବତ କରାଯାଉଛି। ଅଧିକାରୀମାନେ ଜବତବେଳେ ବେପାରୀଙ୍କୁ ଧରୁଥିବାବେଳେ ଏହି କାରବାରର ମାଷ୍ଟରମାଇଣ୍ଡ ଆଢୁଆଳରେ ରହି ବେପାର ଜାରି ରଖୁଛନ୍ତି। ଚଳିତ ବର୍ଷର ଆରମ୍ଭରୁ ରାଜଧାନୀରେ ବିପୁଳ ପରିମାଣରେ ନିଶାଦ୍ରବ୍ୟ ଜବତ ହେବା ସହରବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କମିଶନରେଟ ପୋଲିସ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ରାଜଧାନୀରେ କିଭଳି ଚାଲିଛି ନିଶାକାରବାର ତାହା ସ୍ପଷ୍ଟ ଭାବେ ବାରିହୋଇ ପଡୁଛି। ଗତ ୨ ମାସ ଅର୍ଥାତ ଜାନୁୟାରୀ ଓ ଫେବୃୟାରୀରେ ଭୁବନେଶ୍ୱର ସହରାଞ୍ଚଳ ଜିଲାର ବିଭିନ୍ନ ଥାନାରେ ବ୍ରାଉନସୁଗାର ଓ ଗଞ୍ଜେଇ ବିକ୍ରି ଜନିତ ୨୫ଟି ମାମଲା ରୁଜୁ ହୋଇଥିବାବେଳେ ମୋଟ ୪୮ଜଣ ନିଶା ବେପାରି ଗିରଫ ହୋଇଛନ୍ତି। ୧୪ଟି ବ୍ରାଉନସୁଗାର ବିକ୍ରି ମାମଲାରେ ୨୭ ଜଣ ଅଭିଯୁକ୍ତ କୋର୍ଟ ଚାଲାଣ ହୋଇଥିବାବେଳେ ସେମାନଙ୍କ ନିକଟରୁ ୧୯୨ ଗ୍ରାମରୁ ଅଧିକ ଓଜନର ବ୍ରାଉନସୁଗାର, ୧୫ ହଜାର ୮୧୫ ଟଙ୍କା, ୯ଟି ଦୁଇ ଚକିଆ ଯାନ ଏବଂ ୧୩ଟି ମୋବାଇଲ ଫୋନ ଜବତ କରାଯାଇପାରିଛି । ସେହିପରି ଗତ ଜାନୁୟାରୀ ଏବଂ ଫେବୃୟାରୀ ମଧ୍ୟରେ ୧୧ଟି ବେଆଇନ ଗଞ୍ଜେଇ ବିକ୍ରି ମାମଲା ରୁଜୁ ହୋଇଥିବାବେଳେ ମୋଟ ୨୧ଜଣ ଅଭିଯୁକ୍ତ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ସେମାନଙ୍କ ନିକଟରୁ ମୋଟ ୪ କୁଇଣ୍ଟାଲ ୫୩ କେଜି ୨୨୦ଗ୍ରାମ ଓଜନର ଗଞ୍ଜେଇ, ୩୧ ହଜାର ୮୪୦ଟଙ୍କା, ୬ଟି ଦୁଇ/ଚାରି ଚକିଆ ଯାନ ଓ ୭ଟି ମୋବାଇଲ ଫୋନ ଜବତ କରାଯାଇଥିବା କମିଶନରେଟ ପୋଲିସ ସୂଚନା ଦେଇଛି।

# ୪୮୬ କୋଟିର ଚିଠା ବଜେଟ ପ୍ରସ୍ତୁତ କଲା ସିଏମ୍‌ସି

**ବଜେଟ ଅଧିବେଶନ ବୈଠକ**

- ଆସନ୍ତା କାଉନ୍‌ସିଲ ବୈଠକରେ ପାସ୍ ହେବ
- ୧ କୋଟି ୨୩ ଲକ୍ଷ ଟଙ୍କା ବଳକା

**କଟକ ଅଫିସ,୨।୩**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଚଳିତବର୍ଷ ଆୟବ୍ୟୟ ଅଟକଳ ପ୍ରସ୍ତୁତ ହୋଇଛି। ଗତବର୍ଷ ତୁଳନାରେ ଚଳିତବର୍ଷ ସିଏମ୍‌ସିର ଆୟ ବୃଦ୍ଧି ପାଇଛି। ସହରର ବିକାଶକୁ ଦୃଷ୍ଟିରେ ରଖି ୪୮୬ କୋଟି ଟଙ୍କାର ଚିଠା ବଜେଟ୍ ସିଏମ୍‌ସି ପ୍ରସ୍ତୁତ କରିଛି। ସାଧାରଣ ପ୍ରଶାସନ, ଜନସ୍ୱାସ୍ଥ୍ୟ, ସରକାରୀ ଅନୁଦାନ ପ୍ରକଳ୍ପ, ନୂତନ ଏବଂ ଅସମ୍ପୂର୍ଣ୍ଣ ପ୍ରକଳ୍ପ ପାଇଁ ବ୍ୟୟବରାଦ ଟଙ୍କା ବୃଦ୍ଧି ପାଇଛି । ଜାନୁୟାରୀ, ଫେବୃୟାରୀ ଏବଂ ମାର୍ଚ୍ଚ ମାସକୁ ବାଦ୍ ଦେଲେ ୨୦୨୨-୨୩ ଅଟକଳ ଅନୁଯାୟୀ ପ୍ରାୟ ୧୦୬ କୋଟି ଟଙ୍କା କେବଳ ସିଏମ୍‌ସି ଆୟ କରିଛି। ତେବେ ଏହି ୩ ମାସକୁ ମିଶାଇଲେ ଆୟ ୧୫୦ କୋଟିରେ ପହଞ୍ଚିବ ବୋଲି ସିଏମ୍‌ସି ମେୟର ସୁବାସ ସିଂ ଅଶା ପ୍ରକଟ କରିଛନ୍ତି।

ସିଏମ୍‌ସି ବିଜୁଭବନ ପରିସରରେ ବଜେଟ୍ ଅଧିବେଶନ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୨୩-୨୪ ପାଇଁ ଚିଠା ବଜେଟ ଉପସ୍ଥାପନ କରାଯାଇଥିଲା। ବୈଠକରେ ମେୟର ସିଂ ଅଧ୍ୟକ୍ଷତା କରିଥିବାବେଳେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ଉପସ୍ଥିତ ଥିଲେ । ବୈଠକରେ ବିତ୍ତ ଅଧିକାରୀ ସତିଶ କୁମାର ମିଶ୍ର ବଜେଟ୍ ଉପସ୍ଥାପନ କରିଥିଲେ। ମୋଟ୍ ୪୮୬ କୋଟି ୩୩ ଲକ୍ଷ ୬୧ ହଜାର ଟଙ୍କାର ବଜେଟ୍ ଉପସ୍ଥାପନ କରାଯାଇଛି। ଚଳିତବର୍ଷ ସମ୍ଭାବ୍ୟ ଆୟ ୪୮୭ କୋଟି ୫୬ ଲକ୍ଷ ୫୭ ହଜାର ହୋଇଥିବାବେଳେ ବ୍ୟୟ ୪୮୬ କୋଟି ୩୩ ଲକ୍ଷ ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହା ଏକ ବଳକା ବଜେଟ୍ ବୋଲି କୁହାଯାଉଛି। ୧ କୋଟି ୨୩ ଲକ୍ଷ ଟଙ୍କାର ବଳକା ବଜେଟ୍ ଦର୍ଶାଯାଇଛି। ତେବେ ଏହି ଚିଠା ବଜେଟ୍ ଉପରେ ଆସନ୍ତା ୩ ଦିନ ମଧ୍ୟରେ କର୍ପୋରେଟର ଏବଂ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷାଅଧ୍ୟକ୍ଷମାନେ ପ୍ରସ୍ତାବ ଦେଇପାରିବେ। ଏହାପରେ ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କାଉନ୍‌ସିଲ ବୈଠକରେ ବଜେଟ୍ ସଂକ୍ରାନ୍ତରେ ସବିଶେଷ ଆଲୋଚନା କରାଯାଇ ବଜେଟ୍ ପାସ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ଆୟ କ୍ଷେତ୍ରର ୪୮.୬ କୋଟି ଟଙ୍କା ଆୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ଏଣ୍ଟ୍ରି ଟିକସ ବାବଦରୁ ୭୩ କୋଟି ଟଙ୍କା, ୟୁଜର୍ସ ଚାର୍ଜେସ ବାବଦରୁ ୨.୯୧ କୋଟି, ସିଏମ୍‌ସି ସମ୍ପତ୍ତିର ରେଣ୍ଟାଲ ଇନ୍‌କମ୍ ବାବଦରୁ ୩.୬୭ କୋଟି, ଦେୟ ଓ ଜରିମାନା ବାବଦରୁ ୬.୬୪ କୋଟି, ଅନ୍ୟାନ୍ୟ ଉତ୍ସରୁ ୯.୩୪ କୋଟି, ଅନୁଦାନ ଓ ଋଣ ପ୍ରଭୃତିରୁ ୪୪୩.୪ କୋଟି ଟଙ୍କାର ଆୟ ଲକ୍ଷ୍ୟ ରଖାଯାଇଛି। ସେହିପରି ବ୍ୟୟ କ୍ଷେତ୍ରରେ ସାଧାରଣ ପ୍ରଶାସନିକ ପରିଚାଳନା ପାଇଁ ୧୨୩.୭ କୋଟି, ଜନସାଧାରଣଙ୍କ ସୁବିଧା ନିମନ୍ତେ ୭୪. ୩୯ କୋଟି, ଅନ୍ୟାନ୍ୟ କ୍ଷେତ୍ର ପାଇଁ ୭.୦୬ କୋଟି, ଋଣ ବାବଦକୁ ୮. ୮୫ କୋଟି, ସରକାରୀ ଅନୁଦାନ ଏବଂ ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ୨୫୦ କୋଟି, ଅସମ୍ପୂର୍ଣ୍ଣ ପ୍ରକଳ୍ପ ଏବଂ ନୂତନ ପ୍ରକଳ୍ପ ପାଇଁ ୧୧୮.୮୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଚଳିତ ବଜେଟ୍‌ରେ ସହରର ଭିତ୍ତିଭୂମି, ମୌଳିକ ସୁବିଧା ଯଥା- ରାସ୍ତାଘାଟ, ଡ୍ରେନ୍ ଓ ଆଲୋକୀକରଣ ସଂଯୋଗ, ଅଦରକାରୀ ବର୍ଜ୍ୟବସ୍ତୁ ପୁନଃଚକ୍ରଣ କାରଖାନା, ଆଧୁନିକ ଧରଣର ସ୍ଲଟର ହାଉସ୍, ଦୋକାନ ଘର ନିର୍ମାଣ, ନାଳ ଓ ସ୍ଲାବ୍ ନିର୍ମାଣ, ଗୋଷ୍ଠୀ କେନ୍ଦ୍ର ଓ ବ୍ୟାୟାମ କେନ୍ଦ୍ର, କଲ୍ୟାଣ ମଣ୍ଡପ, ହରିଣ ପାର୍କ, ପାଠାଗାର ପୁନରୁଦ୍ଧାର, ସ୍ମାର୍ଟ ଫୁଟ୍‌ପାଥଗୁଡ଼ିକୁ ପ୍ରାଧାନ୍ୟ ଦିଆଯିବ। ଏଥିସହ ମହାନଗର ନିଗମରେ ଥିବା ମାର୍କେଟ ଗୁଡ଼ିକର କଳେବର ବୃଦ୍ଧି ସହ ଭେଣ୍ଡିଂ ଜୋନ କରାଯିବ। ବିଶେଷକରି ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ସୂଚନା ମିଳିଛି । ବୈଠକରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଡେପୁଟି ମେୟର ଦମୟନ୍ତୀ ମାଝି ଓ ଅନ୍ୟମାନେ ଉପସ୍ଥିତଥିଲେ।


ବୈଠକରେ ସିଏମ୍‌ସି ମେୟର, ଡେପୁଟି ମେୟର, କମିଶନର ଓ ଅନ୍ୟମାନେ।

## ସ୍ମାର୍ଟ ଜଳାଶୟ ବାବଦକୁ ୧୦ କୋଟି

ଚଳିତବର୍ଷ ଚିଠା ବଜେଟ୍‌ରେ ସହରରେ ସ୍ମାର୍ଟ ଜଳାଶୟ, ସ୍ମାର୍ଟ ଶ୍ମଶାନ ଓ ସ୍ମାର୍ଟ ଖେଳପଡ଼ିଆ ତିଆରି ପାଇଁ ବ୍ୟୟବରାଦ କରାଯାଇଛି। ଶ୍ମଶାନଗୁଡ଼ିକର ଉନ୍ନତୀକରଣ ନିମନ୍ତେ ବ୍ୟୟବରାଦ ହୋଇଛି। ସେହିପରି ସ୍ମାର୍ଟ ଜଳାଶୟ ନିର୍ମାଣ ବାବଦକୁ ୧୦ କୋଟି ଟଙ୍କା ବ୍ୟୟ ହେବ ବୋଲି ଯୋଜନା ଥିଲେ ମଧ୍ୟ ଚଳିତବର୍ଷ ୩ କୋଟି ବ୍ୟୟ କରାଯିବ। ସେହିଭଳି ସ୍ମାର୍ଟ ଖେଳପଡ଼ିଆ ପାଇଁ ୫୦ ଲକ୍ଷ ଅଟକଳ କରାଯାଇଛି।

## ରାସ୍ତା ସଫା, ବୁଶ୍ କଟିଂ, ପଙ୍କୋଦ୍ଧାର କରିବ ୩ ସଂସ୍ଥା

ସହରର ପରିମଳ ଦାୟିତ୍ୱ ୩ଟି ଘରୋଇ ସଂସ୍ଥାକୁ ଦିଆଯାଇଛି। ନିୟମ ଅନୁସାରେ ରାସ୍ତା ସଫେଇ, ଡ୍ରେନ୍‌ରୁ ପଙ୍କୋଦ୍ଧାର, ବୁଶ୍ କଟିଂ ଆଦି ଉକ୍ତ ସଂସ୍ଥା କରିବ। ହେଲେ ଏବାବଦରେ ବିଟେକ୍ସ ମଶାତେଲ, ଆଣ୍ଟିଲାର୍ଭା, ମାଲାଥନ, ଫିନାଇଲ, ବ୍ଲିଚିଂ ପାଉଡର ବାବଦକୁ ୧ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ଚିଠା ବଜେଟ୍‌ରେ ଦର୍ଶାଯାଇଛି। ଦରକାର ପଡିଲେ ଏ ବାବଦରେ ହେବାକୁ ଥିବା ଖର୍ଚ୍ଚରେ ସଂଶୋଧନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ସହର ଡ୍ରେନ୍‌ଗୁଡ଼ିକରେ ବାର୍ ସ୍କ୍ରିନ୍ ଲାଗିବ। ଏହାଦ୍ୱାରା ବର୍ଜ୍ୟଜଳ ଛାଣିହୋଇ ନିଷ୍କାସିତ ହେବ। ଫଳରେ ଅଳିଆ ଗୋଟିଏ ସ୍ଥାନରେ ଜମି ରହିବାକୁ ଥିବାରୁ ସେଗୁଡ଼ିକୁ ସଫେଇ କରିବା ସହଜ ହେବ। ଏଥିପାଇଁ ୨ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

## ୧୦ ବର୍ଷ ତୁଳନାରେ ସର୍ବାଧିକ

୨୦୧୪-୧୫ ବର୍ଷ ତୁଳନାରେ ଚଳିତବର୍ଷ ସିଏମ୍‌ସିର ଚିଠା ବଜେଟ ରେକର୍ଡ ଭାଙ୍ଗିଛି। ୨୦୧୪-୧୫ରେ ୨୫୯ କୋଟି ଆୟବ୍ୟୟ ସମାନ ରହିଥିଲା। ସେହିପରି ୨୦୧୫-୧୬ରେ ୩୫୦ କୋଟି ଆୟ ହୋଇଥିବାବେଳେ ବ୍ୟୟ ମଧ୍ୟ ସମାନ ରହିଥିଲା। ୨୦୧୬-୧୭ରେ ଆୟ ବ୍ୟୟ ହ୍ରାସ ପାଇ ୨୫୫ କୋଟି ହୋଇଥିଲା। ୨୦୧୭-୧୮ରେ ଆୟ ୨୭୫ କୋଟି ଓ ବ୍ୟୟ ୨୯୨ କୋଟି ହୋଇଥିଲା। ୨୦୧୮-୧୯ରେ ଆୟ ୩୧୨ କୋଟି ଓ ବ୍ୟୟ ୪୦୬ କୋଟି ହୋଇଥିଲା। ୨୦୧୯-୨୦ରେ ଆୟ ୩୩୦ କୋଟି ଓ ବ୍ୟୟ ୫୩୨ କୋଟି ହୋଇଥିଲା। ୨୦୨୦-୨୧ରେ ଆୟ ୩୫୩ କୋଟି ଓ ବ୍ୟୟ ୩୫୨ କୋଟି ହୋଇଥିଲା। ୨୦୨୧-୨୨ରେ ଆୟ ୩୮୦ କୋଟି ଓ ବ୍ୟୟ ୩୭୮ କୋଟି ହୋଇଥିଲା। ୨୦୨୨-୨୩ରେ ଆୟବ୍ୟୟ ୪୮୯ କୋଟି ରହିଥିଲା। ଚଳିତ ଆର୍ଥିକ ବର୍ଷରେ ସିଏମ୍‌ସିର ଆୟ ବ୍ୟୟ ବଢ଼ିଛି। ୨୦୧୪-୧୫ ଓ ୨୦୨୨-୨୩ ବଜେଟକୁ ଅନୁଧ୍ୟାନ କଲେ ଚଳିତବର୍ଷର ବଜେଟ୍‌ରେ ଆୟବ୍ୟୟ ସର୍ବାଧିକ ବୃଦ୍ଧି ପାଇଛି।

## ବୃଦ୍ଧାଶ୍ରମ, ନାଗରିକ କେନ୍ଦ୍ର ନିର୍ମାଣ ହେବ

ସହରରେ ୪ଟି ନାଗରିକ କେନ୍ଦ୍ର ନିର୍ମାଣ କରାଯିବ। ଏଥିପାଇଁ ଜମି ଚିହ୍ନଟ ପରେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯିବ ବୋଲି ଜଣାପଡ଼ିଛି। ୪ କୋଟି ଟଙ୍କାରୁ ଚଳିତବର୍ଷ ୨ କୋଟି ଟଙ୍କା ଏହି କେନ୍ଦ୍ର ନିର୍ମାଣରେ ବ୍ୟୟ କରାଯିବାର ଯୋଜନା ରହିଛି। ସେହିଭଳି ଅସହାୟ ବୃଦ୍ଧାଶ୍ରମ ନିର୍ମାଣ କରିବାକୁ ସିଏମ୍‌ସିର ପ୍ରସ୍ତାବ ରହିଛି। ଏ ବାବଦକୁ ୨ କୋଟି ଟଙ୍କା ଖର୍ଚ୍ଚ କରାଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅନସୂୟା


@ ଦିଲୀପ


@ ବାଦଲ


@ ଦୀପକ


@ ରାକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ୫ ଦଫା ଦାବି ନେଇ ଗ୍ରାମୀଣ ଡାକ ସେବକଙ୍କ ଧାରଣା

**କଟକ ଅଫିସ, ୨।୩:** ଅଖିଳ ଭାରତ ଗ୍ରାମୀଣ ଡାକସେବକ ସଂଘ, କଟକ ନଗର ମଣ୍ଡଳ ପକ୍ଷରୁ ୫ ଦଫା ଦାବି ନେଇ କଟକ ସିଟି ଡିଭିଜନ ଅଫିସ ସମ୍ମୁଖରେ ଗୁରୁବାର ଗଣଧାରଣା ଦିଆଯାଇଥିଲା। ବିଶେଷକରି ଗ୍ରାମୀଣ ଡାକ ସେବକମାନଙ୍କ ଆର୍ଥିକ ବୃଦ୍ଧି, ମେଡିକାଲ ସୁବିଧା, ଗ୍ରୁପ ଇନ୍‌ସ୍ୟୁରାନ୍ସ ୫ ଲକ୍ଷକୁ ବୃଦ୍ଧି, ଗ୍ରାଚ୍ୟୁଟି ୫ ଲକ୍ଷ ଟଙ୍କା ଓ ଟାର୍ଗେଟ ନାମରେ ମାନସିକ ଯନ୍ତ୍ରଣା ବନ୍ଦ କରିବାକୁ ଦାବି କରାଯାଇଛି। ହୃଷୀକେଶ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଓଡ଼ିଶା ସର୍କଲ ସମ୍ପାଦକ ହିମାଂଶୁ ଶେଖର ଦାଶ, କଟକ ନଗର ମଣ୍ଡଳ ସମ୍ପାଦକ କମାଲ ରାଜା ଖାଁ, କଟକ ଦକ୍ଷିଣ ମଣ୍ଡଳ ସମ୍ପାଦକ ଅଜୟ କୁମାର ପରିଡ଼ା, ପ୍ରେମାନନ୍ଦ ବାରିକ, ପ୍ରଦୀପ୍ତ କୁମାର ତ୍ରିପାଠୀ, ଦେବକାନ୍ତ ତ୍ରିପାଠୀ ଓ ଅକ୍ଷୟ କୁମାର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

### ବସ୍‌ଷ୍ଟାଣ୍ଡ ପ୍ରତୀକ୍ଷାଳୟରୁ ପଲସ୍ତରା ଖସିଲା

**କଟକ ଅଫିସ,୨।୩:** ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ପ୍ରତୀକ୍ଷାଳୟ ଅସୁରକ୍ଷିତ ହୋଇପଡ଼ିଛି। ଗୁରୁବାର ଅପେକ୍ଷା ଗୃହରେ ଯାତ୍ରୀମାନେ ବସିଥିବାବେଳେ ହଠାତ୍ ପଲସ୍ତରା ଓ କଂକ୍ରିଟ ଖଣ୍ଡ ଖସିପଡ଼ିଥିଲା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ୨୦୧୭ରେ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ବିଲ୍ଡିଂର ମରାମତି କରାଯାଇଥିଲା। ଏହାର ପ୍ରତୀକ୍ଷାଳୟରେ ଯାତ୍ରୀଙ୍କ ଲାଗି ସମସ୍ତ ସୁବିଧା କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏହାର କାନ୍ଥ ଓ ଛାତର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଓଏସ୍‌ଆର୍‌ଟିସି କର୍ତ୍ତୃପକ୍ଷ ଓ ପରିବହନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେବା ସହ ଯଥାଶୀଘ୍ର ଏହି ପୁରୁଣା ବିଲ୍ଡିଂ ମରାମତି ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଯାତ୍ରୀମାନେ ଦାବି କରିଛନ୍ତି।



ରନ୍ଧନ ଗ୍ୟାସ୍ ମୂଲ୍ୟବୃଦ୍ଧି ପ୍ରତିବାଦରେ ଏସ୍‌ୟୁସିଆଇ(ସି) ପକ୍ଷରୁ ଗୁରୁବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

### ତମ୍ବା କଏଲ ବୋଝେଇ ମିନିଟ୍ରକ ଜବତ, ୨ ଅଟକ

**ଖୁଣ୍ଟୁଣୀ,୨।୩(ଡି.ଏନ୍.ଏ.)**

ଗୁରୁଡିଝାଟିଆ ଥାନା ଅନ୍ତର୍ଗତ କପୁରସିଂହ ଗ୍ରାମ ନିକଟ ଏକ ପରିତ୍ୟକ୍ତ ଲୁହା କାରଖାନାରୁ ଲୁହା ଓ ତମ୍ବା କଏଲ ବୋଝେଇ ଏକ ମିନିଟ୍ରକକୁ ପୋଲିସ ଜବତ କରିଛି। ଏହି ଘଟଣାରେ ଗାଡ଼ି ଚାଳକ ଓ ସହଯୋଗୀଙ୍କୁ ଅଟକ ରଖିଛି। ମିନିଟ୍ରକ୍‌ଟି କାରଖାନା ଆଡୁ ରାସ୍ତାକୁ ଆସୁଥିବାବେଳେ ପାଟ୍ରୋଲିଂ କରୁଥିବା ପୋଲିସ ଅଟକାଇଥିଲା। ଗାଡ଼ି ଯାଞ୍ଚବେଳେ ସେଥିରେ ଲୁହା ଓ ତମ୍ବା କଏଲ ଥିବା ଦେଖିବାକୁ ମିଳିଥିଲା।

## ସିଏମ୍‌ସି ପକ୍ଷରୁ ୩୦୨ ସାଇକେଲ ବଣ୍ଟନ


ସାଇକେଲ ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ, ସିଏମ୍‌ସି ମେୟର ଓ ଅନ୍ୟମାନେ।

**କଟକ ଅଫିସ,୨।୩**

କର୍ମଜୀବୀ ମହିଳାମାନଙ୍କୁ କର୍ମକ୍ଷେତ୍ରରେ ସହାୟ ହେବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ମିଶନଶକ୍ତି ମାଧ୍ୟମରେ ସାଇକେଲ ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ସଦସ୍ୟାମାନଙ୍କୁ ୩୦୨ଟି ସାଇକେଲ ବଣ୍ଟନ କରାଯାଇଛି। ସିଏମ୍‌ସି ପରିସରରେ ଥିବା କଲ୍ୟାଣ ମଣ୍ଡପରେ ଗୁରୁବାର ପୂର୍ବାହ୍ଣରେ ଏ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମେୟର ସୁବାସ ସିଂ ପୌରୋହିତ୍ୟ କରିଥିବାବେଳେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଭୁବନେଶ୍ୱର ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ ହଲ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟସ୍ତରୀୟ ସାଇକେଲ ବିତରଣ ଉତ୍ସବର ସିଧା ପ୍ରସାରଣ ପ୍ରଦର୍ଶନ କରାଯାଇଥିଲା । ପରେ ସିଏମ୍‌ସି କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର, କମିଶନର, ଡେପୁଟି ମେୟର ଦମୟନ୍ତୀ ମାଝି, ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କ ସମେତ ସମସ୍ତ ୱାର୍ଡର କର୍ପୋରେଟର ଉପସ୍ଥିତ ଥିଲେ। ଅତିଥିମାନେ କାର୍ଯ୍ୟରତ ଜଳସାଥୀ, ଆହାରକେନ୍ଦ୍ର କର୍ମୀ, ସ୍ୱଚ୍ଛସାଥୀ ଓ ସ୍ୱଚ୍ଛ ସୁପରଭାଇଜରମାନଙ୍କୁ ସାଇକେଲ ବଣ୍ଟନ କରିଥିଲେ । ଏଥିରେ ସିଏମ୍‌ସିର ବରିଷ୍ଠ ଅଧିକାରୀଙ୍କ ସମେତ ସମସ୍ତ ଡେପୁଟି କମିଶନର ଓ କର୍ମଚାରୀ ଉପସ୍ଥିତ ଥିଲେ। ସାଇକେଲ ବଣ୍ଟନ କରାଯିବା ପରେ ଏସ୍‌ଏଚ୍‌ଜି ମହିଳାଙ୍କ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ମେୟର ସିଂ କହିଛନ୍ତି।

## ତମାଖୁ ନିୟନ୍ତ୍ରଣ ଆଇନ କଡ଼ାକଡ଼ି କରାଯିବ

**କଟକ ଅଫିସ,୨।୩**

**ତମାଖୁ ନିୟନ୍ତ୍ରଣ କର୍ମଶାଳା**

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓ ଇଣ୍ଟରନ୍ୟାଶନାଲ ୟୁନିୟନ୍ ଏଗେନ୍‌ଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ୍ ଲଙ୍ଗ୍ ଡିସିଜ୍‌ର ମିଳିତ ଆନୁକୂଲ୍ୟରେ ଏକ ଯୋଜନା ଆଗାମୀ ୨ ବର୍ଷ ପାଇଁ କାର୍ଯ୍ୟକାରୀ ହେବ। ତମାଖୁ ନିୟନ୍ତ୍ରଣ ଆଇନକୁ କଡ଼ାକଡ଼ି କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ସହାୟତା କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ରହିଛି। ଏ ନେଇ ବିଶ୍ୱବିଦ୍ୟାଳୟ ପରିସରରେ କୁଳପତି ପ୍ରଫେସର ବେଦ କୁମାରୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତକୁ ତମାଖୁ ମୁକ୍ତ କରିବା ପାଇଁ ରାଜ୍ୟସ୍ତରରୁ ବିଭିନ୍ନ ଯୋଜନାର ସଫଳ ରୂପାୟନର ଆବଶ୍ୟକତା ରହିଛି। ତେବେ ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ ୨ ବର୍ଷ ଧରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ସରକାରଙ୍କ ବିଭାଗୀୟ ଅଧିକାରୀ, ଏନ୍‌ସିଡି, ଏନ୍‌ଟିପିସି, ଜନସ୍ୱାସ୍ଥ୍ୟ ଓ ତମାଖୁ ନିୟନ୍ତ୍ରଣ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତି, ପୋଲିସ ଫୋର୍ସ, ଜୁଡିସିଆଲ ଏକାଡେମୀ, ରାଜ୍ୟ ମାନବିକ ଅଧିକାର ଆୟୋଗ, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ, ଏନ୍‌ଏସ୍‌ଏସ୍, ସିଭିଲ୍ ସୋସାଇଟି, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସାମିଲ କରାଯିବ। ବିଶେଷକରି ତମାଖୁ ନିୟନ୍ତ୍ରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥା ଓ ବ୍ୟକ୍ତିଙ୍କୁ ଏକାଠି କରି ଯୋଜନାକୁ ସଫଳ କରିବା ନିମନ୍ତେ କର୍ମଶାଳାରେ ଆଲୋଚନା ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ ବିଭାଗର ଏନ୍‌ସିଡି ଅତିରିକ୍ତ ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ସ୍ୱାଇଁ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଶକୁନ୍ତଳା ବିନ୍ଧାଣି, ଏମ୍‌ସ୍‌ର ପ୍ରଫେସର ବିନୋଦ ପାତ୍ର, ଏସ୍‌ସିବି ମେଡିକାଲର ଅଧୀକ୍ଷକ ଡ. ସୁଧାଂଶୁ ଶେଖର ମିଶ୍ର, ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନର ରମେଶ ଚନ୍ଦ୍ର ଜେନା, କଟକ ମ୍ୟୁନିସିପାଲ କର୍ପୋରେଶନର ଅଲିନ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ରଙ୍ଗୀନ ପଲ୍ଲବ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



ତମାଖୁ ନିୟନ୍ତ୍ରଣ କର୍ମଶାଳାରେ ଯୋଗ ଦେଇଥିବା ଅତିଥିବୃନ୍ଦ।

## ମୋବାଇଲ ଛିନ୍‌ତାଇ: ୨ ଗିରଫ

ପୁରୀ ଅଫିସ : ଗାଳିଗୁଲଜ କରି ମୋବାଇଲ ଛଡ଼ାଇ ନେବା ଅଭିଯୋଗରେ ବାସେଳୀ ସାହି ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାସେଳି ସାହି ଥାନା ଅନ୍ତର୍ଗତ ଜଗନ୍ନାଥ ବସ୍ତିର ବିକାଶ ବେହେରା ଓ ଚନ୍ଦନ ଦାଶ। ପୋଲିସ ଅଭିଯୁକ୍ତଦ୍ୱୟଙ୍କ ନିକଟରୁ ୨ଟି ମୋବାଇଲ ଓ ଗୋଟିଏ କଟୁରୀ ଜବତ କରିଛି। ଏନେଇ ଏକ କେସ୍ (ନଂ. ୬୦/୨୩) ମାମଲା ରୁଜୁ କରିଛି । ଖୁରୁଣ୍ଟି ମଠ ଅଞ୍ଚଳର ବୁଲୁ ସାହୁ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।




୨।୩।୨୦୨୩

| | |
|---|---|
| ୨,୯୧,୬୬୦ ଟଙ୍କା | |
| ସୁନା | ୬୦୦ ମିଲିଗ୍ରାମ |
| ରୁପା | ୨୪.୮୫୦ ଗ୍ରାମ |

## ଆଜି କ'ଣ କେଉଁଠି

ପୁରୀ

- ବୀରହରେକୃଷ୍ଣପୁର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ବିଦ୍ୟାଳୟ ପରିସର, ବୀରହରେକୃଷ୍ଣପୁର, ସକାଳ ୧୦ଟା।
- .ଭାଷାଚର୍ଚ୍ଚା କାର୍ଯ୍ୟକ୍ରମ, ଓଡ଼ିଶା ସଙ୍ଗୀତ ପରିଷଦ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଟ୍ରେନ୍‌ରୁ ଖସି ଯୁକ୍ତ୨ ଛାତ୍ର ମୃତ

ଡେଲାଙ୍ଗ,୨।୩(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ ବେରବୋଇ ପଞ୍ଚାୟତର ବ୍ରହ୍ମେଶ୍ୱରପୁର ଗ୍ରାମର ଜଣେ କଲେଜ ଛାତ୍ରଙ୍କ ଟ୍ରେନ୍‌ରୁ ଖସି ମୃତ୍ୟୁ ଘଟିଛି। ସେ ହେଲେ ପ୍ରାଣନାଥ ଉଚ୍ଚ ମାଧମିକ ବିଦ୍ୟାଳୟର ଯୁକ୍ତ୨ ୨ୟ ବର୍ଷର ଛାତ୍ର ସୌଭାଗ୍ୟ ପୂଜାରୀ(୧୭)। ମିଳିଥିବା ସୂଚନା ଅନୁଯାୟୀ, ଶରତ ପୂଜାରୀଙ୍କ ଏକ ମାତ୍ର ପୁଅ ସୌଭାଗ୍ୟ। ସେ ଖୋର୍ଦ୍ଧା ପ୍ରାଣନାଥ ମାଧମିକ ବିଦ୍ୟାଳୟରେ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ସେ ଜଣେ ମେଧାବୀ ଛାତ୍ର ହୋଇଥିବା ବେଳେ ବାଣିଜ୍ୟ ବିଭାଗରେ ପାଠ ପଢୁଥିଲେ। ବିଦ୍ୟାଳୟକୁ ପରୀକ୍ଷା ଦେବା ପାଇଁ ଗୁରୁବାର ସକାଳୁ ଡେଲାଙ୍ଗ ରେଳ ଷ୍ଟେଶନଠାରୁ ପୁରୀ-ବଡବିଲ୍ ଟ୍ରେନ୍‌ରେ ଜଟଣୀ ଅଭିମୁଖେ ଯାଉଥିଲେ । ହରିପୁର ରେଳ ଷ୍ଟେଶନ ପୂର୍ବରୁ ଅରାଗଡ ପାହିଆଠାରେ ଅସାବଧାନତାବଶତଃ ଟ୍ରେନ୍‌ରୁ ଖସିପଡିଥିଲେ। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମୁମୂର୍ଷୁ ଅବସ୍ଥାରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବ୍ୟାଗରୁ ବହିପତ୍ର, ଆଇକାର୍ଡ ଓ ଟ୍ରେନ୍‌ରେ ଯାତ୍ରାର ଟିକେଟ ଜବତ କରାଯାଇଛି। ଖବରପାଇ ସାକ୍ଷୀଗୋପାଳ ଜିଆର୍‌ପି ଫାଣ୍ଡି ଅଧିକାରୀ ରମେଶଚନ୍ଦ୍ର ଦାଶ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ପୋଲିସ ନଂ.୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

କୋଣାର୍କ,୨।୩(ଡି.ଏନ୍.ଏ.): ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅନ୍ତର୍ଗତ ସୁତନ ଗ୍ରାମରେ ଗୁରୁବାର ଜଣେ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ୩ ଜଣଙ୍କ ନାମରେ ପୋଲିସ ଧାରା ୨୯୪, ୩୨୩, ୩୫୪, ୫୦୬ ଓ ୩୪ ଅନୁଯାୟୀ ମାମଲା (ନଂ. ୭/୨୩)ରୁଜୁ କରିଛି। ଅଭିଯୋଗ ପରେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନ ଥିବାବେଳେ ମହିଳା ଜଣଙ୍କ ପୁରୀ ଆରକ୍ଷୀ ଅଧୀକ୍ଷକ, ନିମାପଡ଼ା ଏସଡିପିଓଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି।ସୂଚନା ମୁତାବକ, ଗ୍ରାମର ବିଜୟ ରଞ୍ଜନ ସାମନ୍ତରାୟ, ଚିନ୍ମୟ ରଞ୍ଜନ ସାମନ୍ତରାୟ ଓ ମହେଶ୍ୱର ସ୍ୱାଇଁ ମିଳିତ ଭାବେ ସେହି ଗ୍ରାମର ଚାରୁଲତା ପ୍ରଧାନଙ୍କ ସ୍ଥିତିବାନ ଜାଗା ଜବରଦଖଲ କରି ନିର୍ମାଣ କାର୍ଯ୍ୟ କରୁଛନ୍ତି। ହେଲେ ଏହି ଜାଗା ସୁତନ ମୌଜାର ଖାତା ନଂ. ୩୪୫, ପ୍ଲଟ ନଂ. ୩୫୮୬ ଓ ୩୫୧୫ରେ ପୂର୍ବରୁ ତହସିଲ ଓ କୋର୍ଟରେ ମାମଲା ଚାଲିଛି। ଉକ୍ତ ୩ ବ୍ୟକ୍ତି କୋର୍ଟ, ତହସିଲ ଓ ପୋଲିସକୁ ବେଖାତିର କରି ସେହି ଜାଗାରେ ଜବରଦଖଲ କରି ନିର୍ମାଣ କରୁଛନ୍ତି। ଏହାକୁ ଚାରୁଲତା ପ୍ରତିବାଦ କରିବାରୁ ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରି ମାଡ଼ ମାରିଥିଲେ। ଏଥିରେ ମହିଳାଙ୍କ ମୁଣ୍ଡ, ଛାତି ଓ ସମ୍ବେଦନଶୀଳ ଜାଗାକୁ ଗୋଇଠା ମାରିଥିବା ସେ ଅଭିଯୋଗ କରିଛନ୍ତି। ଚାରୁଲତା, ତାଙ୍କ ସ୍ୱାମୀ, ପୁଅ ଓ ଝିଅଙ୍କୁ ଜୀବନରୁ ମାରିଦେବାକୁ ଉକ୍ତ ୩ ବ୍ୟକ୍ତି ବାରମ୍ବାର ଧମକ ଦେଉଛନ୍ତି। ଏଥିସହ ଥାନା ପୋଲିସ୍ ଅଧିକାରୀ, ନେତା, ମନ୍ତ୍ରୀ ସବୁ ମୋ ହାତରେ ଅଛନ୍ତି କେହି କିଛି କରିପାରିବେ ନାହିଁ ବୋଲି ଚାରୁଲତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ଚାଚେରୀ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

## ଶ୍ରୀମନ୍ଦିରରେ ଦୋଳଯାତ୍ରା ନୀତି ଆରମ୍ଭ

ପୁରୀ ଅଫିସ, ୨।୩

ଫଗୁ ଦଶମୀ ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ରତ୍ନସିଂହାସନାରୂଢ଼ ଶ୍ରୀବିଗ୍ରହମାନଙ୍କର ଚାଚେରୀ ବେଶ ଅନୁଷ୍ଠିତ ହୋଇଯାଇଛି। ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପ୍ରତିଦିନ ମଧ୍ୟାହ୍ନ ଧୂପ ପରେ ଠାକୁରମାନଙ୍କୁ ଚାଚେରୀ ବେଶ କରାଯାଇଥାଏ। ଗୁରୁବାର ମଧ୍ୟାହ୍ନ ଧୂପ ପରେ ତିନିବାଡ଼ରେ ମଇଲମ କରାଯାଇ ଠାକୁରମାନଙ୍କୁ ବୋଇରାଣୀ ମାଧାବଳୀ ନୂତନ ପାଟବସ୍ତ୍ର ଲାଗି ହୋଇଥିଲା। ଚାଚେରୀ ବେଶରେ ଠାକୁରମାନେ ଲାଲବର୍ଣ୍ଣର ବସ୍ତ୍ର ପରିଧାନ କରିଥିଲେ। ପାଳିଆ ମେକାପ ଭଣ୍ଡାରଘରୁ ଚନ୍ଦନ ଆଣିବା ପରେ ତିନିବାଡ଼ରେ ସର୍ବାଙ୍ଗ ନୀତି ବଢ଼ିଥିଲା। ପରେ ରତ୍ନସିଂହାସନରେ



ତିନିବାଡ଼ରେ ଚାଚେରୀ ବେଶ ବଢିଥିଲା। ଶ୍ରୀଜଗନ୍ନାଥ ଏବଂ ଶ୍ରୀବଳଭଦ୍ର ନଳି ଭୁଜ ପରିଧାନ କରିବା ସହ ତାବିଜ ମାଳ, ପଦ୍ମ ମାଳି, ହରଡ଼ ମାଳି, କୁଣ୍ଡଳ, ଚନ୍ଦ୍ରିକା, ଅଣ୍ଟା ପଟି, ଛମୁରି ଅଳଙ୍କାର ଇତ୍ୟାଦି ସ୍ୱର୍ଣ୍ଣ ଅଳଙ୍କାର ଲାଗି ହେବା ସହ ଦେବୀ ସୁଭଦ୍ରା ଚନ୍ଦ୍ର ସୂର୍ଯ୍ୟ ଓ ତଡ଼ଗି ଲାଗି ସହ ପୁଷ୍ପ ଅଳଙ୍କାରରେ ସଜ୍ଜିତ ହୋଇଥିଲେ।

ଏହି ବେଶ ପୂର୍ବରୁ ମହାଜନଙ୍କ ଦ୍ୱାରା ଭୂଦେବୀ, ଶ୍ରୀଦେବୀ ଦକ୍ଷିଣୀଘରକୁ ବିଜେ ହୋଇ ବେଶ ହୋଇଥିଲେ। ପରେ ଚାଚେରୀ ଭୋଗ ଛାମୁକୁ ଆସିଥିଲା। ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀଦୋଳଗୋବିନ୍ଦ ସିଂହାସନକୁ ବିଜେ ହେଲା ପରେ ପଞ୍ଚୋପଚାରରେ ଚାଚେରୀ ଭୋଗ ବଢିଥିଲା। ପୂଜାପଣ୍ଡା ସାମନ୍ତେ, ପତି ମହାପାତ୍ରେ ଓ ମୁଦିରସ୍ତଙ୍କ ଦ୍ୱାରା ଫଗୁ ଲାଗି ସହ ବନ୍ଦାପନା ହୋଇଥିଲେ। ମୁଦିରସ୍ତ ସିଂହାସନ ତଳେ ଝିମିରି ଫଗୁ ଅଞ୍ଜଳି ସହ ଶ୍ରୀଅଙ୍ଗରେ ଫଗୁ ଲାଗି କରିଥିଲେ। ଆଜ୍ଞାମାଳ ପାଇବା ପରେ ଶ୍ରୀଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ଜଗନ୍ନାଥବଲ୍ଲଭ ମଠକୁ ବିଜେ ହୋଇଥିଲେ। ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ବଢ଼ି ସନ୍ଧ୍ୟାଧୂପ ନିମନ୍ତେ ପାଣି ପଡ଼ିଥିଲା। ଜଗନ୍ନାଥ ବଲ୍ଲଭରେ ଜଉ ଡାବଖେଳ, ଫଗୁ ବନ୍ଦାପନା, ଶୀତଳ ଭୋଗ ସରିବା ପରେ ବିଜେ ପ୍ରତିମାମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପରେ ପାଣି ଲାଗି ହୋଇ ଭୂଦେବୀ, ଶ୍ରୀଦେବୀ ରତ୍ନସିଂହାସନ ଏବଂ ଦୋଳ ଗୋବିନ୍ଦ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ଫଗୁ ଦଶମୀଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଚଳନ୍ତି ପ୍ରତିମା ଜଗନ୍ନାଥ ବଲ୍ଲଭକୁ ଆସି ନୀତି ସମ୍ପାଦନ କରିବେ। ଚତୁର୍ଦ୍ଦଶୀ ଓ ଦୋଳପୂର୍ଣ୍ଣିମା ଦିନ ଠାକୁର ଦୋଳବେଦି ପରିସରକୁ ଯାଇନୀତି ସମ୍ପାଦନ କରିବେ। ଏଥିପାଇଁ ଦୋଳବେଦି କାର୍ଯ୍ୟ ଆଗେଇ ଚାଲିଛି।



ଫଗୁ ଦଶମୀ ଅବସରରେ ଗୁରୁବାର ଜଉଡାବ ଖେଳ ନୀତି ସମ୍ପନ୍ନ ପାଇଁ ଶ୍ରୀଦୋଳଗୋବିନ୍ଦ, ଭୂଦେବୀ ଏବଂ ଶ୍ରୀଦେବୀଙ୍କୁ ଜଗନ୍ନାଥବଲ୍ଲଭକୁ ବିମାନରେ ନିଆଯାଉଛି।

# ୨୨ରେ ରାଷ୍ଟ୍ରୀୟ ନବବର୍ଷ

## ଶଙ୍ଖ, ସଂକୀର୍ତ୍ତନ ଓ ହୁଳହୁଳି ସହ ସ୍ୱାଗତ କରାଯିବ

ପୁରୀ ଅଫିସ, ୨।୩

ରାଷ୍ଟ୍ରୀୟ ନବବର୍ଷ ପାଳନ ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ପୁରୀ ତରଫରୁ ଏକ ପ୍ରସ୍ତୁତି ବୈଠକ ପଥୁରିଆ ସାହିସ୍ଥିତ ସଂସ୍କୃତ ଭବନରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ପୂର୍ବତନ ସଭାପତି ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚୈତ୍ର ଶୁକ୍ଳ ପ୍ରତିପଦା ଅବସରରେ ମାର୍ଚ୍ଚ ୨୨ରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ଦିନ ସୂର୍ଯ୍ୟୋଦୟ ସମୟ ୫ଟା ୫୩ ମିନିଟ ୧୨ ସେକେଣ୍ଡରେ ଘଣ୍ଟଘଣ୍ଟା ଶଙ୍ଖ ସଂକୀର୍ତ୍ତନ ଏବଂ ହରିବୋଲ ହୁଳହୁଳି ସହ ନବବର୍ଷକୁ ସ୍ୱାଗତ କରାଯିବ। ପ୍ରତ୍ୟେକ ପରିବାର ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ ରଖି ଗୈରିକ ପତାକା ଉତ୍ତୋଳନ ସହ ପ୍ରଦୀପ ପ୍ରଜ୍ୱଳନ କରି ନବବର୍ଷ କୁ ସ୍ୱାଗତ କରିବାକୁ ସମିତି ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ୨୨ତାରିଖ ଅପରାହ୍ନ ୪ଟା ୩୦ରେ ଶ୍ରୀମନ୍ଦିର ସମ୍ମୁଖରେ ସାମୂହିକ ଦୀପଦାନ ପରେ ବଡ଼ଦାଣ୍ଡରେ ଝାଙ୍କି ସହ ଶୋଭାଯାତ୍ରା କରାଯିବ। ମୁକ୍ତାକାଶ ରଙ୍ଗମଞ୍ଚରେ ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ସମିତିର ସହସମ୍ପାଦକ ରଞ୍ଜନ କୁମାର ମହାରଣା ସୂଚନା ଦେଇଛନ୍ତି। ଏହି ବୈଠକରେ ଆଦିତ୍ୟ ବାହିନୀର ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଅନ୍ୟାନ୍ୟ ସଙ୍ଗଠନର ପ୍ରମୁଖ ସୌମେନ୍ଦ୍ର ଦାସ, ଅରବିନ୍ଦ ଦାସ, ରବି ନନ୍ଦ, ସୁରେଶ ମିଶ୍ର, ରଘୁନାଥ ସାହୁ, ବିକାଶ ଦତ୍ତ, ଲୋକନାଥ ମହାପାତ୍ର, ସୁକାନ୍ତ ଦଳାଇ ଏବଂ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପଦ୍ମନାଭ ମହାସୁଆର ସଭାପତି, ନାରାୟଣ ମହାସୁଆର ସମ୍ପାଦକ

## ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ କର୍ମକର୍ତ୍ତା ନିର୍ବାଚନ

ପୁରୀ ଅଫିସ, ୨।୩

ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗର ସଭାପତି ଓ ସମ୍ପାଦକଙ୍କ ସମେତ ବିଭିନ୍ନ ପଦବୀର ନିର୍ବାଚନ ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ଗତ ରବିବାର ନିର୍ବାଚିତ ହୋଇଥିବା ନିଯୋଗର ୧୫ଜଣ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ମଧ୍ୟରୁ ୬ଜଣ ନିଯୋଗର ବିଭିନ୍ନ ପଦବୀ ପାଇଁ ନିର୍ବାଚିତ ହୋଇଛନ୍ତି। ନିଯୋଗର ସଭାପତି ଭାବେ ପଦ୍ମନାଭ ମହାସୁଆର, ଉପସଭାପତି ଭାବେ ଦ୍ୱିତୀକୃଷ୍ଣ ମହାପାତ୍ର, ସମ୍ପାଦକ ଭାବେ ନାରାୟଣ ମହାସୁଆର ନିବାଚିତ ହୋଇଛନ୍ତି। ସେହିପରି ନିଯୋଗର ସହକାରୀ ସମ୍ପାଦକ ଭାବେ ନରସିଂହ ପ୍ରତିହାରୀ, କୋଷାଧ୍ୟକ୍ଷ ଭାବେ ରାମକୃଷ୍ଣ ମହାପାତ୍ର ଏବଂ ସମୀକ୍ଷକ ଭାବେ ଆର୍ତ୍ତତ୍ରାଣ ପଣ୍ଡା ନିର୍ବାଚିତ ହୋଇଥିବା ନେଇ ସୁଆର ମହାସୁଆର ନିଯୋଗର ମୁଖ୍ୟ ନିର୍ବାଚନ ଅଫିସର ଭାବେ ଦାୟିତ୍ୱ ତୁଲାଇଥିବା ଆଡଭୋକେଟ୍ ଶୁଭେନ୍ଦୁ ଦାଶ ସୂଚନା ଦେଇଛନ୍ତି। ତେବେ ଶ୍ରୀମନ୍ଦିର ସୁଆର ଓ ମହାସୁଆର ନିଯୋଗର ଗତ ଶନିବାର ନିର୍ବାଚନୀ ଅନୁଷ୍ଠିତ ହୋଇଥିବାବେଳେ ରବିବାର ଫଳାଫଳ ପ୍ରକାଶ ପାଇଥିଲା। ନିର୍ବାଚନରେ ୩୫ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ୨ଜଣଙ୍କ ଯାଞ୍ଚ ସମୟରେ ପ୍ରାର୍ଥୀପତ୍ର ନାକଚ ହୋଇଯାଇଥିଲା। ଫଳରେ ୩୩ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିଥିଲେ। ସେମାନଙ୍କ ମଧ୍ୟରୁ ସର୍ବାଧିକ ଭୋଟ ପାଇଥିବା ୧୫ଜଣଙ୍କୁ ନିଯୋଗର ପରିଚାଳନା କମିଟି ସଦସ୍ୟ ଭାବେ ଚୟନ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ନିଯୋଗର ସଭାପତି, ଉପସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ସହକାରୀ ସମ୍ପାଦକ ଏବଂ ସମୀକ୍ଷକ ପ୍ରମୁଖ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ନିଯୋଗରେ ୧୦୭୦ ଜଣ ସଭ୍ୟ ଥିବାବେଳେ ସେମାନଙ୍କ ମଧ୍ୟରୁ ନିର୍ବାଚନରେ ୮୩୮ଜଣ ନିଜ ମତ ସାବ୍ୟସ୍ତ କରିଥିଲେ।

## ଷଣ୍ଢ ଆକ୍ରମଣରେ ମହିଳା ଗୁରୁତର

କୋଣାର୍କ,୨।୩(ଡି.ଏନ୍.ଏ.)

କୋଣାର୍କ ଥାନା ଅଧୀନ କାଦୁଆ ନୂଆଗାଁ ପଞ୍ଚାୟତରେ ଗୁରୁବାର ଷଣ୍ଢ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଧନିତ୍ରୀ ଗ୍ରାମର ବାସୁଦେବ ସାହୁଙ୍କ ସ୍ତ୍ରୀ ବିମଳା ସାହୁ। ପୂର୍ବାହ୍ନରେ ବିମଳା ନିଜ ଘରବାଡ଼ିରେ କାମ କରୁଥିଲେ। ଅଚାନକ ଏକ ଷଣ୍ଢ ତାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କୁ ସରକାରୀ ସହାୟତା ଦେବାକୁ ସରପଞ୍ଚ କୃଷ୍ଣଚନ୍ଦ୍ର ଜେନା, ଭାଗୀରଥି ସ୍ୱାଇଁ, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ଗନ୍ଧର୍ବ ବେହୁରା ପ୍ରମୁଖ ଦାବି କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନୁସୟା



@ ଦିଲୀପ



@ ବାଦଲ



@ ଦୀପକ



@ ରାକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ରୋଗୀଙ୍କୁ ରକ୍ତଦାନ କରି ଜନ୍ମଦିନ ପାଳିଲେ ଛାତ୍ରୀ

## ସୁଜାତାଙ୍କୁ ପ୍ରଶଂସା

ପୁରୀ ଅଫିସ, ୨।୩

ନିଜର ଜନ୍ମଦିନକୁ ନିଆରା ଭାବେ ପାଳନ କରିଛନ୍ତି ଜଣେ ଛାତ୍ରୀ। ସେ ରକ୍ତଦାନ କରି ଜଣେ ରୋଗୀଙ୍କ ଜୀବନ ବଞ୍ଚାଇବାରେ ସହାୟ ହୋଇପାରିଛନ୍ତି। ସମ୍ପୃକ୍ତ ଛାତ୍ରୀ ଜଣକ ହେଲେ ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ୨ ବାଣିଜ୍ୟ ବିଭାଗର ସୁଜାତା ସାହୁ। ପୁରୀ ସହରର ବଳିଆପଣ୍ଡା ଅଞ୍ଚଳରେ ସେ ପରିବାର ସହ ରହୁଛନ୍ତି। ଗୁରୁବାର ତାଙ୍କର ୧୮ତମ ଜନ୍ମଦିନ ଥିଲା। ଏହାକୁ ସାଙ୍ଗସାଥୀଙ୍କ ମେଳରେ କେକ୍ କାଟି ପାଳନ କରିବା ପରିବର୍ତ୍ତେ ନିରାଡ଼ମ୍ବର ଭାବେ କୌଣସି ସେବା କିମ୍ବା ଧର୍ମକାର୍ଯ୍ୟ କରି ପାଳନ କରିବାକୁ ସେ ମନସ୍ଥ କରିଥିଲେ। ବିଶେଷକରି ରକ୍ତଦାନ ପାଇଁ ଚିନ୍ତା କରି ସେ ଜଣେ ସ୍ୱେଚ୍ଛାସେବୀଙ୍କୁ ନିଜ ମନକଥା ଜଣାଇଥିଲେ। ସଂଯୋଗବଶତଃ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଜଣେ ରୋଗୀଙ୍କର 'ଓ' ପଜିଟିଭ ରକ୍ତ ହଠାତ୍ ଆବଶ୍ୟକ ପଡ଼ିବା ନେଇ ସେ ଖବର ପାଇଥିଲେ। ତାଙ୍କର 'ଓ' ପଜିଟିଭ ବ୍ଲଡ୍ ଗ୍ରୁପ୍ ହୋଇଥିବାରୁ ସେ ପୁରୀ ବ୍ଲଡ ବ୍ୟାଙ୍କକୁ ଯାଇ ରକ୍ତଦାନ କରିଥିଲେ। ଏହି ରକ୍ତ ସମ୍ପୃକ୍ତ ରୋଗୀ ରୀତା ପ୍ରଧାନଙ୍କୁ ଦିଆଯାଇଥିଲା। ରୀତାଙ୍କ ସମ୍ପର୍କୀୟ ଏହା ଜାଣିବା ପରେ ପୁରୀ ବ୍ଲଡ୍ ବ୍ୟାଙ୍କକୁ ଆସି ସୁଜାତାଙ୍କୁ କୃତଜ୍ଞତା



ଜଣାଇବା ସହ ଖୁସି ବ୍ୟକ୍ତ କରିଥିଲେ। ସୁଜାତା ନିଜ ଜନ୍ମଦିନରେ ଏହିଭଳି ମହତ କାମ କରିଥିବାରୁ ସମସ୍ତେ ତାଙ୍କୁ ପ୍ରଶଂସା କରୁଛନ୍ତି। ସମସ୍ତେ ଏଭଳି କେକ କାଟି ଜନ୍ମଦିନ ପାଳନ ପରିବର୍ତ୍ତେ ରକ୍ତଦାନ ଭଳି ମହତ କାମ କଲେ ରୋଗୀମାନେ ରକ୍ତ ଅଭାବରୁ ହଇରାଣ ହୁଅନ୍ତେ ନାହିଁ ବୋଲି ସୁଜାତା ପ୍ରକାଶ କରିଛନ୍ତି।

# ପାଣ୍ଡୁଲିପିର ଉପାଦେୟତା ସମ୍ପର୍କରେ ଆଲୋକପାତ

## ପ୍ରାଚୀନ ଲିପି ସମ୍ପର୍କରେ ଜାଣିଲେ ଛାତ୍ରୀଛାତ୍ର

ପୁରୀ ଅଫିସ, ୨।୩

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା ପାଣ୍ଡୁଲିପି ବିଜ୍ଞାନ ସଂକ୍ରାନ୍ତ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ସେ ପାଣ୍ଡୁଲିପିର ଉପାଦେୟତା ଓ ଉପଯୋଗିତା ବିଷୟରେ ସମ୍ୟକ୍ ଆଲୋକପାତ କରିଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ଗୁଜରାଟସ୍ଥିତ ମହାରାଜ ସୟାଦି ବିଶ୍ୱବିଦ୍ୟାଳୟ ବରୋଦାର ପ୍ରାଚ୍ୟ ବିଦ୍ୟା ସଂସ୍ଥାନ ନିର୍ଦ୍ଦେଶିକା ଡ. ଶ୍ୱେତା ପ୍ରଜାପତି ଯୋଗଦେଇଥିଲେ। ପାଣ୍ଡୁଲିପି ବିଷୟରେ ଭୁଜପତ୍ର, ତାଳପତ୍ର ପ୍ରଭୃତି ପୁରାତନ ଉପସ୍ଥାପନା କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ର ଭୁଜପତ୍ର ଦେଖିଥିଲେ। ପାୱାର ପଏଣ୍ଟର ସାହାଯ୍ୟ ନେଇ ପିଲାଙ୍କୁ ବୁଝାଯାଇଥିଲା। କୁଳସଚିବ ସୁମିତ୍ରା କୁମାରୀ ପଟ୍ଟନାୟକ, ସ୍ନାତକୋତ୍ତର



ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆୟୋଜିତ ପାଣ୍ଡୁଲିପି ବିଜ୍ଞାନ ସମ୍ବନ୍ଧିତ କର୍ମଶାଳାରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଯୋଗଦାନ କରି ପାଣ୍ଡୁଲିପି ଉପରେ ମନ୍ତବ୍ୟ ଦେଇଥିଲେ। ସାହିତ୍ୟ ବିଭାଗର ସହାୟକଚାର୍ଯ୍ୟ ଡ. ରାଜଶ୍ରୀ ଦାଶ ସଭା ପରିଚାଳନା କରିଥିଲେ। ପ୍ରଥମ ଦିବସ କାର୍ଯ୍ୟକ୍ରମ ଶେଷରେ ଡ. ନୀଳାମ୍ବର ଦାଶ ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ ଗବେଷଣାଧିକାରୀ ଡ. ସୁରେନ୍ଦ୍ର କୁମାର ମିଶ୍ର ଯୋଗଦେଇ ପୋଥି ବିଷୟରେ ପ୍ରାଚୀନ କାଳରୁ ଚାଲିଆସୁଥିବା ଲେଖାକୁ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ସଭାକୁ ସହାୟକାଚାର୍ଯ୍ୟ ଡ. ଅଜୟ କୁମାର ଦାଶ ପରିଚାଳନା କରିଥିବା ବେଳେ ଡ. ଚନ୍ଦନ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ଅପରପକ୍ଷରେ ଉଦ୍‌ଯାପନୀ ଦିବସରେ ଶ୍ୱେତା ପ୍ରଜାପତି ଯୋଗଦେଇ ପୁରାତନ ଲିପିକୁ କିପରି ପଢ଼ିହେବ ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ପ୍ରାଚୀନ ଲିପି ଶାରଦା, ବ୍ରାହ୍ମୀ ଆଦିକୁ ପଢାଇଥିଲେ। କୁଳପତି ପ୍ରଫେସର ପଣ୍ଡା ଯୋଗଦେଇ ପାଣ୍ଡୁଲିପିକୁ ଭଲ ଭାବେ ପଢୁପାରୁଥିବା ଛାତ୍ରୀଛାତ୍ରମାନେ ଭଲ ରୋଜଗାରକ୍ଷମ ହୋଇପାରିବେ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ୟାକରଣ ବିଭାଗର ସହଚାର୍ଯ୍ୟ ଡ଼ଃ ପୂର୍ଣ୍ଣଚନ୍ଦ୍ର ପାତ୍ରୀ ଯୋଗଦାନ କରି ବିଭିନ୍ନ ଲିପି ସମ୍ପର୍କରେ ଆଲୋଚନା କରିଥିଲେ। ସାହିତ୍ୟ ବିଭାଗଅଧ୍ୟକ୍ଷ ଡ. ବସନ୍ତ କୁମାର ମିଶ୍ର ଯୋଗଦେଇ କାଳିଦାସ ସାହିତ୍ୟରେ ଭୁଜପତ୍ର ମାଧ୍ୟମରେ ତଥା ସିନ୍ଦୁରବିଧାତୁ ଦ୍ରବ୍ୟର କିଭଳି ଲେଖାର ବ୍ୟବହାର ତାହା ବିଷୟରେ ଉଲେଖ କରିଥିଲେ। କାର୍ଯ୍ୟକ୍ରମକୁ ଡ. ନୀଳାମ୍ବର ବାଘ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଡ. ରାଜଶ୍ରୀ ଦାଶ ସ୍ୱାଗତ କରିଥିଲେ।

# ରୋବୋ ହାତୀ କରିବ ମନ୍ଦିରରେ ଧାର୍ମିକ କାର୍ଯ୍ୟ

ଥିରୁଭାନ୍ତପୁରମ୍



କେରଳର ଏକ ମନ୍ଦିରର ପର୍ବ ତଥା ରୀତିନୀତି ଅନୁଯାୟୀ ବନ୍ଦୀ ପ୍ରାଣୀଙ୍କୁ ମନ୍ଦିର କାର୍ଯ୍ୟରେ ନିୟୋଜିତ କରାଯାଇଥାଏ। ତେବେ ସେଠାକାର ଏକ ମନ୍ଦିରରେ ଏହି କାର୍ଯ୍ୟ କରିବାକୁ ଏକ ରୋବୋ ହାତୀର ବ୍ୟବସ୍ଥା କରାଯାଇଛି। ପିପୁଲ ଫର୍ ଇଥିକାଲ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ୍‌ସ (ପେଟା) ଏବଂ ଅଭିନେତ୍ରୀ ପାର୍ବତୀ ଥିରୁଭୋଥୁଙ୍କ ସହ ପ୍ରଯୋଜକ ଭାବେ ତ୍ରିସୁରର ଇରିଞ୍ଜାଡୋପିଲି ଶ୍ରୀକୃଷ୍ଣ ମନ୍ଦିରକୁ ୫ ଲକ୍ଷ ମୂଲ୍ୟର ରୋବୋ ହାତୀ ଦାନ କରିଛନ୍ତି। ବିଶାଳ ହାତୀ ଭଳି ଦିଶୁଥିବା ଏହି ମଡେଲର ଲମ୍ବ ୧୧ ଫୁଟ ହୋଇଥିବାବେଳେ ଏହାର ଓଜନ ୮୦୦ କିଲୋ। କେରଳର ଏହି ମନ୍ଦିରର ରୀତିନୀତି ଅନୁସାରେ, ଏକ ଜୀବନ୍ତ ଯାନ୍ତ୍ରିକ ହାତୀ ବ୍ୟବହୃତ ହେବ ଏବଂ ଏହି ଯାନ୍ତ୍ରିକ ହାତୀକୁ ପ୍ରକୃତ ହାତୀମାନଙ୍କ ସହ ରହିବାକୁ ସେମାନେ ଅନୁମତି ପ୍ରଦାନ କରିବେ ବୋଲି ପେଟା ଇଣ୍ଡିଆ ଟୁଇଟ୍ କରିଛି। ଏହି ରୋବୋ ହାତୀର ନାମ ଇରିଞ୍ଜାଡୋପିଲି ରମଣ ରଖାଯାଇଛି। ରୋବୋ ଏହି ଶ୍ରୀକୃଷ୍ଣ ମନ୍ଦିରରେ ଯଥାରୀତି ଅନୁଯାୟୀ ସେବା ପ୍ରଦାନ କରିବ। ପେଟା ଇଣ୍ଡିଆର ସଦସ୍ୟମାନେ କହିଛନ୍ତି, ଏହି ପ୍ରୟାସ ନିରାପଦ ଏବଂ ଅତ୍ୟାଚାର ମୁକ୍ତ ହେବ। ପେଟା ଇଣ୍ଡିଆ ମୁତାବକ, ଭାରତରେ ଅନେକ ହାତୀଙ୍କୁ ଅବୈଧ ଭାବେ ରଖାଯାଉଛି ତଥା ବେଆଇନ ଭାବେ ଅନ୍ୟ ରାଜ୍ୟକୁ ଚାଲାଣ କରାଯାଉଛି। ହାତୀଙ୍କୁ ସେଠାରେ ଅକଥନୀୟ ଅତ୍ୟାଚାରର ଶିକାର ହେବାକୁ ପଡୁଛି। ସେଥିପାଇଁ ପେଟା ଇଣ୍ଡିଆ ପକ୍ଷରୁ ଏହି ଉପାୟ ଅବଲମ୍ବନ କରାଯାଇଛି। ମନ୍ଦିରର ପୂଜକ ଏହି ପ୍ରୟାସକୁ ପ୍ରଶଂସା କରିଛନ୍ତି। ଏଥିସହ ଏପରି କଲେ ହାତୀମାନେ ଅକଥନୀୟ ଅତ୍ୟାଚାରରୁ ମୁକ୍ତ ହୋଇପାରିବେ ବୋଲି କହିଛନ୍ତି।

# ପୋଲିସ ହେବେ ରାକ୍ଷୀ



ରାକ୍ଷୀ ସାୱନ୍ତ

**ମୁମ୍ବାଇ:** ବି-ଟାଉନର ଡ୍ରାମାକୁଇନ ରାକ୍ଷୀ ସାୱନ୍ତ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ବର୍ତ୍ତମାନ ଚର୍ଚ୍ଚାରେ ରହିଛନ୍ତି। ଏହା ଭିତରେ ରାକ୍ଷୀଙ୍କୁ ଅତ୍ୟାଚାର କରିବା ଅଭିଯୋଗରେ ସ୍ୱାମୀ ଆଦିଲ ଖାନ୍ ଜେଲରେ ଅଛନ୍ତି। ସେ ତାଙ୍କ ସ୍ୱାମୀ ଆଦିଲଙ୍କୁ ଜେଲ ପଠାଇ ନିଜେ ପୋଲିସ ହେବାକୁ ଯାଉଛନ୍ତି। ରାକ୍ଷୀ ତାଙ୍କ ବ୍ୟକ୍ତିଗତ ଜୀବନକୁ ଏଡାଇ ନିଜ କ୍ୟାରିୟରକୁ ଧ୍ୟାନ ଦେଉଛନ୍ତି। ଏହି ବିବାଦ ମଧ୍ୟରେ ସେ ନିଜର ଏକ ଅଭିନୟ ଏବଂ ନୃତ୍ୟ ଏକାଡେମୀ ଖୋଲିଛନ୍ତି। ଏଥିସହ ସେ ଏକ ମ୍ୟୁଜିକ୍ ଭିଡିଓରେ ମଧ୍ୟ କାମ କରୁଛନ୍ତି। ସେଥିରେ ସେ ତାଙ୍କ ଜୀବନକୁ ନେଇ ଏକ ମୁଭି କରିବାକୁ ଯାଉଛନ୍ତି। ଯେଉଁଥିରେ ତାଙ୍କୁ ଜଣେ ପୋଲିସ ଭୂମିକାରେ ଦେଖିବାକୁ ମିଳିବ। ଏନେଇ ତାଙ୍କ ଭାଇ ରାକେଶ ସାୱନ୍ତ ସୂଚନା ଦେଇଛନ୍ତି। ସେହି ଫିଲ୍ମର ନାମ 'ରାଉଡି ରାକ୍ଷୀ' ହେବ ବୋଲି ସେ ଘୋଷଣା କରିଛନ୍ତି। ଚଳଚ୍ଚିତ୍ରରେ ନିଜେ ରାକେଶ ନିର୍ଦ୍ଦେଶନା ଦେବେ ବୋଲି ଜଣାପଡିଛି। ତେବେ ରାକ୍ଷୀ ୯୦ ଦଶକରେ ଏକ ମୁଭି ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏଥିସହ ସେ ୨୦୦୪ରେ ଶାହାରୁଖ ଖାଁଙ୍କ ଫିଲ୍ମ 'ମେ ହୁଁନା'ରେ ମଧ୍ୟ କାମ କରିଛନ୍ତି। ପରେ ସେ ୨୦୦୬ରେ ବିଗ୍‌ବସ୍‌ର ଫାଇନାଲିଷ୍ଟ ହୋଇଥିଲେ।

# ବିଶ୍ୱ ଶ୍ରବଣ ଦିବସ

ଜନ୍ମ ସମୟରେ ଶିଶୁ ଶବ୍ଦର ଅନୁକରଣ ମାଧ୍ୟମରେ କଥା କହିବାକୁ ପ୍ରୟାସ କରିଥାଏ। ମାତାପିତା, ପରିବାର ସଦସ୍ୟଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ତେବେ ଯଦି ଶିଶୁଟିର ଶ୍ରବଣରେ ସମସ୍ୟା ରହିଥାଏ, ତେବେ ସେ କିଛି ବି ଶୁଣିପାରେନାହିଁ। ଫଳରେ କଥା କହିବା ଏଭଳି ଶିଶୁଙ୍କ କ୍ଷେତ୍ରରେ ପ୍ରାୟତଃ ଅସମ୍ଭବ ହୋଇଥାଏ। ଏହାଦ୍ୱାରା ବାକ୍‌ବାଧିତ ସୃଷ୍ଟି ହୋଇଥାଏ।

ଶିଶୁର ଶୁଣିବା ଏବଂ କଥା କହିବା ମଧ୍ୟରେ ନିବିଡ଼ ସମ୍ପର୍କ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ମାର୍ଚ୍ଚ ୩ରେ 'ବିଶ୍ୱ ଶ୍ରବଣ ଦିବସ' ପାଳନ କରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଏହି ଦିବସ ପାଳନ ଅବସରରେ ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ। ୨୦୦୭ରେ ପ୍ରଥମଥର ପାଇଁ ଏହା ଅନ୍ତର୍ଜାତୀୟ କାନ ଯତ୍ନ ଦିବସ ଭାବେ ପାଳନ କରାଯାଇଥିଲା। ୨୦୧୬ ଠାରୁ ଏହାକୁ ବିଶ୍ୱ ଶ୍ରବଣ ଦିବସ ରୂପେ ପାଳନ କରାଯାଉଛି। ଏହି ଅବସରରେ ଶ୍ରବଣ ସମସ୍ୟାର ନିରାକରଣ ସମ୍ପର୍କରେ ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥାଏ।




# ମମିକୁ କରିଥିଲେ ଗର୍ଲଫ୍ରେଣ୍ଡ

ଲିମା



ବହୁତ ଲୋକ ଗର୍ଲଫ୍ରେଣ୍ଡ କରିବାକୁ ପସନ୍ଦ କରିଥାନ୍ତି। ହେଲେ ଏପରି ଏକ ଘଟଣା ସାମ୍ନାକୁ ଆସିଛି, ଯେଉଁଥିରେ କି ପେରୁର ୨୬ ବର୍ଷୀୟ ଜଣେ ଫୁଡ୍ ଡେଲିଭରି ଯୁବକ ଏକ ମମିକୁ ଗର୍ଲଫ୍ରେଣ୍ଡ କରିଛନ୍ତି। ସେ ତାଙ୍କ କୁଲର ବ୍ୟାଗ୍‌ରେ ରଖିଥିବା ଗର୍ଲଫ୍ରେଣ୍ଡକୁ ନିକଟରେ ପୋଲିସ ଜବତ କରିନେଇଛି। ଏଥିସହ ପୋଲିସ ଉକ୍ତ ଯୁବକ ଏବଂ ତାଙ୍କ ସାଙ୍ଗକୁ କାବୁ କରିଛି। ଯାଞ୍ଚରୁ ସେହି ମମିଟି ୭୦୦-୮୦୦ ବର୍ଷ ପୁରୁଣା ବୋଲି ଜଣାପଡିଛି। ରିପୋର୍ଟ ମୁତାବକ, ଜୁଲିଓ ସିଜାର ବର୍ମିଜୋ ନାମକ ଯୁବକ ତାଙ୍କ ମମି ଗର୍ଲଫ୍ରେଣ୍ଡର ନାମ ଜୁଆନିତା ଦେଇଥିଲେ। ସେ ତାଙ୍କ ଗର୍ଲଫ୍ରେଣ୍ଡ ମମି ସହ ଗୋଟିଏ ବେଡ୍‌ରେ ଶୋଉଥିଲେ। ଜୁଲିଓ କହିଛନ୍ତି, ତାଙ୍କ ବାପା ତାଙ୍କୁ ଏହି ମମି ଦେଇଥିଲେ, ଯାହାକି ତାଙ୍କ ଘରେ ୩୦ ବର୍ଷ ହେବ ଅଛି। ତାଙ୍କ ପରିବାର ସେହି ମମିକୁ ସଂଗ୍ରହାଳୟକୁ ଦେବାକୁ ଚାହୁଁଥିଲେ, ହେଲେ ସେଥିରେ ସେମାନେ ବିଫଳ ହୋଇଥିଲେ। କିନ୍ତୁ ଏହି ମମି କେଉଁଠାରୁ ଆସିଛି, ସେ ବାବଦରେ ତାଙ୍କୁ ଜଣା ନ ଥିବା ସେ କହିଥିଲେ। ସେହି ମମିକୁ ସେ ବିକ୍ରି କରିବାକୁ ଚାହାନ୍ତିନି ବୋଲି କହିଥିଲେ। ସେ ତାଙ୍କ ଗର୍ଲଫ୍ରେଣ୍ଡକୁ ସାଙ୍ଗ ସହ ଦେଖା କରାଇବାକୁ ଚାହୁଁଥିଲେ। ସେଥିପାଇଁ ସେ ମମିକୁ ଏକ ସ୍ଥାନକୁ ଆଣିଥିଲେ। ତେବେ ଯାଞ୍ଚରୁ ଜଣାପଡିଲା, ସେ ଯେଉଁ ମମିକୁ ତାଙ୍କ ଗର୍ଲଫ୍ରେଣ୍ଡ ବୋଲି ଭାବୁଥିଲେ, ସେହି ମମିଟି ଜଣେ ୪୫ ବର୍ଷର ପୁରୁଷ ଏବଂ ତାଙ୍କ ଉଚ୍ଚତା ୫ ଫୁଟରୁ କମ୍।

## ପ୍ରଥମ ପୃଷ୍ଠାରୁ...

## କଟକରେ ଏନ୍‌କାଉଣ୍ଟର...



କରାଯାଉଥିବା ନେଇ କମିଶନରେଟ୍ ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଶଙ୍କର ବିଡ଼ାନାସୀ ଥାନା ଅନ୍ତର୍ଗତ ଭୁଆସୁଣି ଗଡ଼ା ନିକଟରେ ଯାଉଥିବାବେଳେ କଟକ ସହରାଞ୍ଚଳ ପୋଲିସର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ବିଡ଼ାନାସୀ ପୋଲିସ ସେଠାରେ ପହଞ୍ଚିଥିଲା। ପୋଲିସ କର୍ମଚାରୀଙ୍କୁ ଦେଖି ଶଙ୍କର ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ପୋଲିସ ଆତ୍ମରକ୍ଷା ପାଇଁ ଶଙ୍କରଙ୍କ ଉପରକୁ ଗୁଳି ଚଳାଇଥିଲା। ଫଳରେ ଶଙ୍କର ବାମଗୋଡ଼ରେ ଏକ ଗୁଳି ବାଜିବାରୁ ସେ ଆହତ ହୋଇଥିଲେ। ଏହି ସମୟରେ ପୋଲିସ ତାଙ୍କୁ କାବୁ କରିପାରିଥିଲା। ଏନେଇ ଅଧିକ ତଦନ୍ତ ଜାରି ରହିଥିବାବେଳେ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ପିନାକ ମିଶ୍ର କହିଛନ୍ତି।

## ମିଶନ ଶକ୍ତି ସହଭାଗୀଙ୍କୁ ...

ଗୋଷ୍ଠୀ ସହଭାଗିତା କ୍ଷେତ୍ରରେ ସାରା ବିଶ୍ୱରେ ନୂଆ ବେଞ୍ଚମାର୍କ ସୃଷ୍ଟି କରିଛି । ସମସ୍ତେ ମିଳିମିଶି ଭଲ କାମ କରି ଓଡ଼ିଶାର ସୁନାମ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଛନ୍ତି, ମିଶନ ଶକ୍ତି ମା'ମାନେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଓଡ଼ିଶା ଗଠନକୁ ସାକାର କରିବା ପାଇଁ ବହୁତ ଭଲ କାମ କରୁଛନ୍ତି । ସାଇକେଲ ପାଇବା ଦ୍ୱାରା କର୍ମକ୍ଷେତ୍ରରେ ସେମାନଙ୍କୁ ବହୁ ସୁବିଧା ଓ ସ୍ୱାଧୀନତା ମିଳିପାରିବ। ବିଭାଗୀୟ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି, ଗୋଷ୍ଠୀଗତ ବିକାଶର ଏକ ଅନୁପମ ବାର୍ତ୍ତାବହ ହେଉଛି ମିଶନଶକ୍ତି। ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ଏହା ନୂଆ ମାଇଲଷ୍ଟୋନ୍ ସ୍ଥାପନ କରିପାରିଛି। କାର୍ଯ୍ୟକ୍ରମରେ ୨ ଜଣ ମିଶନ ଶକ୍ତି ମା' ପଦ୍ମାବତୀ ଦାସ (ଆହାର କର୍ମୀ) ଓ ସୀତା ମୁର୍ମୁ (ସ୍ୱଚ୍ଛକର୍ମୀ) ନିଜର ଅଭିଜ୍ଞତା ବର୍ଣ୍ଣନା କରି କହିଛନ୍ତି, ମିଶନଶକ୍ତି କାର୍ଯ୍ୟକ୍ରମ ଯୋଗୁ ସେମାନେ ଆଜି ସ୍ୱାବଲମ୍ବୀ ହୋଇପାରିଛନ୍ତି। ପରିବାରର ଛୋଟ ଛୋଟ ଅସୁବିଧା ଦୂର କରିପାରୁଛନ୍ତି। ସାଇକେଲ ଦ୍ୱାରା ସେମାନଙ୍କ ସମୟ ବଞ୍ଚିବା ସହିତ କାର୍ଯ୍ୟଦକ୍ଷତା ବଢ଼ିବ ବୋଲି କହିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାଥନନ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ। ବିଏମ୍‌ସି ମେୟର ସୁଲୋଚନା ଦାସ ଉପସ୍ଥିତ ଥିଲେ।


**PARADIP PORT AUTHORITY**
**TENDER CALL NOTICE**
**NO. EM/WS-08/2023**
File No.EM/WS/TECH-04/2022/329,
Date : 01.03.2023

Name of the work : " Grant of license for Supply, Installation, Commissioning, Operation & Maintenance of 03 nos. 100 Ton Capacity HMCs for a period of 05 years." Last date and time of submission of bid : Dt.10.04.2023 up to 1800 hrs. Refer our website for details : https://eprocure.gov.in/eprocure/app .

Executive Engineer (M)
Workshop Division-I,
Paradip Port Authority
PPA/PR/228/2022-23, Dt.02.03.2023

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ସଂ.: ST-SBP-TENDER-2023-02, ତା.24.02.2023 ରିଖ

| | |
|---|---|
| କାର୍ଯ୍ୟର ନାମ : | ସମ୍ବଲପୁର ମଣ୍ଡଳରେ ସମ୍ବଲପୁର ସିଟି ଷ୍ଟେସନର ପ୍ଲାଟଫର୍ମ ନଂ. 2 ଏବଂ 3 ଠାରେ କୋଚ୍ ସୂଚନା ଫଳକର ବ୍ୟବସ୍ଥା । |
| ଟେଣ୍ଡର ମୂଲ୍ୟ (ଟଙ୍କାରେ) : | 35,83,945.38 |
| ବିଡ୍ ସିକ୍ୟୁରିଟି (ଟଙ୍କାରେ) : 71,700/- | |
| ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: | ତା.20.03.2023 ରିଖ 1100 ଘଣ୍ଟିକାରେ । |

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର
PR-1049/N/22-23

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following packages :

1. **TPWODL/RB/O/SER/175: RC for SITC along with Maintenance for 5 years of Battery & Battery Charger System in TPWODL.**
2. **TPWODL/SD/O/SER/176: RC for Furniture Works at TPWODL.**

Interested bidders to submit Tender Participation Fee and Authorization Letter through email on or before **14th March 2023, 18:00Hrs** (for Sl. No-1) & **13th March 2023, 15:00Hrs** (for Sl. No-2), respectively, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd/- **Chief-Contracts and Stores**

**PANCHAYAT SAMITI,TALCHER**
**INVITATION FOR BIDS (IFB)**
**IDENTIFICATION No:- TAL-02/2022-23**
E-mail address:ori-talcher@nic.in

The Block Development Officer, Talcher on behalf of the Governor of Orissa Invites Percentage rate bid in single cover system for the 7 nos. of Sub Centre works & 2 nos. Day Care Sub- Centre from the Class "B", "C" & "D" contractors accordingly, registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-1 form, for execution of Building. The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the Buildings. The details of the Eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the office of the undersigned during office hours & downloaded from the District website i.e. www.angul.nic.in.

**Sd./- Block Development Officer, Talcher**

**ODISHA STATE BEVERAGES CORPORATION LIMITED**
(A GOVERNMENT OF ODISHA UNDERTAKING)
2ND FLOOR, FORTUNE TOWER, CHANDRASEKHARPUR, BHUBANESWAR - 751023 (ODISHA)
CIN: U51228OR2000SGC006372
Tel.: 0674-2303972 (O), Email: osbcltd@gmail.com

Ref.: /OSBC/ Date: ..................

**APPLICATIONS INVITING FOR THE POST OF TECHNICAL CONSULTANT**

No. CAD-5000: The **Odisha State Beverages Corporation** a Public Sector undertaking of **Government of Odisha** invites applications for 1 (One) post of **Technical Consultant** for its Head Office located at Bhubaneswar.

Interested candidates should download the prescribed application from the official website of OSBC Ltd. and send their applications by Regd. Post/Speed Post to **"Odisha State Beverages Corporation Ltd., 2nd Floor, Fortune Tower, Chandrasekharpur, Bhubaneswar - 751023 (Odisha). Last date for receipt of application is 31.03.2023"**.

Details of advertisement may please by seen in the official website of OSBC Ltd. i.e. **https://osbc.co.in**.

**OIPR-36014/11/0007/2223** **Sd./- General Manager (Admn.)**

GOVERNMENT OF ODISHA "e"-PROCUREMENT NOTICE
**OFFICE OF THE BLOCK DEVELOPMENT OFFICER, RANPUR PR & DW DEPARTMENT**
**TENDER CALL NOTICE**
**Tender ID: 2023_PRNY_86625, E-mail: ori-bnayagarh@nic.in**
**Bid Identification No. B.D.O, Nayagarh- Online 02/2022-23**

**No.i-470:**The Block Development Officer, Nayagarh on behalf of Governor of Odisha inviting percentage rate bid in Double cover system in ONLINE MODE from eligible contractors for construction of Building work as detailed in the table below:

1. Nature of Work : Building Works.
2. No. of Work : 3 Nos
3. Tender Cost & EMD : To be remitted online through a process as mentioned in DTCN.
4. Class of Contractor : As mentioned in DTCN
5. Available of Bid Document in the Website : From Dt.06.03.2023 11.00 AM to Dt.20.03.2023 Up to 5.00 pm .
6. Date of opening of Bid : Dt.21.03.2023 at 11.00 AM
7. The bidders have to participate in ONLINE bidding only. Further details can be seen from the Website: https: / /tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

**Sd./- Block Development Officer, Nayagarh**
OIPR-19297/11/0003/2223

**ODISHA LIFT IRRIGATION CORPORATION LIMITED**
(A GOVT. OF ODISHA UNDERTAKING)
**OFFICE OF THE EXECUTIVE ENGINEER, L.I. DIVISION, BHUBANESWAR**
Phone No.: 0674-2391847, E-mail: eeolicdivn.bbsr@ymail.com

**QUOTATION CALL NOTICE**

**No. 805/2022-23** **Dt.01.03.2023**

No. CAD-5001: Sealed quotations are invited from the interested reputed Travel Agencies/Tour Operators or Private individuals for providing 02 (Two) Nos. of Non-AC Diesel driven Vehicle (Bolero) and must have validation in all respect having sitting capacity not more than seven including driver which shall confirm to the terms and conditions as per details in tender schedule on monthly rent basis for a period of one year.

| Sl. No. | Name of Division | Required for Office Use | Nos. Requirement | Period |
|---|---|---|---|---|
| 1 | 2 | 3 | 4 | 5 |
| 1 | L.I. Division, Bhubaneswar | L.I. Sub Division, Bhubaneswar & L.I. Sub Division Mechanical | 01 (One) | One Year |
| 2 | L.I. Division, Bhubaneswar | L.I. Sub Division, Puri & L.I. Sub Division Puri-Pipili | 01 (One) | One Year |

The application form of quotation containing General Bid Information & Terms and Conditions for hiring of vehicle etc. will be available at Office of the Executive Engineer, Lift Irrigation Division, Bhubaneswar (Power House Chowk) on payment of Rs.100/- (Excluding 5% GST on reverse charge basis **OLIC GSTIN: 21AAACO5986G1ZF**) in shape of Demand Draft in favour of Executive Engineer, Lift Irrigation Division, Bhubaneswar to be drawn at Bhubaneswar from any Nationalized Bank. The tender paper will be sold from **03.03.2023 to 13.03.2023 (10 A.M. to 2.00 P.M.)** during working days on receipt of written request with self attested copy of valid registration certificate, vehicle insurance and other documents against the vehicle.

The tender paper will be received at L.I. Division, Bhubaneswar from **03.03.2023 to 13.03.2023 (10 A.M. to 3.00 P.M.)** only and will be opened on **13.03.2023 at 4.00 P.M.** in the Office of the undersigned in the presence of the tenderer or their authorised representative, if any. The tender documents must be accompanied with security deposit **Rs.5000.00 (Rupees Five Thousand)** only in shape of Demand Draft STDR duly pledged in favour of Executive Engineer, Lift Irrigation Division, Bhubaneswar. After completion of tender process, the amount will be returned to unsuccessful bidders.

The undersigned reserves the right to accept or reject any or all the quotations without assigning any reason thereof.

**OIPR-32155/11/0016/2223** **Sd./- Executive Engineer, L.I. Division, Bhubaneswar**

**GOVERNMENT OF ODISHA**
**OFFICE OF THE CHIEF DEVELOPMENT OFFICER CUM EXECUTIVE OFFICER, ZILLAPARISHAD, SAMBALPUR**
**E-Procurement Notice**
**BID IDENTIFICATION NO.ZP/SBP/CIVIL/01/2022-23**
**E-mail-dsamblpur@nic.in, Phone/Fax:0663-2410992**
**No.844/Engg/Dated. 01.03.2023**

**No.CAD-4996:**1.The Chief Development Officer Cum Executive Officer, Z.P. Sambalpur on behalf of Governor of Odisha, invites Percentage Rate bids in **Single Cover System in ONLINE MODE** for construction of **Buildings**, as detailed in the **DTCN** from the eligible Class of Contractors.

2. No. of works : **01 (ONE)**
3. Tender Cost : Rs.6,000/-
4. Class of Contractor : **"B" Class &" C" Class**
5. Date and time Available in Website & receipt of Bids : 12.00 Hrs. of 06.03.2023 to 17:00 Hrs of 16.03.2023.
6. Date of Opening of Tender : **18.03.2023 at 11:30 Hrs**.
7. The Bidders have to participate in ONLINE bidding only. Further details can be seen from the Website **www.tendersodisha.gov.in** only.
8. Any Corrigendum / Addendum will be displayed in the website **www.tendersodisha.gov.in** only.

**Sd./-Chief Development Officer Cum Executive Officer, Zilla Parishad, Sambalpur**
**OIPR-19241/11/0004/2223**

See Career Appointment on every Wednesday & Saturday

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ଉପ ମହାପ୍ରବନ୍ଧକ (ବିଦ୍ୟୁତ୍) ଙ୍କ କାର୍ଯ୍ୟାଳୟ
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,କେନ୍ଦୁଝର
CIN-U40102OR2004SGC007553
Lifeline of Odisha

**No. CAD-5009** **ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ ଯବାମୟୀ ଫେରୋ ଆଲ୍ ଏଜ ପ୍ଲାଣ୍ଟ ଠାରେ ଥିବା ୧୩୨ କେଭି ସବ୍ ଷ୍ଟେସନ ଠାରୁ ସୁକିନ୍ଦା ଠାରେ ନବନିର୍ମିତ ରେଲୱେ ସବ୍ ଷ୍ଟେସନ ପର୍ଯ୍ୟନ୍ତ ୧୩୨ କେଭି ଲାଇନର ନିର୍ମାଣ ସମ୍ପନ୍ନ ହୋଇଯାଇଅଛି ।

ଏହି ଲାଇନଟି ମେସର୍ସ ଯବାମୟୀ ଠାରୁ ଟାୱାର ନମ୍ବର-୬ ପର୍ଯ୍ୟନ୍ତ ଉପରୋକ୍ତ ପ୍ଲାଣ୍ଟ ପରିସରରେ, ୧୩୨ କେଭି ଭୂତଳ କେବୁଲ ଦ୍ୱାରା ସମ୍ପନ୍ନ କରାଯାଇଅଛି ଏବଂ ଟାୱାର ନମ୍ବର-୬ ଠାରୁ ଟାୱାର ନମ୍ବର-୧୮ ପର୍ଯ୍ୟନ୍ତ ଓଭର ହେଡ୍ ଲାଇନ୍ ଦ୍ୱାରା ସମ୍ପନ୍ନ କରାଯାଇଅଛି ଯାହାକି ଯାଜପୁର୍ ଜିଲ୍ଲାର ସୁକିନ୍ଦା ତହସିଲ୍ ଅନ୍ତର୍ଭୁକ୍ତ କେନ୍ଦୁଡ଼ିହି ଗ୍ରାମ ଦେଇ ଅତିକ୍ରମ କରୁଅଛି । ଏହି ଲାଇନରେ ଆସନ୍ତା ତା - ୦୩.୦୩.୨୦୨୩ ରିଖ ଠାରୁ ଯେକୌଣସି ସମୟରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ୍ ପ୍ରବାହ କରାଯିବ ।

ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ଧାରା ୧୯୫୬ ଅର୍ନ୍ତଗତ ଧାରା ୭୯,୮୦, ୮୨(କ) ଅନୁଯାଇ ଉପରୋକ୍ତ ସଂଚାରଣ ଲାଇନ୍ ଗୁଡିକ ତଳେ ଘର ତିଆରି କରିବା, ଗଛ ଲଗାଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ । ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍ । ଉକ୍ତ ଲାଇନ୍ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଟାୱାରରେ ଚଢିବା କିମ୍ବା ଗୋରୁଗାଈ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି, ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ । ଯଦି ଏଥିରେ ବ୍ୟତିକ୍ରମ ହେତୁ କିଛି ଅଘଟଣ ହୁଏ, ସେଥିପାଇଁ ଓଡିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେନାହିଁ ।

ସ୍ୱା/-ଉପ ମହାପ୍ରବନ୍ଧକ (ବିଦ୍ୟୁତ)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,କେନ୍ଦୁଝର
FIPR-78/2022-23
OIPR-04011/11/0187/2223

## ଆଜି କ'ଣ କେଉଁଠି

କଟକ

- ପଞ୍ଚମ ଜିଲା ପରିଷଦ ବୈଠକ, ଜିଲା ପରିଷଦ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ୩୦।
- କଟକ ଜିଲାର ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଶୁଭାରମ୍ଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ଅପରାହ୍ନ ୩ଟା।
- ପ୍ରଥମ ଭୀମସେନ ସାହୁ ମେମୋରିଆଲ ଅଲ୍ ଓଡ଼ିଶା ପୁରୁଷ ଓ ମହିଳା କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଘାଟନ, ବାଲିଯାତ୍ରା ପଡ଼ିଆ, ଅପରାହ୍ନ ୫ଟା।

# ଫିଲ୍ମ ଫେଷ୍ଟିଭାଲ ବନ୍ଦ ନିଷ୍ପତ୍ତି ବିରୋଧରେ ବିକ୍ଷୋଭ

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

କଟକ ଅଫିସ,୨।୩

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଫିଲ୍ମ ସୋସାଇଟି ପକ୍ଷରୁ ବିଶ୍ୱବିଦ୍ୟାଳୟରେ ଗୁରୁବାରଠାରୁ ଫିଲ୍ମ ଫେଷ୍ଟିଭାଲ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିଲା। ହେଲେ ହଠାତ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ବନ୍ଦ କରିବାକୁ କହିଥିଲେ। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସେମାନେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ମାର୍ଚ୍ଚ ୨, ୩ ଓ ୪ ତାରଖରେ ଫିଲ୍ମ ଫେଷ୍ଟିଭାଲ ପାଇଁ ଫିଲ୍ମ ସୋସାଇଟି ପକ୍ଷରୁ ବହୁ ପୂର୍ବରୁ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନିଆଯାଇଥିଲା। ଫିଲ୍ମ ଫେଷ୍ଟିଭାଲ ଉଦ୍‌ଘାଟନ କରିବା ପାଇଁ ସମସ୍ତ ଅତିଥି ମଧ୍ୟ ଆସି ସାରିଥିଲେ। ମାତ୍ର ଫେଷ୍ଟିଭାଲର ଉଦ୍ୟୋକ୍ତାମାନେ ଏହି କାର୍ଯ୍ୟକ୍ରମ ଆରମ୍ଭ ପାଇଁ ହଲ୍ ନିକଟକୁ ଯିବାବେଳେ କୌଣସି କାରଣ ନ ଦର୍ଶାଇ ତାଙ୍କୁ ଏହି ବାରଣ କରାଯାଇଥିଲା। ଫଳରେ ସେମାନେ ନିରାଶ ହୋଇ କୁଳପତିଙ୍କୁ ସାକ୍ଷାତ୍ କରିଥିଲେ। ହେଲେ କୁଳପତି ମଧ୍ୟ କୌଣସି ଉତ୍ତର ଦେଇ ପାରି ନ ଥିଲେ। ଫଳରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ କରିଥିଲେ। ଦୀର୍ଘ ସମୟ ଧରି ଏହି ଆନ୍ଦୋଳନ ଚାଲିବା ପରେ କର୍ତ୍ତୃପକ୍ଷ ବାଧ୍ୟ ହୋଇ ଫିଲ୍ମ ଫେଷ୍ଟିଭାଲ ପାଇଁ ପୁନର୍ବାର ଅନୁମତି ଦେଇଛନ୍ତି। ଏଭଳି କାର୍ଯ୍ୟକଳାପକୁ ଏଆଇଡିଏସ୍‌ଓ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏଆଇଡିଏସ୍‌ଓ କଟକ ଜିଲା କମିଟିର ସଭାପତି ଇଷା ଧର ଓ ସମ୍ପାଦକ ତରୁଣସେନ ନାୟକ ଏକ ପ୍ରେସ୍ ବିବୃତି ମାଧ୍ୟମରେ କହିଛନ୍ତି, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ନେଇ ଗଣତାନ୍ତ୍ରିକ ପରମ୍ପରାର ତଣ୍ଟି ଚିପି ହତ୍ୟା କରୁଛନ୍ତି।



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି।



ତିଗିରିଆ ବ୍ଲକ ଅନ୍ତର୍ଗତ ମାନପୁର ଗ୍ରାମରେ ପ୍ରସିଦ୍ଧ ଦୋଳଯାତ୍ରା ପାଇଁ ମାଳିସାହିରେ ମୂର୍ତ୍ତି ନିର୍ମାଣ ଚାଲିଛି।

## କର୍ମଜୀବୀ ମହିଳାଙ୍କୁ ସାଇକେଲ ବଣ୍ଟନ

ଚୌଦ୍ୱାର,୨।୩(ଡି.ଏନ୍.ଏ.): କର୍ମଜୀବୀ ମହିଳାମାନଙ୍କୁ କର୍ମକ୍ଷେତ୍ରରେ ସହାୟ ହେବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ମିଶନଶକ୍ତି ମାଧ୍ୟମରେ ସାଇକେଲ ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଚୌଦ୍ୱାର ପୌରପାଳିକା ଅଧୀନରେ କାର୍ଯ୍ୟରତ ୬୦ଜଣ ମହିଳାଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ସ୍ଥାନୀୟ ପୌର ଟାଉନ୍‌ହଲ ପରିସରରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ବିଭିନ୍ନ ୱାର୍ଡରେ କାର୍ଯ୍ୟରତ ସ୍ୱଚ୍ଛସାଥୀ, ଜଳସାଥୀ, ସ୍ୱଚ୍ଛ ସୁପରଭାଇଜର, ମଳପଙ୍କ ବିଶୋଧନାଗାର କର୍ମୀ, ସମ୍ପଦ କେନ୍ଦ୍ର କର୍ମୀ, ଆହାର କେନ୍ଦ୍ର କର୍ମୀ ଓ ଗୋଷ୍ଠୀ ଶୌଚାଳୟରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କୁ ସାଇକେଲ ପ୍ରଦାନ କରିଥିଲେ। ଏଥିରେ ଅତିଥି ଭାବେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ଯନ୍ତ୍ରୀ ଶୁଭଶ୍ରୀ ବେହେରାଙ୍କ ସମେତ ବହୁ କାଉନ୍‌ସିଲର ଯୋଗ ଦେଇଥିଲେ। ବିଚିତ୍ରାନନ୍ଦ ସ୍ୱାଇଁ, ପୀୟୂଷ ସାହୁ, ସଞ୍ଜୟ ସାମନ୍ତରାୟ, ବାସନ୍ତୀ ସାହୁ, ଶିପ୍ରା ମହାନ୍ତି ଓ ପ୍ରତିମା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବୈଜ୍ଞାନିକଙ୍କ ଗବେଷଣା ଉପରେ ଆଲୋଚନା

**ଜାତୀୟ ବିଜ୍ଞାନ ଦିବସ**

ସାଲେପୁର,୨।୩(ଡି.ଏନ୍.ଏ.)

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗତ ୨ ଦିନଧରି ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସଙ୍ଗୀତା ମିଶ୍ର ପୌରୋହିତ୍ୟ କରିଥିଲେ। ପ୍ରଥମ ଦିନରେ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ଗଣିତ ଓ ପରିସଂଖ୍ୟାନ ବିଭାଗର ଯୁକ୍ତ ୩ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ୬୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅଞ୍ଚଳର ୧୪ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ପ୍ରକଳ୍ପ ବୁଲି ଦେଖିଥିଲେ। ସେହିପରି ଦ୍ୱିତୀୟ ଦିବସରେ ଅତିଥିଭାବେ ଲେଖକ ପ୍ରମୋଦ କୁମାର ମହାପାତ୍ର, ଉଚ୍ଚ ଶିକ୍ଷା ବିଭାଗର ଡେପୁଟି ଡାଇରେକ୍ଟର ରଜତ କୁମାର ମାନସିଂହ ପ୍ରମୁଖ ଯୋଗଦେଇ ବୈଜ୍ଞାନିକଙ୍କ ଚିନ୍ତାଧାରା, ଭବିଷ୍ୟତରେ ବୈଜ୍ଞାନିକଙ୍କ ଗବେଷଣା କିପରି ହେବା ଉଚିତ୍ ସେନେଇ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ବିଜ୍ଞାନ ସଂସଦର ଉପସଭାପତି ଡ. ବିଚିତ୍ରାନନ୍ଦ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗଣିତ ବିଭାଗର ପ୍ରାଧ୍ୟାପକ ଆଲୋକ ଚନ୍ଦ୍ର ମହାନ୍ତି, ପ୍ରଶାସନିକ ଅଧିକାରୀ ଡ. ପ୍ରସନ୍ନ କୁମାର ମହାପାତ୍ର, ପ୍ରାଧ୍ୟାପକ ପ୍ରଶାନ୍ତ ଜେନା, ବିରଜା ପ୍ରସନ୍ନ ଷଡ଼ଙ୍ଗୀ, ସତ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଡ .ସ୍ୱାତୀ ପଣ୍ଡା ଓ ଡ .ଜୟନ୍ତୀ ବାଳା ପରିଜା ପ୍ରମୁଖ ସଂଯୋଜନା କରିଥିଲେ। ଡ . ପ୍ରଦ୍ୟୁମ୍ନ ଚୌଧୁରୀ ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ରମାନେ।

## ଭାଷା,ସାହିତ୍ୟ ବିଭାଗର ଆଲୋଚନାଚକ୍ର

ବାଙ୍କୀ,୨।୩(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ସନ୍ତୋଷ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ନିକଟରେ ଯୋଗଦେଇଥିବା ଏହି ବିଭାଗର ଅଧ୍ୟାପକ ମହାଦେବ ପ୍ରଧାନ ଓ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କୁ ଉପୌଢ଼କନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ବିଭାଗର ଐତିହ୍ୟ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଡ. ସସ୍ମିତା ଦାସ, ଅଧ୍ୟାପିକା ସରସ୍ୱତୀ ଦେଉରୀ, ଅଧ୍ୟାପକ ଚିନ୍ମୟ କୁମାର ତ୍ରିପାଠୀ ଓ ଅନୀଲ କୁମାର ପ୍ରଧାନ ଭାଷା ସାହିତ୍ୟ ଅଗ୍ରଗତି ଉପରେ କହିଥିଲେ। ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ।

# ନାଟକ 'ଲାଲ ପାଏନ' ମଞ୍ଚସ୍ଥ

କଟକ ଅଫିସ,୨।୩:

ଅନ୍ନପୂର୍ଣ୍ଣା ଥିଏଟର-ବି ଗ୍ରୁପ୍ ଦ୍ୱାରା ପ୍ରାୟୋଜିତ ନାଟକ ଲାଲ୍ ପାଏନ ମଞ୍ଚସ୍ଥ ହୋଇଯାଇଛି। ସୁବାସ ଚନ୍ଦ୍ର ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକକୁ ବେଲପାହାଡ଼ର ମିରର୍ ଥିଏଟର ଗ୍ରୁପ୍‌ର କଳାକାରମାନେ ପରିବେଷଣ କରିଥିଲେ। ହୀରାକୁଦ ବିସ୍ଥାପିତଙ୍କ କରୁଣ କାହାଣୀ ଉପରେ ଆଧାରିତ ଏହି ନାଟକ ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ବିଭିନ୍ନ ଭୂମିକାରେ ସନ୍ତୋଷ ସାହୁ, ଗୌରୀ ଶଙ୍କର କୁମ୍ଭାର, କାହ୍ନା ବଗାର, ପରମେଶ୍ୱର ମରାଇ, ସବିତା ଦାସ, ଜ୍ୟୋସ୍ନା କାଲୋ, ଇତିଶ୍ରୀ ସାହୁ ପ୍ରମୁଖ ଅଭିନୟ କରିଥିଲେ। ହେମନ୍ତ କୁମାର ଦାଶ ମଞ୍ଚାଲୋକ ସଂଯୋଜନା, ଆଲୋକ ନାୟକ ମଞ୍ଚ ପରିଚାଳନା ଓ ଗୌରୀଶଙ୍କର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଅନ୍ନପୂର୍ଣ୍ଣା ଥିଏଟରର ସଭାପତି ପ୍ରଣବ କର ଓ ସମ୍ପାଦିକା ଆହ୍ଲାଦିନୀ କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ବରିଷ୍ଠ ଅଧିକାରୀ ସଂଗ୍ରାମ କେଶରୀ ସାମନ୍ତରାୟ, ପ୍ରାଧ୍ୟାପକ ପ୍ରତାପ ଚନ୍ଦ୍ର ସ୍ୱାଇଁ, ସାମାଜିକ କର୍ମୀ ଶରତ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଅଶୋକ ଦଳାଇ, ମହମ୍ମଦ ସଫିଉଲ ହକ୍, ଅଶୋକ ମହାନ୍ତି, ରଶ୍ମିତା ପରିଜା, ଦୀପକ ଦାସ, ବସନ୍ତ ଦାସ, ଅଶୋକ ସାହୁ, ଜଳନ୍ଧର ମହାନ୍ତି, ଜଗନ୍ନାଥ ମହାନ୍ତି, ଛବି ସାହୁ, ଆଶିଷ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ଅନ୍ନପୂର୍ଣ୍ଣା ଥିଏଟରରେ ନାଟକ 'ଲାଲ୍ ପାଏନ'ର ଏକ ଦୃଶ୍ୟ।

## ଯୋଗାଣ ବିଭାଗ ମେସେଜକୁ ନେଇ ସିଇଓଙ୍କୁ ଦାବିପତ୍ର

କଟକ ସଦର,୨।୩(ଡି.ଏନ୍.ଏ.)- କଟକ ସଦର ବ୍ଲକ ଅଞ୍ଚଳରେ ଧାନ ବିକ୍ରି ପାଇଁ ପଞ୍ଜୀକୃତ ଚାଷୀମାନଙ୍କ ପାଖକୁ ଖାଦ୍ୟ ଯୋଗାଣ ବିଭାଗ ବାରମ୍ବାର ମେସେଜ ପଠାଉଛି। ହେଲେ ସ୍ଥାନୀୟ ମଣ୍ଡିରେ ଧାନ କ୍ରୟ ପାଇଁ ବ୍ୟବସ୍ଥା ନ କରାଯିବା ପ୍ରତିବାଦରେ ବୁଧବାର କଟକ ସଦର ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ (ସିଇଓ)ଅନସୂୟା ମଲ୍ଲଙ୍କୁ ସ୍ଥାନୀୟ ଅଞ୍ଚଳର ଚାଷୀ ଗୋକୁଳ ଚନ୍ଦ୍ର ପ୍ରଧାନ ଦାବିପତ୍ର ପ୍ରଦାନ କରିଛନ୍ତି। ଟୋକନ ସଂକ୍ରାନ୍ତୀୟ ମେସେଜ ଆସିବାର ୧ ମାସ ବିତିବାକୁ ବସିଥିବାବେଳେ ମଣ୍ଡିକୁ କାହିଁକି ଧାନ ଆଣୁନାହାନ୍ତି ବୋଲି ସରକାର ଜଣାଇବା ଦୁଃଖଦାୟକ। ମାର୍ଚ୍ଚରେ ଯେଉଁ ଚାଷୀମାନେ ମଣ୍ଡିକୁ ଧାନ ବିକ୍ରି ପାଇଁ ନେବେ, ସରାକରଙ୍କ ଦ୍ୱାରା ଧାର୍ଯ୍ୟ କୋଟାଠାରୁ ୪୦ ପ୍ରତିଶତ କମ୍ ଧାନ ଦେବା ପାଇଁ ସମବାୟ ସମିତିର କ୍ରୟ କମିଟି ମୌଖିକ ଭାବେ ଜଣାଇଥିବା ପ୍ରଧାନ ସୂଚନା ଦେଇଛନ୍ତି। ଏ ନେଇ ସିଇଓ ମଲ୍ଲ କହିଛନ୍ତି, ଧାନ ସଂଗ୍ରହ ଟାର୍ଗେଟ୍ ପୂରଣ ହେବାକୁ ଥିବାରୁ ସମସ୍ତ ଚାଷୀଙ୍କ ଧାନ ନେବା ସମ୍ଭବ ନୁହେଁ। ତେଣୁ ନିର୍ଦ୍ଧାରିତ କୋଟାଠାରୁ କମ୍ ପରିମାଣର ଧାନ ନିଆଯାଉଛି।

# ପୁନିଆ ନାୟକ ମୃତ୍ୟୁ ଘଟଣା, ୮ ଅଭିଯୁକ୍ତ କୋର୍ଟ ଚାଲାଣ

ଖୁଣ୍ଟୁଣୀ,୨।୩(ଡି.ଏନ୍.ଏ.)

ଖୁଣ୍ଟୁଣୀ ଥାନା ଅଧୀନ ରାଧାକୃଷ୍ଣପୁର ଗ୍ରାମର ପୁନିଆ ନାଏକ ମୃତ୍ୟୁ ଘଟଣାରେ ପୋଲିସ ୮ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ରାଧାକୃଷ୍ଣପୁର ପଞ୍ଚାୟତ ସଡ଼କସାହି ଗ୍ରାମର କାହ୍ନୁ ଗାଗରାଇ, ବାବୁଲି ହେମ୍ବ୍ରମ, ବିଜୁ ଜାରିକା, ଚିତ୍ତରଞ୍ଜନ ଜାରିକା, ତ୍ରିବଣ ଜାରିକା, ନନ୍ଦଲାଲ ଜାରିକା, କୃଷ୍ଣଚନ୍ଦ୍ର ଶୁଣ୍ଡୀ ଓ ପାଟିଆ ସାହିର ହାଲିନ ସଏ। ପୋଲିସ ସୂତ୍ରରୁ ପ୍ରକାଶ, ଗତ ରବିବାର ପୂର୍ବାହ୍ନ ୧୦ଟାରେ ରାଧାକୃଷ୍ଣପୁର ଗ୍ରାମର ପୁନିଆ ନାଏକ ଓ ବିଘ୍ନ ନାଏକ ଘରୁ ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ଖୋଜାଖୋଜି କରିବାରୁ ଅପରାହ୍ନରେ ଖବର ପାଇଲେ ଯେ ପୁନିଆ ଓ ବିଘ୍ନଙ୍କୁ ନିକଟସ୍ଥ ସଡ଼କସାହିର କେତେଜଣ ଯୁବକ ଏକ ଛେଳି ଚୋରିକୁ କେନ୍ଦ୍ରକରି ମାଡ଼ମାରି କ୍ଲବ ଘରେ ବାନ୍ଧି ରଖିଛନ୍ତି। ପୁନିଆଙ୍କ ଘର ଲୋକ ସରପଞ୍ଚ କାହ୍ନୁଚରଣ ମହାନ୍ତିଙ୍କୁ ନେଇ ସଡ଼କ ସାହିକୁ ଯାଇ ସେଠାରୁ ତାଙ୍କ ପୁଅ ଓ ବିଘ୍ନକୁ ଛାଡ଼ିବା ପାଇଁ କହିଥିଲେ। ସରପଞ୍ଚ ଓ ପରିବାର ଲୋକଙ୍କ ସହ ଆଲୋଚନା ପରେ ସମସ୍ତଙ୍କ ଉପସ୍ଥିତିରେ ୧୫୦୦ ଟଙ୍କା ଦେଇ ପୁନିଆ ଓ ବିଘ୍ନଙ୍କୁ ଘରକୁ ନେଇ ଆସିଥିଲେ। ସୋମବାର ପୁନିଆଙ୍କ ଦେହ ଅସୁସ୍ଥ ହେବାରୁ ଆଠଗଡ଼ ଡାକ୍ତରଖାନା ନିଆଯାଇଥିଲା। ଅନ୍ୟପଟେ ବିଘ୍ନଙ୍କୁ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ପୁନିଆଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପୁନିଆଙ୍କ ମା' ବାଉରୀ ନାଏକ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୩୦/୨୩) ରୁଜୁ କରିଛି।

## ପତିତପାବନ ଦେବଙ୍କ ଦାରୁ ସଂଗ୍ରହ ପାଇଁ ବନଯାଗ ଯାତ୍ରା

ମାଣିଆବନ୍ଧ,୨।୩(ଡି.ଏନ୍.ଏ.)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ଗ୍ରାମର ଶ୍ରୀ ଶ୍ରୀ ପତିତପାବନ ଦେବଙ୍କ ଦାରୁ ସଂଗ୍ରହ ନିମନ୍ତେ ଦିନିଆରୀ ଗ୍ରାମରେ ବନଯାଗ ଯାତ୍ରା ଆରମ୍ଭ ହୋଇଛି। ଏନେଇ ସକାଳୁ ସୂର୍ଯ୍ୟପୂଜା,ଗୋପୂଜା, ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇ ନୃସିଂହ ମନ୍ତ୍ର ଉଚ୍ଚାରଣ ପରେ ପୂର୍ଣ୍ଣାହୁତି ଦିଆଯାଇ ଦାରୁ ଛେଦନ କରାଯାଇଥିଲା। ଏଥିରେ ମନ୍ଦିର ପୂଜାରୀ ନିତ୍ୟାନନ୍ଦ ମହାପାତ୍ର, ପଣ୍ଡିତ ପବିତ୍ର ଦାସ, ଚତୁର୍ଭୁଜ ଦାସ ଓ ସୁଶାନ୍ତ ଶତପଥୀ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ପୀତବାସ ସାହୁ କର୍ତ୍ତା ଓ ସ୍ତ୍ରୀ ଭାବିନି ସାହୁ କର୍ତ୍ତ୍ରୀ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମ ଦେବତୀ ମା'ଦଳଭଣି, କାଳୀକା କାମେନା, ମା'ମଙ୍ଗଳା ପାଖରେ ଆଜ୍ଞା ପୂଜା କରାଯାଇଥିଲା। ମାଣିଆବନ୍ଧର ଦଳଭଣି ମା'ଙ୍କ ସ୍ୱପ୍ନାଦେଶ ପରେ ଆଦେଶ ମୁତାବକ ଦାରୁ ଚିହ୍ନଟ କରାଯାଇ ଛେଦନ କରାଯାଇଛି ଓ ଗୁରୁବାର ସକାଳୁ ନୂତନ ଶଗଡି ମାଧ୍ୟମରେ ନେଇ ଶତାଧିକ ଭକ୍ତ ଏହାକୁ ନେଇ ଶୋଭାଯାତ୍ରାରେ ଚାଲି ଚାଲି ମାଣିଆବନ୍ଧରେ ପହଞ୍ଚିଛନ୍ତି। ମାଣିଆବନ୍ଧ ସାହିର ସଭାପତି କାର୍ତ୍ତିକ ଚନ୍ଦ୍ର ସାହୁ ,ଭଗବାନ ସାହୁ, କୃଷ୍ଣଚନ୍ଦ୍ର ବେହେରା, ସର୍ବେଶ୍ୱର ସାହୁ, ଅଜୟ କୁମାର ସ୍ୱାଇଁ, ସରୋଜ ମହାପାତ୍ର, ଦୀନବନ୍ଧୁ ବେହେରା ଓ ଆନନ୍ଦ ବେହେରା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଡ୍ରିମ୍‌ସ ଆଇଟିଆଇ କ୍ରୀଡ଼ା ଉଦ୍‌ଯାପିତ

କଟକ ଅଫିସ, ୨।୩:

ଟାଙ୍ଗୀସ୍ଥିତ ଡ୍ରିମ୍‌ସ ଆଇଟିଆଇର ୧୭ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଡ୍ରିମ୍‌ସ ଓ ପଦ୍ମିନୀ କେୟାର ହସ୍ପିଟାଲର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଆୟୋଜିତ ଉତ୍ସବରେ କ୍ରୀଡାବିତ୍ ଗଣେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ନିରନ୍ତର ପ୍ରଚେଷ୍ଟା ଓ ଆତ୍ମବିଶ୍ୱାସ ଥିଲେ ଜଣେ ସଫଳତାର ଶୀର୍ଷରେ ପହଞ୍ଚି ପାରିବ। ସେହିପରି ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, କୁନି ପର୍ବତାରୋହୀ ଆରାଧ୍ୟା ଜେନା ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷାନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ସୁନୟ ମିଶ୍ର ବିବରଣୀ ପାଠ, ଉପାଧ୍ୟକ୍ଷ ପ୍ରଶାନ୍ତ ନାୟକ ସ୍ୱାଗତ ଭାଷଣ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଅତିଥି ପରିଚୟ ଓ ପ୍ରଶିକ୍ଷକ ପ୍ରଦୀପ୍ତ କୁମାର ବଳ ଧନ୍ୟବାଦ ଦେଇଥିଲେ।



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ଫଜୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ, ଫାଇନାଲରେ ଯୁବଜ୍ୟୋତି କ୍ଲବ

ତିଗିରିଆ,୨।୩(ଡି.ଏନ୍.ଏ)

ତିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳ ସ୍ଥିତ ଇନ୍ଦିରାଗାନ୍ଧୀ ମିନି ଷ୍ଟାଡିୟମରେ ଯୁବଜ୍ୟୋତି କ୍ଲବ ଦ୍ୱାରା ଆୟୋଜିତ ୧୬ତମ ଫଜୁଲ ସ୍ମାରକୀ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ମ୍ୟାଚରେ ଶାରଳା କ୍ଲବ ଗୁଣ୍ଡିଚାପଡ଼ା (ଢେଙ୍କାନାଳ )କୁ ୨-୧ ଗୋଲରେ ପରାସ୍ତ କରି ଯୁବଜ୍ୟୋତି କ୍ଲବ ପଙ୍କାଳ (କଟକ) ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମ ୩୦ ମିନିଟ୍‌ରେ ଯୁବଜ୍ୟୋତି କ୍ଲବର ଖେଳାଳି ଚନ୍ଦନ ପ୍ରଧାନ ପ୍ରଥମ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ । ଦ୍ୱିତୀୟାର୍ଦ୍ଧରେ ଶାରଳା କ୍ଲବର ଖେଳାଳି କାଳିଆ ରାଉତ ଗୋଟିଏ ଗୋଲ ସ୍କୋର କରି ଖେଳକୁ ସମାନ ସ୍ଥିତିକୁ ଆଣିଥିଲେ। ପରେ ଯୁବଜ୍ୟୋତି ର ଖେଳାଳି ଦୀପକ ନାଏକ ଏକ ଗୋଲ ସ୍କୋର କରି ଫାଇନାଲରେ ପ୍ରବେଶ କରିଥିଲେ। ମୁଖ୍ୟ ଅତିଥି ଭାବେ ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ସମ୍ମାନିତ ଅତିଥି ବିନ୍ଧାଣିମା ସରପଞ୍ଚଙ୍କ ପ୍ରତିନିଧି ମାନସ ଜେନା ଯୋଗଦେଇଥିଲେ। ଖେଳକୁ ରେଫରି ଆଶୀର୍ବାଦ କାନୁନଗୋ ପରିଚାଳନା କରିଥିଲେ। ଆଲୋକ ଦେଉରୀ ଓ ଧନେଶ୍ୱର ସରଦାର ସହଯୋଗ କରିଥିଲେ । ୪ର୍ଥ ରେଫରି ଭାବେ ମହମ୍ମଦ ଅନାସ ଅହମ୍ମଦ ଦାୟିତ୍ୱ ସମ୍ପନ୍ନ କରିଥିଲେ । ଶୁକ୍ରବାର ୨ୟ ସେମିଫାଇନାଲ ମ୍ୟାଚ ପପୁଲାର କ୍ଲବ ନରଣପୁର (ଢେଙ୍କାନାଳ ) ଓ ପ୍ରତାପ କ୍ଲବ( କଟକ )ମଧ୍ୟରେ ଖେଳାଯିବ।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ଗଣ୍ଡରପୁର ଦଳ ବିଜୟୀ

ବାଙ୍କୀ,୨।୩(ସ୍ୱ.ପ୍ର.): ବାଙ୍କୀ କ୍ରୀଡା ସଂସଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ୪ର୍ଥ ଦିନ ଖେଳ ଗୁରୁବାର କଚେରି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଯଦୁମଣି ଫୁଟବଲ କ୍ଲବ ନୟାଗଡ଼ ଓ ଗଣ୍ଡରପୁର ଫୁଟବଲ କ୍ଲବ ଭୁବନେଶ୍ୱର ମଧ୍ୟରେ ଏହି ମ୍ୟାଚ ଖେଳାଯାଇଥିଲା। କ୍ରୀଡା ସଂସଦ ଉପଦେଷ୍ଟା ଧର୍ମପ୍ରସାଦ ମଙ୍ଗରାଜ ଓ ପ୍ରେସ୍‌କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଞ୍ଜୀବ କୁମାର ଦାସ ରେଫରି ଭାବେ ଖେଳ ପରିଚାଳନା କରିଥିବା ବେଳେ ନିତ୍ୟାନନ୍ଦ ପ୍ରଧାନ, ସବ୍ୟସାଚୀ ଦଳେଇ, ଶୁଭେନ୍ଦୁ ବେହେରା ଓ ଅମୂଲ୍ୟ ସାମଲ ଲାଇନ୍ସ ମ୍ୟାନ ଭାବେ କାର୍ଯ୍ୟ କରିଥିଲେ। ଭୁବନେଶ୍ୱର ଗଣ୍ଡରପୁର ଦଳ ନୟାଗଡ଼ ଯଦୁମଣି ଫୁଟ୍‌ବଲ କ୍ଲବକୁ ୧-୦ ଗୋଲରେ ପରାସ୍ତ କରି ପ୍ରଥମେ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଖେଳ ବାଙ୍କୀ ଆଥଲେଟିକ ଆସୋସିଏଶନ ଓ ଭୁବନେଶ୍ୱର ଗଣ୍ଡରପୁର ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ସମ୍ପାଦକ ସନ୍ତୋଷ କୁମାର ରଣା କହିଛନ୍ତି।

# ୪ କଲ୍ୟାଣ ମଣ୍ଡପ ନିର୍ମାଣ ହେବ

**ଚୌଦ୍ୱାର ପୌରପାଳିକା ବଜେଟ ଅଧିବେଶନ**

ଚୌଦ୍ୱାର,୨।୩(ଡି.ଏନ୍.ଏ.)

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଚୌଦ୍ୱାର ପୌରପାଳିକାର ବଜେଟ ଆଲୋଚନା ଲାଗି ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାୟ ୫୦ କୋଟି ଟଙ୍କାର ଉନ୍ନୟନ କାର୍ଯ୍ୟ ପାଇଁ ବଜେଟ ପ୍ରସ୍ତୁତ କରାଯାଇଛି। ଏଥିସହିତ ପୌରପାଳିକାର ଆୟ ବୃଦ୍ଧି ଦିଗରେ ବିଶେଷ ଆଲୋଚନା ହୋଇଥିଲା। ପୌରପାଳିକା ଅଧୀନରେ ଥିବା କଲ୍ୟାଣ ମଣ୍ଡପ, ଟାଉନ୍ ହଲ ଓ ମାର୍କେଟ କମ୍ପ୍ଲେକ୍ସ ବାବଦ ଭଡ଼ା ଦୀର୍ଘଦିନ ଧରି ବୃଦ୍ଧି କରାଯାଇନାହିଁ। ତେଣୁ ଏଥିରେ ସଂଶୋଧନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ୪ଟି ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ, ପୁରୁଣା ଟାଉନ୍‌ହଲ ସ୍ଥାନରେ ବିଜୁ ଭବନ ନିର୍ମାଣ, ୬ଟି ମଡେଲ ଶ୍ମଶାନ ଓ ଉନ୍ନତ ଗୋଶାଳା ସହିତ ବିଭିନ୍ନ ସ୍ଥାନରେ ଉନ୍ନତ ମାନର ଶୌଚାଳୟ ନିର୍ମାଣ ପାଇଁ ବଜେଟ ପ୍ରସ୍ତୁତ ହୋଇଥିବା ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ସୂଚନା ଦେଇଛନ୍ତି। ଚୌଦ୍ୱାର ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପଦକ୍ଷେପ ଉପରେ ବଜେଟରେ ବ୍ୟବସ୍ଥା ହୋଇଛି। ଏହି ବୈଠକରେ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ଯନ୍ତ୍ରୀ ଶୁଭଶ୍ରୀ ବେହେରା, ମହାଦେବ ପ୍ରସାଦ ଜେନା, ଦେବାଶିଷ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପାଣିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅଧିକାରୀଙ୍କ ବିନା ଅନୁମତିରେ ଉନ୍ନୟନ କାର୍ଯ୍ୟ ହେଉନି

**ସରପଞ୍ଚଙ୍କ ବିଭିନ୍ନ ସମସ୍ୟା ନେଇ ବୈଠକ**

ବାଙ୍କୀ,୨।୩(ସ୍ୱ.ପ୍ର.)

ଡମପଡ଼ା ବ୍ଲକ ପାଥପୁର ପଞ୍ଚାୟତ କାଳୀକା ପ୍ରସାଦଠାରେ ସରପଞ୍ଚଙ୍କ ବିଭିନ୍ନ ସମସ୍ୟା ଓ ଦାବି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁରେନ୍ଦ୍ରନାଥ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ବାରଙ୍ଗ ବ୍ଲକର ସରପଞ୍ଚମାନେ ଯୋଗଦେଇଥିଲେ। ବୈଠକରେ ସରପଞ୍ଚମାନେ ବ୍ଲକ ଅଧିକାରୀଙ୍କ ବିନା ଅନୁମତିରେ ପଞ୍ଚାୟତର କୌଣସି କାର୍ଯ୍ୟ କରିପାରୁ ନ ଥିବା କହିଛନ୍ତି। ଫଳରେ ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତିଗୁଡିକ ପୂରଣ ହୋଇପାରୁନାହିଁ। ବିଧବା, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା ବିଡିଓଙ୍କ ବିନା ଅନୁମତିରେ ହୋଇପାରୁନି। ଏଥିସହ ସରପଞ୍ଚଙ୍କ ଦରମା ବୃଦ୍ଧି, ଅବସରକାଳୀନ ଭତ୍ତା, ଗସ୍ତ ଖର୍ଚ୍ଚ, ସ୍ୱାସ୍ଥ୍ୟବୀମା ଆଦି ୫ଦଫା ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ବାଙ୍କୀ, ଡମପଡ଼ା ଓ ବାରଙ୍ଗ ବ୍ଲକ ଅନ୍ତର୍ଗତ ବିଭିନ୍ନ ସରପଞ୍ଚଙ୍କୁ ନେଇ ଏକ ମହାସଂଘ ଗଠନ କରାଯାଇଛି। ସରପଞ୍ଚ ନରେଶ ଚନ୍ଦ୍ର ବେଉରା ଓ ଗୀତାଞ୍ଜଳି ସାମଲ ବୈଠକ ପରିଚାଳନା କରିଥିବା ବେଳେ ସରପଞ୍ଚ ସୁକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।



ବୈଠକରେ ଯୋଗଦେଇଥିବା ସରପଞ୍ଚ ଓ ଅନ୍ୟମାନେ।

## ସଂକ୍ଷେପରେ

### ଟେଲର ଦୋକାନ ତାଲା ଭାଙ୍ଗି ଚୋରି

**ଯାଁଳା,୨।୩(ଡି.ଏନ.ଏ):** ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ବଜାର ଅଞ୍ଚଳରେ ଏକ ମହିଳା ଟେଲର ଦୋକାନ ତାଲା ଭାଙ୍ଗି କୌଣସି ଦୁର୍ବୃତ୍ତ ୧୦ହଜାର ଟଙ୍କା ଏବଂ କିଛି ଶାଢ଼ି ଚୋରି କରି ନେଇଛନ୍ତି। ଖବର ଅନୁଯାୟୀ ମେଘମାଳା ମେଘମାଳା ରଣବିଜୁଳିଙ୍କ ଯାଁଳା ବଜାରରେ ପଲିକା ବୁଟି ନାମକ ଏକ ଟେଲର ଦୋକାନ ଅଛି। ସେ ସବୁଦିନ ପରି ବୁଧବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ପରଦିନ ସକାଳୁ ଦୋକାନ ଖୋଲିବା ପାଇଁ ଆସି ଦେଖିବା ବେଳେ ଦୋକାନର ଦୁଇଟି ଯାକ ତାଲା ଭଙ୍ଗାଯାଇଥିବା ବେଳେ କ୍ୟାଶ ଡ୍ର ଭିତରେ ଥିବା ୧୦ ହଜାର ଟଙ୍କା ଏବଂ କିଛି ଶାଢ଼ି ଯାହାର ମୂଲ୍ୟ ୪ ହଜାର ଟଙ୍କା ହେବ ଚୋରି କରି ନେଇଯାଇଛି। ଏ ନେଇ ସେ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

### ବିଧବାଙ୍କ ଭିଡିଓ ଭାଇରାଲ ଧମକ, ଯୁବକ ଗିରଫ

**ଭୁବନେଶ୍ୱର,୨।୩ (ବ୍ୟୁରୋ):** ସୋସିଆଲ ମିଡିଆରେ ପରିଚିତ ହୋଇ ବିଧବା ମହିଳାଙ୍କ ସହ ବନ୍ଧୁତା ସ୍ଥାପନ କଲେ। ପରେ ବିବାହର ପ୍ରତିଶ୍ରୁତି ଦେଇ ନିଶା ମେଡିସିନ ଖୁଆଇ ଶାରୀରିକ ସମ୍ପର୍କ ରଖିବା ପରେ ଭିଡିଓ ଭାଇରାଲ ଧମକ ସହ ଦୁର୍ବ୍ୟବହାର କଲେ। ଏନେଇ ପୀଡିତାଙ୍କ ଅଭିଯୋଗ ପରେ ମଞ୍ଚେଶ୍ୱର ଥାନା ପୋଲିସ ସଂପୃକ୍ତ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ସଦର ଥାନା ଅଞ୍ଚଳର ଅଭିଷେକ ଛୁଆଳସିଂ(୩୫)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁସାରେ, ବିଧବା ମହିଳା ଜଣକ ସରକାରୀ କର୍ମଚାରୀ ହୋଇଥିବାବେଳେ ତାଙ୍କର ଏକ ୧୦ ବର୍ଷର ଝିଅ ଅଛନ୍ତି। ସୋସିଆଲ ମିଡିଆରୁ ଅଭିଯୁକ୍ତ ଅଭିଷେକଙ୍କ ସହ ପରିଚୟ ହୋଇଥିଲା। ଅଭିଯୁକ୍ତ ଜଣକ ତାଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ପୀଡିତାଙ୍କ ଘରକୁ ଆସି କଥାବାର୍ତ୍ତା ହୋଇ ସମ୍ପର୍କ ବଢ଼ାଇଥିଲେ। ବାହାଘରର ୨ ମାସ ପୂର୍ବରୁ ସ୍ତ୍ରୀ ତାଙ୍କୁ ଛାଡି ଆଉ କାହା ସହ ପଳାଇଥିବା କହି ବିଧବାଙ୍କ ମନରେ ତାଙ୍କ ପ୍ରତି ସହାନୁଭୂତି ସୃଷ୍ଟି କରିଥିଲେ। ଏଥିସହ ନାନା ଛଳନା କରି ଉକ୍ତ ମହିଳାଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ। ତେଣୁ ପୀଡିତା ମହିଳା ମା'ବାପାଙ୍କ ସହ ଆଲୋଚନା କରି ନିଷ୍ପତ୍ତି ଜଣାଇବାକୁ ସମୟ ମାଗିଥିଲେ । ଏହା ଭିତରେ ପୀଡିତାଙ୍କ ବାପା ଜାଣିବାକୁ ପାଇଲେ ଯେ, ଅଭିଯୁକ୍ତ ଅଭିଷେକଙ୍କର ୩ଟି ସନ୍ତାନ ଅଛନ୍ତି। ତେଣୁ ପୀଡିତା ବିଧବା ମହିଳା ଜଣକ ବାହା ହେବାକୁ ମନା କରିବା ସହ କଥା ହେବାକୁ ବାରଣ କରିଥିଲେ। ଏଥିରେ ରାଗିଯାଇ ଅଭିଯୁକ୍ତ ଅଭିଷେକ ପୀଡିତାଙ୍କୁ ଜୀବନରୁ ମାରିଦେବାକୁ ଧମକ ସହ ନିଶା ଖୁଆଇ କିଛି ଖରାପ ଭିଡିଓ ଉତ୍ତୋଳନ କରି ଭାଇରାଲ କରିବାକୁ ଧମକ ଦେଇଥିଲେ। ଏନେଇ ମହିଳା ଜଣକ ଥାନାରେ ଦ୍ୱାରସ୍ଥ ହୋଇଥିଲେ।

### ରତନପୁର ବିଜ୍ଞାନ କଲେଜ ସଫ୍ଟବଲ୍ ଚାମ୍ପିୟନ

**ପୁରୀ ଅଫିସ,୨।୩:** ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ ମହାବିଦ୍ୟାଳୟ ସଫ୍ଟବଲ୍ ପ୍ରତିଯୋଗିତା ଗୁରୁବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଉକ୍ତ ପ୍ରତିଯୋଗିତାରେ ୧୦ଟି ମହାବିଦ୍ୟାଳୟର ଦଳ ଭାଗ ନେଇଥିଲେ। ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଅଧକ୍ଷା ଡ. ସୁଜାତା ମିଶ୍ର ଓ ଏକାଡେମିକ ଗୌରୀଶଙ୍କର ମଲ୍ଲିକ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଅସ୍ତରଙ୍ଗସ୍ଥିତ ରତନପୁର ବିଜ୍ଞାନ କଲେଜ ଏବଂ ଯାଜପୁରସ୍ଥିତ ଏନ୍‌ସି ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ରତନପୁର ବିଜ୍ଞାନ କଲେଜ ବିଜୟ ଲାଭ କରି ଉତ୍କଳ ବିଶ୍ୱବିଶ୍ୱାଳୟ ଚାମ୍ପିୟନ ହୋଇଛି। ମହାବିଦ୍ୟାଳୟର କ୍ରୀଡ଼ା ସଂସଦର ଉପାଧକ୍ଷ ଗୌତମ ସେଠୀ, ଉପାଧକ୍ଷ କ୍ରୀଡ଼ା ସଂସଦ ଦିଲୀପ ସ୍ୱାଇଁ, କେ.ସି. ମଲ୍ଲିକ୍ ଓ ଗୁରୁ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ବିଜେତା ଦଳ ଏବଂ ଉପବିଜେତା ଦଳକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ଚୟନକର୍ତ୍ତା ରଞ୍ଜନ ସୂତାର ଓ ବିଭୂ ପ୍ରସାଦ ରଥ ଯୋଗଦାନ କରିଥିଲେ। ଉକ୍ତ ପ୍ରତିଯୋଗିତାର ପୁରୀ ତଥା ଆନ୍ତର୍ଜାତିକ ସଫ୍ଟବଲ ଖେଳାଳି ମନୋଜ କୁମାର ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାକୁ ସୌମେନ୍ଦ୍ର ହରିଚନ୍ଦନ, ରାଜ କିଶୋର ପଟ୍ଟନାୟକ, ରଞ୍ଜନ ରଥ, ସୌଭାଗ୍ୟ ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ।

# 'ମହିଳାଙ୍କ କାର୍ଯ୍ୟଦକ୍ଷତା ବଢ଼ିବ'



**ଖୋର୍ଦ୍ଧା ଅଫିସ,୨।୩**

### ୪୫ଜଣଙ୍କୁ ସାଇକେଲ ବଣ୍ଟନ

ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱର ଗୋଷ୍ଠୀ ସହଭାଗିତା ଉତ୍ସବ ଓ ସାଇକେଲ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଖୋର୍ଦ୍ଧା ପୌରାଞ୍ଚଳ ଆନୁକୂଲ୍ୟରେ ଜୟୀ ରାଜଗୁରୁ ଟାଉନ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ସମାଜ ବିକାଶରେ ମହିଳାଙ୍କ ସହଭାଗିତାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଆଜିର ମହିଳାମାନେ ଆଉ ଘର ଚାରିକାନ୍ଥରେ ସୀମିତ ହୋଇ ରହିନାହାନ୍ତି, ବରଂ ଆତ୍ମନିର୍ଭର ହେବା ସହ ରାଜ୍ୟ ସରକାରଙ୍କ ବିକାଶରେ ସହଭାଗୀ ହୋଇ ପ୍ରଗତି ପଥରେ ଆଗେଇ ଚାଲିଛନ୍ତି। ସବୁ କ୍ଷେତ୍ରରେ ମହିଳାଙ୍କ ଦକ୍ଷତା ବିକାଶକୁ ସରକାର ଗୁରୁତ୍ୱ ଦେଉଛନ୍ତି। ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ମହିଳାଙ୍କର ଏକ ପ୍ରମୁଖ ଭୂମିକା ରହିଛି ବୋଲି ବିଧାୟକ ମିତ୍ର କହିଥିଲେ। ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ନିର୍ବାହୀ ଅଧିକାରୀ ରିଜୱାନା କିଅକପ ଉପସ୍ଥିତ ଥିଲେ। ଖୋର୍ଦ୍ଧା ପୌରାଞ୍ଚଳରେ କାର୍ଯ୍ୟରତ ୪୫ଜଣ ଜଳସାଥୀ, ଆହାର କର୍ମୀ, ସ୍ୱଚ୍ଛକର୍ମୀ ଓ ସ୍ୱଚ୍ଛ ସୁପରଭାଇଜରଙ୍କୁ ସୂଚନା ଦିଆଯାଇଛି। ଏହା ମହିଳାଙ୍କ କାର୍ଯ୍ୟ ଦକ୍ଷତାରେ ସହାୟକ ହେବ ବୋଲି ଉପାଧକ୍ଷ ମହାନ୍ତି କହିଥିଲେ। ଏହି କାର୍ଯ୍ୟକ୍ରମରେ ହାତ ଗଣତି କାଉନସିଲର ମାନଙ୍କୁ ବାଦ୍ ଦେଲେ ଅନ୍ୟ କାଉନସିଲର ଅନୁପସ୍ଥିତ ଥିଲେ। ଏନେଇ ସାଧାରଣରେ ନାନା ଚର୍ଚ୍ଚା ଚାଲିଛି।

## ସ୍ୱଚ୍ଛସାଥୀଙ୍କୁ ସାଇକେଲ ବଣ୍ଟନ

**ବାଣପୁର/ଗମ୍ଭାରୀମୁଣ୍ଡା/ ଜଟଣୀ, ୨।୩(ଡି.ଏନ୍.ଏ.)**

ସହରାଞ୍ଚଳର ମହିଳାମାନଙ୍କୁ କାର୍ଯ୍ୟ କରିବାର ଆଗ୍ରହ ବଢାଇବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଲୋକସେବା ଭବନସ୍ଥିତ କନଭେନଶନ ହଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସହରାଞ୍ଚଳରେ କାମ କରୁଥିବା ୮ହଜାର ମିଶନ ଶକ୍ତି ଗ୍ରୁପ, ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ଜଳସାଥୀ ଏବଂ ସ୍ୱଚ୍ଛସସୀ ସୁପରଭାଇଜରଙ୍କ ମଧ୍ୟରେ ସାଇକେଲ ବଣ୍ଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ବାଣପୁର ଏନ୍ଏସିରେ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇ ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ଜଳସାଥୀ ସୁପରଭାଇଜର ଭାବରେ କାର୍ଯ୍ୟରତ ମହିଳାମାନଙ୍କୁ ସାଇକେଲ ପ୍ରଦାନ କରାଯାଇଛି। ବାଣପୁର ଏନ୍ଏସି ଅଧକ୍ଷ ମିଟୁ ନାୟକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଓ ଉପାଧକ୍ଷାଙ୍କ ସହ ସମସ୍ତ କାଉନସିଲର ଉପସ୍ଥିତ ରହି ୨୧ଜଣଙ୍କୁ ସାଇକେଲ ବଣ୍ଟନ କରିଥିଲେ। ଏହାକୁ ହାଉସିଂ ଅର୍ବାନ ଡେଭଲପମେଣ୍ଟର ଅନୁଦାନରୁ କାର୍ଯ୍ୟକାରୀ କରାଯିବାର ନିର୍ଦ୍ଦେଶ ଥିବା ଜଣାଯାଇଛି। ସେହିଭଳି ଜଟଣୀ ପୌର ପରିଷଦ ଅନ୍ତର୍ଗତ ସ୍ରଷ୍ଟା ଟାଉନ ହଲରେ ଗୋଷ୍ଠୀ ସହାଭାଗିତା ଉତ୍ସବରେ ୭୧ଜଣ ଜଳସାଥୀ, ସ୍ୱଚ୍ଛସାଥୀ, ଆହାରକର୍ମୀ, ସ୍ୱଚ୍ଛ କର୍ମୀ ଓ ସ୍ୱଚ୍ଛ ସୁପରଭାଇଜରଙ୍କୁ ସାଇକେଲ ପ୍ରଦାନ କରାଯାଇଛି। ଉତ୍ସବରେ ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ ସାମିଲ ହୋଇ କହିଛନ୍ତି, ଏଥର ଜଟଣୀ ପୌର ପରିଷଦର କର୍ମଜୀବୀ ମହିଳାମାନଙ୍କର ଯାତାୟାତ ସହଜ ହେବ। ମା'ମାନେ ବହୁତ ଭଲ କାମ କରୁଛନ୍ତି। ଜଟଣୀ ପାଇଁ ସେମାନଙ୍କ ଅବଦାନ ଅତୁଳନୀୟ। ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ମିଶନ ଶକ୍ତି ମା'ମାନଙ୍କୁ ସାରା ଓଡ଼ିଶାରେ ମୋଟ ୮୦୦୦ ସାଇକେଲ ବଣ୍ଟନ କରୁଛି। ଜଟଣୀରେ ୫ଜଣ ଜଳସାଥୀ, ୨୦ଜଣ ସ୍ୱଚ୍ଛ ସାଥି, ୪ ଆହାର କର୍ମୀ, ୩୭ ସ୍ୱଚ୍ଛ କର୍ମୀ, ୫ ସୁପରଭାଇଜର ଏଭଳି ମୋଟ ୭୧ଜଣଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟ, ପୌର ଅଧକ୍ଷ ଅନନ୍ତ ବେହେରା, ପୌର ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ନ୍ୟାୟ ମାଗୁଛି ନୂତନ ପେନ୍‌ସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ

**ଭୁବନେଶ୍ୱର,୨।୩(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ ନେଇ ୨୦୨୨ ଅକ୍ଟୋବରରେ ଘୋଷଣା କରିଥିଲେ। ଏହି ନିର୍ଦ୍ଦେଶନାମା ୨୦୧୩ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ କ୍ଷେତ୍ରରେ ଲାଗୁ କରାଯାଇନାହିଁ। ଏହାକୁ ନେଇ ବାରମ୍ବାର ପ୍ରତିବାଦ କରାଯାଉଛି। ଏହି ନିର୍ଦ୍ଦେଶନାମା ଶିକ୍ଷକ-ଶିକ୍ଷକ ମଧ୍ୟରେ ଦରମା ଏବଂ ଚାକିରୀର ବରିଷ୍ଠତାକୁ ନେଇ ଅସଙ୍ଗତି ସୃଷ୍ଟି କରିଥିବା ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି। ୨ ଦଫା ଦାବି ପୂରଣ ନେଇ ସରକାର ପ୍ରତିଶ୍ରୁତି ଦେବା ପରେ ଶିକ୍ଷୟତ୍ରୀ ଶିକ୍ଷକମାନେ ଆନ୍ଦୋଳନରୁ ଓହ୍ଲାଇଥିଲେ। ତେବେ ଦାବି ପୂରଣ ପରିବର୍ତ୍ତେ ସରକାର ଷ୍ଟେପ୍-ଅପ୍-ପେ ନିୟମ ଆଧାରରେ ପୁନଃ ମୋଡାଲିଟି କରୁଥିବା ଖବର ମିଳିଥିବା ସଂଘର ସଂପାଦକ ଅମରେନ୍ଦ୍ର ସ୍ୱାଇଁ କହିଛନ୍ତି। ତେଣୁ ବିଜୁବାବୁଙ୍କ ଜୟନ୍ତୀ ଅବସରରେ ସରକାର ୨୦୦୪ ରୁ ୨୦୨୨ ବ୍ୟାଚର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମାନ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ସଂଘର ମହାସଚିବ ବିଶ୍ୱଜିତ ବିଶ୍ୱାଳ, ମିଡିଆ ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା କହିଛନ୍ତି।

# ଚାଚେରୀ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

### ଶ୍ରୀମନ୍ଦିରରେ ଦୋଳଯାତ୍ରା ନୀତି ଆରମ୍ଭ

**ପୁରୀ ଅଫିସ, ୨।୩**



ଫଗୁ ଦଶମୀ ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ରତ୍ନସିଂହାସନାରୂଢ଼ ଶ୍ରୀବିଗ୍ରହମାନଙ୍କର ଚାଚେରୀ ବେଶ ଅନୁଷ୍ଠିତ ହୋଇଯାଇଛି। ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପ୍ରତିଦିନ ମଧ୍ୟାହ୍ନ ଧୂପ ପରେ ଠାକୁରମାନଙ୍କୁ ଚାଚେରୀ ବେଶ କରାଯାଇଥାଏ। ଗୁରୁବାର ମଧ୍ୟାହ୍ନ ଧୂପ ପରେ ତିନିବାଡ଼ରେ ମଇଲମ କରାଯାଇ ଠାକୁରମାନଙ୍କୁ ବୋଇରାଣୀ ମାଧାବଳୀ ନୂତନ ପାଟବସ୍ତ୍ର ଲାଗି ହୋଇଥିଲା। ଚାଚେରୀ ବେଶରେ ଠାକୁରମାନେ ଲାଲବର୍ଣ୍ଣର ବସ୍ତ୍ର ପରିଧାନ କରିଥିଲେ। ପାଳିଆ ମେକାପ ଭଣ୍ଡାରଘରୁ ଚନ୍ଦନ ଆଣିବା ପରେ ତିନିବାଡ଼ରେ ସର୍ବାଙ୍ଗ ନୀତି ବଢ଼ିଥିଲା। ପରେ ରତ୍ନସିଂହାସନରେ ତିନିବାଡ଼ରେ ଚାଚେରୀ ବେଶ ବଢିଥିଲା। ଶ୍ରୀଜଗନ୍ନାଥ ଏବଂ ଶ୍ରୀବଳଭଦ୍ର ନଳି ଭୁଜ ପରିଧାନ କରିବା ସହ ତାବିଜ ମାଳ, ପଦ୍ମ ମାଳି, ହରଡ଼ ମାଳି, କୁଣ୍ଡଳ, ଚନ୍ଦ୍ରିକା, ଅଣ୍ଟା ପଟି, ଛମୁଡ଼ି ଅଳଙ୍କାର ଇତ୍ୟାଦି ସ୍ୱର୍ଣ୍ଣ ଅଳଙ୍କାର ଲାଗି ହେବା ସହ ଦେବୀ ସୁଭଦ୍ରା ଚନ୍ଦ୍ର ସୂର୍ଯ୍ୟ ଓ ତଡ଼ଗି ଲାଗି ସହ ପୁଷ୍ପ ଅଳଙ୍କାରରେ ସଜ୍ଜିତ ହୋଇଥିଲେ।

ଏହି ବେଶ ପୂର୍ବରୁ ମହାଜନଙ୍କ ଦ୍ୱାରା ଭୂଦେବୀ, ଶ୍ରୀଦେବୀ ଦକ୍ଷିଣୀଘରକୁ ବିଜେ ହୋଇ ବେଶ ହୋଇଥିଲେ। ପରେ ଚାଚେରୀ ଭୋଗ ଛାମୁକୁ ଆସିଥିଲା। ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀଦୋଳଗୋବିନ୍ଦ ସିଂହାସନକୁ ବିଜେ ହେଲା ପରେ ପଞ୍ଚୋପଚାରରେ ଚାଚେରୀ ଭୋଗ ବଢିଥିଲା। ପୂଜାପଣ୍ଡା ସାମନ୍ତେ, ପତି ମହାପାତ୍ରେ ଓ ମୁଦିରସ୍ତଙ୍କ ଦ୍ୱାରା ଫଗୁ ଲାଗି ସହ ବନ୍ଦାପନା ହୋଇଥିଲେ। ମୁଦିରସ୍ତ ସିଂହାସନ ତଳେ ଝିମିରି ଫଗୁ ଅଞ୍ଜଳି ସହ ଶ୍ରୀଅଙ୍ଗରେ ଫଗୁ ଲାଗି କରିଥିଲେ। ଆଜ୍ଞାମାଳ ପାଇବା ପରେ ଶ୍ରୀଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ଜଗନ୍ନାଥବଲ୍ଲଭ ମଠକୁ ବିଜେ ହୋଇଥିଲେ। ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ବଢ଼ି ସନ୍ଧ୍ୟାଧୂପ ନିମନ୍ତେ ପାଣି ପଡ଼ିଥିଲା। ଜଗନ୍ନାଥ ବଲ୍ଲଭରେ ଜଉ ଡାବଖେଳ, ଫଗୁ ବନ୍ଦାପନା, ଶୀତଳ ଭୋଗ ସରିବା ପରେ ବିଜେ ପ୍ରତିମାମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପରେ ପାଣି ଲାଗି ହୋଇ ଭୂଦେବୀ, ଶ୍ରୀଦେବୀ ରତ୍ନସିଂହାସନ ଏବଂ ଦୋଳ ଗୋବିନ୍ଦ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ଫଗୁ ଦଶମୀଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଚଳନ୍ତି ପ୍ରତିମା ଜଗନ୍ନାଥ ବଲ୍ଲଭକୁ ଆସି ନୀତି ସମ୍ପାଦନ କରିବେ। ଚତୁର୍ଦ୍ଦଶୀ ଓ ଦୋଳପୂର୍ଣ୍ଣିମା ଦିନ ଠାକୁର ଦୋଳବେଦି ପରିସରକୁ ଯାଇନୀତି ସମ୍ପାଦନ କରିବେ। ଏଥିପାଇଁ ଦୋଳବେଦି କାର୍ଯ୍ୟ ଆଗେଇ ଚାଲିଛି।

## ୬ ନମ୍ବର ଜୋନରୁ ସଭ୍ୟା ହେଲେ ସଂଯୁକ୍ତା



୬ ନଂ ଜୋନ୍‌ର ସଭ୍ୟ ସଂଯୁକ୍ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

**ବାଲୁଗାଁ,୨।୩(ଡି.ଏନ୍.ଏ.)**

ଓଡ଼ିଶା ରାଜ୍ୟ ସମବାୟ ମହାସଂଘର ସଭ୍ୟ ପଦବୀ ନିର୍ବାଚନ ସରିଛି। ମୋଟ ୨୧ଟି ଜୋନରେ ନିର୍ବାଚନ ହୋଇଥିଲା। ଏହି ନିର୍ବାଚନରେ ୬ ନମ୍ବର ଜୋନରୁ ସଂଯୁକ୍ତା ସ୍ୱାଇଁ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଆଶା ଲେଙ୍କାଙ୍କୁ ୩୦ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରି ସଭ୍ୟ ପଦବୀ ହାସଲ କରିଛନ୍ତି। ସଂଯୁକ୍ତା ୮୮ ଖଣ୍ଡ ଭୋଟ ପାଇଥିବା ବେଳେ ଆଶା ୫୮ଟି ଭୋଟ ପାଇଥିଲେ। ସଂଯୁକ୍ତା ବର୍ତ୍ତମାନ ବାଲୁଗାଁ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସଭାପତି ଭାବେ କାର୍ଯ୍ୟ ତୁଲାଉଛନ୍ତି। ସଂଯୁକ୍ତା ଚିଲିକା ନିର୍ବାଚନମଣ୍ଡଳୀର ବିଜେଡି ଦଳୀୟ ମୁଖପାତ୍ର ତଥା ବାଲୁଗାଁ ଏନ୍ଏସି ୧ ନମ୍ବର ୱାର୍ଡ କାଉନସିଲର ଅଭିମନ୍ୟୁ ସ୍ୱାଇଁଙ୍କ ପତ୍ନୀ ।

## କଢାମଲ୍ଲ ରଘୁନାଥ ଦେବଙ୍କ ପୀଠ ଚଳଚଞ୍ଚଳ

**ବେଗୁନିଆ,୨।୩(ଡି.ଏନ.ଏ)**



ବେଗୁନିଆ ବ୍ଲକ ଉପାନ୍ତ କଢାମଲ୍ଲ ଗ୍ରାମସ୍ଥିତ ରଘୁନାଥ ଦେବଙ୍କ ପୀଠ ପରିସର ଯଜ୍ଞ ଯୋଗୁ ଚଳଚଞ୍ଚଳ ହୋଇଥିଲା। ୧୭ତମ ବାର୍ଷିକୋତ୍ସବ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ଗ୍ରାମବାସୀଙ୍କ ପକ୍ଷରୁ ଗୁରୁବାର ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଦେବ ନିତି ମୁତାବକ ମନ୍ତ୍ର ପାଠ,ଠାକୁରଙ୍କୁ ନୂତନ ବସ୍ତ୍ର ପରିଧାନ ଆଦି ପୂଜାର୍ଚ୍ଚନା ପୂଜକ ବଳରାମ ହୋତାଙ୍କ ଦ୍ୱାରା କରାଯାଇଥିଲା ।ପରେ ଶ୍ରଦ୍ଧାଳୁମାନେ କଳସ ଶୋଭା ଯାତ୍ରା ରେ ବାହାରିଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ବିଶଶାନ୍ତି ମହାଯଜ୍ଞ କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା। ଶୁଭ ଅଙ୍କୁରାରୋପଣ ,ମଣ୍ଡଳ କରଣ ପରେ କଳସ ସ୍ଥାପନ,ଶତ ରୁଦ୍ରାଭିଷେକ, ବିଷ୍ଣୁ ସହସ୍ରନାମ ଯଜ୍ଞ ବିଧି ମୁତାବକ ସମ୍ପନ୍ନ ହୋଇଯାଇଛି ।ସୂର୍ଯ୍ୟପୂଜା,ଗୋ ପୂଜା, ଭଗବତ ଗୀତା ଆହୁତି ପରେ ପୂର୍ଣ୍ଣାହୁତି ପ୍ରଦାନ ସମ୍ପନ୍ନ ହୋଇଥିଲା। ଯଜ୍ଞାଚାର୍ଯ୍ୟ କୁଳମଣି ଦାଶ ଶର୍ମା ଓ ସାଥିମାନେ ଯଜ୍ଞ ଶ୍ଳୋକ ପାଠ କରିଥିଲେ। ଯଜ୍ଞ କର୍ତ୍ତା ଭାବେ କୃଷ୍ଣ ଚନ୍ଦ୍ର ବେହେରା ଓ କର୍ତ୍ତୀ ଶଶିମଣି ଦାୟିତ୍ୱ ନିର୍ବାହ କରିଥିଲେ। ପୀଠ ପରିସରରେ ୩ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ମହିଳାଙ୍କୁ ଦୁର୍ବ୍ୟବହାର, ଜଣେ ଗିରଫ

**ଭୁବନେଶ୍ୱର,୨।୩ (ବ୍ୟୁରୋ)**

ଘର ସାମ୍ନାରେ ଛିଡା ହୋଇଥିବା ସମୟରେ ଜଣେ ମହିଳାଙ୍କୁ ଟଣାଓଟରା ସହ ଦୁର୍ବ୍ୟବହାର କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ରଙ୍ଗମାଟିଆର ଉପେନ୍ଦ୍ର ବେହେରା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଗତ ୨୬ ତାରିଖରେ ପୀଡିତା ତାଙ୍କ ଘର ସାମ୍ନାରେ ଠିଆ ହୋଇଥିବା ସମୟରେ ଅଭିଯୁକ୍ତ ତାଙ୍କ ନିକଟକୁ ଆସି ହଠାତ୍ ଦୁର୍ବ୍ୟବହାର କରିବା ସହିତ ଟଣାଓଟରା କରିଥିଲେ। ପୀଡିତା ତାଙ୍କ କବଳରୁ ଖସି ଘରକୁ ଦୌଡି ଆସି ଭିତରୁ କବାଟ ବନ୍ଦ କରି ରହିଥିଲେ ମଧ୍ୟ ଅଭିଯୁକ୍ତ ଅସଭ୍ୟ ଭାଷା କହିବା ସହିତ କବାଟକୁ ଗୋଇଠା ମାରିଥିଲେ। ସେ ସେଠାରୁ ଚାଲିଯିବା ପରେ ମହିଳା ଜଣକ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ।

## ଗାଳି କରିବାରୁ ହତ୍ୟା କରିଥିଲେ ଶ୍ରମିକ

### ଚନ୍ଦକାରେ ଇଲେକ୍ଟ୍ରିସିଆନ୍‌ଙ୍କୁ ହତ୍ୟା ଘଟଣା

**ଭୁବନେଶ୍ୱର,(ବ୍ୟୁରୋ)/ବାରଙ୍ଗ, ୨।୩ (ଡି.ଏନ.ଏ.)**

ରାଜଧାନୀ ଉପକଣ୍ଠ ଚନ୍ଦକା ଥାନା ଅନ୍ତର୍ଗତ ତୁଳସୀଦେଇପୁରସ୍ଥିତ ସୋଲ୍ ସୋକ୍ ଫାର୍ମ ହାଉସ୍‌ରେ ଇଲେକ୍ଟ୍ରିସିଆନ୍ ଦୀପକ କୁମାର ସ୍ୱାଇଁଙ୍କୁ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଶୁଭେନ୍ଦୁ କୁମାର ଦାସ (୩୮)ଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ଶୁଭେନ୍ଦୁଙ୍କ ଘର ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ସାଫିପୁର ଗ୍ରାମରେ ହୋଇଥିବାବେଳେ ସେ ଉକ୍ତ ଫାର୍ମ ହାଉସରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଶୁଭେନ୍ଦୁଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଛି। ଅନ୍ୟପଟେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ଦୀପକଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଦୀପକ ଗାଳିଗୁଲଜ କରିବାରୁ ଶୁଭେନ୍ଦୁ ରାଗିଯାଇ ତାଙ୍କୁ ହତ୍ୟା କରିଥିବା ଥାନାଧିକାରୀ ରାଧାକାନ୍ତ ସାହୁ କହିଛନ୍ତି। ହେଲେ ମୃତ ଦୀପକ କାହିଁକି ଗାଳିଗୁଲଜ କରିଥିଲେ ଏନେଇ ଅଭିଯୁକ୍ତ କିଛି ମୁହଁ ଖୋଲି ନ ଥିଲେ ବୋଲି ସେ ପ୍ରକାଶ କରିଛନ୍ତି।ପୋଲିସ ସୂଚନା ଅନୁଯାୟୀ, ମୃତ ଦୀପକଙ୍କ ଘର ରାଉରକେଲାସ୍ଥିତ ବାସନ୍ତୀ କଲୋନୀରେ। ଦୀପକ ଓ ଅଭିଯୁକ୍ତ ଶୁଭେନ୍ଦୁ ଫାର୍ମ ହାଉସରେ ଥିବା ଏକ ନିର୍ମାଣାଧୀନ କୋଠାରେ ଅନ୍ୟ ଶ୍ରମିକଙ୍କ ସହ ରହୁଥିଲେ। ବୁଧବାର ସାଥୀ ଶ୍ରମିକମାନେ ଦୋଳ ପୂର୍ଣ୍ଣିମା ଉତ୍ସବ ପାଇଁ ଛୁଟିରେ ଚାଲିଯାଇଥିବାବେଳେ ଦୀପକ ଓ ଶୁଭେନ୍ଦୁ ଉକ୍ତ ଘରେ ଥିଲେ। ଅପରାହ୍ନରେ କୌଣସି ଏକ କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଶୁଭେନ୍ଦୁ ରାଗିଯାଇ ଦୀପକଙ୍କୁ ଏକ ବିଦ୍ୟୁତ୍ ତାରରେ ବାନ୍ଧି ଦେଇ ଏକ ଟାୱେଲରେ ତାଙ୍କ ବେକକୁ ଭିଡ଼ି ଦେଇଥିଲେ। ଘଟଣାସ୍ଥଳରେ ଦୀପକଙ୍କ ମୃତ୍ୟୁ ହୋଇଯିବାପରେ ଅଭିଯୁକ୍ତ ଶୁଭେନ୍ଦୁ ଏନେଇ କଣ୍ଟ୍ରାକ୍ଟରଙ୍କୁ ଫୋନ୍ କରି ଜଣାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶୁଭେନ୍ଦୁଙ୍କୁ କାବୁ କରି ଥାନାକୁ ଆଣିଥିଲା। ଏନେଇ ମୃତ ଦୀପକଙ୍କ ବଡ଼ ଭଉଣୀ ରଶ୍ମିତା ରାୟଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୬୫/୨୩) ରୁଜୁ କରିଥିଲା।

# ଏକତା ସୂତ୍ରରେ ବାନ୍ଧିରଖେ ପାରମ୍ପରିକ ଉତ୍ସବ



ବେଗୁନିଆରେ ଆମ ଗାଁ ମହୋତ୍ସବ ଉଦ୍‌ଘାଟନ ଅବସରରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।



ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ଆମ ଗାଁ ମହୋତ୍ସବ ଉଦ୍‌ଘାଟିତ

**ବେଗୁନିଆ,୨।୩(ଡି.ଏନ.ଏ)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲ୍ଲୀପଦର ଗ୍ରାମରେ ଆମ ଗାଁ ମହୋତ୍ସବ ଗୁରୁବାର ଉଦ୍‌ଘାଟନ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ଆୟୋଜିତ ମହୋତ୍ସବକୁ ବିଜେଡିର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କମିଟି ସଭାପତି ବିଦ୍ୟାଧର ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ସେଥିରେ ବକ୍ତା ଭାବେ ଜିଲା ପରିଷଦ ସଭ୍ୟ ଅନାଦି ସାହୁ ଏବଂ ପୂର୍ବତନ ସମିତି ସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି, ସାମାଜିକ କର୍ମୀ ଶିବ ନାରାୟଣ ମିଶ୍ର, ମନୋଜ କୁମାର ପ୍ରଧାନ, ମାନସ ରଞ୍ଜନ ଦାଶ, ଯାତ୍ରା ପ୍ରଯୋଜକ ସୁଧାଂଶୁ ଶେଖର ରାଉତ, ଯାତ୍ରା ଅଭିନେତ୍ରୀ ରାଣୀ ପଣ୍ଡା, କମିଟି ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପାଶ୍ଚାତ୍ୟ ସଭ୍ୟତାରେ ଲୋକେ ଅତି ଆଧୁନିକ ନୃତ୍ୟ ଗୀତ ମୋହରେ ପଡିଛନ୍ତି। ପୌରାଣିକ ସଂସ୍କୃତି ଓ ନୃତ୍ୟ ପରିବେଷଣ ଆଦି ଲିଭି ଯିବାକୁ ବସିଛି। ହେଲେ ଗାଁ ପରିବେଶରେ ଆମେ ସଭିଏଁ ଏବେ ମହୋତ୍ସବ ମାଧ୍ୟମରେ ପରମ୍ପରା, କଳା ଓ ସଂସ୍କୃତିକୁ ଆଦରି ନେଇଛେ। ଯେଉଁଠି ଆମ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଥାଏ। ମୃତ୍ୟୁଞ୍ଜୟ ପଣ୍ଡା ଓ ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଉପଦେଷ୍ଟା ରାଜ କିଶୋର ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଓଡ଼ିଶା ସଂସ୍କୃତି ବିଭାଗର କଳାକାରମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଅଭିନେତ୍ରୀ ରାଣୀ ପଣ୍ଡା ତାଙ୍କ ନୃତ୍ୟ ଭଙ୍ଗୀରେ ଦର୍ଶକମାନେ ମୁଗ୍ଧ ହୋଇଥିଲେ।

## ମହିଳାଙ୍କୁ ଦୁର୍ବ୍ୟବହାର, ଜଣେ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ଘର ସାମ୍ନାରେ ଛିଡା ହୋଇଥିବା ସମୟରେ ଜଣେ ମହିଳାଙ୍କୁ ଟଣାଓଟରା ସହ ଦୁର୍ବ୍ୟବହାର କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ରଙ୍ଗମାଟିଆର ଉପେନ୍ଦ୍ର ବେହେରା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ସଂକ୍ଷେପରେ

### ଦେବୋତ୍ତର ବିଭାଗର କାରଣ ଦର୍ଶାଅ ନୋଟିସ୍

ପୁରୁଣା ଭୁବନେଶ୍ୱର,୨।୩(ଡି.ଏନ.ଏ)- ପ୍ରଶାସନିକ ଅବହେଳା ଓ ସେବାୟତ ବିବାଦ କାରଣରୁ ପ୍ରସିଦ୍ଧ ଶୈବ ପୀଠ କପିଳେଶ୍ୱର ମନ୍ଦିରରେ ଆଜକୁ ୪ଦିନ ହେଲା ବିଭିନ୍ନ ନୀତିକାନ୍ତି ବନ୍ଦ ରହିଛି। ଏ ନେଇ ଦେବୋତ୍ତର ବିଭାଗ ନିର୍ଦ୍ଦିଷ୍ଟ ସେବାୟତ ସମ୍ପ୍ରଦାୟ ଲୋକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏପଟେ ନିଜର ଆରାଧ୍ୟ ଅପୂଜା ରହିଥିବା ନେଇ ମଲ୍ଲିଆ ସେବାୟତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ପ୍ରଶାସନିକ ବିଭାଗ ଓ ସେବାୟତଙ୍କ ବିବାଦ ଯୋଗୁ ଠାକୁରଙ୍କ ନୀତିକାନ୍ତି ହୋଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଦେବୋତ୍ତର ବିଭାଗ କାରଣ ଦର୍ଶାଅ ନୋଟିସ ପାଇଥିବା ସେବାୟତ ସମୟ ମଧ୍ୟରେ କୈଫିୟତ ନ ଦେଇପାରିଲେ ବିଶୃଙ୍ଖଳା ସୃଷ୍ଟି କରିଥିବା ନେଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ମନ୍ଦିରରେ ଆବହମାନ କାଳରୁ ମଲ୍ଲିଆ ସେବାୟତମାନେ କପିଳେଶ୍ୱର ମନ୍ଦିରରେ ନୀତିକାନ୍ତି କରିଆସୁଛନ୍ତି। ହେଲେ କେଉଁ ଆଧାରରେ ଶ୍ରୀଲିଙ୍ଗରାଜ ମନ୍ଦିର ଓ ଏକାମ୍ର କ୍ଷେତ୍ରରେ ବିଭିନ୍ନ ମଠରେ ପୂଜାନୀତି ଅଧିକାରୀ ନ ଥାଇ କେବଳ ସହାୟତା କରୁଥିବା ନିର୍ଦ୍ଦିଷ୍ଟ କେତେକ ପରିବାରକୁ କପିଳେଶ୍ୱର ମନ୍ଦିରରେ ସେବା ନୀତି କରିବାକୁ କେଉଁ ସ୍ୱତ୍ୱଲିପି ବଳରେ ଅନୁମତି ଦିଆଯାଇଛି, ତାହା ସାର୍ବଜନୀନ କରାଯାଉ ବୋଲି ବହୁ ମଲ୍ଲିଆ ସେବାୟତମାନେ ଦାବି କରିଛନ୍ତି।

### ଚାଚେରୀ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ ଅଫିସ, ୨।୩: ଫଗୁ ଦଶମୀ ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ରତ୍ନସିଂହାସନାରୂଢ଼ ଶ୍ରୀବିଗ୍ରହମାନଙ୍କର ଚାଚେରୀ ବେଶ ଅନୁଷ୍ଠିତ ହୋଇଯାଇଛି। ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପ୍ରତିଦିନ ମଧ୍ୟାହ୍ନ ଧୂପ ପରେ ଠାକୁରମାନଙ୍କୁ ଚାଚେରୀ ବେଶ କରାଯାଇଥାଏ। ଗୁରୁବାର ମଧ୍ୟାହ୍ନ ଧୂପ ପରେ ତିନିବାଡ଼ରେ ମଇଲମ କରାଯାଇ ଠାକୁରମାନଙ୍କୁ ବୋଇରାଣୀ ମାଧାବଳୀ ନୂତନ ପାଟବସ୍ତ୍ର ଲାଗି ହୋଇଥିଲେ। ଚାଚେରୀ ବେଶରେ ଠାକୁରମାନେ ଲାଲବର୍ଣ୍ଣର ବସ୍ତ୍ର ପରିଧାନ କରିଥିଲେ। ପାଳିଆ ମେକାପ ଭଣ୍ଡାରଘରୁ ଚନ୍ଦନ ଆଣିବା ପରେ ତିନିବାଡ଼ରେ ସର୍ବାଙ୍ଗ ନୀତି ବଢ଼ିଥିଲା। ପରେ ରତ୍ନସିଂହାସନରେ ତିନିବାଡ଼ରେ ଚାଚେରୀ ବେଶ ବଢ଼ିଥିଲା। ଶ୍ରୀଜଗନ୍ନାଥ ଏବଂ ଶ୍ରୀବଳଭଦ୍ର ନଳି ଭୁଜ ପରିଧାନ କରିବା ସହ ତାବିଜ ମାଳ, ପଦ୍ମ ମାଳି, ହରଡ଼ ମାଳି, କୁଣ୍ଡଳ, ଚନ୍ଦ୍ରିକା, ଅଣ୍ଠା ପଟି, ଛମୁଡ଼ି ଅଳଙ୍କାର ଇତ୍ୟାଦି ସ୍ୱର୍ଣ ଅଳଙ୍କାର ଲାଗି ହେବା ସହ ଦେବୀ ସୁଭଦ୍ରା ଚନ୍ଦ୍ର ସୂର୍ଯ୍ୟ ଓ ତଡ଼ଗି ଲାଗି ସହ ପୁଷ୍ପ ଅଳଙ୍କାରରେ ସଜ୍ଜିତ ହୋଇଥିଲେ। ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀଦୋଳଗୋବିନ୍ଦ ସିଂହାସନକୁ ବିଜେ ହେଲା ପରେ ପଞ୍ଚୋପଚାରରେ ଚାଚେରୀ ଭୋଗ ବଢ଼ିଥିଲା। ପାଣି ଲାଗି ହୋଇ ଭୂଦେବୀ, ଶ୍ରୀଦେବୀ ରତ୍ନସିଂହାସନ ଏବଂ ଦୋଳ ଗୋବିନ୍ଦ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ଫଗୁ ଦଶମୀଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଚଳନ୍ତି ପ୍ରତିମା ଜଗନ୍ନାଥ ବଲ୍ଲଭକୁ ଆସି ନୀତି ସମ୍ପାଦନ କରିବେ। ଚତୁର୍ଦ୍ଦଶୀ ଓ ଦୋଳପୂର୍ଣ୍ଣିମା ଦିନ ଠାକୁର ଦୋଳବେଦି ପରିସରକୁ ଯାଇନୀତି ସମ୍ପାଦନ କରିବେ। ଏଥିପାଇଁ ଦୋଳବେଦି କାର୍ଯ୍ୟ ଆଗେଇ ଚାଲିଛି।

## ୪୫୮ ବସ୍ତିରେ ୧ଲକ୍ଷ ୮ହଜାରରୁ ଊର୍ଦ୍ଧ୍ୱ ପରିବାର

# ଭୂମି ଅଧିକାର ପାଇବେ ୫୦ ହଜାର

ଭୁବନେଶ୍ୱର,୨।୩ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଭୂମିହୀନଙ୍କୁ ଭୂମି ତଥା ବାସସ୍ଥାନ ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ 'ଜାଗା ମିଶନ'କୁ କାର୍ଯ୍ୟକାରୀ କରାଯାଉଛି। ଏନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଏପ୍ରିଲ ପହିଲା ସୁଦ୍ଧା ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯିବାକୁ ଥିବାବେଳେ ଏହାକୁ ନେଇ ଦ୍ୱନ୍ଦ୍ୱ ପ୍ରକାଶ ପାଇଛି। ପୂର୍ବରୁ ୪୩୬ଟି ବସ୍ତିର ୯୦ ହଜାର ୧୦୩ ପରିବାରକୁ ଜାଗା ମିଶନ ଅଧୀନରେ ବିଚାରକୁ ନିଆଯାଇଥିଲା। ଏଥିମଧ୍ୟରେ ୩୨୦ଟି ଅଣସ୍ୱୀକୃତିପ୍ରାପ୍ତ ବସ୍ତି ରହିଥିବାବେଳେ ମାତ୍ର ୧୧୬ଟି ସ୍ୱୀକୃତିପ୍ରାପ୍ତ ବସ୍ତି ରହିଥିଲା। ସେହିପରି ରେଲ୍‌ୱେ ଭୂମି, ଇଡ୍‌କୋ ଭୂମି, ଓୟୁଏଟି ଅଧିନସ୍ଥ ଭୂମିରେ ଗଢ଼ି ଉଠିଥିବା ୨୨ ବସ୍ତିର ଉନ୍ନତିକରଣ ତଥା ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯିବା ନେଇ କୌଣସି ଯୋଜନା ନ ଥିଲା। ତେବେ ପରବର୍ତ୍ତୀ ସମୟରେ ବିଏମ୍‌ସି ଉକ୍ତ ବସ୍ତିବାସିନ୍ଦାଙ୍କୁ ଏହି ଯୋଜନାରେ ଯୋଡ଼ିଥିଲା। ଫଳରେ ୪୫୮ବସ୍ତିର ପ୍ରାୟ ୧ଲକ୍ଷ ୮ହଜାର ପରିବାର ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ। ଏହାବାଦ୍ ଇତିମଧ୍ୟରେ ସହରରେ ଆହୁରି ନୂଆ ବସ୍ତି ଗଢ଼ିଉଠିଥିବାବେଳେ ବସ୍ତି ଓ ବସ୍ତିବାସିନ୍ଦାଙ୍କ ପ୍ରକୃତ ସଂଖ୍ୟା ବିଏମ୍‌ସି ପାଖରେ ନାହିଁ। ଉକ୍ତ ବସ୍ତିଗୁଡ଼ିକରେ ମଧ୍ୟ ସର୍ଭେ ଜାରି ରହିଛି। ତେଣୁ ଜାଗା ମିଶନ ପ୍ରକଳ୍ପ ସର୍ଭେରେ ସାମିଲ ଲୋକଙ୍କ ସଂଖ୍ୟା ଆହୁରି ବଢ଼ିଛି। ଅନ୍ୟପଟେ ପ୍ରକୃତ ହିତାଧିକାରୀ ଚିହ୍ନଟ କରି ୧ ଲକ୍ଷ ପରିବାରକୁ ଥଇଥାନ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଥିଲା। ବର୍ତ୍ତମାନ ଏହି ସଂଖ୍ୟା ୫୦ ହଜାରକୁ ଖସାଇଛି ବିଏମ୍‌ସି। ତେଣୁ ଅବଶିଷ୍ଟ ବସ୍ତିବାସିନ୍ଦା ବାସସ୍ଥାନ ହରାଇବା ନେଇ ଆଶଙ୍କା କରାଯାଉଛି। ପୁଣି ଡ୍ରୋନ୍ ସର୍ଭେ ତଥା ଉଷା ସର୍ଭେ ମାଧ୍ୟମରେ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଜାରି ରହିଥିବା କୁହାଯାଉଛି। ହେଲେ ସହରର ସବୁ ବସ୍ତିରେ ଡ୍ରୋନ୍ ସର୍ଭେ କରାଯାଇ ନ ଥିବାରୁ ଏହାକୁ ନେଇ ବିଭିନ୍ନ ବସ୍ତିରେ ଅସନ୍ତୋଷ ଦେଖାଦେଇଛି। ୪୧୪ଟି ବସ୍ତିକୁ ପାନୀୟ ଜଳ, ବିଦ୍ୟୁତ୍, ରାସ୍ତାଘାଟ ସୁବିଧା କରାଯାଉଛି। ତେବେ ୨୨ଟିର ଉନ୍ନତୀକରଣ ନେଇ କୌଣସି ଯୋଜନା ନାହିଁ। ସେହିପରି କେନାଲ ଉପରେ ଗଢ଼ିଉଠିଥିବା ବସ୍ତି ବା ରାସ୍ତା ସଂପ୍ରସାରଣ ହେବାକୁ ଥିବା ଭୂମିରେ ଗଢ଼ିଥିବା ବସ୍ତିଗୁଡ଼ିକର ଉନ୍ନତିକରଣ କାର୍ଯ୍ୟ ହୋଇପାରିବ ନାହିଁ। ତେଣୁ ଜାଗା ମିଶନ ଅଧୀନରେ ଏମାନଙ୍କୁ ଅନ୍ତର୍ଭୁକ୍ତ କରାଗଲେ ସେମାନଙ୍କୁ ଜମି ଅଧିକାର ପ୍ରମାଣପତ୍ର କିପରି ଦିଆଯିବ ତାହାକୁ ନେଇ ପ୍ରଶ୍ନ ଉଠିଛି। ତେବେ ଉକ୍ତ ୪୧୪ ବସ୍ତି ମଧ୍ୟରୁ ପାଇଲଟ୍ ପ୍ରକଳ୍ପ ଭାବେ ୧୧୫ଟି ଓ ପରବର୍ତ୍ତୀ ପର୍ଯ୍ୟାୟରେ ୨୦ ଓ ୪୦ଟି ବସ୍ତିରେ ବିକାଶମୂଳକ କାର୍ଯ୍ୟ କରାଯାଇଛି। ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ଅନ୍ୟ ୧୩୯ଟି ବସ୍ତିରେ ଉନ୍ନୟନମୂଳକ କାର୍ଯ୍ୟ ସମାପ୍ତ କରିବାକୁ ବିଏମସି ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏହି ତାଲିକାରୁ ୧୩୫ଟି ବସ୍ତିକୁ ବାଦ୍ ଦିଆଯାଇଛି। ସେହିପରି ସହରର କେବଳ ୫୦ଟି ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ୨୩୮ ବସ୍ତିକୁ ୱାଟ୍‌କୋ ଜରିଆରେ ପାନୀୟ ଜଳ ଯୋଗାଣ କରାଯାଇଛି। ଅନ୍ୟ କେତେକ ବସ୍ତିରେ ଜମିଜମା ବିବାଦ, ଘରୋଇ ଜମି, ଓୟୁଏଟି ଜମି ବା ଆଇନଗତ ରୋକ୍ କାରଣରୁ ପାନୀୟ ଜଳ ଯୋଗାଣରେ ସମସ୍ୟା ହୋଇଥିବା ବିଭାଗ ପକ୍ଷରୁ ଦର୍ଶାଯାଇଛି। ସେହିପରି ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଶତପ୍ରତିଶତ ବସ୍ତିକୁ ବିଦ୍ୟୁତ୍ ସଂଯୋଗରେ ବାଧା ସୃଷ୍ଟି ହେଉଥିବା କୁହାଯାଉଛି। ଅଧିକାଂଶ ବସ୍ତିରେ ରାସ୍ତା ଓ ଡ୍ରେନ୍ ନିର୍ମାଣ ମଧ୍ୟ ଅଧପନ୍ତରିଆ ରହିଛି। ସ୍ଥାନୀୟ ସମସ୍ୟା, ଜମିଜମା ବିବାଦ ତଥା ୱାର୍ଡ-ୱାର୍ଡ ମଧ୍ୟର ସୀମା ନିର୍ଦ୍ଧାରଣ କାରଣରୁ ପ୍ରକଳ୍ପ କାର୍ଯ୍ୟ ଅଟକିଥିବା କହି ବିଏମ୍‌ସି ଦୋଷ ଖସାଇଦେଉଛି। ତେବେ ଖାଲଖମାପୂର୍ଣ୍ଣ ରାସ୍ତାରେ ବସ୍ତି ବାସିନ୍ଦା ଯାତାୟତ କରିବାକୁ ପଡୁଥିବାବେଳେ ଡ୍ରେନ୍‌ଜନିତ ସମସ୍ୟାରୁ ବର୍ଷା ଦିନେ ବର୍ଷ ବର୍ଷ ଧରି ଜଳବନ୍ଦୀ ଭଳି ସମସ୍ୟା ଭୋଗ କରିଆସୁଛନ୍ତି। ସେହିପରି ପରିଚୟ ଗୃହ ନିର୍ମାଣ ଭଳି ବିଭିନ୍ନ ପ୍ରକଳ୍ପ ମଧ୍ୟ ଜମି ଅଭାବରୁ ଆଗେଇପାରୁନି।

### ଉନ୍ନତୀକରଣରୁ ବାଦପଡ଼ିଲା ୧୩୫ ବସ୍ତି



### ଥଇଥାନ ଅପେକ୍ଷାରେ ବସ୍ତିବାସିନ୍ଦା

ସ୍ମାର୍ଟସିଟି ଭୁବନେଶ୍ୱରରେ ଥିବା ବସ୍ତିଗୁଡ଼ିକ ଉନ୍ନତୀକରଣ ତଥା ବସ୍ତିବାସିନ୍ଦାଙ୍କୁ ବିଭିନ୍ନ ଯୋଜନା ଅଧୀନରେ ଥଇଥାନ ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ବ୍ୟବସ୍ଥିତ ଢ଼ଙ୍ଗରେ କିପରି ବସ୍ତିବାସିନ୍ଦାଙ୍କୁ ବାସସ୍ଥାନ ମିଳିପାରିବ ସେନେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମଏୱାଇ), ରାଜୀବ ଆବାସ ଯୋଜନା(ରେ), ଆଫୋର୍ଡେବଲ୍ ହାଉସିଂ ପ୍ରୋଜେକ୍ଟ(ଏଏଚପି)କୁ କାର୍ଯ୍ୟକାରୀ କରିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ତେବେ ବିଭିନ୍ନ ହାଉସିଂ ପ୍ରୋଜେକ୍ଟ ତୁଳନାରେ ଚିହ୍ନଟ ହିତାଧିକାରୀଙ୍କ ସଂଖ୍ୟା ମୋଟ୍ ବସ୍ତି ବାସିନ୍ଦାଙ୍କ ସଂଖ୍ୟାପଠାରୁ ବହୁତ କମ୍ ରହିଛି। ବିଭିନ୍ନ ହାଉସିଂ ପ୍ରୋଜେକ୍ଟ ଅଧିନରେ ମାତ୍ର ୫୪ଟି ବସ୍ତିର ୧୧ ହଜାର ୪୩୩ ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି। ଜାଗା ମିଶନରେ ୫୦ ହଜାର ଲୋକଙ୍କୁ ଭୂମି ଅଧିକାର ପ୍ରମାଣ ପତ୍ର ଦିଆଗଲେ, ମାତ୍ର ୬୧ ହଜାର ୪୩୩ ଜଣ ବସ୍ତିବାସିନ୍ଦା ଥଇଥାନ ହୋଇପାରିବେ। ତେଣୁ ଅବଶିଷ୍ଟ ବସ୍ତିବାସିନ୍ଦା ନିଜ ବାସସ୍ଥାନକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।

### ଅବଶିଷ୍ଟ ହିତାଧିକାରୀ ଚିହ୍ନଟ କରାଯାଇ ପ୍ରମାଣ ପତ୍ର ଦିଆଯିବ

ପ୍ରାଥମିକ ପର୍ଯ୍ୟାୟରେ ବସ୍ତିର ୫୦ ହଜାର ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯିବ। ୨୦୧୩ ରିପୋର୍ଟ ତୁଳନାରେ ବର୍ତ୍ତମାନ ବସ୍ତିବାସିନ୍ଦାଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ବର୍ତ୍ତମାନ ଚାଲିଥିବା ସର୍ଭେରୁ ପ୍ରକୃତ ସଂଖ୍ୟା ବିଏମ୍‌ସିର ହସ୍ତଗତ ହୋଇପାରିବ। ଆସନ୍ତା ଦେଢ଼ ବର୍ଷ ମଧ୍ୟରେ ଅବଶିଷ୍ଟ ହିତାଧିକାରୀ ଚିହ୍ନଟ କରାଯାଇ ଭୂମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରାଯିବାର ଯୋଜନା ରହିଛି। ଯେଉଁ ବସ୍ତିଗୁଡ଼ିକର ଉନ୍ନତୀକରଣ କଥା କୁହାଯାଉଛି ଅଧିକାଂଶ କାର୍ଯ୍ୟ ସମାପ୍ତପ୍ରାୟ ବା ଜାରି ରହିଛି। ବର୍ତ୍ତମାନ ବସ୍ତିବାସିନ୍ଦାଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା କରିବା ବିଏମ୍‌ସି ପାଇଁ ଆହ୍ୱାନ ସୃଷ୍ଟି କରିଛି। ବସ୍ତିବାସିନ୍ଦାଙ୍କ ଘରେ ଘରେ ଶୌଚାଳୟ ଅଛି କି ନାହିଁ, ତାହାର ତର୍ଜମା କରାଯିବ। ନିଜ ଘରେ ଶୌଚାଳୟ କରିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଯିବ। ତେବେ ସ୍ଥାନ ଅଭାବରୁ ଯେଉଁ ବସ୍ତିରେ ଲୋକମାନେ ଶୌଚାଳୟ କରିନାହାନ୍ତି, ସେମାନଙ୍କ ପାଇଁ ଗୋଷ୍ଠୀ ଶୌଚାଳୟ କରାଯିବାକୁ ଯୋଜନା ରହିଛି।

## ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସଂକଳ୍ପ ନେଲେ କନ୍ଦଳେଇବାସୀ

ଭୁବନେଶ୍ୱର, ୨।୩(ବ୍ୟୁରୋ)

ବିଶ୍ୱ ବନ୍ୟପ୍ରାଣୀ ଦିବସକୁ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ମଧ୍ୟରେ ଥିବା ଆଦିବାସୀପଲ୍ଲୀ କନ୍ଦଳେଇର ବନବାସୀମାନେ ନିରାଡ଼ମ୍ବର ଭାବେ ପାଳନ କରିଛନ୍ତି। ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ବନବାସୀମାନେ ବିଭିନ୍ନ ମୁଖା ପିନ୍ଧି ନିଆରା ଢଙ୍ଗରେ ଜନସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଏଥିସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ଜୀବଜନ୍ତୁ ତଥା ବୃକ୍ଷଲତା ପରିବେଶ ସନ୍ତୁଳନ ରକ୍ଷା କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ମାତ୍ର ସମ୍ପ୍ରତି ବନ୍ୟଜୀବଙ୍କୁ ମଣିଷ ଅନବରତ ଶିକାର କରିବା ଦ୍ୱାରା ଜଳବାୟୁର ପରିବର୍ତ୍ତନ ହେଉଛି। ତେଣୁ ଏବେଠାରୁ ଜୀବଜନ୍ତୁ ତଥା ବୃକ୍ଷଲତାଙ୍କ ସୁରକ୍ଷା କରା ନ ଗଲେ ଆଗାମୀ ଦିନରେ ରାଜ୍ୟରୁ ଜୀବଜନ୍ତୁ ସମ୍ପୂର୍ଣ୍ଣ ଲୋପ ପାଇଯିବେ ବୋଲି ସୁଶାନ୍ତ ବନବାସୀଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ତ୍ରିଲୋଚନ ବେଉରା, ବାପିନା ନାୟକ, ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ସୁବାସ ଓଝା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ଗାଳି କରିବାରୁ ହତ୍ୟା କରିଥିଲେ ଶ୍ରମିକ, ଜେଲ ଗଲେ

ଭୁବନେଶ୍ୱର,(ବ୍ୟୁରୋ)/ ବାରଙ୍ଗ,୨।୩ (ଡି.ଏନ.ଏ.)

ରାଜଧାନୀ ଉପକଣ୍ଠ ଚନ୍ଦକା ଥାନା ଅନ୍ତର୍ଗତ ତୁଳସୀଦେଇପୁରସ୍ଥିତ ସୋଲ୍ ସୋକ୍ ଫାର୍ମ ହାଉସ୍‌ରେ ଇଲେକ୍ଟ୍ରିସିଆନ୍ ଦୀପକ କୁମାର ସ୍ୱାଇଁଙ୍କୁ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଶୁଭେନ୍ଦୁ କୁମାର ଦାସ (୩୮)ଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ଶୁଭେନ୍ଦୁଙ୍କ ଘର ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ସାଫିପୁର ଗ୍ରାମରେ ହୋଇଥିବାବେଳେ ସେ ଉକ୍ତ ଫାର୍ମ ହାଉସରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଶୁଭେନ୍ଦୁଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଛି। ଅନ୍ୟପଟେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ଦୀପକଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଦୀପକ ଗାଳିଗୁଲଜ କରିବାରୁ ଶୁଭେନ୍ଦୁ ରାଗିଯାଇ ତାଙ୍କୁ ହତ୍ୟା କରିଥିବା ଥାନାଧିକାରୀ ରାଧାକାନ୍ତ ସାହୁ କହିଛନ୍ତି। ହେଲେ ମୃତ ଦୀପକ କାହିଁକି ଗାଳିଗୁଲଜ କରିଥିଲେ ଏନେଇ ଅଭିଯୁକ୍ତ କିଛି ମୁହଁ ଖୋଲି ନ ଥିଲେ ବୋଲି ସେ ପ୍ରକାଶ କରିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ମୃତ ଦୀପକଙ୍କ ଘର ରାଉରକେଲାସ୍ଥିତ ବାସନ୍ତୀ କଲୋନୀରେ। ଦୀପକ ଓ ଅଭିଯୁକ୍ତ ଶୁଭେନ୍ଦୁ ଫାର୍ମ ହାଉସରେ ଥିବା ଏକ ନିର୍ମାଣାଧୀନ କୋଠାରେ ଅନ୍ୟ ଶ୍ରମିକଙ୍କ ସହ ରହୁଥିଲେ। ବୁଧବାର ସାଥୀ ଶ୍ରମିକମାନେ ଦୋଳ ପୂର୍ଣ୍ଣିମା ଉତ୍ସବ ପାଇଁ ଛୁଟିରେ ଚାଲିଯାଇଥିବାବେଳେ ଦୀପକ ଓ ଶୁଭେନ୍ଦୁ ଉକ୍ତ ଘରେ ଥିଲେ। ଅପରାହ୍ନରେ କୌଣସି ଏକ କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଶୁଭେନ୍ଦୁ ରାଗିଯାଇ ଦୀପକଙ୍କୁ ଏକ ବିଦ୍ୟୁତ୍ ତାରରେ ବାନ୍ଧି ଦେଇ ଏକ ଟାୱେଲରେ ତାଙ୍କ ବେକକୁ ଭିଡ଼ି ଦେଇଥିଲେ। ଘଟଣାସ୍ଥଳରେ ଦୀପକଙ୍କ ମୃତ୍ୟୁ ହୋଇଯିବାପରେ ଅଭିଯୁକ୍ତ ଶୁଭେନ୍ଦୁ ଏନେଇ କଣ୍ଟ୍ରାକ୍ଟରଙ୍କୁ ଫୋନ୍ କରି ଜଣାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶୁଭେନ୍ଦୁଙ୍କୁ କାବୁ କରି ଥାନାକୁ ଆଣିଥିଲା। ଏନେଇ ମୃତ ଦୀପକଙ୍କ ବଡ଼ ଭଉଣୀ ରଶ୍ମିତା ରାୟଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୬୫/୨୩) ରୁଜୁ କରିଥିଲା।



ଅଭିଯୁକ୍ତ ଶୁଭେନ୍ଦୁ ଦାସ

### ଚନ୍ଦକାରେ ଇଲେକ୍ଟ୍ରିସିଆନ୍‌ଙ୍କୁ ହତ୍ୟା ଘଟଣା

## ୨ ମାସରେ ୪ କୁଇଣ୍ଟାଲ ଗଞ୍ଜେଇ, ୧୯୨ ଗ୍ରାମ ବ୍ରାଉନସୁଗାର ଜବତ

ଭୁବନେଶ୍ୱର,୨।୩ (ବ୍ୟୁରୋ)

ରାଜଧାନୀରେ ଦିନକୁ ଦିନ ନିଶାକାରବାର ବଢ଼ି ଚାଲିଛି। କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍, ଅବକାରୀ, ଫ୍ଲାଇଂ ସ୍କ୍ୱାଡ୍ ଏବଂ ପୋଲିସର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି ବେଆଇନ କାରବାର ଥମୁନାହିଁ। କନ୍ଧମାଳ, ବାଲେଶ୍ୱର ଓ ଜଳେଶ୍ୱରରୁ ବିଭିନ୍ନ ଗଳାବାଟ ଦେଇ ଭୁବନେଶ୍ୱରରେ ନିଶାଦ୍ରବ୍ୟ ପହଞ୍ଚିବା ପରେ ଏଠାରୁ ଗ୍ରାମାଞ୍ଚଳ ସମେତ ପଡ଼ୋଶୀ ଜିଲାକୁ ପଠାଯାଉଛି। ଏହି କାରବାରରେ ମହିଳା, ଯୁବପିଢ଼ି ଓ ଛାତ୍ରଙ୍କ ସମ୍ପୃକ୍ତି ରହିଥିବା ନଜିର ମଧ୍ୟ ରହିଛି। ପାନ ଦୋକାନ, ମୋବାଇଲ ଦୋକାନ, ଗ୍ରୋସେରି, ପରିବା ଦୋକାନରେ ନିଶା ବେପାର ଚାଲିଛି। ନିୟମିତ ବ୍ୟବଧାନରେ ସହରର ବିଭିନ୍ନ ସ୍ଥାନ ଓ ବସ୍ତିରୁ ନିଶାଦ୍ରବ୍ୟ ଜବତ କରାଯାଉଛି। ଅଧିକାରୀମାନେ ଜବତବେଳେ ବେପାରୀଙ୍କୁ ଧରୁଥିବାବେଳେ ଏହି କାରବାରର ମାଷ୍ଟରମାଇଣ୍ଡ ଆଢୁଆଳରେ ରହି ବେପାର ଜାରି ରଖୁଛନ୍ତି। ଚଳିତ ବର୍ଷର ଆରମ୍ଭରୁ ରାଜଧାନୀରେ ବିପୁଳ ପରିମାଣରେ ନିଶାଦ୍ରବ୍ୟ ଜବତ ହେବା ସହରବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କମିଶନରେଟ ପୋଲିସ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ରାଜଧାନୀରେ କିଭଳି ଚାଲିଛି ନିଶାକାରବାର ତାହା ସ୍ପଷ୍ଟ ଭାବେ ବାରିହୋଇ ପଡୁଛି। ଗତ ୨ ମାସ ଅର୍ଥାତ ଜାନୁୟାରୀ ଓ ଫେବୃୟାରୀରେ ଭୁବନେଶ୍ୱର ସହରାଞ୍ଚଳ ଜିଲାର ବିଭିନ୍ନ ଥାନାରେ ବ୍ରାଉନସୁଗାର ଓ ଗଞ୍ଜେଇ ବିକ୍ରି ଜନିତ ୨୫ଟି ମାମଲା ରୁଜୁ ହୋଇଥିବାବେଳେ ମୋଟ ୪୮ଜଣ ନିଶା ବେପାରି ଗିରଫ ହୋଇଛନ୍ତି। ୧୪ଟି ବ୍ରାଉନସୁଗାର ବିକ୍ରି ମାମଲାରେ ୨୭ ଜଣ ଅଭିଯୁକ୍ତ କୋର୍ଟଚାଲାଣ ହୋଇଥିବାବେଳେ ସେମାନଙ୍କ ନିକଟରୁ ୧୯୨ ଗ୍ରାମରୁ ଅଧିକ ଓଜନର ବ୍ରାଉନସୁଗାର, ୧୫ ହଜାର ୮୧୫ ଟଙ୍କା, ୯ଟି ଦୁଇ ଚକିଆ ଯାନ ଏବଂ ୧୩ଟି ମୋବାଇଲ ଫୋନ ଜବତ କରାଯାଇପାରିଛି। ସେହିପରି ଗତ ଜାନୁୟାରୀ ଏବଂ ଫେବୃୟାରୀ ମଧ୍ୟରେ ୧୧ଟି ବେଆଇନ ଗଞ୍ଜେଇ ବିକ୍ରି ମାମଲା ରୁଜୁ ହୋଇଥିବାବେଳେ ମୋଟ ୨୧ଜଣ ଅଭିଯୁକ୍ତ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ସେମାନଙ୍କ ନିକଟରୁ ମୋଟ ୪ କୁଇଣ୍ଟାଲ ୫୩ କେଜି ୨୨୦ଗ୍ରାମ ଓଜନର ଗଞ୍ଜେଇ, ୩୧ ହଜାର ୮୪୦ଟଙ୍କା, ୬ଟି ଦୁଇ/ଚାରି ଚକିଆ ଯାନ ଓ ୭ଟି ମୋବାଇଲ ଫୋନ ଜବତ କରାଯାଇଥିବା କମିଶନରେଟ ପୋଲିସ ସୂଚନା ଦେଇଛି।

## ବରାଦ ଅର୍ଥ ଖର୍ଚ୍ଚ ହେବା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୨।୩ (ବ୍ୟୁରୋ)

ପ୍ରତିବର୍ଷ ରାଜ୍ୟ ବଜେଟ୍‌ର କଳେବର ବଢ଼ିବାରେ ଲାଗିଛି। ରାଜସ୍ୱବ୍ୟୟ ସହିତ ପୁଞ୍ଜିବ୍ୟୟ ଆନୁପାତିକ ଭାବେ ବଢ଼ିବା ରାଜ୍ୟ ପାଇଁ ଶୁଭଙ୍କର ବୋଲି ପୂର୍ବତନ କେନ୍ଦ୍ର ସାର ଓ ଗ୍ରାମୀଣ ବିକାଶ ସଚିବ ଯୁଗଳ କିଶୋର ମହାପାତ୍ର ମତ ଦେଇଛନ୍ତି। ସିୱାଇଏସ୍‌ଡି ପକ୍ଷରୁ ଗୁରୁବାର ଆୟୋଜିତ ରାଜ୍ୟ ବଜେଟ୍ ୨୦୨୩-୨୪ ଅନୁଶୀଳନ ପ୍ୟାନେଲ ଆଲୋଚନାରେ ଯୋଗଦେଇ ଯୁଗଳ କହିଲେ, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଓ ସାମାଜିକ କ୍ଷେତ୍ରରେ ସରକାର ବ୍ୟାପକ ଭାବରେ ପୁଞ୍ଜି ବ୍ୟୟ କରୁଛନ୍ତି। ମାତ୍ର ଭିତ୍ତିଭୂମିଗୁଡିକର ସମୟାନୁଯାୟୀ କାର୍ଯ୍ୟ ସମାପ୍ତ ହେବା ଦିଗରେ ତଦାରଖ କରିବା ପାଇଁ କୌଣସି ଅନୁସୃତ ହେଉ ନ ଥିବା ଉଦ୍‌ବେଗଜନକ। ସେହିପରି ପୁନଶ୍ଚ ବଜେଟ୍‌ରେ ଯେତିକି ଅର୍ଥ ବ୍ୟୟ ବରାଦ କରାଯାଉଛି ତାହା ବର୍ଷ ଶେଷସୁଦ୍ଧା ଖର୍ଚ୍ଚ ହୋଇପାରୁ ନାହିଁ। ବିଗତ ୫ ବର୍ଷ ମଧ୍ୟରେ ବ୍ୟୟବରାଦ ଅର୍ଥରୁ ୭୬ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇ ନ ଥିବାବେଳେ ଆବଣ୍ଟିତ ଖର୍ଚ୍ଚ ଓ ପ୍ରକୃତଖର୍ଚ୍ଚ ମଧ୍ୟରେ ୧୦ରୁ ୧୨ ପ୍ରତିଶତ ବ୍ୟବଧାନ ରହୁଛି। ତେଣୁ ଅର୍ଥ ଖର୍ଚ୍ଚ ପାଇଁ ଯେଉଁ ଦକ୍ଷତାର ଆବଶ୍ୟକତା ଅଛି ତାହା ପୂରଣ ହେବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ଅର୍ଥ ବିଭାଗର ଅତିରିକ୍ତ ସଚିବ ଡ. ସତ୍ୟପ୍ରିୟ ରଥ ଯୋଗଦେଇ କହିଲେ, ଏବେ ଅଧିକରୁ ଅଧିକ ଲୋକ ବଜେଟ୍ ସମ୍ପର୍କରେ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ତେଣୁ ବଜେଟ୍ ବଢ଼ିବା ସହ ଲୋକଙ୍କ ଅଭିଳାଷ ମଧ୍ୟ ବୃଦ୍ଧି ପାଉଛି ବୋଲି ମତ ରଖିଥିଲେ। ସଂଗୋଷ୍ଠିର ସଭାପତି ପ୍ରଫେସର ଆଶା ହଂସ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ମୁଖ୍ୟ ଡ. ମଧୁବ୍ରତା ଶତପଥୀ, କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଏସ୍‌ଏନ୍ ମିଶ୍ର ପ୍ରମୁଖ ମହିଳା ସଶକ୍ତୀକରଣ, ଲିଙ୍ଗୀୟ ନ୍ୟାୟ, ଦକ୍ଷତା ବିକାଶ ଓ ଶିକ୍ଷାର ଗୁଣାତ୍ମକ ମାନ ଏବଂ ଭିତ୍ତିଭୂମି ବିକାଶ ଦିଗରେ ବଜେଟ୍‌ରେ ଆବଣ୍ଟନକୁ ନେଇ ମତ ରଖିଥିଲେ। ସ୍ତମ୍ଭକାର ତଥା ଅର୍ଥନୀତିଜ୍ଞ ଡ. ପ୍ରଭାସ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ୟାନେଲ୍ ଆଲୋଚନା ପୂର୍ବରୁ ସିୱାଇଏସ୍‌ଡି ବଜେଟ୍ ଆଣ୍ଡ୍ ଆକାଉଣ୍ଟିବିଲିଟି (ଓବାକ) ପକ୍ଷରୁ ବଜେଟ୍‌ରେ ବିଭିନ୍ନ ଦିଗକୁ ନେଇ ଏକ ଉପସ୍ଥାପନା କରାଯାଇଥିଲା।




ବଜେଟ ଆଲୋଚନାରେ ଯୋଗ ଦେଇଥିବା ଅତିଥିମାନେ।

### ସିୱାଇଏସ୍‌ଡି ବଜେଟ ଆଲୋଚନା

## ସରକାରୀ ସ୍କୁଲ ପରିସରରେ ରାଜୀବ ଆବାସ ଘର

- ଭଡ଼ାରେ ଲାଗିଛି, ନୋଟିସ ଦେଇ ଚୁପ୍ ବସିଛନ୍ତି ଅଧିକାରୀ
- ଛାତ୍ରଙ୍କ ଆମ୍ବ ତୋଳାରୁ ପଦାକୁ ଆସିଲା ଘଟଣା

ଭୁବନେଶ୍ୱର,୨।୩(ବ୍ୟୁରୋ)

ସରକାରୀ ସ୍କୁଲ ପରିସରରେ ନିଜେ ଘର କରି ରହୁଛନ୍ତି ଆଉ ଭଡ଼ା ବି ଦେଉଛନ୍ତି। ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳିଛି ରାଜଧାନୀର ଏକ ସ୍କୁଲରେ। ୟୁନିଟ-୪ସ୍ଥିତ ଏମ୍‌ଏଲ୍‌ଏ କଲୋନୀରେ ଥିବା ପ୍ରାଥମିକ ବିଦ୍ୟାଳୟ ପରିସରରେ ଦୀର୍ଘବର୍ଷ ହେବ ଜଣେ ପୂର୍ବତନ ପାଚିକା ରହିଆସୁଥିବା ଅଭିଯୋଗ ହୋଇଛି। ପରିବାର ସାଙ୍ଗରେ ନିଜେ ରହିବା ସହ ଘରଭଡ଼ା ମଧ୍ୟ ଦେଉଥିବା କୁହାଯାଉଛି। ବିଦ୍ୟାଳୟ ପରିସରରେ ଥିବା ଆମ୍ବଗଛରୁ ଜଣେ ଛାତ୍ର ଆମ୍ବ ତୋଳିବା ବେଳେ ଭଡ଼ାଟିଆଙ୍କ ସହ ଯୁକ୍ତିତର୍କରୁ ଏହି ଗୁମର ପଦାକୁ ଆସିଛି।

ମିଳିଥିବା ସୂଚନାନୁସାରେ, ବୁଧବାର ଉକ୍ତ ବିଦ୍ୟାଳୟର ଜଣେ ଛାତ୍ର ବିଦ୍ୟାଳୟ ପରିସରରେ ଥିବା ଏକ ଗଛରୁ ଆମ୍ବ ତୋଳିବା ସମୟରେ ସେଠାରେ ରହୁଥିବା ଜଣେ ଭଡ଼ାଟିଆ ପାଟି କରିଥିଲେ। ଏପରିକି ଛାତ୍ରଜଣକୁ ସେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଭିଭାବକମାନେ ତାତିଥିଲେ। ବିଦ୍ୟାଳୟ ପରିସରରେ ବେଆଇନ ଭାବେ ରହୁଥିବା ପୂର୍ବତନ ପାଚିକା ଏବଂ ଭଡ଼ାଟିଆଙ୍କୁ ବିଦା ନ କଲେ ପାଠପଢ଼ା ହୋଇପାରିବନି ବୋଲି ଚେତାଇ ଦେଇଥିଲେ। ଫଳରେ ପିଲା ଏବଂ ଅଭିଭାବକମାନେ ଗୁରୁବାର ପ୍ରାର୍ଥନା ପରେ ଶ୍ରେଣୀଗୃହ ପରିବର୍ତ୍ତେ ବାହାରେ ବସିଥିଲେ। ଖବରପାଇ ଘଟଣାସ୍ଥଳରେ ଖାରବେଳ ନଗର ଥାନା ପୋଲିସ ପହଞ୍ଚିଥିଲା। ଉତ୍ତ୍ୟକ୍ତ ଅଭିଭାବକଙ୍କୁ ବୁଝାସୁଝା କରିବା ସହ ପୂର୍ବତନ ପାଚିକାଙ୍କୁ ଥାନାକୁ ନେଇଥିଲା। ପୂର୍ବତନ ପାଚିକାଙ୍କ ପୁଅ ଓ ଭଡ଼ାଟିଆ ବିଦ୍ୟାଳୟ ପରିସରରେ ଦାଦାଗିରି କରୁଥିବା ଛାତ୍ରୀଛାତ୍ର ଓ ଅଭିଭାବକ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରିବା ସହ ନୋଟିସ୍ ଦେଇ ଅଟକ ପୂର୍ବତନ ପାଚିକାଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଏସ୍. ରାଜେଶ୍ୱରୀ ରାଓ କହିଛନ୍ତି, ସେ ୨୦୨୧ ନଭେମ୍ବର ୨୬ରୁ ସେଠାରେ ଯୋଗଦେବା ଦିନଠୁ ବିଦ୍ୟାଳୟ ପରିସରରେ ଗୋଟେ ପରିବାର ବେଆଇନ ଭାବେ ରହିଆସୁଛି। ଫଳରେ ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି। ଏନେଇ ବିଇଓଙ୍କୁ ଅବଗତ କରାଯାଇଥିଲା। ଗତ ଡିସେମ୍ବର ପହିଲାରୁ ସେଠାରେ ଆଉ ଏକ ପରିବାର ରହୁଛନ୍ତି। ବିଭିନ୍ନ ସମୟରେ ସେମାନେ ପିଲାମାନଙ୍କୁ ଧମକଚମକ ଦେଉଛନ୍ତି। ମାସକ ଭିତରେ ଘର ଛାଡ଼ିବାକୁ ତାଙ୍କୁ ଆମେ ନୋଟିସ କରିଥିଲୁ। ହେଲେ ନୋଟିସକୁ ସେମାନେ ଚିରିଦେଲେ। ବିଦ୍ୟାଳୟରେ ୯୬ ଛାତ୍ରୀଛାତ୍ର ପଢ଼ୁଥିବାବେଳେ ବୁଧବାର ଜଣେ ଛାତ୍ରଙ୍କୁ ଆମ୍ବ ତୋଳିବାରୁ ମାଡ଼ ମରାଯାଇଥିଲା। ଯାହାକୁ ନେଇ ଅଭିଭାବକମାନେ ଉତ୍ତ୍ୟକ୍ତ ହୋଇଥିଲେ। ତେବେ ମାମଲା ଥାନାକୁ ଯିବା ପରେ ୧୫ ଦିନ ମଧ୍ୟରେ ଘର ଛାଡ଼ିଦେବେ ବୋଲି ସେମାନେ ଲିଖିତ ଆକାରରେ ଜଣାଇଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ପାଚିକା ରହୁଥିବା ଘରେ ରାଜୀବ ଆବାସ ଟ୍ୟାଗ ଲାଗିଛି। ରାଜୀବ ଆବାସ ଯୋଜନାରେ ସେଠାରେ ବିଏମ୍‌ସି ତାଙ୍କୁ ଘର ଦେଇଥିବା ସମ୍ପୃକ୍ତ ପୂର୍ବତନ ପାଚିକା କହିଛନ୍ତି। ସମ୍ପୃକ୍ତ ପାଚିକା ଓ ତାଙ୍କ ପରିବାର ରହୁଥିବା ଏହି ବେଆଇନ ଘରେ 'ରାଜୀବ ଆବାସ ଯୋଜନା'ର ଟ୍ୟାଗ କିପରି ଲାଗିଲା ଏବଂ ସ୍କୁଲ ପରିସରରେ ଘର କରି ରହିବାକୁ କିଏ ଅନୁମତି ଦେଲା ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩ ମାର୍ଚ୍ଚ, ୨୦୨୩

**ଧମକ ଦେଇ ଜଣେ ଗିରଫ**

**ପୁରୀ ଅଫିସ:** ଘର ନିକଟକୁ ଆସି ଅଶାଳୀନ ଭାଷାରେ ଗାଳି ଦେଇ ସୋସିଆଲ ମିଡିଆରେ ମହିଳାଙ୍କ ଅନ୍ତରଙ୍ଗ ଫଟୋକୁ ଭାଇରାଲ କରିବା ପାଇଁ ଧମକ ଦେବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ଅଠରନଳା ଅଞ୍ଚଳର ରତି ରଂଜନ ସେଠୀ (୨୯)। ପୋଲିସ ଏ ନେଇ ଏକ କେସ୍ (ନଂ ୩୩୮/୨୨) ରୁଜୁ କରିଛି।



## ସଂକ୍ଷେପରେ

### ବରିଷ୍ଠ ସେବାୟତଙ୍କ ପରଲୋକ

**କାକଟପୁର/ଅସ୍ତରଙ୍ଗ,୨।୩ (ଡି.ଏନ୍.ଏ.):** କାକଟପୁର ମଙ୍ଗଳାଙ୍କ ସେବାୟତ ପରିବାରର ହୃଷୀକେଶ ଦୀକ୍ଷିତ (୮୦)ଙ୍କ ଗୁରୁବାର ପରଲୋକ ହୋଇଛି। ଗତ କିଛିଦିନ ହେବ ସେ ଘରେ ଶଯ୍ୟାଶାୟୀ ଥିଲେ। ହଠାତ୍ ତାଙ୍କ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ବାଧା ଉପଜିଥିବାରୁ ଆମ୍ବୁଲାନ୍ସରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ପ୍ରଥମେ ଖୋର୍ଦ୍ଧା ନିକଟସ୍ଥ ହଳଦିଆଠାରେ ଶିକ୍ଷକ ଜୀବନ ଆରମ୍ଭ କରି ପରେ ପିପିଲି ମାଧିପୁର କାକଟପୁର ପ୍ରାଥମିକ ବିଦ୍ୟାଳୟ, ବାଜପୁର ବିଦ୍ୟାଳୟ ଓ ଶେଷରେ କାକଟପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ନିର୍ବାହ କରିବା ସହ ରାଜ୍ୟପାଳ ପୁରସ୍କାର ପାଇ କାକଟପୁର ପାଇଁ ଗୌରବ ଆଣିଥିଲେ। ତାଙ୍କର ଶିକ୍ଷକ ଜୀବନକାଳ ମଧ୍ୟରେ ବହୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରି ଉଚ୍ଚ ପଦବୀରେ ବସାଇଛନ୍ତି। ଏହାପରେ କାକଟପୁର ମଙ୍ଗଳା ମନ୍ଦିରରେ ସେବାୟତ ରୂପେ ନିୟୋଜିତ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ଅଞ୍ଚଳର ଶୁଭେଚ୍ଛୁମାନେ ଘର ପାଖକୁ ଆସିଥିଲେ। ଜିଲା ପରିଷଦ ସଭ୍ୟା ସଂଯୁକ୍ତା ଦୀକ୍ଷିତ ଓ ସେବାୟତ ତୁଷାରରଞ୍ଜନ ଦୀକ୍ଷିତ, କମଳଲୋଚନ ଦୀକ୍ଷିତ, ମାନସ ଦୀକ୍ଷିତ ଶେଷ ଦର୍ଶନ କରିଥିଲେ। ତାଙ୍କର ମୃତଦେହକୁ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ନିଜ ଗାଁ ଶ୍ମଶାନରେ ଦାହ କରାଯାଇଥିଲା। ଶୋଭାଯାତ୍ରାରେ ବହୁ ବୁଦ୍ଧିଜୀବୀ, ପୁରାତନ ଛାତ୍ର, ସେବକ ସମିତି ସଭାପତି ମନୋରଞ୍ଜନ ପଣ୍ଡା, ଜମେଶ୍ୱର ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, ଚିତ୍ତରଞ୍ଜନ ପଣ୍ଡା, ଦେବରାଜ ଦୀକ୍ଷିତ, ଦୁଷ୍ମନ୍ତ ଦୀକ୍ଷିତ, ଅଭିରାମ ଦୀକ୍ଷିତ, ସରପଞ୍ଚ ଅଭୟ ସେଠୀ, ଦେବାଶିଷ ଦୀକ୍ଷିତ, ବେଣୁଧର ସୁଆର, ସପନୀ ପଣ୍ଡା ଉପସ୍ଥିତ ଥିବାବେଳେ ବଡ଼ ପୁଅ ସବ୍ୟସାଚୀ ଦୀକ୍ଷିତ ମୁଖାଗ୍ନି ଦେଇଥିଲେ।

### ରତନପୁର ବିଜ୍ଞାନ କଲେଜ ସଫ୍ଟବଲ୍ ଚାମ୍ପିୟନ

**ପୁରୀ ଅଫିସ,୨।୩:** ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ ମହାବିଦ୍ୟାଳୟ ସଫ୍ଟବଲ୍ ପ୍ରତିଯୋଗିତା ଗୁରୁବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ୧୦ଟି ମହାବିଦ୍ୟାଳୟର ଦଳ ଭାଗ ନେଇଥିଲେ। ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଅଧକ୍ଷା ଡ. ସୁଜାତା ମିଶ୍ର ଓ ଏକାଡେମିକ ଗୌରୀଶଙ୍କର ମଲ୍ଲିକ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଅସ୍ତରଙ୍ଗସ୍ଥିତ ରତନପୁର ବିଜ୍ଞାନ କଲେଜ ଏବଂ ଯାଜପୁରସ୍ଥିତ ଏନ୍‌ସି ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ରତନପୁର ବିଜ୍ଞାନ କଲେଜ ବିଜୟ ଲାଭ କରି ଉତ୍କଳ ବିଶ୍ୱବିଶ୍ୱାଳୟ ଚାମ୍ପିୟନ ହୋଇଛି। ମହାବିଦ୍ୟାଳୟର କ୍ରୀଡ଼ା ସଂସଦର ଉପାଧ୍ୟକ୍ଷ ଗୌତମ ସେଠୀ, ଉପାଧ୍ୟକ୍ଷ କ୍ରୀଡ଼ା ସଂସଦ ଦିଲୀପ ସ୍ୱାଇଁ, କେ.ସି. ମଲ୍ଲିକ୍ ଓ ଗୁରୁ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ବିଜେତା ଦଳ ଏବଂ ଉପବିଜେତା ଦଳକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ଚୟନକର୍ତ୍ତା ରଞ୍ଜନ ସୂତାର ଓ ବିଭୁ ପ୍ରସାଦ ରଥ ଯୋଗଦାନ କରିଥିଲେ। ଉକ୍ତ ପ୍ରତିଯୋଗିତାର ପୁରୀ ତଥା ଆନ୍ତର୍ଜାତିକ ସଫ୍ଟବଲ ଖେଳାଳି ମନୋଜ କୁମାର ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାକୁ ସୌମେନ୍ଦ୍ର ହରିଚନ୍ଦନ, ରାଜ କିଶୋର ପଟ୍ଟନାୟକ, ରଞ୍ଜନ ରଥ, ସୌଭାଗ୍ୟ ସାହୁ, ଅଶୋକ ମହାନ୍ତି, ସୀତାକାନ୍ତ ପଟ୍ଟନାୟକ, ଅରବିନ୍ଦ ଦାସ, ଲକ୍ଷ୍ମୀପ୍ରସାଦ ଦାସ, ଗୁରୁ ପ୍ରସାଦ ଲେହରୀ, ସୌରଭ ରଥ, ଏଲୋରା କାନୁନଗୋ ଏବଂ ରବିନ ପରିଡ଼ା କ୍ରୀଡ଼ା ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ରଞ୍ଜିତ ମିଶ୍ର ଏବଂ ରାଜକିଶୋର ମହାନ୍ତି ପ୍ରତିଯୋଗିତା ପରିଚାଳନା କରିଥିଲେ।

# ନିର୍ମାଣ ପରେ ବି କାର୍ଯ୍ୟକ୍ଷମ ହେଉନି ଥାନା

**ନିମାପଡ଼ା,୨।୩(ଡି.ଏନ୍.ଏ.)**



ନବ ନିର୍ମିତ ନିମାପଡ଼ା ଥାନା।.....

ରାଜ୍ୟ ସରକାରଙ୍କ ଗୃହ ବିଭାଗର ପ୍ରାୟ ୧ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟରେ ନିମାପଡ଼ାଠାରେ ବହୁ ପ୍ରତୀକ୍ଷିତ ନବନିର୍ମିତ ନିମାପଡ଼ା ଥାନାର ନୂତନ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ମାସେ ହେବ ସରିଛି। ପୋଲିସ ହାଉସିଂବୋର୍ଡ ଏହି ନବନିର୍ମିତ ଥାନା ନିର୍ମାଣ ସମାପନ କରି ନିମାପଡ଼ା ଥାନା ଅଧିକାରୀଙ୍କୁ ହସ୍ତାନ୍ତର କରିଛି। ହେଲେ ଥାନାକୁ ଏହି ନୂତନ ବିଲ୍ଡିଂ ପ୍ରାୟ ୪ ମାସ ହେବ ହସ୍ତାନ୍ତର ହୋଇଥିଲେ ମଧ୍ୟ ଅଦ୍ୟାବଧି ଏହାର ଉଦ୍‌ଘାଟ, ଲୋକାର୍ପିତ ହୋଇପାରି ନ ଥିବାରୁ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ନୂତନ ଥାନା ଉଦ୍‌ଘାଟିତ ହୋଇପାରି ନ ଥିବାରୁ ଏବେ ବ୍ରିଟିଶ ଅମଳର ଏହି ବହୁ ପୁରାତନ ନିମାପଡ଼ା ଥାନାଟି ରୁଗ୍ଣ, ଜରାଜୀର୍ଣ୍ଣ ଆଜବେଷ୍ଟସ ଘରେ କାର୍ଯ୍ୟ କରୁଛି। ଆୟତନ, ଜନସଂଖ୍ୟା, ପରିସୀମା, ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ନିମାପଡ଼ା ଥାନାଟି ପୁରୀ ଜିଲାର ଏକ ସୁଦୀର୍ଘ ଥାନା ଭାବେ ବେଶ୍ ଜଣାଶୁଣା। ନବନିର୍ମିତ ଥାନାର ନିର୍ମାଣ କାର୍ଯ୍ୟ ସରିଥିବାବେଳେ ପୁରୁଣା, ରୁଗ୍ଣ, ଅତି ସଂକୀର୍ଣ୍ଣ ଗୃହରେ ଚାଲିଥିବା ନିମାପଡ଼ା ଥାନା ନୂତନ ଥାନା ବିଲ୍ଡିଂକୁ ସ୍ଥାନାନ୍ତର ହୋଇପାରି ନ ଥିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ବହୁ ବୁଦ୍ଧିଜୀବୀ, ରାଜନେତା, ସାମାଜିକ କର୍ମୀ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ଏହା କେବେ ଉଦ୍‌ଘାଟନ ଓ ଲୋକାର୍ପିତ ହୋଇ ଲୋକଙ୍କ ସେବାରେ ଲାଗିବ ତାହା ସ୍ପଷ୍ଟ ଭାବେ ଜଣାପଡୁନାହିଁ।

ଏ ସମ୍ପର୍କରେ ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କୁ ପଚାରିବାରେ, ଖୁବ୍‌ଶୀଘ୍ର ନିମାପଡ଼ାର ନବନିର୍ମିତ ଥାନା ଉଦ୍‌ଘାଟିତ ହୋଇ ଲୋକାର୍ପିତ ହେବ ବୋଲି କହିଛନ୍ତି। ଏନେଇ ସ୍ଥାନୀୟ ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ପଚାରିବାରେ, ଖୁବ୍‌ଶୀଘ୍ର ନବନିର୍ମିତ ନିମାପଡ଼ା ଥାନାର ନୂଆ ବିଲ୍ଡିଂ ଉଦ୍‌ଘାଟିତ ହୋଇ କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି। ଯଥାଶୀଘ୍ର ନବନିର୍ମିତ ଥାନାକୁ ଲୋକାର୍ପିତ କରାଯାଇ କାର୍ଯ୍ୟକ୍ଷମ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ପୋଲିସ ଡିଜି, ଡିଆଇଜି, ପୁରୀ ଏସ୍‌ପି, ଗୃହମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀଙ୍କ ନିକଟରେ ଦାବିକରିଛନ୍ତି।


ପୁରୀ କେଶରୀୟା ହିନ୍ଦୁ ବାହିନୀ ପକ୍ଷରୁ ଗୁରୁବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଜନ୍ମଦିନର ଶୁଭେଚ୍ଛା ଜ୍ଞାପନ କରାଯାଉଛି।

# ମେଶିନ୍ କାର୍ଯ୍ୟକୁ ବିରୋଧ କରି ଶ୍ରମିକଙ୍କ ଧାରଣା

**ଗୋପ,୨।୩ (ଡି.ଏନ୍.ଏ.)**

ଗୋପ ବ୍ଲକରେ କିଛି ବର୍ଷ ହେବ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଶ୍ରମିକଙ୍କୁ ଶହେ ଦିନର କାର୍ଯ୍ୟ ଦିଆଯାଇଥାଏ। ହେଲେ ଶ୍ରମିକଙ୍କ ବଦଳରେ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ମେଶିନ କାର୍ଯ୍ୟ କରୁଥିବାରୁ ଶ୍ରମିକ ଏହାକୁ ବିରୋଧ କରି ଗୁରୁବାର ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ବିଡିଓ ଦୀପ୍ତିରାଣୀ ଦାସ ଘଟଣାସ୍ଥଳରେ ପହଞ୍ଚି ଶ୍ରମିକଙ୍କୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ମୁତାବକ, ଗୋପ ବ୍ଲକ ଅନ୍ତର୍ଗତ ନୂଆ ଖୋଲମରା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏକ ଶଶ୍ମାନ କାମ ମେଶିନ୍ ଦ୍ୱାରା କରାଯାଉଛି। ଶ୍ରମିକଙ୍କୁ ଏଥିରେ ସାମିଲ କରା ନ ଯାଇ ତାଙ୍କ ଜବ୍ କାର୍ଡ ମାଧ୍ୟମରେ ଅର୍ଥ ହଡପ୍ କରି ନିଆଯାଉଛି। ଏହାର ପ୍ରତିବାଦ କରି ଶ୍ରମିକ ଧାରଣାରେ ବସିଥିଲେ। ବିଡିଓ ଦାସଙ୍କୁ ପଚାରିବାରେ, ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।


ଗୋପ ବ୍ଲକ କାର୍ଯ୍ୟାଳୟ ଆଗରେ ଶ୍ରମିକମାନେ ଧାରଣା ଦେଇଛନ୍ତି।

# ୨୧୮ ଜଣଙ୍କୁ ମିଳିଲା ସାଇକେଲ


ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଅନ୍ୟ ଅତିଥିଙ୍କ ଗହଣରେ ସାଇକେଲ ପାଇଥିବା ହିତାଧିକାରୀମାନେ।

**ପୁରୀ ଅଫିସ, ୨।୩**

ପୁରୀ ପୌରପାଳିକାର ୨୧୮ ଜଣ ସ୍ୱଚ୍ଛସାଥୀ, ଜଳ ସାଥୀ, ଆହାର କର୍ମୀ ପ୍ରମୁଖଙ୍କୁ ଗୁରୁବାର ରାଜ୍ୟ ସରକାରଙ୍କ ପକ୍ଷରୁ ସାଇକେଲ ବଣ୍ଟନ କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗୋଷ୍ଠୀ ସହଭାଗିତାର ଉତ୍ସବ ପାଳନ ଅବସରରେ ଏହି ସାଇକେଲ ବିତରଣ କରାଯାଇଛି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ପରେ ପୁରୀ ପୌର ପାଳିକା ପକ୍ଷରୁ ଟାଉନ ହଲଠାରେ ସାଇକେଲ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ଏହି ସାଇକେଲ ପାଇବା ଦ୍ୱାରା କର୍ମଚାରୀଙ୍କ କର୍ମ ତତ୍ପରତା ବୃଦ୍ଧି ପାଇବା ସହ କର୍ମକ୍ଷେତ୍ରକୁ ଯିବା ଆସିବାରେ ସହାୟକ ହୋଇପାରିବ। ପୁରୀ ଏକ ଧାର୍ମିକ ସହର ସହ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ହଜାର ହଜାର ପର୍ଯ୍ୟଟକ ଦୈନିକ ଏଠାକୁ ଆସିଥାନ୍ତି। ତେଣୁ ସହରକୁ ସ୍ୱଚ୍ଛ ରଖିବା ଦାୟିତ୍ୱ ଆମ ସମସ୍ତଙ୍କର ହେବା ଉଚିତ। ଆମ ସମସ୍ତଙ୍କ ଉଦ୍ୟମରେ ପୁରୀର ଅନେକ ବିକାଶ ହେଉଛି। ତେଣୁ ସମସ୍ତଙ୍କ ସହଯୋଗରେ ପୁରୀକୁ ଏକ ନମ୍ବର ପୌରପରିଷଦ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ସାଇକେଲ ବିତରଣ କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିବା ସହ ଏହା ଦ୍ୱାରା କର୍ମଚାରୀମାନେ ସମୟ ବଞ୍ଚାଇବା ସହିତ ଯାତାୟାତ ଖର୍ଚ୍ଚ ସଞ୍ଚୟ କରି ଉପକୃତ ହୋଇପାରିବେ ବୋଲି କହିଥିଲେ। ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏହା ଆଉ ଏକ ପାଦ ଆଗକୁ ନେବ ବୋଲି ସେ କହିଥିଲେ। ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିବା ସହ ଯେଉଁମାନେ ସାଇକେଲ ପାଉଛନ୍ତି ସେମାନେ ତାହାର ଉପଯୁକ୍ତ ଉପଯୋଗ କରିବା, ସମୟାନୁବର୍ତ୍ତିତା ହେବା ଓ ନିଷ୍ଠାପର ଭାବେ ସେବା ପ୍ରଦାନ କରିବା ପାଇଁ ସେ ଅନୁରୋଧ କରିଥିଲେ। ଏହି ଅବସରରେ ହିତାଧିକାରୀମାନଙ୍କୁ ଅତିଥିମାନେ ସାଇକେଲ ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ମଞ୍ଚାସୀନ ଥିଲେ। ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା ସଭା ପରିଚାଳନା କରିଥିଲେ।

# ବିଜୁ ଜୟନ୍ତୀ ପାଳନ ପାଇଁ ମନ୍ତ୍ରୀଙ୍କ ବୈଠକ

**ଅସ୍ତରଙ୍ଗ,୨।୩ (ଡି.ଏନ.ଏ)**

ଆସନ୍ତା ୫ ତାରିଖ ଅସ୍ତରଙ୍ଗ ବ୍ଲକରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଉଛି। ଏହି ବୈଠକରେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ କ୍ରୀଡା ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରମୁଖ ଯୋଗଦେଇଥିଲେ। ୫ତାରିଖରେ ଅସ୍ତରଙ୍ଗ ବ୍ଲକରେ ଏକ ବିରାଟ ସାଇକେଲ ଶୋଭାଯାତ୍ରା ବାହାରି ବିଭିନ୍ନ ସ୍ଥାନ ପରିକ୍ରମା କରି କୁହୁଡ଼ିସ୍ଥିତ ଲବଣ ସତ୍ୟାଗ୍ରହ ପୀଠରେ ପହଞ୍ଚିବେ। ସେଠାରେ ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ।

ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ ବେହେରା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ବୈଠକରେ ବ୍ଲକର ୧୫ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି, ଶତାଧିକ କର୍ମୀ ଓ ବରିଷ୍ଠ ନେତାମାନେ ଯୋଗଦେଇଥିଲେ। ବିଜେଡି ବ୍ଲକ ସଭାପତି କେଦାରନାଥ ବିଶାଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ପଞ୍ଚାନନ ସ୍ୱାଇଁ, କୁଞ୍ଜବିହାରୀ ପ୍ରଧାନ, ଯୁବ ନେତା ଦିବ୍ୟଦର୍ଶୀ ବିଶାଳ, ପ୍ରଫୁଲ୍ଲ ସ୍ୱାଇଁ, ପୁରନ୍ଦର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟ ଯୁବତୀଙ୍କ ହାତ ଧରିଲେ ଦିବ୍ୟାଙ୍ଗ ଯୁବକ

**ଗୋପ,୨।୩ (ଡି.ଏନ୍.ଏ.)**



ଗୋପ ବ୍ଲକ ଅନ୍ତର୍ଗତ ପୟରା ପଞ୍ଚାୟତ ଅଧୀନ ହେଲାରି ଗ୍ରାମର ଦିବ୍ୟାଙ୍ଗ ଯୁବକ ଜଗନ୍ନାଥ ବେହେରା ବୁଧବାର ଜଣେ ଅସହାୟ ଯୁବତୀଙ୍କ ହାତ ଧରିଛନ୍ତି। ସେମାନଙ୍କ ଏହି ପ୍ରେମ ସମ୍ପର୍କ ସୋସିଆଲ ମିଡ଼ିଆରେ ଆରମ୍ଭ ହୋଇଥିବାବେଳେ ଏହା ସମାଜ ଲାଗି ସୁନ୍ଦର ବାର୍ତ୍ତା ବୋଲି ଜଗନ୍ନାଥଙ୍କ ବାପା ଅଭୟ ବେହେରା କହିଛନ୍ତି। ଏହି ବିବାହ ଉତ୍ସବ ହିନ୍ଦୁ ଧର୍ମ ରୀତିନୀତିରେ ବେଶ୍ ଯାକଜମକରେ ସମ୍ପନ୍ନ ହୋଇଛି। ସୂଚନା ଅନୁସାରେ, ଜଗନ୍ନାଥଙ୍କ ଜନ୍ମରୁ ବାମ ହାତଟି ନ ଥିଲା। ସେ ତାଙ୍କର ସମସ୍ତ କାର୍ଯ୍ୟ ଡାହାଣ ହାତରେ କରିଥାନ୍ତି। ଅଭୟଙ୍କ ୨ ପୁଅ ଥିବାବେଳେ ଜଗନ୍ନାଥ ତାଙ୍କ ବଡ଼ପୁଅ। ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଜଗନ୍ନାଥ ୪/୫ ବର୍ଷ ହେବ ବ୍ୟବସାୟ କରୁଛନ୍ତି। କିଛି ଦିନ ତଳେ ଜଗନ୍ନାଥ ବ୍ରହ୍ମପୁର ଅଞ୍ଚଳର ଜଣେ ଯୁବତୀ ଲକ୍ଷ୍ମୀଙ୍କ ସହ ସୋସିଆଲ ମିଡ଼ିଆ ଜରିଆରେ ସମ୍ପର୍କକୁ ଆସିଥିଲେ। ଯୁବତୀ ଜଣଙ୍କ ସାବତ ମା'ଙ୍କ ଆକ୍ରୋଶର ଶିକାର ହୋଇ ଘର ଛାଡ଼ି ଚେନ୍ନାଇରେ କମ୍ପାନୀ ଚାକିରି କରୁଥିବା ଜଗନ୍ନାଥ ଜାଣିବାକୁ ପାଇଥିଲେ। ପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିବାରୁ ଜଗନ୍ନାଥ ଯୁବତୀଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ସେଥିରେ ରାଜି ହେବାରୁ ୨ ସପ୍ତାହ ତଳେ ଯୁବତୀ ଚେନ୍ନାଇରୁ ଟ୍ରେନ୍ ଯୋଗେ ଗୋପ ପଳାଇ ଆସିଥିଲେ। ଜଗନ୍ନାଥଙ୍କ ପରିବାର ଏ କଥା ଜାଣିବା ପରେ ହିନ୍ଦୁ ଧର୍ମ ଅନୁସାରେ ଦୁହିଁଙ୍କ ବିବାହ କାର୍ଯ୍ୟ ସମ୍ପାଦନା କରି ଲକ୍ଷ୍ମୀଙ୍କୁ ବୋହୂ ଭାବେ ଗ୍ରହଣ କରିଛନ୍ତି। ଏନେଇ ଜଗନ୍ନାଥଙ୍କୁ ପଚାରିବାରେ 'ମତେ ଭଗବାନ ଦିବ୍ୟାଙ୍ଗ କରିଛନ୍ତି ସତ, କିନ୍ତୁ ମୁଁ ସମାଜର ମଣିଷଙ୍କୁ ଖୁବ୍ ଭଲ ଭାବରେ ଜାଣିଛି। ଜଣେ ଅସହାୟ ଯୁବତୀଙ୍କୁ ଭଲ ପାଇ ବିବାହ କରି ଥିବାରୁ ମୋ ପରିବାର ଖୁସି ଅଛନ୍ତି।'

# ପୁରସ୍କାର, ପ୍ରମାଣପତ୍ର ମନୋବଳକୁ ଦୃଢ଼ କରିଥାଏ

**ଗୋପ,୨।୩ (ଡି.ଏନ୍.ଏ.)**

ଶିକ୍ଷାକୁ ଗୁରୁତ୍ୱ ଦେବା ପରି କ୍ରୀଡ଼ାକୁ ମଧ୍ୟ ଗୁରୁତ୍ୱ ଦେବାର ସମୟ ଆସିଛି। ରାଜ୍ୟ ସରକାର ମଧ୍ୟ କ୍ରୀଡ଼ାକୁ ନେଇ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। କ୍ରୀଡ଼ା ପ୍ରତିଯୋଗିତାରେ ସାର୍ଟିଫିକେଟ ପାଇବା ପରେ ମନୋବଳ ଦୃଢ଼ ହୋଇଥାଏ। ଗୋପ ବ୍ଲକସ୍ଥିତ ଗଣେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର କ୍ରୀଡ଼ା ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଯୋଗଦେଇ ଏହା କହିଥିଲେ। ପ୍ରଧାନ ଶିକ୍ଷକ ଦିବାକର ଦଳାଇ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ସାମାଜିକ କର୍ମୀ କସ୍ତୁରୀବାଳା ସ୍ୱାଇଁ, ପଞ୍ଚାୟତ ସରପଞ୍ଚ ପ୍ରଭାତ



କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପିଲାମାନେ।

**୫୫ ଛାତ୍ରୀଛାତ୍ର ସମ୍ମାନିତ**

ବେହେରା, ଶିକ୍ଷାବିତ୍ ଗଗନ ନାୟକ ପ୍ରମୁଖ ଯୋଗଦେଇ କ୍ରୀଡ଼ା ଓ ଶିକ୍ଷା ଗୋଟିଏ ଟଙ୍କାର ଦୁଇ ପାର୍ଶ୍ୱ। ଛାତ୍ରୀଛାତ୍ର ଦୁଇଟିକୁ ଗୁରୁତ୍ୱ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କ୍ରୀଡ଼ାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୫୫ଜଣ ଛାତ୍ରୀଛାତ୍ରଙ୍କୁ କପ୍, ସିଲ୍ ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ଶ୍ରୀକାନ୍ତ ନାୟକ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ଗୁରୁବାରଠାରୁ ଯୁକ୍ତ୨ କଳା ପରୀକ୍ଷା ଆରମ୍ଭ ହୋଇଛି। ଏସ୍‌ସିଏସ୍ କଲେଜ ପରିସରରେ ପରୀକ୍ଷାର୍ଥୀମାନେ ପରୀକ୍ଷା ହଲ୍‌କୁ ଯିବା ପୂର୍ବରୁ ରୋଲ ନମ୍ବର ଦେଖୁଛନ୍ତି।

# ସେମିରେ ଏମ୍‌ସିସି ଜଗତ୍‌ସିଂହପୁର

## ମା' ତାରିଣୀ କ୍ରିକେଟ କପ୍

**ଅସ୍ତରଙ୍ଗ,୨।୩ (ଡି.ଏନ୍.ଏ.)**

ଅସ୍ତରଙ୍ଗର ମା' ତାରିଣୀ ସ୍ପୋର୍ଟିଂ କ୍ଲବ ଦ୍ୱାରା ନିକଟସ୍ଥ ଚୌଧୁରୀ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ତୃତୀୟ କ୍ୱାର୍ଟର ଫାଇନାଲ ଗୁରୁବାର ଅନୁଷ୍ଠିତ ହୋଇଛି। ଯଦୁପୁର ଭୁବନେଶ୍ୱର ଏବଂ ଏମସିସି ଜଗତସିଂହପୁର ମଧ୍ୟରେ ଏହି ମ୍ୟାଚ ହୋଇଯାଇଛି। ପ୍ରଥମେ ଯଦୁପୁର ଭୁବନେଶ୍ୱର ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା। ଜବାବରେ ୧୧୧ ରନ ବିଜୟ ଲକ୍ଷ୍ୟର ପିଛା କରି ଏମ୍‌ସିସି ଦଳ ୧୯ ଓଭରରେ ୭ ଉଇକେଟ ହରାଇ ଆବଶ୍ୟକ ରନ୍ କରି ମ୍ୟାଚ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ସ୍ୱାଗତ ୪ ଓଭର ବୋଲିଂ କରି ୫ରନ ଦେବା ସହିତ ୪ଟି ଉଇକେଟ ଅକ୍ତିଆର କରି ମ୍ୟାନ ଅଫ୍ ଦି ମ୍ୟାଚ୍ ରୂପେ ବିବେଚିତ ହୋଇଥିଲେ। ଅମ୍ପାୟର ସୁରେଶ ତ୍ରିପାଠୀ ଏବଂ କୁମାର ବାପି ଖେଳ ପରିଚାଳନା କରିଥିଲେ। ମହେଶ ସାର,ଦୀପକ ଦାସ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ସଭାପତି ମନୋଜ ବିଶ୍ୱାଳ, କ୍ରୀଡା ସମ୍ପାଦକ ସମୀର କୁମାର କର, ସଂଯୋଜକ ସୁଦୀପ୍ତ ରାଉତ, ସରୋଜ ପ୍ରଧାନ, ସଞ୍ଜୟ ପ୍ରଧାନ, ଦିଲୀପ ଦାସ, ମହେଶ ସାର, ପ୍ରକାଶ ବେହେରା, ରମାରଞ୍ଜନ ମହାନ୍ତି ଏବଂ କ୍ଲବର ଅନ୍ୟ ସମସ୍ତ ସଭ୍ୟାବୃନ୍ଦ ଉପସ୍ଥିତ ରହି ମ୍ୟାଚ ପରିଚାଳନା କରିଥିଲେ।


ଖେଳାଳିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଆଇନଗତ ସାକ୍ଷର ହେବାକୁ ମହିଳାଙ୍କୁ ଆହ୍ୱାନ

**ପୁରୀ ଅଫିସ,୨।୩**

ମହିଳାମାନେ ସଶକ୍ତ ହେବା ସହ ଆଇନଗତ ସାକ୍ଷର ହେଲେ ଏକ ସମୃଦ୍ଧ ସମାଜ ଗଠନ ସହଜ ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ବଳିଆପଣ୍ଡାସ୍ଥିତ ଗାନ୍ଧୀ ଶ୍ରମ ପ୍ରତିଷ୍ଠାନଠାରେ ସ୍ୱାତୀ ସାମାଜିକ ଅନୁଷ୍ଠାନ ପକ୍ଷରୁ ହାଇଦ୍ରାବାଦସ୍ଥିତ ୟୁ.ଏସ୍. କନସଲ୍‌ଟ ସହଯୋଗରେ ଆଇନଗତ ସାକ୍ଷରତା ସମ୍ପର୍କିତ ମହିଳା ସଶକ୍ତୀକରଣର ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସେହିପରି ଉଦ୍‌ଯାପନୀ ଦିବସରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଶିଶୁ ସୁରକ୍ଷା କମିଟିର ସଦସ୍ୟ ରାମଶଙ୍କର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଠାରୁ ପ୍ରଶିକ୍ଷିତ ପ୍ରତ୍ୟେକ ସଦସ୍ୟ ସମାଜ ସଂସ୍କାରକ ଭୂମିକା ନିର୍ବାହ କରି ଅନ୍ୟମାନଙ୍କୁ ସଚେତନ କରାଇବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସ୍ୱାତୀ ଅନୁଷ୍ଠାନ ପକ୍ଷରୁ ବିଷୟ ବିଶାରଦ ଭାବେ ସୁଜାତା ମହାପାତ୍ର ଓ ପଦ୍ମଲୋଚନ ଦାଶ ବିସ୍ତୃତ ସଚେତନ କରାଇବା ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ସ୍ୱଚ୍ଛସାଥୀ, ଜଳସାଥୀ, ଆଇନଜୀବୀ, ସାମାଜିକ କର୍ମୀ, ଜିଲା ଆଇନ ସେବା ପ୍ରାଧିକରଣ ସଦସ୍ୟ ତଥା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀମାନେ ପ୍ରଶିକ୍ଷଣ ନେଇଥିଲେ। ସମସ୍ତଙ୍କୁ ମାନପତ୍ର ଓ ଆଇନ ସମ୍ପର୍କିତ ପୁସ୍ତକ ପ୍ରଦାନ କରାଯାଇଥିଲା।



ଆଇନଗତ ସାକ୍ଷରତା ସମ୍ପର୍କିତ ମହିଳା ସଶକ୍ତୀକରଣ ସଂକ୍ରାନ୍ତ ପ୍ରଶିକ୍ଷଣ ଶିବିରରେ ଅତିଥିଙ୍କ ସହ ପ୍ରଶିକ୍ଷାର୍ଥୀମାନେ।

# ଆଇଡବ୍ଲ୍ୟୁଏଲ୍ ଟାଇଟଲ ଲକ୍ଷ୍ୟରେ ଶ୍ରଦ୍ଧାଞ୍ଜଳି

**ଦୃଢ଼ ଇଚ୍ଛା ଓ ଅଧ୍ୟବସାୟ ବଳରେ ସବୁକିଛି ସମ୍ଭବ ବୋଲି ପ୍ରମାଣିତ କରିଛନ୍ତି ଶ୍ରଦ୍ଧାଞ୍ଜଳି ପଣ୍ଡା। କେନ୍ଦ୍ରାପଡ଼ା ଆଳିରୁ ଆସିଥିବା ଏହି ୨୪ ବର୍ଷୀୟା ମହିଳା ଫୁଟ୍‌ବଲର ଅନେକ ବାଧାବିଘ୍ନ ଅତିକ୍ରମ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।**

ପ୍ର–ଫୁଟ୍‌ବଲ ପ୍ରତି କିଭଳି ଆକର୍ଷିତ ହେଲେ ?

ଉ: ସ୍କୁଲରେ ପଢ଼ିବା ସମୟରୁ ଖେଳକୁଦ ଭଲ ଲାଗୁଥିଲା। ନବମ ଶ୍ରେଣୀ ପର୍ଯ୍ୟନ୍ତ ଫୁଟ୍‌ବଲ ସମ୍ପର୍କରେ କୌଣସି ଜ୍ଞାନ ନ ଥିଲା। ତେବେ ସାଙ୍ଗମାନଙ୍କୁ ଦେଖି ଫୁଟ୍‌ବଲ ଖେଳିବା ଆରମ୍ଭ କରିଥିଲି।

ପ୍ର–ନିଜ ସମ୍ପର୍କରେ କିଛି କୁହନ୍ତୁ ?

ଉ:ମୁଁ କେନ୍ଦ୍ରାପଡ଼ା ଆଳିର ବାସିନ୍ଦା। ପିତା କରୁଣାକର ପଣ୍ଡା ଜଣେ ରୋଷେୟା ଏବଂ ମା' ପ୍ରମିଳା ପଣ୍ଡା ଗୃହିଣୀ। ନବମ ଶ୍ରେଣୀରୁ ଫୁଟ୍‌ବଲ ଖେଳିବା ଆରମ୍ଭ କରିଥିଲି। ୨୦୧୫ରେ ଆନ୍ତଃସ୍କୁଲ ଜାତୀୟ ଫୁଟ୍‌ବଲ ପାଇଁ ଓଡ଼ିଶା ଦଳ ପକ୍ଷରୁ ମନୋନୀତ ହୋଇଥିଲି। ଏହା ପରଠାରୁ ଆଉ ପଛକୁ ଫେରି ଚାହିଁନି।

ପ୍ର–ଫୁଟ୍‌ବଲ ଆରମ୍ଭରେ କିଛି ଅସୁବିଧା ରହିଥିଲା କି ?

ଉ:ହଁ, ଏକ ସାଧାରଣ ପରିବାରରୁ ଆସିଥିବା ଜଣେ ଝିଅକୁ ଫୁଟ୍‌ବଲ ଖେଳିବାକୁ ଆରମ୍ଭରୁ ବିରୋଧ କରାଯାଇଥିଲା। ଫୁଟ୍‌ବଲ ପ୍ରତି ଥିବା ଭଲପାଇବା କାରଣରୁ ପ୍ରଥମେ ଲୁଚି ଲୁଚି ଖେଳୁଥିଲି। ତେବେ ପ୍ରଥମଥର ପାଇଁ ଓଡ଼ିଶା ଦଳ ଟ୍ରାଏଲରେ ସିଲେକ୍ସନ ହେବା ପରେ ପରିବାର ଲୋକଙ୍କ ଧାରଣା ବଦଳି ଯାଇଥିଲା।

ପ୍ର–ଫୁଟ୍‌ବଲର ଭାବେ ଆପଣଙ୍କ ଆଦର୍ଶ କିଏ ?

ଉ:ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଏବଂ ପ୍ୟାରୀ ଖାଖାଙ୍କୁ ମୁଁ ମୋର ଆଦର୍ଶ ଭାବରେ ମାନି ଫୁଟ୍‌ବଲର ଯାତ୍ରା ଆରମ୍ଭ କରିଥିଲି। ସୌଭାଗ୍ୟବଶତଃ ଉଭୟଙ୍କ ସହିତ ଖେଳିବାର ସୁଯୋଗ ମଧ୍ୟ ମିଳିଛି। ନନ୍ଦକିଶୋର ସାର୍‌ଙ୍କ ଏକାଡେମୀରେ ଅଭ୍ୟାସ କରିବା ସମୟରେ ଶ୍ରଦ୍ଧାଞ୍ଜଳି ମାଡାମ ଆମର କୋଚ୍ ଥିଲେ। ସେହିପରି ଓଡ଼ିଶା ଏଫ୍‌ସିରେ ପ୍ୟାରୀ ଖାଖାଙ୍କ ନେତୃତ୍ୱରେ ଖେଳିବାର ସୁଯୋଗ ମିଳିଛି।




ପ୍ର–ଚଳିତ ସିଜନରେ ବାଳା ଦେବୀ ଓଏଫ୍‌ସିରେ ଯୋଗଦେଉଛନ୍ତି, ତାଙ୍କଠାରୁ କ'ଣ ଆଶା ରଖିଛନ୍ତି ?

ଉ:ଭାରତୀୟ ମହିଳା ଦଳର ଅଧିନାୟିକା ଭାବେ ସେ ଆମ ପାଇଁ ପ୍ରେରଣା। ଜଣେ ଫରୱାର୍ଡ ଖେଳାଳି ଭାବରେ ବାଳା ଦେବୀ ବେଶ୍ ପ୍ରସିଦ୍ଧ। ତାଙ୍କ ନିକଟରେ ରହିଥିବା ଅଭିଜ୍ଞତାରୁ ଫାଇଦା ନେବାକୁ ପ୍ରୟାସ କରିବି। ସେ ପ୍ରତିପକ୍ଷ ଡିଫେନ୍ସ ଭେଦ କରିବାକୁ କିଭଳି ଯୋଜନା କରନ୍ତି ତାହା ଜାଣିବାକୁ ଚେଷ୍ଟା କରିବି। ମୁଁ ଜଣେ ଡିଫେଣ୍ଡର ହୋଇଥିବାରୁ ଏହା ସହାୟକ ହେବ।

ପ୍ର–ଓଏଫ୍‌ସିରେ ଆପଣଙ୍କ ଅଭିଜ୍ଞତା କିଭଳି ରହିଛି ?

ଉ:ଓଏଫ୍‌ସିରେ ମୁଁ ନଭେମ୍ବର ୯, ୨୦୨୨ରେ ଯୋଗଦେଇଥିଲି। ଏହି ଦଳରେ ପ୍ୟାରୀ ଖାଖା ଓ ଜୁଲି କିଶାନଙ୍କ ପରି ଅନ୍ତର୍ଜାତୀୟ ଅଭିଜ୍ଞତା ରଖିଥିବା ଖେଳାଳି ଅଛନ୍ତି। କ୍ରିସ୍ପିନ୍ ଛେତ୍ରୀ ମୁଖ୍ୟ କୋଚ୍ ଭାବେ ରହିଥିବା ବେଳେ ଗାୟତ୍ରୀ ମଲ୍ଲିକ ସହକାରୀ କୋଚ୍। କୋଚିଂ ଷ୍ଟାଫ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ପକ୍ଷରୁ ସହଯୋଗ ମିଳୁଥିବାରୁ ଦଳର ମାହୋଲ ବେଶ୍ ବଢ଼ିଆ ରହିଛି।

ପ୍ର–ଓଏଫ୍‌ସି ଓଡ଼ିଶା ଓମେନ୍ସ ଲିଗ୍ ବିଜୟୀ ହୋଇଥିବା ବେଳେ ଇଣ୍ଡିଆନ ଓମେନ୍ସ ଲିଗ୍ ପାଇଁ କ'ଣ ଯୋଜନା ରହିଛି ?

ଉ:ଅପରାଜେୟ ଭାବେ ଆମେ ଇଣ୍ଡିଆନ ଓମେନ୍ସ ଲିଗ୍ ପାଇଁ ଯୋଗ୍ୟତା ହାସଲ କରିଛୁ। ବାଳା ଦେବୀଙ୍କ ଟିମ୍‌ରେ ଯୋଗଦେଇଥିବାରୁ ଆମେ ଅଧିକ ଶକ୍ତିଶାଳୀ ହୋଇଛୁ। ତେଣୁ ଓଏଫ୍‌ସି ଚାମ୍ପିୟନ ହେବାର ଲକ୍ଷ୍ୟ ରହିଛି।

ପ୍ର–ଏହା ଆପଣଙ୍କର ତୃତୀୟ ଓମେନ୍ସ ଲିଗ୍। ଏ ସମ୍ପର୍କରେ କିଛି କୁହନ୍ତୁ ?

ଉ:୨୦୧୮ରେ ରାଇଜିଂ ଷ୍ଟୁଡେଣ୍ଟ ଏବଂ ୨୦୨୧ରେ ଅହମ୍ମଦାବାଦର ଆରା ଏଫ୍‌ସି ପାଇଁ ଦୁଇ ଦୁଇଥର ଖେଳିସାରିଛି। ତୃତୀୟଥର ଓଏଫ୍‌ସିର ପ୍ରତିନିଧିତ୍ୱ କରୁଥିବାରୁ ବେଶ୍ ଖୁସି ଲାଗୁଛି।

ପ୍ର–କେନ୍ଦ୍ରାପଡ଼ା ଆଳିରୁ ଓଡ଼ିଶା ଏଫ୍‌ସି ପର୍ଯ୍ୟନ୍ତ ଆପଣଙ୍କର ଯାତ୍ରା ସମ୍ପର୍କରେ କିଛି କୁହନ୍ତୁ ?

ଉ:କେନ୍ଦ୍ରାପଡ଼ାର ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ। ଫୁଟ୍‌ବଲରେ କ୍ୟାରିୟର ଆରମ୍ଭ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ଥିଲା। ୨୦୧୫-୧୭ ଯାଏ ସ୍ପୋର୍ଟସ ହଷ୍ଟେଲ ଏବଂ ୨୦୧୮ରେ ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଖେଳିଥିଲି। ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ନନ୍ଦକିଶୋର ପଟ୍ଟନାୟକଙ୍କ ଏକାଡେମୀରେ ପ୍ରଶିକ୍ଷଣ ନେଇଥିଲି। ଏହି ସମୟରେ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ଅଧୀନରେ ଅଭ୍ୟାସ କରିବାର ସୁଯୋଗ ମଧ୍ୟ ମିଳିଥିଲା। ୨୦୨୧ରେ ଆରା ଏଫ୍‌ସି ପାଇଁ ୩ ମାସ ଓ କେରଳର ଲର୍ଡସ୍ ଏଫ୍‌ସି ପାଇଁ ୨ ମାସ ଖେଳିଛି। କ୍ୟାରିୟରର ଉତ୍ଥାନରେ ଅନେକ ସଂଘର୍ଷ ରହିଥିଲେ ମଧ୍ୟ କୋଚ୍‌ମାନଙ୍କ ସହଯୋଗ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇଛି।

ପ୍ର–ଆଗାମୀ ଦିନ ପାଇଁ କ'ଣ ଯୋଜନା ରହିଛି ?

ଉ:ରାଜ୍ୟ ତଥା ଦେଶ ପାଇଁ ପଦକ ଜିତିବା ମୋର ଏକମାତ୍ର ଲକ୍ଷ୍ୟ। ଆଗାମୀ ଦିନରେ ଓଡ଼ିଶା ଲାଗି ପଦକ ଜିତିବା ସହ ପ୍ୟାରୀଦିଦିଙ୍କ ପରି ଜାତୀୟ ଦଳରେ ସ୍ଥାନ ହାସଲ କରିବା ମୋର ଅଭିଳାଷ ରହିଛି।

–ପ୍ରସ୍ତୁତି: ସରୋଜ କୁମାର ଜେନା



ରଣଜୀ ଚାମ୍ପିୟନ ସୌରାଷ୍ଟ୍ର ଦଳ।

# ସୌରାଷ୍ଟ୍ରର ରଣଜୀ ସଫଳତା



ନିର୍ମଳ କୁମାର ମିଶ୍ର

**ସୌରାଷ୍ଟ୍ର ଦ୍ୱିତୀୟ ଥର ପାଇଁ ରଣଜୀ ଟ୍ରଫି ଚାମ୍ପିୟନ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ଦଳ ୨ ଥର ଯାକ ଫାଇନାଲରେ ବେଙ୍ଗଲକୁ ପରାସ୍ତ କରିଛି। ୨୦୨୦ରେ ଏହି ଦଳ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଚାମ୍ପିୟନ ହୋଇଥିବାବେଳେ ଏଥର ୯ ଉଇକେଟରେ ବିଜୟୀ ହୋଇ ଟାଇଟଲ ହାସଲ କରିଛି...**

ଘରୋଇ କ୍ରିକେଟ ଟୁର୍ନାମେଣ୍ଟର ଶ୍ରେଷ୍ଠ ଫର୍ମାଟ୍ ହେଉଛି ରଣଜୀ ଟ୍ରଫି। ନିକଟରେ ଗତ ସିଜନ ଶେଷ ହୋଇଛି। ଡିସେମ୍ବର ୧୩ରୁ ଆରମ୍ଭ ହୋଇ ଫେବୃୟାରୀ ୨୦ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଖେଳାଯାଇଥିବା ବେଳେ ସୌରାଷ୍ଟ୍ରକୁ ଦ୍ୱିତୀୟ ଟାଇଟଲ ମିଳିଛି। ୨ ବର୍ଷର ଅନ୍ତରରେ ଏହି ପ୍ରିମିୟର ଘରୋଇ ଟୁର୍ନାମେଣ୍ଟ ଫୁଲ୍ ଫର୍ମାଟ୍‌ରେ ଖେଳାଯାଇଥିଲା। ୩୨ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିବା ବେଳେ ପ୍ଲେଟ ଗ୍ରୁପ୍‌ରେ ଅରୁଣାଚଳ ପ୍ରଦେଶ, ସିକିମ, ମଣିପୁର, ମିଜୋରାମ, ମେଘାଳୟ ଓ ବିହାର ରହିଥିଲେ। ଗ୍ରୁପ ପର୍ଯ୍ୟାୟ ପରେ ନକ୍ ଆଉଟ୍ ମ୍ୟାଚ ଖେଳାଯାଇଥିଲା। କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲକୁ ମିଶାଇ ମୋଟ ୧୩୫ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଗ୍ରୁପ ପର୍ଯ୍ୟାୟ ମ୍ୟାଚଗୁଡ଼ିକ ୪ ଦିନ ବିଶିଷ୍ଟ ହୋଇଥିବା ବେଳେ ନକ୍‌ଆଉଟ୍ ପର୍ଯ୍ୟାୟ ୫ ଦିନିଆ ଖେଳାଯାଇଥିଲା। ଏଲିଟ୍ ଗ୍ରୁପ୍ –ଏ ରେ ସ୍ଥାନ ପାଇଥିବା ବେଙ୍ଗଲ ଏବଂ ଏଲିଟ୍ ଗ୍ରୁପ୍ –ବି ଦଳ ସୌରାଷ୍ଟ୍ର ମଧ୍ୟରେ କୋଲକାତାର ଇଡେନ ଗାର୍ଡେନ୍ସଠାରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ମଧ୍ୟପ୍ରଦେଶ, କର୍ଣ୍ଣାଟକ, ସୌରାଷ୍ଟ୍ର ଏବଂ ବେଙ୍ଗଲ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ।

ସୌରାଷ୍ଟ୍ର–କର୍ଣ୍ଣାଟକ ସେମିଫାଇନାଲ ଲଢେଇରେ ସୌରାଷ୍ଟ୍ର ୪ ଉଇକେଟରେ ବିଜୟୀ ହୋଇଥିଲା। ସେହିପରି ବେଙ୍ଗଲ ଓ ମଧ୍ୟପ୍ରଦେଶ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ବେଙ୍ଗଲ ଦଳ ୩୬୦ ରନ୍‌ରେ ବୃହତ୍ ବିଜୟ ହାସଲ କରିଥିଲା। ରୋମାଞ୍ଚଭରା ଫାଇନାଲରେ ସୌରାଷ୍ଟ୍ର ଟିମ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି କରିଥିଲା। ଜୟଦେବ ଉନାଟକଟ ଚମତ୍କାର ବୋଲିଂ କରି ବେଙ୍ଗଲ ପାଇଁ ବିପଦ ଆଣିଥିଲେ। ସୂଚନା ଯୋଗ୍ୟ ଯେ, ଉଭୟ ଦଳ ୨୦୨୦ ରଣଜୀ ଟ୍ରଫି ଫାଇନାଲରେ ମୁହାଁମୁହିଁ ହୋଇଥିବା ବେଳେ ଚଳିତ ବର୍ଷ ଏହାର ଆକ୍ସନ ରିପ୍ଲେ ଦେଖିବାକୁ ମିଳିଥିଲା। ୨୦୨୦ରେ ସୌରାଷ୍ଟ୍ର ଟିମ୍ ପ୍ରଥମ ଇନିଂସ ଭିତ୍ତିରେ ଚାମ୍ପିୟନ ହୋଇଥିଲା। ଏଥର କିନ୍ତୁ ସୌରାଷ୍ଟ୍ର ୯ ଉଇକେଟରେ ବିଜୟୀ ହୋଇ ଟାଇଟଲ ହାସଲ କରିଥିଲା।

ଗତ ୮୭ତମ ସଂସ୍କରଣର ଲିଗ୍ ପର୍ଯ୍ୟାୟରେ ବେଙ୍ଗଲ ଦଳ ଏଲିଟ୍ ଗ୍ରୁପ୍ –ଏ ରେ ୭ଟି ମ୍ୟାଚରୁ ୪ ବିଜୟ, ୧ ପରାଜୟ ଏବଂ ୨ଟି ଅମୀମାଂସିତ ମ୍ୟାଚରୁ ମୋଟ ୩୨ ପଏଣ୍ଟ ପାଇଥିଲା। ଅନ୍ୟପକ୍ଷରେ ସୌରାଷ୍ଟ୍ର ଦଳ ବି– ଗ୍ରୁପ୍‌ରେ ୭ଟି ମ୍ୟାଚ ଖେଳି ୩ ବିଜୟ ୨ ପରାଜୟ ଏବଂ ୨ଟି ଅମୀମାଂସିତ ମ୍ୟାଚରୁ ମୋଟ ୨୬ ପଏଣ୍ଟ ପାଇଥିଲା। ତେଣୁ ଫାଇନାଲ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଥିଲା ମାତ୍ର ଏକତରଫା ଫାଇନାଲରେ ସୌରାଷ୍ଟ୍ର ୪ର୍ଥ ଦିନରେ ୯ଉଇକେଟ୍‌ରେ ବେଙ୍ଗଲକୁ ପରାସ୍ତ କରିଥିଲା।

ଗତ ସିଜନ୍‌ରେ ବ୍ୟାଟରମାନେ ଅନେକ ଆକର୍ଷଣୀୟ ଇନିଂସ ଖେଳିଥିଲେ। ସେହିପରି ଯୁବ ଓ ଅଭିଜ୍ଞ ବୋଲରମାନେ ଭଲ ବୋଲିଂ ମଧ୍ୟ କରିଥିଲେ। କର୍ଣ୍ଣାଟକ ଅଧିନାୟକ ମୟଙ୍କ ଅଗ୍ରୱାଲ, କେରଳର କାଜଲ ସାକ୍ସେନା ଏବଂ ମୁମ୍ବାଇର ପୃଥ୍ୱୀ ଶ' ପ୍ରଭାବୀ ବ୍ୟାଟିଂ କରି ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ମୟଙ୍କ ଅଗ୍ରୱାଲ ୧୩ ଇନିଂସରୁ ୯୯୦ ଏବଂ ସୌରାଷ୍ଟ୍ର ବ୍ୟାଟର ଅର୍ପିତ ଭାସଭାଡା ୧୫ ଇନିଂସରୁ ୯୦୭ ରନ୍ ସଂଗ୍ରହ କରିଥିଲେ। ଆସାମ ବିପକ୍ଷରେ ପୃଥ୍ୱୀ ଶ'ଙ୍କ ବ୍ୟକ୍ତିଗତ ସର୍ବାଧିକ ୩୭୯ ରନ୍ ବଳରେ ମୁମ୍ବାଇ ଟିମ୍ ୬୮୭ ରନ୍ କରିଥିଲା। ସେହି ଆସାମ ବିପକ୍ଷରେ ମୁମ୍ବାଇର ଷ୍ଟାର ବ୍ୟାଟର ଅଜିଙ୍କ୍ୟ ରାହାନେ ଏବଂ ପୃଥ୍ୱୀ ଶ' ବଡ ପାର୍ଟନରଶିପ୍ (୪୦୧ ରନ୍) କରିଥିଲେ। ଟୁର୍ନାମେଣ୍ଟରେ ସର୍ବନିମ୍ନ ସ୍କୋର କରିଥିଲା ନାଗାଲାଣ୍ଡ। ଏହି ଦଳ ଉତ୍ତରାଖଣ୍ଡ ବିପକ୍ଷରେ ୨୫ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ହିମାଚଳ ପ୍ରଦେଶର ପ୍ରଶାନ୍ତ ଚୋପ୍ରା ସର୍ବାଧିକ ୫ଟି ଶତକର ଅଧିକାରୀ ହୋଇଥିଲେ। ସେହିପରି ମିଜୋରାମର ଶ୍ରୀବତ୍ସ ଗୋସ୍ୱାମୀ ସର୍ବାଧିକ ୬ଟି ଅର୍ଦ୍ଧଶତକ ହାସଲ କରିଥିବା ବେଳେ ବିହାର ଦଳର ବ୍ୟାଟର ବିପିନ୍ ସୌରଭ ସର୍ବାଧିକ ୨୬ଟି ଛକା ମାରି ଆଗରେ ରହିଥିଲେ। ଦିଲ୍ଲୀର ଆକ୍ରମଣାତ୍ମକ ଯୁବ ବ୍ୟାଟର ଧ୍ରୁବ ସୋରେ ସର୍ବାଧିକ ବ୍ୟକ୍ତିଗତ ୧୧୬ଟି ଚୌକା ମାରିଥିଲେ। କେରଳର ପ୍ରତିଭାସମ୍ପନ୍ନ ଯୁବ ବୋଲର କାଜଲ ସାକ୍ସେନା ୭ଟି ମ୍ୟାଚରୁ ସର୍ବାଧିକ ୫୦ଟି ଉଇକେଟ ନେଇଥିଲେ। କାଜଲ ସାକ୍ସେନା ୬ ଥର ୫ ଉଇକେଟ ନେଇ ଚର୍ଚ୍ଚାରେ ରହିଥିଲେ। ଗୁଜରାଟର ସିଦ୍ଧାର୍ଥ ଦେଶାଇ ଜମ୍ମୁ ଓ କଶ୍ମୀର ବିପକ୍ଷରେ ଗୋଟିଏ ମ୍ୟାଚରେ ୧୦୪ ରନ୍ ଦେଇ ୧୪ଟି ଉଇକେଟ ନେଇଥିଲେ। ବେଙ୍ଗଲର ଉଇକେଟ କିପର ଅଭିଷେକ ପୋରେଲ ଉଇକେଟ ପଛରେ ସର୍ବାଧିକ ୪୦ଟି ଡିସ୍‌ମିସାଲ କରିଥିଲେ।

ମୁମ୍ବାଇ ଓ ଦିଲ୍ଲୀ ପରି ଶକ୍ତିଶାଳୀ ଦଳ ରଣଜୀ ଟ୍ରଫିରେ ଗତ କିଛିବର୍ଷ ହେବ ଭଲ ପ୍ରଦର୍ଶନ କରିପାରୁନାହାନ୍ତି। କ୍ରମାଗତ ୧୫ଥର ଏବଂ ଓଭରଅଲ୍ ୪୧ଥର ରଣଜୀ ଚାମ୍ପିୟନ ମୁମ୍ବାଇର ପ୍ରଦର୍ଶନ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଡ଼ିଶା ଦଳର ପ୍ରଦର୍ଶନ ମଧ୍ୟ ନୈରାଶ୍ୟଜନକ ରହିଛି। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳର ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ଚଳିତ ସଂସ୍କରଣରେ ପୂର୍ବ ପ୍ରଦର୍ଶନ ଆଧାରରେ ଏଲିଟ୍ ଗ୍ରୁପ–ଏ ରେ ଓଡ଼ିଶା ସହିତ ବେଙ୍ଗଲ, ବରୋଦା, ହରିୟାଣା, ହିମାଚଳ ପ୍ରଦେଶ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ନାଗାଲାଣ୍ଡ ରହିଥିଲେ। ଗ୍ରୁପ ପର୍ଯ୍ୟାୟରେ ୭ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ୨ଟି ପରାଜୟ ଏବଂ ୪ଟି ଡ୍ର ମ୍ୟାଚ ସହ ମୋଟ ୧୪ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ଓଡ଼ିଶା ରହିଥିଲା। ଓଡ଼ିଶା ଏହାର ଶେଷ ମ୍ୟାଚରେ ରନରଅପ୍ ବେଙ୍ଗଲକୁ ୭ ଉଇକେଟରେ ପରାସ୍ତ କରି ଏକମାତ୍ର ବିଜୟ ହାସଲ କରିଥିଲା। ବରୋଦା, ଉତ୍ତରପ୍ରଦେଶ, ନାଗାଲାଣ୍ଡ ଏବଂ ହରିୟାଣା ସହ ମ୍ୟାଚ ଡ୍ର ରଖିଥିବାବେଳେ ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡଠାରୁ ହାର ମାନିଥିଲା। ଶାନ୍ତନୁ ମିଶ୍ର ୭ ମ୍ୟାଚ ଖେଳି ୧୨ଟି ଇନିଂସରେ ୫୨ ଆଭରେଜରେ ୫୮୧ ରନ୍ କରିଥିଲେ। ନାଗାଲାଣ୍ଡ ବିପକ୍ଷରେ ଦ୍ୱିଶତକ ମଧ୍ୟ ହାସଲ କରିଥିଲେ। ସେହିପରି ଶୁଭ୍ରାଂଶୁ ସେନାପତି ମଧ୍ୟ ବ୍ୟାଟିଂ ସଫଳତା ପାଇଥିଲେ। ସେ ୭ଟି ମ୍ୟାଚରେ ୧୨ ଇନିଂସରୁ ୪୯୮ରନ୍ ସଂଗ୍ରହ କରିଥିଲେ। ତାଙ୍କର ସର୍ବାଧିକ ରନ୍ ୧୪୫ ରନ୍ ରହିଥିଲା। ଅନୁରାଗ ଷଡଙ୍ଗୀ ଏବଂ ବିପ୍ଳବ ସାମନ୍ତରାୟ କିଛି ମାତ୍ରାରେ ମଧ୍ୟ ବ୍ୟାଟିଂ ସଫଳତା ପାଇଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୦୦୭ରୁ ରଣଜୀ ଟ୍ରଫି ଖେଳିଆସିଥିବା ଭେଟେରାନ୍ ୩୭ ବର୍ଷୀୟ ଷ୍ଟାର ବୋଲର ବସନ୍ତ ମହାନ୍ତି ହିମାଚଳ ପ୍ରଦେଶ ବିପକ୍ଷରେ ୪ଶହ ଉଇକେଟ ପୂରଣ କରିଥିଲେ। ଅନ୍ତର୍ଜାତୀୟ ଖେଳାଳି ଦେବାଶିଷ ମହାନ୍ତିଙ୍କ ପରେ ସେ ୨ୟ ବୋଲର ଭାବେ ଏହି ସଫଳତା ପାଇଥିଲେ। ବେଙ୍ଗଲ ବିପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିବା ବସନ୍ତ ସେହି ବେଙ୍ଗଲ ବିପକ୍ଷରେ ମ୍ୟାଚ ଖେଳି ଅବସର ଘୋଷଣା କରିଥିଲେ। ସେ ତାଙ୍କ କ୍ୟାରିୟରରେ ମୋଟ ୨୩ଥର ୫ ଉଇକେଟ ଏବଂ ୩ଥର ୧୦ରୁ ଅଧିକ ଉଇକେଟ ନେଇଥିଲେ। ତେବେ ରଣଜୀ ଟ୍ରଫିରେ ଓଡ଼ିଶା ଆଶାନୁରୂପ ସଫଳତା ନ ପାଇବା ଚିନ୍ତାର ବିଷୟ ହୋଇଛି।

# ସନ୍ତୋଷ ଟ୍ରଫି ଫୁଟ୍‌ବଲ



ପ୍ରଫୁଲ୍ଲ କୁମାର ମିଶ୍ର

**ଘରୋଇ ଫୁଟ୍‌ବଲର ମର୍ଯ୍ୟାଦାଜନକ ଟୁର୍ନାମେଣ୍ଟ ସନ୍ତୋଷ ଟ୍ରଫି ୨୦୨୨–୨୩ ସିଜନର ସେମିଫାଇନାଲ ପର୍ଯ୍ୟାୟ ଶେଷ ହୋଇଛି। ଏଥର ପ୍ରତିଯୋଗିତାର ନକ୍‌ଆଉଟ ମ୍ୟାଚଗୁଡ଼ିକ ସାଉଦି ଆରବର କିଙ୍ଗ୍ ଫହଦ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ପ୍ରଥମ ସେମିଫାଇନାଲରେ ପଞ୍ଜାବକୁ ହରାଇ ମେଘାଳୟ ଏବଂ ଦ୍ୱିତୀୟ ସେମିରେ ସର୍ଭିସେସ୍‌କୁ ପରାସ୍ତ କରି କର୍ଣ୍ଣାଟକ ଫାଇନାଲରେ ପ୍ରବେଶ କରିଛି...**

ଘରୋଇ ଫୁଟବଲର ମର୍ଯ୍ୟାଦାଜନକ ଟୁର୍ନାମେଣ୍ଟ ସନ୍ତୋଷ ଟ୍ରଫି ୨୦୨୨–୨୩ ସିଜନର ସେମିଫାଇନାଲ ପର୍ଯ୍ୟାୟ ଶେଷ ହୋଇଛି। ଏଥର ପ୍ରତିଯୋଗିତାର ନକ୍‌ଆଉଟ ମ୍ୟାଚଗୁଡ଼ିକ ସାଉଦି ଆରବର କିଙ୍ଗ୍ ଫହଦ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ପ୍ରଥମ ସେମିଫାଇନାଲରେ ପଞ୍ଜାବକୁ ହରାଇ ମେଘାଳୟ ଏବଂ ଦ୍ୱିତୀୟ ସେମିରେ ସର୍ଭିସେସ୍‌କୁ ପରାସ୍ତ କରି କର୍ଣ୍ଣାଟକ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ଶନିବାର ଫାଇନାଲ ଅନୁଷ୍ଠିତ ହେବ। ମେଘାଳୟ ପ୍ରଥମଥରପାଇଁ ଟାଇଟଲ ପର୍ଯ୍ୟାୟରେ ପହଞ୍ଚି ଇତିହାସ ରଚିଛି।

ପ୍ରତିଯୋଗିତାର ଅନ୍ତିମ ରାଉଣ୍ଡ ପର୍ଯ୍ୟାୟ ଭୁବନେଶ୍ୱରର ୩ଟି ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଫ୍ରାଞ୍ଚାଇଜ୍‌ଭିତ୍ତିକ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଏଫ୍‌ସିର ମ୍ୟାଚଗୁଡ଼ିକ ପରି ଏଥର ସନ୍ତୋଷ ଟ୍ରଫି ମଧ୍ୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଥିଲା। ସନ୍ତୋଷ ଟ୍ରଫି ଭାରତରେ ୧୯୪୧ରୁ ଆରମ୍ଭ ହୋଇଥିଲା। ମହାରାଜା ସାର୍ ମନ୍ମଥ ନାଥ ରାୟ ଚୌଧୁରୀଙ୍କ ନାମ ଅନୁସାରେ ଏହାର ନାମକରଣ ହୋଇଥିଲା। ରନରଅପ୍ ଟ୍ରଫିର ନାମ କମଳା ଗୁପ୍ତା ରଖାଯାଇଛି। ସନ୍ତୋଷ ଟ୍ରଫିରେ ବେଙ୍ଗଲ ୩୧ଥର, ପଞ୍ଜାବ ୮ ଥର, କେରଳ ଓ ଗୋଆ ୫ ଥର ଲେଖାଏ ଚାମ୍ପିୟନ ହୋଇଛନ୍ତି।

ଏଥରକୁ ମିଶାଇ ଓଡ଼ିଶାରେ ମୋଟ ୪ର୍ଥ ଥରପାଇଁ ସନ୍ତୋଷ ଟ୍ରଫି ଆୟୋଜିତ ହୋଇଛି। ପୂର୍ବରୁ ୩ ଥର କଟକର ବାରବାଟୀ ଷ୍ଟାଡିୟମରେ ଏହା ୧୯୬୭, ୧୯୮୦ ଓ ୧୯୯୪ରେ ଅନୁଷ୍ଠିତ ହୋଇଥିଲା। ଆଇଏସ୍‌ଏଲ୍ ଏବଂ ଆଇ–ଲିଗ୍ ଆରମ୍ଭ ହେବାପରେ ସର୍ବଭାରତୀୟ ଫୁଟବଲ ଫେଡେରେଶନ ପକ୍ଷରୁ ସନ୍ତୋଷ ଟ୍ରଫିର ନିୟମରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ବାରବାଟୀରେ ଅନୁଷ୍ଠିତ ମ୍ୟାଚଗୁଡ଼ିକରେ ଭାରତର ନାମଜାଦା ଖେଳାଳିମାନେ ଅଂଶଗ୍ରହଣ କରୁଥିଲେ। ମାତ୍ର ଆଇଏସ୍‌ଏଲ୍ ଏବଂ ଆଇ–ଲିଗ୍‌ର ପ୍ରଚଳନ ପରେ ସନ୍ତୋଷ ଟ୍ରଫିରେ ଆଉ ନାମୀ ଖେଳାଳିଙ୍କ ଅଂଶଗ୍ରହଣ ଦେଖିବାକୁ ମିଳୁନାହିଁ।

ସନ୍ତୋଷ ଟ୍ରଫିକୁ ଅଧିକ ଆକର୍ଷଣୀୟ କରିବାପାଇଁ ଏଆଇଏଫ୍‌ଏଫ୍ ସଭାପତି ତଥା ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି କଲ୍ୟାଣ ଚୌବେ ଏଥର ନକ୍‌ଆଉଟ୍ ମ୍ୟାଚଗୁଡ଼ିକୁ ବିଦେଶରେ କରାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ସେହି ଅନୁସାରେ ଏବେ ସାଉଦି ଆରବରେ ମ୍ୟାଚ ଖେଳାଯାଉଛି। ଖେଳାଳିଙ୍କ ପାଇଁ ଏହା ନିଶ୍ଚିତ ଉତ୍ସାହଜନକ ପଦକ୍ଷେପ। ଓଡ଼ିଶା ଦଳ ଯୋଗ୍ୟତା ହାସଲ ଟୁର୍ନାମେଣ୍ଟ ଏବଂ ଲିଗ୍‌ର ଅନ୍ତିମ ପର୍ଯ୍ୟାୟରେ ଭଲ ଖେଳିଥିଲା। ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ସହିତ ମ୍ୟାଚ ଡ୍ର ରଖି ଗୋଆକୁ ପରାସ୍ତ କରିଥିଲା। ଦୁର୍ଭାଗ୍ୟଜନକଭାବେ କେରଳ ଓ ପଞ୍ଜାବ ନିକଟରୁ ହାରିଯିବାରୁ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିଲା। ସନ୍ତୋଷ ଟ୍ରଫି ପାଇଁ ପ୍ରଚାର ଓ ପ୍ରସାର କମ୍ ରହିଥିବା ପରି ମନେ ହୋଇଥିଲା। ଫୁଟବଲ ଏକ ଲୋକପ୍ରିୟ ଖେଳ ହୋଇଥିବାରୁ ଷ୍ଟାଡିୟମରେ ଦର୍ଶକ ରହିଥିଲେ ଓଡ଼ିଶା ଦଳ ନିଶ୍ଚିତ ଆହୁରି ଭଲ ପ୍ରଦର୍ଶନ କରି ପାରିଥାନ୍ତା। ଆଇଏସ୍‌ଏଲ୍‌ରେ ଓଡ଼ିଶା ଏଫ୍‌ସିକୁ ଯେପରି ପ୍ରୋତ୍ସାହନ ଦିଆଯାଉଛି ରାଜ୍ୟ ସରକାର ସେପରି ସୁବିଧା ସୁଯୋଗ ଦେଲେ ସନ୍ତୋଷ ଟ୍ରଫି ପାଇଁ ମନୋନୀତ ଓଡ଼ିଶା ଦଳ ନିଶ୍ଚିତ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ କରିପାରିବ ଏବଂ ଫାଇନାଲକୁ ଯାଇପାରିବ।




## ଶ୍ରେଷ୍ଠ

ଏମ୍‌ବାପେଙ୍କୁ ପୁଣି ପଛରେ ପକାଇ
ଶ୍ରେଷ୍ଠ ଲିଓନେଲ ମେସି
ଫିଫାର ଏ ବେଷ୍ଟ ପୁରସ୍କାର ପାଇଁ
ଖୁସି ଆର୍ଜେଣ୍ଟିନା ବାସୀ
ମୋର୍ଗାନ, ମିଡ୍‌ଙ୍କୁ ନାସି
ସ୍ପେନର ଆଲେକ୍ସ ପୁଟେଲାସ
କ୍ରମାଗତ ଶ୍ରେଷ୍ଠ ପୁଷି।




କ୍ରିକେଟ ତାରକା ତେନ୍ଦୁଲକରଙ୍କ
ଗଢ଼ାହେବ ପ୍ରତିମୂର୍ତ୍ତି
ୱାଙ୍ଖେଡେ ଷ୍ଟାଡିୟମ ଚିହ୍ନଟ କହଇ
ଏମ୍‌ସିଏ ସଭାପତି
ବିଚିତ୍ର କ୍ରିକେଟ ନୀତି
ବୀର ଶହୀଦଙ୍କ ଷ୍ଟାଚ୍ୟୁ ଗଢ଼ିଥିଲେ
ଶ୍ରେଷ୍ଠ ହୋଇଥାନ୍ତା ଜାତି।

ଇଜିପ୍ଟ ପାରା ଟେବୁଲ ଟେନିସରେ
ଗୋଲ୍ଡେନ ପଦକ ପାଇ
ସିଜନର ଶ୍ରେଷ୍ଠ ଖେଳାଳି ହୋଇଛି
ଭାବିନା ପଟେଲ ତେଣୁ
ଶ୍ରେଷ୍ଠ ଲୋକ ହୁଏ ସେଇ
ବ୍ୟକ୍ତିଗତଭାବେ ରାଷ୍ଟ୍ର ପାଇଁ କିଛି
ସାକ୍ରିଫାଇସ୍ କଲେ ଭାଇ।

–ସୁବାସ ଚନ୍ଦ୍ର ପ୍ରଧାନ

# ଅଷ୍ଟ୍ରେଲିଆ ଆଗରେ ୭୬ ରନ୍‌ର ଲକ୍ଷ୍ୟ

**ଇନ୍ଦୋର,୨।୩(ପି.ଟି.)**

ଇନ୍ଦୋରର ହୋଲକାର ଷ୍ଟାଡିୟମରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ସିରିଜ୍‌ର ତୃତୀୟ ଟେଷ୍ଟ ରୋଚକ ସ୍ଥିତିରେ ପହଞ୍ଚିଛି। ପ୍ରଥମ ଇନିଂସରେ ୮୮ ରନରେ ପଛୁଆ ରହିବା ପରେ ଭାରତର ଦ୍ୱିତୀୟ ଇନିଂସ ୧୬୩ ରନରେ ସୀମିତ ରହିଛି। ଅଷ୍ଟ୍ରେଲିଆକୁ ବିଜୟ ପାଇଁ ୭୬ ରନ୍ ଆବଶ୍ୟକ ଥିବା ବେଳେ ସ୍ପିନ୍ ସହାୟକ ପିଚ୍‌ରେ ଭାରତ ନିକଟରେ ବିଜୟର ସୁଯୋଗ ରହିଛି। ଭାରତୀୟ ଇନିଂସରେ ନାଥାନ ଲିୟନ୍ ୮ ଉଇକେଟ ନେଇ ବିପର୍ଯ୍ୟୟ ଘଟାଇଥିବା ବେଳେ ଚେତେଶ୍ୱର ପୂଜାରା ଲଢୁଆ ୫୯ ରନ୍ କରିଥିଲେ।

## ୩୪ ବଲରେ ୬ ଉଇକେଟ

ପ୍ରଥମ ଦିନର ଅସମାପ୍ତ ସ୍କୋର ୧୫୬/୪ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ପୁଣି ଥରେ ଭାରତୀୟ ବୋଲରଙ୍କ ଆଗରେ ସ୍କୋର କରିବାରେ ବିଫଳ ହୋଇଥିଲା। ରବିଚନ୍ଦ୍ରନ ଅଶ୍ୱିନ ଓ ଉମେଶ ଯାଦବ ବଳକା ୬ ଉଇକେଟ ନିଜ ମଧ୍ୟରେ ବାଣ୍ଟି ନେଇଥିଲେ। ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ୍ କାମେରୁନ୍ ଗ୍ରୀନ୍ ଓ ପିଟର ହ୍ୟାଣ୍ଡସ୍କମ୍ବ ଗୁରୁବାର ସକାଳୁ ୩୦ ରନ୍ ଯୋଡିବା ସହିତ ଏକ ବୃହତ୍ତର ଅଗ୍ରଣୀ ଆଡକୁ ଅଗ୍ରସର ହେଉଥିଲେ। ୭୧ ତମ ଓଭରର ଅନ୍ତିମ ବଲରେ ପିଟର ହ୍ୟାଣ୍ଡସ୍କମ୍ବଙ୍କୁ ନିଜ ସ୍ପିନ ଜାଲରେ ଫସାଇଥିଲେ ଅଶ୍ୱିନ। ଦଳୀୟ ସ୍କୋର ୧୮୬ ରନ୍‌ରେ ୧୯ ରନ୍ କରି ହ୍ୟାଣ୍ଡସ୍କମ୍ବ ଶ୍ରେୟସ ଆୟରଙ୍କ ହାତରେ



ଭାରତୀୟ ବ୍ୟାଟର ଉମେଶ ଯାଦବଙ୍କ ବିପକ୍ଷରେ ଏକ ଅପିଲ କରୁଛନ୍ତି ଅଷ୍ଟ୍ରେଲୀୟ ବୋଲର ନାଥାନ ଲିୟନ।

## ଲିୟନଙ୍କୁ ୮ ଉଇକେଟ

କ୍ୟାଚ୍ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଉମେଶ ଯାଦବ ଓ ଆର. ଅଶ୍ୱିନ୍ ଅଗ୍ନିବର୍ଷୀ ବୋଲିଂ କରିଥିଲେ। ଉଭୟ ୩ଟି ଲେଖାଏ ଉଇକେଟ ନେବାରୁ ଅଷ୍ଟ୍ରେଲିଆ ୫.୪ ଓଭର ମଧ୍ୟରେ ୧୧ ରନରେ ୬ ଉଇକେଟ ହରାଇଥିଲା। ଅଶ୍ୱିନ୍ ନିଜ ଅଫ୍ ସ୍ପିନ୍‌ରେ ପିଟର ହ୍ୟାଣ୍ଡସ୍କମ୍ବ(୧୯), ଆଲେକ୍ସ କେରୀ(୩) ଓ ନାଥାନ ଲିୟନ(୫)ଙ୍କୁ ଆଉଟ କରିଥିଲେ। ୭୬.୩ ଓଭରରେ ଅଷ୍ଟ୍ରେଲିଆ ୧୯୭ ରନରେ ସମସ୍ତ ଉଇକେଟ ହରାଇବା ସହିତ ୮୮ ରନ୍‌ରେ ଆଗୁଆ ରହିଥିଲା। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ୪, ଉମେଶ ଯାଦବ ଓ ଅଶ୍ୱିନ ୩ଟି ଲେଖାଏ ଉଇକେଟ ନେଇଥିଲେ।

### କୁମ୍ବଲେଙ୍କ ରେକର୍ଡ ଭାଙ୍ଗିଲେ ଲିୟନ

ଚଳିତ ବର୍ଡର ଗାଭାସ୍କର ସିରିଜରେ ଭାରତୀୟ କିମ୍ବଦନ୍ତୀ ଅନିଲ କୁମ୍ବଲେଙ୍କ ରେକର୍ଡ ଭାଙ୍ଗିଛନ୍ତି ନାଥାନ ଲିୟନ। ଭାରତ-ଅଷ୍ଟ୍ରେଲିଆ ସିରିଜରେ ସର୍ବାଧିକ ଉଇକେଟ ହାସଲକାରୀ ଭାବରେ ସେ କୁମ୍ବଲେଙ୍କୁ ପଛରେ ପକାଇଛନ୍ତି। କୁମ୍ବଲେ ଅଷ୍ଟ୍ରେଲିଆ ବିପକ୍ଷରେ ୧୧୧ ଉଇକେଟ ନେଇଥିବା ବେଳେ ଲିୟନ ୧୧୩ ଉଇକେଟ ନେଇଛନ୍ତି। ଗୁରୁବାର ମ୍ୟାଚର ୫୭ ତମ ଓଭରରେ ୩ ବଲ ବ୍ୟବଧାନରେ ସେ ଚେତେଶ୍ୱର ପୂଜାରା ଓ ଉମେଶ ଯାଦବଙ୍କୁ ଆଉଟ କରିଥିଲେ। ସେ ଉମେଶ ଯାଦବଙ୍କୁ ଆଉଟ କରି ୧୧୨ ତମ ଉଇକେଟ ନେଇଥିଲେ। ବର୍ଡର ଗାଭାସ୍କର ସିରିଜରେ ଆର. ଅଶ୍ୱିନ ୧୦୬ ଉଇକେଟ ସହ ତୃତୀୟ ସ୍ଥାନରେ ରହିଥିବା ବେଳେ ହରଭଜନ ସିଂ ୯୫ ଓ ରବୀନ୍ଦ୍ର ଜାଡେଜା ୮୪ ଉଇକେଟ ସହିତ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ଅଛନ୍ତି।

## ପୂଜାରାଙ୍କ ଲଢୁଆ ଅର୍ଦ୍ଧଶତକ

ଭାରତୀୟ ଟେଷ୍ଟ ବ୍ୟାଟିଂର ମେରୁଦଣ୍ଡ ଚେତେଶ୍ୱର ପୂଜାରା ଗୁରୁବାର ଏକ ଲଢୁଆ ଇନିଂସ ଖେଳିଥିଲେ। ସ୍ପିନ୍ ସହାୟକ ଏହି ଟ୍ରାକ୍‌ରେ ସେ ୨୨୧ ମିନିଟ ଧରି ବ୍ୟାଟିଂ କରି ୧୪୨ ବଲ୍ ଖେଳି ୫୯ ରନ୍ କରିଥିଲେ। ଏହି ଇନିଂସରେ ୫ ଚୌକା ଓ ୧ ଛକା ସାମିଲ ଥିଲା। ତେବେ ପୂଜାରାଙ୍କୁ ଅନ୍ୟ ବ୍ୟାଟରଙ୍କ ପକ୍ଷରୁ ଉପଯୁକ୍ତ ସହାୟତା ନ ମିଳିବା କାରଣରୁ ଭାରତ ମାତ୍ର ୧୬୩ ରନ୍‌ରେ ଅଲ୍‌ଆଉଟ ହୋଇଛି। ୮୮ ରନ୍ ପଛୁଆ ଥିବା ଭାରତର ଦ୍ୱିତୀୟ ଇନିଂସ ପ୍ରଥମ ଇନିଂସର ଆକ୍ସନ ରିପ୍ଲେ ପରି ଲାଗୁଥିଲା। ଶୁବମାନ ଗିଲ୍(୫), ରୋହିତ ଶର୍ମା(୧୨), ବିରାଟ କୋହଲି(୧୩) ଓ ରବୀନ୍ଦ୍ର ଜାଡେଜା(୭) ଶସ୍ତାରେ ଆଉଟ ହୋଇଥିବା ବେଳେ ଚା’ପାନ ବିରତି ବେଳକୁ ୭୯ ରନ୍‌ରେ ଟପ୍-୪ ବ୍ୟାଟରଙ୍କୁ ହରାଇଥିଲା ଭାରତ। ତେବେ ଚେତେଶ୍ୱର ପୂଜାରାଙ୍କ ସହିତ ଯୋଗ ଦେଇ ଶ୍ରେୟସ ଆୟାର କାଉଣ୍ଟର ଆଟାକ କରିଥିଲେ। ସ୍ପିନ୍‌କୁ ବଢିଆ ଖେଳୁଥିବା ଶ୍ରେୟସ ୨୭ ବଲ୍ ଖେଳି ୨୬ ରନ୍ କରିଥିଲେ। ଭାରତୀୟ ସ୍କୋର ୧୧୩ ରନ୍ ଥିବା ବେଳେ ମିଚେଲ ଷ୍ଟାର୍କଙ୍କ ବଲରେ ଉସ୍‌ମାନ ଖ୍ୱାଜା ଏକ ଚମତ୍କାର କ୍ୟାଚ୍ ନେଇ ଆୟରଙ୍କୁ ପ୍ୟାଭିଲିୟନ୍ ପଠାଇଥିଲେ। ଶ୍ରୀକର ଭରତ(୩) ଆଉ ଥରେ ବିଫଳ ହୋଇଥିବା ବେଳେ ନିମ୍ନ କ୍ରମରେ ଅଶ୍ୱିନ(୧୬)ଙ୍କୁ ସାଥୀ କରି ପୂଜାରା ୨୨ ରନ୍ ଯୋଡିଥିଲେ। ଦଳୀୟ ସ୍କୋର ୧୫୫ ରନ୍‌ରେ ପୂଜାରା ଲିୟନଙ୍କ ବଲରେ ଷ୍ଟିଭ୍ ସ୍ମିଥ୍‌ଙ୍କ ହାତରେ କ୍ୟାଚ୍ ଆଉଟ ହୋଇଥିଲେ। ଉମେଶ ଯାଦବ ଓ ମହମ୍ମଦ ସିରାଜ ଖାତା ଖୋଲିବାରେ ବିଫଳ ହୋଇଥିଲେ। ଅକ୍ଷର ପଟେଲ ଶେଷ ଯାଏ ୧୫ ରନ୍ କରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ନାଥାନ ଲିୟନ ୬୪ ରନ୍ ଦେଇ ୮ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ଷ୍ଟାର୍କ ଓ ମାଥ୍ୟୁ କନେମନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ:୧୦୯/୧୦ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୭୬.୩ ଓଭରରେ ୧୯୭/୧୦(ଉସ୍‌ମାନ ଖ୍ୱାଜା-୬୦, ମାର୍ନସ ଲାବୁଶେନ୍-୩୧, ଷ୍ଟିଭେନ୍ ସ୍ମିଥ୍-୨୬, ରବୀନ୍ଦ୍ର ଜାଡେଜା-୪/୭୮, ଆର. ଅଶ୍ୱିନ୍-୩/୪୪, ଉମେଶ ଯାଦବ-୩/୧୨)। ଭାରତ ଦ୍ୱିତୀୟ ଇନିଂସ-୬୦.୩ ଓଭରରେ ୧୬୩/୧୦ (ଚେତେଶ୍ୱର ପୂଜାରା-୫୯, ଶ୍ରେୟସ ଆୟର-୨୬, ଆର. ଅଶ୍ୱିନ-୧୬, ନାଥାନ ଲିୟନ-୮/୬୪, ମିଚେଲ ଷ୍ଟାର୍କ-୧/୧୪, ମାଥ୍ୟୁ କନେମନ୍-୧/୬୦)।

### ଇନ୍ଦୋର ଟେଷ୍ଟ ଦ୍ୱିତୀୟ ଦିନ ଖେଳ ମୁଖ୍ୟାଂଶ

- ପଞ୍ଚମ ଭାରତୀୟ ପେସର ଭାବେ ଘରୋଇ ମାଟିରେ ଉମେଶ ଯାଦବଙ୍କୁ ୧୦୦ ଉଇକେଟ
- ମୁଥିଆ ମୁରଲୀଧରନଙ୍କୁ ଅତିକ୍ରମ କରି ଭାରତ ବିପକ୍ଷରେ ସର୍ବାଧିକ ଉଇକେଟ ହାସଲର ରେକର୍ଡ ନିଜ ନାମରେ କରିଛନ୍ତି ନାଥାନ ଲିୟନ୍।
- ୧୩ ଥର ପାଇଁ ପୂଜାରାଙ୍କୁ ଆଉଟ କଲେ ଲିୟନ। କୌଣସି ବୋଲରଙ୍କ ବିପକ୍ଷରେ ପୂଜାରାଙ୍କ ଏହା ସବୁଠୁ ଖରାପ ପ୍ରଦର୍ଶନ।
- ଭାରତ ବିପକ୍ଷରେ ଭାରତରେ ୫ଥର ୫ ଉଇକେଟ ସଫଳତା ହାସଲ କରିବା ସହ ରିଚି ବିନଡଙ୍କ ରେକର୍ଡର ସମକକ୍ଷ ହେଲେ ଲିୟନ।
- ଜାନୁୟାରୀ ୨୦୧୯ ପରଠାରୁ କୌଣସି ଟେଷ୍ଟର ଉଭୟ ଇନିଂସରେ ଜାଡେଜା ଏକ ଅଙ୍କ ବିଶିଷ୍ଟ ସ୍କୋରରେ ଆଉଟ ହେଲେ।
- ୧୯୭୮ ପରଠାରୁ ପ୍ରଥମ ଥର ପାଇଁ ଭାରତ ଉଭୟ ଇନିଂସରେ ୨୦୦ ରନ ଅତିକ୍ରମ କରିବାରେ ବିଫଳ।
- ୯୩.୫ ଓଭରରେ ଭାରତର ଉଭୟ ଇନିଂସ ସମାପ୍ତ ହୋଇଛି। ଏହା ଭାରତର ଦ୍ୱିତୀୟ ଖରାପ ପ୍ରଦର୍ଶନ।

# ଗୁକେଶ ପ୍ଲେୟର ଅଫ୍ ଦି ଇୟର

**ଆବୁଧାବି, ୨।୩ (ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ ଏସିଆନ ଚେସ୍ ଫେଡେରେଶନ (ଏସିଏଫ୍) ଦ୍ୱାରା ପ୍ଲେୟର ଅଫ୍ ଦି ଇୟର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଗତବର୍ଷ ମହାବଳିପୁରମରେ ଅନୁଷ୍ଠିତ ୪୪ତମ ଚେସ୍ ଅଲିମ୍ପିଆଡ୍‌ରେ ରେକର୍ଡ ବ୍ରେକିଙ୍ଗ ୯/୧୧ ସ୍କୋର ସହ ସ୍ୱର୍ଣ୍ଣ ଜିତିଥିବାରୁ ତାଙ୍କୁ ଏହି ପୁରସ୍କାର ମିଳିଛି। ଗତବର୍ଷ ମାର୍ଚ୍ଚରେ ଗୁକେଶ ୬ଷ୍ଠ ଭାରତୀୟ ଭାବେ ୨୭୦୦ ୟେଲୋ ରେଟିଙ୍ଗ ଅଙ୍କ ହାସଲ କରିଥିଲେ। ଦେଶର ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ଭାବେ ସେ ୨୭୦୦ ରେଟିଂ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ସର୍ବଭାରତୀୟ ଚେସ୍ ମହାସଂଘ (ଏଆଇସିଏଫ୍) ‘ମୋଷ୍ଟ ଆକ୍ଟିଭ ଫେଡେରେଶନ’ ପୁରସ୍କାର ଲାଭ କରିଛି। ଏଠାରେ ଏସିଏଫ୍‌ର ବାର୍ଷିକ ସମ୍ମିଳନୀ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଗତ ବର୍ଷ ମାତ୍ର ୪ ମାସ ମଧ୍ୟରେ ଅଗଷ୍ଟରେ ସଫଳତାର ସହ ଫିଡେ ଚେସ୍ ଅଲିମ୍ପିଆଡ୍ ଆୟୋଜନ କରିପାରିଥିବାରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କୁ ମ୍ୟାନ ଅଫ୍ ଦି ଇୟର ପୁରସ୍କାର ମିଳିଛି। କୋନେରୁ ହମ୍ପି, ଡି. ହାରିକା, ଆର୍. ବୈଶାଳୀ, ତାନିଆ ସଚଦେବ ଓ ଭକ୍ତି କୁଲ୍‌କର୍ନୀଙ୍କୁ ନେଇ ଭାରତୀୟ ମହିଳା ଦଳର ବ୍ରୋଞ୍ଜ ପଦକ ସଫଳତା ପାଇଁ ବର୍ଷର ଶ୍ରେଷ୍ଠ ମହିଳା ଦଳ ପୁରସ୍କାର ଲାଭ କରିଛି। ଗ୍ରାଣ୍ଡମାଷ୍ଟର ଆର୍.ବି. ରମେଶ ବର୍ଷର ଶ୍ରେଷ୍ଠ ପୁରୁଷ କୋଚ୍ ଏବଂ ଗ୍ରାଣ୍ଡମାଷ୍ଟର ଅଭିଜିତ କୁନ୍ତେ ବର୍ଷର ଶ୍ରେଷ୍ଠ ମହିଳା କୋଚ୍ ବିବେଚିତ ହୋଇଛନ୍ତି।



ଡି. ଗୁକେଶ

# ଲିଓନେଲ ମେସିଙ୍କୁ ବନ୍ଧୁକଧାରୀଙ୍କ ଧମକ

**ବୁଏନ୍ସ ଏରିସ୍,୨।୩:** ଆର୍ଜେଣ୍ଟିନା ଫୁଟବଲ ଅଧିନାୟକ ଲିଓନେଲ ମେସିଙ୍କୁ ବନ୍ଧୁକଧାରୀ ଦୁର୍ବୃତ୍ତ ଧମକ ଦେଇଛନ୍ତି। ମେସିଙ୍କ ଶ୍ୱଶୁରଘର ମାଲିକାନାରେ ଥିବା ରୋସାରିଓର ଏକ ସୁପରମାର୍କେଟରେ ଏହି ଘଟଣା ଘଟିଛି। ଦୁଇ ବ୍ୟକ୍ତି ଏକ ମୋଟରସାଇକେଲରେ ଆସି ୧୨ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରି ଏକ କାର୍ଡ ବୋର୍ଡରେ ମେସିଙ୍କ ପାଇଁ ଧମକପୂର୍ଣ୍ଣ ବାର୍ତ୍ତା ରଖିଥିଲେ। ‘ମେସି ଆମେ ତୁମକୁ ଅପେକ୍ଷା କରିଛୁ। ସହରର ମେୟର ପାବଲୋ ଜାଭକିନ୍ ନିଜେ ଜଣେ ଡ୍ରଗ୍ସ ଚାଲାଣକାରୀ ସେ ତୁମକୁ ରକ୍ଷା କରିପାରିବେ ନାହିଁ। ଏହି ଗୁଳିଚାଳନା ଘଟଣାରେ କେହି ଆହତ ହୋଇ ନାହାନ୍ତି। ଏହି ମେସେଜ୍ ମାଧ୍ୟମରେ ମେସିଙ୍କୁ କାହିଁକି ଟାର୍ଗେଟ୍ କରାଯାଇଛି ତାହା ଜଣାପଡିନାହିଁ। ଗତ ଫୁଟବଲ ବିଶ୍ୱକପ୍‌ରେ ମେସି ଆର୍ଜେଣ୍ଟିନାକୁ ବିଜୟୀ କରିଥିବା ବେଳେ ପ୍ୟାରିସ୍ ସେଣ୍ଟ ଜର୍ମେନ ପକ୍ଷରୁ ଖେଳୁଛନ୍ତି। ରୋସାରିଓର ଫୁନେସରେ ଥିବା ଘରକୁ ସେ ବିଭିନ୍ନ ସମୟରେ ବୁଲି ଆସିଥାନ୍ତି।

# ଦକ୍ଷିଣ ଆଫ୍ରିକା ୮୭ ରନରେ ବିଜୟୀ



କାଗିସୋ ରାବାଡା

**ସେଞ୍ଚୁରିଅନ୍, ୨।୩ :** ସ୍ଥାନୀୟ ସୁପର ସ୍ପୋର୍ଟ ପାର୍କରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୮୭ ରନରେ ୱେଷ୍ଟଇଣ୍ଡିଜକୁ ହରାଇ ଦେଇଛି। ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ଦ୍ୱିତୀୟ ଇନିଂସରେ ୧୧୬ରେ ଅଲଆଉଟ କରିଦେବା ପରେ ୱେଷ୍ଟଇଣ୍ଡିଜ ଆଗରେ ୨୪୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଦଳ କିନ୍ତୁ ୪୧ ଓଭରରେ ୧୫୯ ରନ କରି ଅଲଆଉଟ ହୋଇଯାଇଥିଲା। ଜର୍ମେନ ବ୍ଲାକ୍‌ଉଡ୍ ୭୯ରନ କରିଥିଲେ। ୱେଷ୍ଟଇଣ୍ଡିଜ ଦଳର ବିପର୍ଯ୍ୟୟରେ କାଗିସୋ ରାବଡା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ୫୦ରନ ବିନିମୟରେ ୬ଟି ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟତମ ବୋଲର ମାର୍କୋ ଜାନ୍‌ସେନ ୨ଟି ଉଇକେଟ ନେଇଥିଲେ। ୩ ଦିନରେ ଶେଷ ହୋଇଥିବା ଏହି ମ୍ୟାଚରେ ଏଡେନ ମାରକ୍ରାମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ପ୍ରଥମ ଇନିଂସରେ ମହତ୍ତ୍ୱପୂର୍ଣ୍ଣ ୧୧୫ ରନ ଏବଂ ଦ୍ୱିତୀୟ ଇନିଂସରେ ୪୭ ରନ ସଂଗ୍ରହ କରିଥିଲେ। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ଦଳ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ଦ୍ୱିତୀୟ ତଥା ଅନ୍ତିମ ମ୍ୟାଚ ଜୋହାନ୍ସବର୍ଗର ୱାଣ୍ଡରର୍ସ ଷ୍ଟାଡିୟମରେ ମାର୍ଚ୍ଚ ୮ରୁ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣଆଫ୍ରିକାପ୍ରଥମଇନିଂସ:୩୪୨ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୨୧୨ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୧୧୬ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୧୫୯ (ଜର୍ମେନ ବ୍ଲାକ୍‌ଉଡ୍-୭୯ ; କାଗିସୋ ରାବାଡା-୬/୫୦, ମାର୍କୋ ଜାନ୍‌ସେନ୍-୨/୩୩)।

# ମେଗ୍ ଲାନିଂ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା



ଓମେନ୍ସ ପ୍ରିମିୟର ଲିଗ୍‌ର ଦିଲ୍ଲୀ କ୍ୟାପିଟାଲ୍ସ ଦଳ।

**ମୁମ୍ବାଇ, ୨।୩ (ପି.ଟି.)**

ଉଦ୍‌ଘାଟନୀ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଅଷ୍ଟ୍ରେଲିଆର ବିଶ୍ୱକପ୍ ବିଜୟୀ ଅଧିନାୟିକା ମେଗ୍ ଲାନିଂ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟିକା ମନୋନୀତ ହୋଇଛନ୍ତି। ଭାରତର ଷ୍ଟାର ବ୍ୟାଟର ଜେମିମା ରୋଡ୍ରିଗୁଏଜ୍ ତାଙ୍କ ଡେପୁଟି ଭାବେ ଦାୟିତ୍ୱ ତୁଲାଇବେ। ଅଷ୍ଟ୍ରେଲିଆ ନିକଟରେ ୩୦ ବର୍ଷୀୟା ଲାନିଂଙ୍କ ନେତୃତ୍ୱରେ ରେକର୍ଡ ୬ଷ୍ଠ ଥର ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଜିତିଥିଲା। ଟାଇଟଲ ମୁକାବିଲାରେ ସେମାନେ ଆୟୋଜକ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲେ। ଲାନିଂ ତୃତୀୟ ଅଷ୍ଟ୍ରେଲୀୟ କ୍ରିକେଟର ଭାବେ ଡବ୍ଲ୍ୟୁପିଏଲ୍ ଦଳରେ ଅଧିନାୟିକା ମନୋନୀତ ହୋଇଛନ୍ତି। ପୂର୍ବରୁ ବେଥ ମୁନି ଗୁଜରାଟ ଜାଏଣ୍ଟ୍ସ ଏବଂ ଏଲିସା ହିଲି ୟୁପି ୱାରିଅର୍ଜ ଦଳର ଅଧିନାୟିକା ମନୋନୀତ ହୋଇ ସାରିଛନ୍ତି। ମୁମ୍ବାଇରେ ଏକ ସ୍ୱତନ୍ତ୍ର ଉତ୍ସବରେ ଲାନିଂଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା ଘୋଷଣା କରାଗଲା ବେଳେ ଏହା ମୋ ପାଇଁ ଏକ ଗୌରବର ମୁହୂର୍ତ୍ତ ବୋଲି କହିଥିଲେ। ଅଷ୍ଟ୍ରେଲିଆ ତରଫରୁ ଲାନିଂ ୧୩୨ ଅନ୍ତର୍ଜାତୀୟ ଟି୨୦ ଖେଳି ୩୪୦୫ ରନ ସଂଗ୍ରହ କରିଛନ୍ତି। ଟୁର୍ନାମେଣ୍ଟ ଶନିବାରଠାରୁ ଆରମ୍ଭ ହେଉଥିବା ବେଳେ ସେ ଗୁରୁବାର ସକାଳେ ଆସି ଏଠାରେ ପହଞ୍ଚିଛନ୍ତି। ପ୍ରତିଯୋଗିତାରେ ଦିଲ୍ଲୀ କ୍ୟାପିଟାଲ୍ସ ରବିବାର ଏହାର ପ୍ରଥମ ମ୍ୟାଚ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି) ବିପକ୍ଷରେ ବ୍ରାବୋର୍ନ ଷ୍ଟାଡିୟମରେ ଖେଳିବ। ଅନ୍ୟପକ୍ଷରେ ଗତ ଟି୨୦ ବିଶ୍ୱକପ୍‌ରେ ୨୨ବର୍ଷୀୟା ଜେମିମା ଭାରତ ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଭାରତ ସେମିଫାଇନାଲରେ ଅଷ୍ଟ୍ରେଲିଆଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଥିଲା। ଭାରତ ଓପନର ଶେଫାଳି ବର୍ମା ମଧ୍ୟ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ସ୍ଥାନ ପାଇଛନ୍ତି। ‘ଦି ହଣ୍ଡ୍ରେଡ୍’ର ଦୁଇଥର ଟାଇଟଲ ବିଜେତା ଜୋନାଥନ ବାଟି ଦିଲ୍ଲୀ କ୍ୟାପିଟାଲ୍ସ କୋଚ୍ ଦାୟିତ୍ୱରେ ରହିଥିବା ବେଳେ ଇଂଲଣ୍ଡ ମୁଖ୍ୟ କୋଚ୍ ଲିସା ନାଇଟ୍‌ଲି ଓ ପୂର୍ବତନ ଭାରତ ଖେଳାଳି ଓ ଚୟନକର୍ତ୍ତା ହେମଲତା କାଲା ସହକାରୀ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଭାରତୀୟ ମହିଳା ଦଳ ସହ କାର୍ଯ୍ୟ କରିଥିବା ବିଜୁ ଜର୍ଜ ଫିଲ୍ଡିଂ କୋଚ୍ ମନୋନୀତ ହୋଇଛନ୍ତି।

# ୩୭୨ ରନ ପଛରେ ମଧ୍ୟପ୍ରଦେଶ

**ଗ୍ୱାଲିୟର,୨।୩**

ଗ୍ୱାଲିୟରର କ୍ୟାପଟେନ୍ ରୁପ୍ ସିଂ ଷ୍ଟାଡିୟମରେ ଖେଳା ଯାଇଥିବା ଇରାନୀ କପ୍ ମୁକାବିଲାରେ ଅବଶିଷ୍ଟ ଭାରତ ଦୃଢ ସ୍ଥିତିରେ ରହିଛି। ୨୦୨୧-୨୨ ସିଜନର ରଣଜୀ ଟ୍ରଫି ଚାମ୍ପିୟନ ମଧ୍ୟପ୍ରଦେଶ ଓ ଅବଶିଷ୍ଟ ଭାରତ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଦ୍ୱିତୀୟ ଦିନ ଷ୍ଟମ୍ପ ଅପସାରଣ ବେଳକୁ ମଧ୍ୟପ୍ରଦେଶ ୩ ଉଇକେଟରେ ୧୧୨ ରନ୍ କରିବା ସହିତ ୩୭୨ ରନ୍ ପଛରେ ରହିଛି। ଅବଶିଷ୍ଟ ଭାରତ

**ଇରାନୀ କପ୍**



ଅର୍ଦ୍ଧଶତକ ହାସଲ କରିବା ପରେ ଯଶ ଧୂଳ।

ପ୍ରଥମ ଦିନର ଅସମାପ୍ତ ସ୍କୋର ୩୮୧/୩ରୁ ଖେଳ ଆରମ୍ଭ କରି ୪୮୪ ରନରେ ସମସ୍ତ ଉଇକେଟ ହରାଇଥିଲା। ଯଶ୍ ଧୂଲ୍ ୫୫ ରନ୍ ଓ ବାବା ଇନ୍ଦ୍ରଜିତ ୧୯ ରନ୍ କରିଥିବା ବେଳେ ଅବଶିଷ୍ଟ ଭାରତ ୪୮୪ରେ ପହଞ୍ଚିଥିଲା। ମଧ୍ୟପ୍ରଦେଶ ପକ୍ଷରୁ ଆଭେଶ ଖାନ୍ ୪, ଅନୁଭବ ଅଗ୍ରୱାଲ ଓ କୁମାର କାର୍ତ୍ତିକେୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ମଧ୍ୟପ୍ରଦେଶର ଆରମ୍ଭ ଅତ୍ୟନ୍ତ ବିପର୍ଯ୍ୟୟପୂର୍ଣ୍ଣ ରହିଥିଲା। ନବଦୀପ ସୈନି ଓ ମୁକେଶ କୁମାରଙ୍କ ଘାତକ ବୋଲିଂ କାରଣରୁ ମଧ୍ୟପ୍ରଦେଶ ୧୫ ରନ୍‌ରେ ୩ ଉଇକେଟ ହରାଇଥିଲା। ଅଧିନାୟକ ହିମାଂଶୁ ମନ୍ତ୍ରୀ(୧), ଅରହମ୍ ଆକ୍ୱିଲ(୦) ଓ ଶୁଭମ ଶର୍ମା(୪) ପ୍ୟାଭିଲିୟନ୍ ଫେରିଥିଲେ। ଯଶ ଦୁବେ(୫୩*) ଓ ହରିଶ ଗାୱ୍‌ଲି(୪୭*) ଚତୁର୍ଥ ଉଇକେଟରେ ଅବିଭାଜିତ ୯୭ ରନ୍ ଯୋଡି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଯଶ ୧୧୦ ବଲ୍ ଖେଳି ୧୧ ଚୌକା ମାରିଥିବା ବେଳେ ହରିଶ ୧୨୫ ବଲ୍ ଖେଳି ୮ ଚୌକା ସହ ବ୍ୟାଟିଂ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅବଶିଷ୍ଟ ଭାରତ ପ୍ରଥମ ଇନିଂସ - ୪୮୪ (ଯଶସ୍ୱୀ ଜୟସ୍ୱାଲ-୨୧୩, ଅଭିମନ୍ୟୁ ଈଶ୍ୱରନ୍-୧୫୪, ଯଶ ଧୂଲ-୫୫, ଆଭେଶ୍ ଖାନ୍-୪/୭୪। ମଧ୍ୟପ୍ରଦେଶ ପ୍ରଥମ ଇନିଂସ-୧୧୨/୩ (ଯଶ ଦୁବେ-୫୩*, ହରିଶ ଗାୱ୍‌ଲି-୪୭*, ନବଦୀପ ସୈନି-୨/୧୫, ମୁକେଶ କୁମାର-୧/୨୭)।

# ସର୍ବଭାରତୀୟ ଭବିଷ୍ୟନିଧି ଆଥ୍‌ଲେଟିକ, ଇନ୍‌ଡୋର କ୍ରୀଡ଼ା ଉଦ୍‌ଘାଟିତ

**ଭୁବନେଶ୍ୱର, ୨।୩ (କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ କିଟ୍ ଷ୍ଟାଡିୟମରେ ଗୁରୁବାର କର୍ମଚାରୀ ଭବିଷ୍ୟନିଧି ସଂଗଠନର ସର୍ବଭାରତୀୟ ଆଥ୍‌ଲେଟିକ ଓ ଇନ୍‌ଡୋର କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଦଳକୁ ମିଶାଇ ଦେଶର ବିଭିନ୍ନ ରାଜ୍ୟରୁ ୩୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ରାଜ୍ୟ ଭବିଷ୍ୟନିଧି ସଂଗଠନର ମୁଖ୍ୟ ଅତିରିକ୍ତ ଭବିଷ୍ୟନିଧି ଆୟୁକ୍ତ ପି. ବୀରଭଦ୍ର ସ୍ୱାମୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ସଂହତି ଓ ପରସ୍ପର ମଧ୍ୟରେ ଭାବ ବିନିମୟରେ କ୍ରୀଡ଼ା ଏକ ମାଧ୍ୟମ ବୋଲି ସେ ମତବ୍ୟକ୍ତ କରିଥିଲେ। ଆଞ୍ଚଳିକ ଭବିଷ୍ୟନିଧି ଆୟୁକ୍ତ ଗୌରବ ମହାନ୍ତି, ସହକାରୀ ଭବିଷ୍ୟନିଧି ଆୟୁକ୍ତ ସଞ୍ଜୟ କୁମାର ରଥ, କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ବିକ୍ରମ ସିଂ ତୋମାର ପ୍ରମୁଖ ଉପସ୍ଥିତ ଥିଲେ।

ଭବିଷ୍ୟନିଧି ସଂଗଠନର ପତାକା ଉତ୍ତୋଳନ କରାଯିବା ପରେ ଓଡ଼ିଶାର ଦେବୀ ପ୍ରସାଦ ପୁହାଣ ଖେଳାଳିଙ୍କ ପକ୍ଷରୁ ଶପଥ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କିସ୍‌ର ଛାତ୍ରୀଛାତ୍ରଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ କରାଯାଇଥିଲା। କ୍ରମାନୁସାରେ ବିଭିନ୍ନ ରାଜ୍ୟର ପ୍ରତିଯୋଗୀ ଓ ମ୍ୟାନେଜର ଉକ୍ତ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଶାନ୍ତିର ବାର୍ତ୍ତା ପ୍ରଦାନ ନିମନ୍ତେ କପୋତ ଉଡାଣ କରାଯାଇଥିଲା। ଭୁବନେଶ୍ୱରର ଆଞ୍ଚଳିକ କ୍ରୀଡ଼ା ପ୍ରୋତ୍ସାହକ ପରିଷଦ (ଆରଏସ୍‌ପିବି) ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା ପରିଚାଳନାରେ ଅରବିନ୍ଦ ପ୍ରଧାନ, ମୌସୁମିଲତା ପାଢ଼ୀ, ସୁବ୍ରତ ବିଶ୍ୱାସ, ସହକାରୀ ଭବିଷ୍ୟନିଧି ଆୟୁକ୍ତ ପ୍ରମୁଖ ସହଯୋଗ କରିଥିଲେ। ପ୍ରବର୍ତ୍ତନ ଅଧିକାରୀ ଅଲେଖ ଚନ୍ଦ୍ର ସାହୁ ଓ ମିନତି ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଚିତ୍ତରଞ୍ଜନ ସ୍ୱାଇଁ, ମିହିର କୁମାର ସାହୁ, ମନୋରଞ୍ଜନ ମହାପାତ୍ର, ବିଭୁଦତ୍ତ ରଥ, ରଞ୍ଜନ କୁମାର ପଣ୍ଡା, ସୁବାସ ଚନ୍ଦ୍ର ବଟ ପ୍ରମୁଖ ବରିଷ୍ଠ ପ୍ରବର୍ତ୍ତନ ଅଧିକାରୀମାନେ ସହଯୋଗ କରିଥିଲେ। ଉନ୍ନତ ମାନର କ୍ରୀଡ଼ା ଭିତ୍ତିଭୂମି ଯୋଗାଇ ଦେଇଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ଭାଇସ ଚାନ୍ସେଲର ସସ୍ମିତା ସାମନ୍ତ ଓ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କୁ ଇପିଏଫ୍‌ଓ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।




ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ